# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଡିସେମ୍ବର ୧୦/୨୦୧୮ (୧୬ ପୃଷ୍ଠା ) Sambalpur, Monday, December 10/ 2018 ★★

୧୪୫ ଭାଗ ୩୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ମଡେଲିଂ ଆବେଗପୂର୍ଣ୍ଣ ସ୍ମୃତି ଜାଗ୍ରତ କରାଏ**

ମଡେଲିଂ ସବୁବେଳେ ଅତୀତର ଆବେଗପୂର୍ଣ୍ଣ ସ୍ମୃତି ଜାଗ୍ରତ କରାଏ ବୋଲି ବଲିଉଡ୍ ଅଭିନେତ୍ରୀ ମଲାଇକା ଅରୋରା ପ୍ରକାଶ କରିଛନ୍ତି।

୦୨

୧୩

**ବ୍ୟାଙ୍କ୍ ଜିଡିପି ତଥ୍ୟର ସନ୍ଦେହ ଦୂର ହେଉ**

କେନ୍ଦ୍ର ସରକାର ଜାରି କରିଥିବା ବ୍ୟାଙ୍କ୍ ଡାଟା ଜିଡିପିକୁ ନେଇ ସନ୍ଦେହ ଦୂର କରାଯିବା ଉଚିତ ବୋଲି ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ କହିଛନ୍ତି।



### ହକି ବିଶ୍ୱକପ୍ ଫଳାଫଳ

ODISHA HOCKEY MEN'S WORLD CUP BHUBANESWAR 2018

**ରବିବାର**

ପ୍ରଥମ ମ୍ୟାଚ
ଜର୍ମାନୀ-୫
ମାଲେସିଆ-୩

ଦ୍ୱିତୀୟ ମ୍ୟାଚ
ନେଦରଲାଣ୍ଡ୍ସ-୫
ପାକିସ୍ତାନ-୧

### ଆଜିର ସମ୍ପାଦକୀୟ

**ମିଛୁଆ ବନବିଭାଗ**

**CBSE Exam Mate**
ପୃଷ୍ଠା -୧୧


NECC NATIONAL EGG CO-ORDINATION COMMITTEE 09.12.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 78 | 129 | 139 |
| BLS | 78 | 129 | 139 |
| ANG | 79 | 131 | 141 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers


■ ଖାଦ୍ୟ ସୁରକ୍ଷା ଯୋଜନା: କେନ୍ଦ୍ର-ରାଜ୍ୟ ଟଣାଓଟରା

# ଖୋଜା ଚାଲିଛି ୮ ଲକ୍ଷ ହିତାଧିକାରୀ

■ କୋଟା ପୂରଣ କରିପାରୁ ନାହାନ୍ତି ରାଜ୍ୟ ସରକାର
■ ଏନ୍ଏଫ୍ଏସ୍ଏ କାର୍ଡରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ



ଭୁବନେଶ୍ୱର,୯।୧୨(ବ୍ୟୁରୋ)

ସାଧାରଣ ନିର୍ବାଚନ ସହ ବିଧାନସଭା ଭୋଟକୁ ଆଉ ମାତ୍ର ୫ ମାସ ବାକି। ଏଭଳି ସମୟରେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ରାଜ୍ୟର ମତଦାତାଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ ଆରମ୍ଭ କରିଦେଲେଣି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବଙ୍କ ଉପରେ ନଜର ପକାଇଲେଣି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର। ନିଜ ଯୋଜନାରେ ବାନ୍ଧି ରଖିବାକୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଛି ପ୍ରତିଯୋଗିତା। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ଏସ୍ଏ) ଯୋଜନା ଏବଂ ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନା ମଝିରେ ଫସିଯାଇଛନ୍ତି ଗରିବ ହିତାଧିକାରୀ। ୨୦୧୮ ଅଗଷ୍ଟ ପହିଲାରୁ ରାଜ୍ୟ ସରକାର ଓଡ଼ିଶାରେ ଥିବା ସମସ୍ତ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ୍ ସେଣ୍ଟର(ସିଏମ୍ଏସ୍ସି)କୁ ବନ୍ଦ କରିଦେବା ଯୋଗୁ ୪ ମାସ ହେବ ଜଣେହେଲେ ନୂତନ ହିତାଧିକାରୀ ଏନ୍ଏଫ୍ଏସ୍ଏରେ ସାମିଲ ହୋଇନାହାନ୍ତି। ଯେଉଁମାନେ ରାଜ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ସେମାନେ ଚାହିଁଲେ ମଧ୍ୟ ଏନ୍ଏଫ୍ଏସ୍ଏରେ ସାମିଲ ହୋଇପାରିବେ ନାହିଁ।

ଦେଶରେ କୌଣସି ଲୋକ ଭୋକରେ ରହିବେ ନାହିଁ। ଏଭଳି ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ଏନ୍ଏଫ୍ଏସ୍ଏ କାର୍ଯ୍ୟକାରୀ କରୁଛନ୍ତି। ୨୦୧୫ ନଭେମ୍ବର ପହିଲାରୁ ଏହି ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। କେଉଁ ପରିବାର ଏହା ଭିତରେ ଆସିବେ ସେ ନେଇ କେନ୍ଦ୍ର ସରକାର ମାନଦଣ୍ଡ ମଧ୍ୟ ଧାର୍ଯ୍ୟ କରିଛନ୍ତି। ସେହି ଆଧାରରେ ହିତାଧିକାରୀ ଚୟନ କରି ରାଜ୍ୟ ସରକାର ରାଶନ କାର୍ଡ ବାଣ୍ଟୁଛନ୍ତି। ୨୦୧୧ ଜନଗଣନାକୁ ଦେଖି କେନ୍ଦ୍ର ସରକାର ରାଜ୍ୟରେ ୩ କୋଟି ୨୬ ଲକ୍ଷ ୪୧ ହଜାର ୮୦୦ ଲୋକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ସେହି ଟାର୍ଗେଟ୍କୁ ଛୁଇଁ ପାରୁନାହାନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲାରେ ଏ ପର୍ଯ୍ୟନ୍ତ ୩ କୋଟି ୨୨ ଲକ୍ଷ ୨୨ ହଜାର ୪୨୭ଜଣଙ୍କୁ ଏନ୍ଏଫ୍ଏସ୍ଏରେ ସାମିଲ କରାଯାଇଛି। ସେଥିରୁ ୧୨, ୬୩,୪୦୫ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନା(ଏଏୱାଇ) ହିତାଧିକାରୀ ଥିବାବେଳେ ୨,୮୦,୧୮,୬୫୪ ପ୍ରାୟରିଟି ହାଉସହୋଲ୍ଡ (ପିଏଚ୍ଏସ୍)ଙ୍କୁ ସାମିଲ କରାଯାଇଛି। କେନ୍ଦ୍ର ସରକାରଙ୍କ ଟାର୍ଗେଟ୍ ପୂରଣ କରିବାକୁ ହେଲେ ଆହୁରି ପ୍ରାୟ ୪ ଲକ୍ଷ ଲୋକଙ୍କୁ ସାମିଲ କରିବା କଥା। କୋଟା ପୂରଣ କରିବାକୁ ହିତାଧିକାରୀ ମିଳୁ ନାହାନ୍ତି କିମ୍ବା ହିତାଧିକାରୀ ☞ ପୃଷ୍ଠା-୪

# ଦୁର୍ଘଟଣା ନେଲା ୪ ଜୀବନ

**ଟ୍ରକ୍-ଟୁରିଷ୍ଟ ଗାଡ଼ି ଧକ୍କା**

■ ୧୧ ଜଣଙ୍କ ଅବସ୍ଥା ଗୁରୁତର
■ ୩ ଦିନ ପୂର୍ବରୁ ଯାଇଥିଲେ ତୀର୍ଥ କରି
■ ରାତିରେ କୋରାପୁଟରୁ ଗାଁକୁ ଫେରୁଥିଲେ
■ ଦୁର୍ଘଟଣାଗ୍ରସ୍ତ ଟ୍ରକ୍କୁ ଧକ୍କା ଦେଲା ଆଉ ଏକ ପିକ୍ଅପ



ଦୁର୍ଘଟଣାଗ୍ରସ୍ତ ଗାଡ଼ି।

ଛେଣ୍ଡିପଦା,୯।୧୨(ଡି.ଏନ.ଏ./ସ୍ୱ.ପ୍ର.)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଜରପଡା ଥାନା କତଡା ହାଇସ୍କୁଲ ଛକ ନିକଟରେ ଶନିବାର ରାତି ପ୍ରାୟ ୧୨ଟା ୪୫ରେ ଏକ କୋଇଲା ବୋଝେଇ ଟ୍ରକ୍ ସହ ଟୁରିଷ୍ଟ ଗାଡ଼ିର ଧକ୍କା ହୋଇଛି। ଏଥିରେ ୩ ତୀର୍ଥଯାତ୍ରୀ ଓ ଟୁରିଷ୍ଟ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ଗାଡ଼ିରେ ଥିବା ଅନ୍ୟ ୧୦ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ରାସ୍ତା ଉପରେ ଥିବା ଟ୍ରକ୍କୁ ଆଉ ଏକ ପିକ୍ଅପ୍ ଭ୍ୟାନ ଧକ୍କା ଦେବାରୁ ଗାଡ଼ିର ଚାଳକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନାହିଁ। ଅନୁଗୋଳ ଥାନା ବଲାସିଙ୍ଗାର ୧୨ ଜଣ ଓ ବଅଁରପାଳ ଥାନା ଅଞ୍ଚଳର ଜଣେ କୋରାପୁଟ ସମେତ ବିଭିନ୍ନ ତୀର୍ଥସ୍ଥାନ ବୁଲି ଯାଇଥିଲେ। ସେଠାରୁ ଫେରୁଥିବାବେଳେ ଟୁରିଷ୍ଟ ଗାଡ଼ି ଚାଳକଙ୍କ ଆଖି ଲାଗିଯିବାରୁ ଦୁର୍ଘଟଣା ଘଟିଥାଇ ପାରେ ବୋଲି ଜରପଡ଼ା ଥାନା ଆଇଆଇସି ବିନ୍ଦୁବାସିନୀ ବିଶ୍ୱାଳ ସୂଚନା ଦେଇଛନ୍ତି। ☞ ପୃଷ୍ଠା-୪

# ଖଣି ଅଧିକାରୀ, ସ୍ତ୍ରୀଙ୍କ ରହସ୍ୟଜନକ ମୃତ୍ୟୁ

■ କ୍ୱାର୍ଟର୍ସରୁ ମୃତଦେହ ଉଦ୍ଧାର
■ ପାରିବାରିକ କଳହ ହିଂସା ରୂପ ନେଇଥିବା ସନ୍ଦେହ
■ ସତ୍ୟାସତ୍ୟ ଜାଣିବାକୁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ଯୋଡ଼ା/କେନ୍ଦୁଝର, ୯।୧୨ (ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ରୁଙ୍ଗଟା ଖଣିର ମେକାନିକାଲ ବିଭାଗର ସହ-ସାଧାରଣ ପ୍ରବନ୍ଧକ ସୁଜିତ ହେମ୍ବ୍ରମ (୪୪) ଏବଂ ତାଙ୍କ ସ୍ତ୍ରୀ ବେରୁଣୀଚାନ୍ଦ (୩୮)ଙ୍କ ରହସ୍ୟଜନକ ମୃତ୍ୟୁ ଘଟିଛି। ରୁଙ୍ଗଟା ଖଣି କଲୋନୀର ଏକ କ୍ୱାର୍ଟର୍ସରେ ଶୋଇବା କୋଠରିରୁ ଉଭୟଙ୍କ ରକ୍ତାକ୍ତ ☞ ପୃଷ୍ଠା-୪

### ଆଜିର ମନ୍ତବ୍ୟ

" ସାର୍କ କ୍ଷେତ୍ରରେ ଅର୍ଥନୈତିକ ଅଭିବୃଦ୍ଧି ହାସଲ ପାଇଁ ଶାନ୍ତି ଓ ନିରାପତ୍ତା ଜରୁରୀ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଘରୋଇ ବଜାରକୁ ଏଫ୍ଡିଆଇରେ ୩% ବୃଦ୍ଧି ଘଟି ୪୪.୮୫ ବିଲିୟନ ଡଲାର ରହିଛି।

– ଶିଳ୍ପ ନୀତି ଏବଂ ପ୍ରୋତ୍ସାହନ ବିଭାଗ







ଧରିତ୍ରୀ
DHARITRI
ସୋମବାର, ୧୦ଡିସେମ୍ବର, ୨୦୧୮



“ଆବଶ୍ୟକ ହେଲେ ଆଉ ଏକ ସର୍ଜିକାଲ ଷ୍ଟ୍ରାଇକ୍ କରିବାକୁ ପଛଘୁଞ୍ଚା ଦେବ ନାହିଁ ଭାରତ।

–ଲ୍ୟୁଟ୍‌ନାଣ୍ଟ ଜେନେରାଲ ଦେବରାଜ ଅନ୍‌ବୁ
ସ୍ଥଳସେନା ଉପାଧ୍ୟକ୍ଷ



## ସଂକ୍ଷେପରେ

### ତାଲିବାନ କମାଣ୍ଡରଙ୍କ ସମେତ ୧୦ ନିହତ

**କାବୁଲ,୯।୧୨(ଆଇଏଏନ୍‌ଏସ୍):** ଆଫଗାନ ସେନାର କାର୍ଯ୍ୟାନୁଷ୍ଠାନ ଫଳରେ ତାଲିବାନ ଶୀର୍ଷ କମାଣ୍ଡର ମାଲାଓ୍ୱି ନସ୍ରତୁଲ୍ଲାଙ୍କ ସମେତ ୧୦ ଆତଙ୍କବାଦୀ ନିହତ ହୋଇଛନ୍ତି। ଫର୍‌ୟାବ ପ୍ରଦେଶର ଦଓଲତ ଆବାଦ ଜିଲାରେ ତାଲିବାନମାନେ ଏକାଠି ହୋଇଥିବାର ଗୋଇନ୍ଦା ସୂଚନା ପାଇ ରବିବାର ଭୋର ସମୟରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଏହି ଅପରେଶନ ବେଳେ ଅନ୍ୟ ୧୫ ଜଣ ଆତଙ୍କବାଦୀ ଗିରଫ ହୋଇଛନ୍ତି।

### ସୋନିଆ, ରାହୁଲଙ୍କୁ ଭେଟିଲେ ଷ୍ଟାଲିନ୍

**ନୂଆଦିଲ୍ଲୀ,୯।୧୨(ପି.ଟି.):** ଦିଲ୍ଲୀରେ ବିରୋଧୀ ଦଳଗୁଡିକର ଗୁରୁତ୍ୱପୂର୍ଣ୍ଣ ବୈଠକର ଦିନକ ପୂର୍ବରୁ ଡିଏମ୍‌କେ ସଭାପତି ଏମ୍.କେ. ଷ୍ଟାଲିନ୍ ରବିବାର ୟୁପିଏ ଅଧକ୍ଷା ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ସୋନିଆଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ତାଙ୍କ ସହିତ ଡିଏମ୍‌କେର ଅନ୍ୟ ବରିଷ୍ଠ ନେତାମାନେ ମଧ ଥିଲେ। ମେଣ୍ଟକୁ ସୁଦୃଢ଼ କରିବା ଲାଗି ଆଲୋଚନା ଜାରି ରହିବ ବୋଲି ରାହୁଲ ଟୁଇଟ୍ କରି କହିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ବିରୋଧରେ ମହାମେଣ୍ଟ ସମ୍ପର୍କରେ ଆଲୋଚନା ଲାଗି ସୋମବାର ଦିଲ୍ଲୀରେ ବିରୋଧୀ ଦଳଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ବୈଠକ ବସୁଛି।

### ଅଜୟ୍ ଚୌତାଲା ନୂଆ ଦଳ ଗଢ଼ିଲେ

**ଜିନ୍ଦ୍ (ହରିୟାଣା),୯।୧୨(ପି.ଟି.):** ଗତ ମାସରେ ହରିୟାଣାର ମୁଖ୍ୟ ବିରୋଧୀ ଦଳ ଆଇଏନ୍‌ଏଲ୍‌ଡିରୁ ଓହରିଯାଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌତାଲାଙ୍କ ବଡ଼ ପୁଅ ଅଜୟ୍ ଚୌତାଲା ରବିବାର ନୂଆ ଦଳ ଗଢ଼ିଛନ୍ତି। ଜିନ୍ଦ୍‌ରେ ଅନୁଷ୍ଠିତ ଏକ ରାଲିରେ ଏହି ଦଳର ନାଁ 'ଜନନାୟକ ଜନତା ଦଳ' ଘୋଷଣା କରାଯାଇଛି।

■ ଶୀତ ଅଧିବେଶନ ପୂର୍ବରୁ ଦିଲ୍ଲୀରେ ଧର୍ମ ସଂସଦ

# ରାମମନ୍ଦିର ପାଇଁ ରଣହୁଙ୍କାର

**ନୂଆଦିଲ୍ଲୀ,୯।୧୨(ପି.ଟି.)**



ପାର୍ଲାମେଣ୍ଟ ଶୀତ ଅଧିବେଶନର ଦୁଇ ଦିନ ପୂର୍ବରୁ ରବିବାର ଦିଲ୍ଲୀର ରାମଲୀଳା ମୈଦାନରେ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ପକ୍ଷରୁ ବିଶାଳ ଗଣସମାବେଶ ଅନୁଷ୍ଠିତ ହୋଇଯାଇଛି। ରାମ ଜନ୍ମଭୂମି ଅଯୋଧ୍ୟାରେ ତୁରନ୍ତ ରାମ ମନ୍ଦିର ନିର୍ମାଣ ଲାଗି ଏହି ଧର୍ମ ସଂସଦରେ ରଣହୁଙ୍କାର ଦିଆଯାଇଛି। ଏଥିପାଇଁ ଆବଶ୍ୟକ ହେଲେ କେନ୍ଦ୍ର ସରକାର ଆଇନରେ ସଂଶୋଧନ କରନ୍ତୁ କିମ୍ବା ଶୀତ ଅଧିବେଶନରେ ଅଧ୍ୟାଦେଶ ଆଣନ୍ତୁ ବୋଲି ଦାବି କରାଯାଇଛି।

ଏହି ସମାବେଶରେ ଯୋଗଦେଇ ଆର୍‌ଏସ୍‌ଏସ୍‌ର ବରିଷ୍ଠ ନେତା ଭୈୟାଜୀ ଜୋଷୀ ପ୍ରତିଶ୍ରୁତି ପୂରଣ କରି ନଥିବା ଶାସକ ଦଳକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଆଜି ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନେ ରାମ ମନ୍ଦିର ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ସେମାନେ ଜନସାଧାରଣଙ୍କ କଥା ଶୁଣିବା ଏବଂ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଦାବିକୁ ପୂରଣ କରିବା ଉଚିତ ବୋଲି ଭୈୟାଜୀ କହିଛନ୍ତି। ସେ ଭାଜପା ନାଁ ନ ନେଇ କହିଥିଲେ, ଆମେ ଏଥିପାଇଁ ଭିକ୍ଷା ମାଗୁନାହୁଁ, ଆମେ ଆମର ଭାବାବେଗକୁ ପରିପ୍ରକାଶ କରୁଛୁ। ଦେଶ 'ରାମ ରାଜ୍ୟ' ଚାହେଁ ବୋଲି ସେ କହିଥିଲେ। ପ୍ରତିଶ୍ରୁତି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଭୈୟାଜୀ କହିଥିଲେ।

ରାମ ମନ୍ଦିର ନିର୍ମାଣ ନ ହେବା ପର୍ଯ୍ୟନ୍ତ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆସନ ଛାଡ଼ିବାକୁ ଦେବୁନି, ତାଙ୍କୁ ପ୍ରତିଶ୍ରୁତି ପୂରଣ କରିବାକୁ ହେବ ବୋଲି ହରିଦ୍ୱାରର ସ୍ୱାମୀ ହଂସଦେବାଚାର୍ଯ୍ୟ କହିଛନ୍ତି।

ଅଯୋଧ୍ୟାର ବିବାଦୀୟ ଜମିକୁ ନେଇ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ରହିଥିଲା ବେଳେ ଆସନ୍ତା ଜାନୁୟାରୀରେ କୋର୍ଟ ଶୁଣାଣି ତାରିଖ ଘୋଷଣା କରିବା ଆଶା କରାଯାଉଛି। ତେବେ ଏହି ମାମଲା ଅଦାଲତରେ ଦୀର୍ଘ ୨୫ ବର୍ଷ ହେଲା ପଡି ରହିଥିବାରୁ କେନ୍ଦ୍ର ସରକାର କୋର୍ଟ ରାୟକୁ ଅପେକ୍ଷା ନକରି ତୁରନ୍ତ ମନ୍ଦିର ନିର୍ମାଣ

> ■ ଅଧ୍ୟାଦେଶ ଆଣିବାକୁ କେନ୍ଦ୍ର ଉପରେ ଚାପ
>
> ■ ପ୍ରତିଶ୍ରୁତି ରଖନ୍ତୁ କ୍ଷମତାରେ ଥିବା ଲୋକେ: ଆରଏସ୍‌ଏସ୍

ବ୍ୟବସ୍ଥା କରନ୍ତୁ ବୋଲି ଭିଏଚ୍‌ପି ଏବଂ ଆର୍‌ଏସ୍‌ଏସ୍ ପକ୍ଷରୁ ଦାବି କରାଯାଇଛି।

ଗଣତନ୍ତ୍ରରେ କୋର୍ଟ ନୁହେଁ, ଜନସାଧାରଣ ସର୍ବେସର୍ବା ହେବା ଉଚିତ। ଜନସାଧାରଣଙ୍କ ଭାବାବେଗକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ଭିଏଚ୍‌ପି ଅଧକ୍ଷ ବିଷ୍ଣୁ ସଦାଶିବ କୋକ୍‌ଜେ କହିଛନ୍ତି। ଅଯୋଧ୍ୟାରେ ମନ୍ଦିର ଭଙ୍ଗାଯାଇ ମସ୍‌ଜିଦ ନିର୍ମାଣ କରାଯାଇଥିଲା। ତେଣୁ ଆମେ ମସ୍‌ଜିଦ ସ୍ଥାନରେ ମନ୍ଦିର ନିର୍ମାଣ କରିବାକୁ ଚାହୁଁଛୁ କହିବା ଭ୍ରାନ୍ତ ଧାରଣା। ରାମ ମନ୍ଦିର ଦାବିକୁ ନିର୍ବାଚନୀ ପ୍ରସଙ୍ଗ କରିବା ମଧ ଠିକ୍ ନୁହେଁ ବୋଲି କୋକ୍‌ଜେ କହିଛନ୍ତି।

ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ରବିବାର ଭିଏଚ୍‌ପି ସମାବେଶ ଅନୁଷ୍ଠିତ ହୋଇଛି। ଏହି ସମାବେଶକୁ ସଫଳ କରିବା ଲାଗି ଭିଏଚ୍‌ପି ପକ୍ଷରୁ ଘରକୁ ଘର ଯାଇ ପ୍ରଚାର କରାଯାଇଥିଲା। ସେମାନେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ବିଭିନ୍ନ ରାଜ୍ୟର ରାଜ୍ୟପାଳମାନଙ୍କୁ ଭେଟି ମନ୍ଦିର ନିର୍ମାଣ ଦାବି କରିଥିଲେ। ଆଗକୁ ମଠ ମନ୍ଦିରଗୁଡ଼ିକରେ ଧର୍ମୀୟ କାର୍ଯ୍ୟକ୍ରମ ଏବଂ ପ୍ରାର୍ଥନା ଅନୁଷ୍ଠିତ ହେବ ବୋଲି ଭିଏଚ୍‌ପି ପକ୍ଷରୁ କୁହାଯାଇଛି।

■ କଂଗ୍ରେସ ମୁଖ୍ୟମନ୍ତ୍ରୀମାନଙ୍କୁ ରାହୁଲଙ୍କ ଚିଠି

## ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କର

**ନୂଆଦିଲ୍ଲୀ,୯।୧୨(ପି.ଟି.)**



ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାମାନଙ୍କ ଲାଗି ଏକତୃତୀୟାଂଶ ସ୍ଥାନ ସଂରକ୍ଷଣ ନିମନ୍ତେ କଂଗ୍ରେସ ଏବଂ ସହଯୋଗୀ ଦଳ ଶାସିତ ରାଜ୍ୟଗୁଡିକ ସେମାନଙ୍କ ବିଧାନସଭାରେ ସଂକଳ୍ପ ଅନୁମୋଦନ କରାନ୍ତୁ। ଦଳର ଅଧକ୍ଷ ରାହୁଲ ଗାନ୍ଧୀ କଂଗ୍ରେସ ଏବଂ ଏହାର ମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ମହିଳା ସ୍ଥାନ ସଂରକ୍ଷଣ ବିଲ୍‌କୁ କଂଗ୍ରେସ ସମର୍ଥନ କରିଆସୁଛି। ତେବେ ଏହି ବିଲ୍ ପାର୍ଲାମେଣ୍ଟରେ ତୁରନ୍ତ ଗୃହୀତ ହେବା ଲାଗି ଆମର ଦାବିକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଆଗାମୀ ଅଧିବେଶନରେ ରାଜ୍ୟମାନେ ସଂକଳ୍ପ ଗୃହୀତ କରାଇବାକୁ ରାହୁଲ ପରାମର୍ଶ ଦେଇଛନ୍ତି। ପାର୍ଲାମେଣ୍ଟରେ ମହିଳା ସ୍ଥାନ ସଂରକ୍ଷଣରେ ଭାରତ ୧୯୩ଟି ଦେଶ ମଧ୍ୟରେ ୧୪୮ତମ ସ୍ଥାନରେ ରହିଛି। ରାଜ୍ୟ ବିଧାନସଭାଗୁଡିକରେ ସ୍ଥିତି ଏହାଠାରୁ ଆହୁରି ଖରାପ ବୋଲି ରାହୁଲ କହିଛନ୍ତି। ଓଡିଶା ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ଗତ ଗୁରୁବାର ସମସ୍ତ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ୩୩ ପ୍ରତିଶତ ମହିଳା ସ୍ଥାନ ସଂରକ୍ଷଣ ବିଲ୍‌କୁ ସମର୍ଥନ ଦେବା ଲାଗି ଅନୁରୋଧ କରିଥିଲେ।

## 'କର୍‌ତାରପୁର କରିଡର ପଛରେ ଷଡ଼ଯନ୍ତ୍ର'

**ଚଣ୍ଡିଗଡ଼,୯।୧୨**



ପାକିସ୍ତାନର କର୍‌ତାରପୁର କରିଡ଼ର ପରିକଳ୍ପନା ପଛରେ ପାକ୍ ସୈନ୍ୟବାହିନୀର ବଡ଼ ଷଡ଼ଯନ୍ତ୍ର ଥିବା ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂ କହିଛନ୍ତି। ପଞ୍ଜାବରେ ଆତଙ୍କବାଦ ସୃଷ୍ଟି କରିବା ଲାଗି ପଡୋଶୀ ଦେଶ ଉଦ୍ୟମ କରୁଛି। ଏହାକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ଅମରିନ୍ଦର କହିଛନ୍ତି। ଇମ୍ରାନ ଖାନ୍ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପୂର୍ବରୁ ପାକ୍ ସେନାମୁଖ୍ୟ ଜେନେରାଲ କ୍ୱାମାର ଜାଭେଦ ବଜୱା ଏହି କରିଡର ସମ୍ପର୍କରେ ନବଜୋତ୍ ସିଂ ସିଦ୍ଧୁଙ୍କୁ କହିଥିଲେ। କର୍‌ତାରପୁର କରିଡର ଖୋଲିବା ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଭାରତ ବିରୋଧରେ ଏକ ଗେମ୍ ପ୍ଲାନ୍ ବୋଲି ଏକ ଟିଭି ନ୍ୟୁଜ୍ ଚାନେଲ୍‌କୁ ଅମରିନ୍ଦର କହିଛନ୍ତି। ଆଇଏସ୍‌ଆଇର ଏହି ଚକ୍ରାନ୍ତକୁ ବୁଝି ପାରୁ ନ ଥିବା ଲୋକେ ସିଦ୍ଧୁଙ୍କ ସମ୍ପର୍କରେ ଅତିରଞ୍ଜିତ କରି ଅଯଥା ପ୍ରଚାର କରୁଛନ୍ତି।

## ୩ ଲଶ୍କର ଆତଙ୍କବାଦୀ ନିହତ

**ଶ୍ରୀନଗର,୯।୧୨(ପି.ଟି.):** ଜମ୍ମୁ କଶ୍ମୀର ପୋଲିସ ଓ ସୁରକ୍ଷା ବାହିନୀ ମଧ୍ୟରେ ଗୁଳି ବିନିମୟରେ ୩ ଲଶ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ନିକଟରୁ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ସେମାନଙ୍କ ମଧ୍ୟରୁ ଅଲ୍ଲି ଭାଇ ପାକିସ୍ତାନର ଲଶ୍କର କମାଣ୍ଡୋ ହୋଇଥିବାବେଳେ ଅନ୍ୟ ୨ଜଣ କଶ୍ମୀର ଅଞ୍ଚଳର ବୋଲି ପୋଲିସ କହିଛି। ଶନିବାର ଶ୍ରୀନଗର ନିକଟବର୍ତ୍ତୀ ମୁଜଗୁନ୍ଦ ଅଞ୍ଚଳ ବାନ୍ଦିପୋରାଠାରେ ସର୍ଚ୍ଚ ଅପରେଶନ ସମୟରେ ଏହି ଗୁଳି ବିନିମୟ ହୋଇଥିଲା।

### ହିଜବୁଲ ଆତଙ୍କବାଦୀ ଗିରଫ

**ଶ୍ରୀନଗର,୯।୧୨(ପି.ଟି.):** ହିଜ୍‌ବୁଲ୍ ମୁଜାହିଦ୍ଦିନର ସକ୍ରିୟ ସଦସ୍ୟ ରିଆଜ୍ ଅହମ୍ମଦଙ୍କୁ ଜମ୍ମୁ କଶ୍ମୀର ପୋଲିସ ଗିରଫ କରିଛି। ଦୁର୍ଦ୍ଧାନ୍ତ ଅପରାଧୀ ମହମ୍ମଦ ଆମିନ ଓରଫ୍ (ଜାହାଙ୍ଗୀର)ଙ୍କ ସେ ମୁଖ୍ୟ ସହଯୋଗୀ ଥିଲେ।

## ଟ୍ରକ୍–ଭ୍ୟାନ ମୁହାଁମୁହିଁ: ୧୦ ମୃତ

**ନାଗପୁର,୯।୧୨(ପି.ଟି.)**

ମହାରାଷ୍ଟ୍ରର ଚନ୍ଦ୍ରପୁରଠାରେ ସଡ଼କ ଦୁର୍ଘଟଣାରେ ୭ ମହିଳାଙ୍କ ସମେତ ୧୦ଜଣଙ୍କ ଜୀବନ ଯାଇଛି। ଟ୍ରକ୍ ଓ ଭ୍ୟାନ ମଧ୍ୟରେ ମୁହାଁମୁହିଁରୁ ଏହି ମର୍ମନ୍ତୁଦ ଘଟଣା ଘଟିଛି। କୋରପାନା–ୱାନି ସଡ଼କ ଦେଇ ଭ୍ୟାନ ଯାତ୍ରା କରୁଥିବାବେଳେ ଟ୍ରକ ସହ ଧକ୍କା ହୋଇଥିଲା।

## ଫୁର୍‌ସତ

## କେରଳରେ ୪ ଅନ୍ତର୍ଜାତୀୟ ବିମାନବନ୍ଦର



**ଥିରୁଭନନ୍ତପୁରମ୍:** କେରଳରେ କନୌର ଅନ୍ତର୍ଜାତୀୟ ବିମାନବନ୍ଦର ଖୋଲିବା ପରେ ପ୍ରଥମ ବିମାନ ଆବୁଧାବିକୁ ଉଡାଣ କରିଛି। ଏହାକୁ ମିଶାଇ ଉକ୍ତ ରାଜ୍ୟରେ ଅନ୍ତର୍ଜାତୀୟ ବିମାନ ବନ୍ଦର ସଂଖ୍ୟା ୪କୁ ବୃଦ୍ଧି ପାଇଛି। ୪ଟି ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ କେରଳକୁ ଅନ୍ତର୍ଜାତୀୟ ବିମାନ ବନ୍ଦର ରାଜ୍ୟ କୁହାଯିବା ଯଥାର୍ଥ। କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁ ଏବଂ କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍ କନୌର ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟକୁ ରବିବାର ଉଦ୍‌ଘାଟନ କରିଛନ୍ତି। ୨୦୦୦ ଏକର ପରିମିତ ଏହି ବିମାନ ବନ୍ଦର ନିର୍ମାଣରେ ବ୍ୟୟ ହୋଇଛି ୧,୮୦୦ କୋଟି ଟଙ୍କା। ନୂଆ ବିମାନବନ୍ଦର ଦ୍ୱାରା ବାର୍ଷିକ ୧.୫ ନିୟୁତ ଯାତ୍ରୀ ଯାତାୟାତ କରିପାରିବେ। କେରଳର ଅନ୍ୟ ୩ଟି ବିମାନ ବନ୍ଦର ଥିରୁଭନନ୍ତପୁରମ୍, କୋଚି ଏବଂ କୋଝିକୋଡ୍‌ରେ ରହିଛି।

## ଉତ୍ତରାଖଣ୍ଡର ୭୩୪ ଗାଁ ଜନଶୂନ୍ୟ



କର୍ମ ସନ୍ଧାନରେ ଗଣ ପଳାୟନ

**ଡେରାଡୁନ୍:** ଉତ୍ତରାଖଣ୍ଡର ପାର୍ବତ୍ୟାଞ୍ଚଳର ପାଖାପାଖି ୭୦୦ରୁ ଊର୍ଦ୍ଧ୍ୱ ଗାଁର ଲୋକେ କାମଧନ୍ଦା ଅନ୍ୱେଷଣରେ ଅନ୍ୟତ୍ର ପଳାୟନ କରୁଥିବାରୁ ୭ବର୍ଷ ମଧ୍ୟରେ ଏହି ଗାଁଗୁଡିକ ଜନଶୂନ୍ୟ ହୋଇଗଲାଣି। ଉତ୍ତରାଖଣ୍ଡର ପାଖାପାଖି ୧୬,୫୦୦ ଗ୍ରାମ ମଧ୍ୟରୁ ପାହାଡ ପର୍ବତ ପାଦଦେଶରେ ଥିବା ୭୩୪ଟି ଗାଁ ଏବେ ସମ୍ପୂର୍ଣ୍ଣ ଜନଶୂନ୍ୟ। ଜଣେ ଲୋକ ବି ବାସ କରୁ ନ ଥିବା ଉତ୍ତରାଖଣ୍ଡ ରୁରାଲ ଡେଭଲପମେଣ୍ଟ ଆଣ୍ଡ ମାଇଗ୍ରେଶନ୍ କମିଶନ୍‌ର ଭାଇସ୍ ପ୍ରେସିଡେଣ୍ଟ ଏସ୍.ଏସ୍. ନେଗି ପ୍ରକାଶ କରିଛନ୍ତି। ଜନଶୂନ୍ୟ ହୋଇପଡିଥିବା ଗାଁ ଗୁଡିକରେ ଘରଦ୍ୱାର ନଷ୍ଟ ହୋଇଯିବା ସହିତ ଆଣ୍ଠୁଏ ପର୍ଯ୍ୟନ୍ତ ଅନାବନା ଘାସ ଉଠିଗଲାଣି। ପାଉରି ଜିଲାର ୨୯୮ ଗାଁ ମଧ୍ୟରୁ ୧୮୬ ଗାଁ ଜନଶୂନ୍ୟ। କମିଶନ୍‌ଙ୍କ ଦ୍ୱାରା ଏ ସମ୍ପର୍କରେ ସଦ୍ୟ ପ୍ରସ୍ତୁତ ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ପ୍ରବାସନ ଯୋଗୁ ପାଉରି ଜିଲା ଅଧିକ ଜନଶୂନ୍ୟ ହୋଇଥିବା ବେଳେ ଏହା ପଛକୁ ରହିଛି ଆଲ୍‌ମୋରା। ତେବେ ଏହି ସ୍ଥିତି ଅତ୍ୟନ୍ତ ଗମ୍ଭୀର ଦର୍ଶାଇ ଭାଇସ୍ ପ୍ରେସିଡେଣ୍ଟ କହିଲେ, ପାର୍ବତ୍ୟାଞ୍ଚଳର ବିକାଶ ହେଉ ନ ଥିବାରୁ କାମଧନ୍ଦା ଅନ୍ୱେଷଣରେ ଅନ୍ୟତ୍ର ପଳାୟନ ଏଠାରେ ଏକ ସାଧାରଣ ସମସ୍ୟା।

### ଇତିହାସର ଆଇନାରେ

### ଡିସେମ୍ବର ୧୦ର ପ୍ରମୁଖ ଘଟଣା

୧୯୯୬ ଡିସେମ୍ବର ୧୦ରେ ଦକ୍ଷିଣ ଆଫ୍ରିକାର ନୂଆ ସମ୍ବିଧାନ ଘୋଷଣା ହୋଇଥିଲା। ଦକ୍ଷିଣ ଆଫ୍ରିକାର ସମ୍ବିଧାନ ହେଉଛି ସର୍ବୋଚ୍ଚ ଆଇନ ପ୍ରଣୟନକାରୀ ସଂସ୍ଥା। ଏହା ସାଧାରଣତନ୍ତ୍ର ରାଷ୍ଟ୍ରର ସ୍ଥିତି ପାଇଁ ଆଇନଗତ ଭିତ୍ତିଭୂମି ସଦୃଶ। ନାଗରିକଙ୍କ ପାଇଁ ଅଧିକାର ଓ କର୍ତ୍ତବ୍ୟ ନିର୍ଦ୍ଧାରଣ କରେ ଏବଂ ସରକାର ଗଠନ ସଂଜ୍ଞା ନିରୂପଣ କରେ।

୧୯୪୮ ଡିସେମ୍ବର ୧୦ରେ ମାନବିକ ଅଧିକାର ସମ୍ମେଳନରେ ଜାତିସଂଘର ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକ ସ୍ୱାକ୍ଷର କରିଥିଲେ। ୧୯୪୬ରୁ ଜାତିସଂଘର ନୀତିନିୟମ ଦ୍ୱାରା ପରିଚାଳିତ ୟୁନାଇଟେଡ ନେଶନ୍ସ କମିଶନ୍ ଅନ୍ ହ୍ୟୁମାନ୍ ରାଇଟ୍‌ସ ଏକ କାର୍ଯ୍ୟକାରୀ କମିଶନ୍ ଭାବେ ରହିଆସିଥିଲା। ୨୦୦୬ରେ ଏହାକୁ ପରିବର୍ତ୍ତନ କରି ୟୁନାଇଟେଡ୍ ନେଶନ୍ସ ହ୍ୟୁମ୍ୟାନ୍ ରାଇଟ୍‌ସ ଗଠନ କରାଗଲା। ଏହା ଜାତିସଂଘ ଅର୍ଥନୈତିକ ଓ ସାମାଜିକ ପରିଷଦର ଏକ ସହାୟକ ସଂସ୍ଥା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୧.୬ |
| ଚାନ୍ଦବାଲି | ୨୬.୮ | ୧୪.୪ |
| କଟକ | ୨୮.୨ | ୧୩.୬ |
| ପାରାଦ୍ୱୀପ | ୨୮.୩ | ୧୬.୨ |
| ଭୁବନେଶ୍ୱର | ୨୯.୨ | ୧୪.୬ |
| ଗୋପାଳପୁର | ୩୦.୦ | ୧୯.୨ |
| ପୁରୀ | ୨୮.୨ | ୧୭.୮ |
| ଅନୁଗୋଳ | ୨୭.୩ | ୧୧.୦ |
| ବାରିପଦା | ୨୫.୬ | ୧୧.୬ |
| ଝାରସୁଗୁଡ଼ା | ୨୯.୨ | ୧୧.୨ |
| କେନ୍ଦୁଝର | ୨୫.୩ | ୯.୪ |
| ସମ୍ବଲପୁର | ୨୯.୪ | ୧୩.୦ |
| ସୁନ୍ଦରଗଡ଼ | ୨୭.୫ | ୧୦.୦ |
| ହୀରାକୁଦ | ୨୮.୯ | ୧୪.୪ |
| ତାଳଚେର | --- | ୧୩.୫ |
| ଭବାନୀପାଟଣା | ୨୯.୫ | ୧୫.୦ |
| ବଲାଙ୍ଗୀର | ୨୯.୩ | ୧୫.୫ |
| କୋରାପୁଟ | ୨୭.୬ | ୧୪.୨ |
| ଫୁଲବାଣୀ | ୨୭.୮ | ୭.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୧.୫ | ୨୦.୪ |
| ସୋନପୁର | ୩୦.୨ | ୧୬.୪ |
| ଦାରିଙ୍ଗିବାଡ଼ି | ୨୫.୦ | ୧୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ମଡେଲିଂ ଆବେଗପୂର୍ଣ୍ଣ ସ୍ମୃତି ଜାଗ୍ରତ କରାଏ



ମଲାଇକା ଅରୋରା

**ନୂଆଦିଲ୍ଲୀ:** ମଡେଲିଂ ସବୁବେଳେ ଅତୀତର ଆବେଗପୂର୍ଣ୍ଣ ସ୍ମୃତି ଜାଗ୍ରତ କରାଏ ବୋଲି ବଲିଉଡ୍ ଅଭିନେତ୍ରୀ ମଲାଇକା ଅରୋରା ପ୍ରକାଶ କରିଛନ୍ତି। ଲାକ୍ମେ ଫ୍ୟାଶନ୍ ୱିକ୍ (ଏଲ୍‌ଏଫ୍‌ଡବ୍ଲ୍ୟୁ)ର ଆଗାମୀ ସମର/ରିସର୍ଟ ୨୦୧୯ ସଂସ୍କରଣ ପାଇଁ ମଡେଲ୍ ଅଡିଶନ୍ ନିମନ୍ତେ ଅନ୍ୟତମ ବିଚାରକ ଭାବରେ ଯୋଗ ଦେଉଥିବା ମଲାଇକା ଏହା କହିଛନ୍ତି। ସେ ଏକ ବିବୃତିରେ କହିଲେ, ମଡେଲିଂ ତାଙ୍କ ଜୀବନରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରେ। ଫିଲ୍ମ ଶିଳ୍ପରେ ପ୍ରବେଶ ପୂର୍ବରୁ ସେ ମଡେଲିଂ ଦୁନିଆରେ ପାଦ ଦେଇଥିଲେ। ଏଥିପାଇଁ ସବୁ ଶ୍ରେୟ ସେ ନିଜ ଗୁରୁଙ୍କୁ ଦିଅନ୍ତି। ଲାକ୍ମେ ଫ୍ୟାଶନ୍ ୱିକ୍ ପାଇଁ ମୁମ୍ବାଇସ୍ଥିତ ସେଣ୍ଟ ରେଗିସ୍‌ଠାରେ ଡିସେମ୍ବର ୧୪ରେ ଅଡିଶନ ହେବାକୁ ଯାଉଛି। ଲାକ୍ମେ ଫ୍ୟାଶନ୍ ୱିକ୍ ଏକ ମଞ୍ଚ ଯାହା ଆଶାୟୀ ମଡେଲଙ୍କ ନିମନ୍ତେ ଏକ ଲଞ୍ଚ୍‌ପ୍ୟାଡ୍ ଭଳି କାର୍ଯ୍ୟ କରେ। ତେବେ ଫ୍ରେଶ୍ ଟ୍ୟାଲେଣ୍ଟ ବାଛିବା ପାଇଁ ବିଚାରକ ମଣ୍ଡଳୀରେ ଭାଗ ନେଇଥିବାରୁ ମଲାଇକା ଖୁବ୍ ଖୁସି ପ୍ରକାଶ କରିଛନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.



“ନିନ୍ଦିତ କର୍ମ ଯେ କରନ୍ତି, ଜୀବନ ଥାଇ ସେ ମରନ୍ତି।
- ଜଗନ୍ନାଥ ଦାସ

■ ୧୧ରୁ ପାର୍ଲାମେଣ୍ଟ ଶୀତ ଅଧିବେଶନ

# ବିଜେଡି ଉଠାଇବ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ

**ମହିଳା ସଂରକ୍ଷଣ, ତିତ୍‌ଲି କ୍ଷୟକ୍ଷତି ନ ମିଳିବା, ରେଳୱେ ଅବହେଳାକୁ ଗୁରୁତ୍ୱ**

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ପାର୍ଲାମେଣ୍ଟର ଶୀତ ଅଧିବେଶନକୁ ଦୁଇଦିନ ବାକି ଥିବାବେଳେ କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ବିଜେଡି ସଂସଦୀୟ ଦଳ ରଣନୀତି ପ୍ରସ୍ତୁତ କରିଛି । ଓଡ଼ିଶାର ଦୀର୍ଘଦିନର ଦାବି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଓ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ % ସଂରକ୍ଷଣ ପ୍ରସଙ୍ଗ ସମେତ ମୋଟ ୯ଟି ପ୍ରସଙ୍ଗକୁ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡିଛି । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସରେ ପୂର୍ବାହ୍ନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

ବୈଠକ ପରେ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ କହିଛନ୍ତି ଯେ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଦାବିକୁ ସର୍ବାଧିକ ଗୁରୁତ୍ୱ ଦେଇ ଉପସ୍ଥାପନ କରାଯିବ। ଏକଦା ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ନେଇ ଉଭୟ ବିଜେଡି-ଭାଜପା ଲଢେଇ କରୁଥିଲେ। ୨୦୦୯ରେ ମେଣ୍ଟ ଭାଙ୍ଗିବା ପରେ ଦୁଇ ଦଳ ଅଲଗା ଭାବେ ଏହି ଆନ୍ଦୋଳନ ଜାରି ରଖିଲେ। ୨୦୧୪ ନିର୍ବାଚନରେ ଭାଜପା କେନ୍ଦ୍ରରେ ସରକାର ଗଠନ କଲା। ପ୍ରାୟ ୪ ବର୍ଷ ୮ ମାସ ବିତିଯାଇଥିଲେ ବି ଭାଜପା ନେତାମାନେ ସ୍ୱତନ୍ତ୍ର ପାହ୍ୟା ନେଇ କୌଣସି ସ୍ପଷ୍ଟ ଆଭିମୁଖ୍ୟ ଜଣାଇ ନାହାନ୍ତି। ସେହିପରି ରାଜ୍ୟ ଭାଜପା ନିଜ ଇସ୍ତାହାରରେ ସ୍ୱତନ୍ତ୍ର ପାହ୍ୟା ପ୍ରସଙ୍ଗ ସମ୍ପର୍କରେ ଉଲ୍ଲେଖ କରି ଅନୁପାଳନ କରିନାହିଁ। ତେଣୁ ଓଡ଼ିଆଙ୍କୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପ୍ରତାରଣା କରୁଛନ୍ତି ବୋଲି ପ୍ରତାପ କହିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍ ନେଇ ଦେଶର ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହା ପୂର୍ବରୁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତ ପ୍ରସ୍ତାବ ମଧ୍ୟ ଗୃହୀତ କରାଇଛନ୍ତି। ତେଣୁ ଏହି ପ୍ରସ୍ତାବକୁ ପାର୍ଲାମେଣ୍ଟର ଅନୁମୋଦନ ପାଇଁ ବିଜେଡି ଦାବି ଉପସ୍ଥାପନ କରିବ। ସେହିପରି ତିତ୍‌ଲି ଦ୍ୱାରା ରାଜ୍ୟ ବହୁ ଅଞ୍ଚଳ କ୍ଷତିଗ୍ରସ୍ତ ହେବା ସହ ଧନଜୀବନ ନଷ୍ଟ ହୋଇଥିଲା। କେନ୍ଦ୍ରୀୟ ଟିମ୍ ଗସ୍ତ କରି କ୍ଷୟକ୍ଷତି ଆକଳନ କରିବା ପରେ ଉପଯୁକ୍ତ ସମୟରେ ସହାୟତା ଦିଆଗଲା ନାହିଁ। ଆନ୍ଧ୍ରପ୍ରଦେଶ ଏବଂ କେରଳକୁ ସହାୟତା ଘୋଷଣା କରାଯିବା ଦିନ ଓଡ଼ିଶା ନାଁ ନ ଥିଲା। କେନ୍ଦ୍ର ଅବହେଳାର ଏହା ଆଉ ଏକ ଉଦାହରଣ ବୋଲି ପ୍ରତାପ କହିଛନ୍ତି। ସ୍ୱାମୀନାଥନ କମିଟି ସୁପାରିସ ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଦେଢଗୁଣା ବୃଦ୍ଧି ଦାବି ଉପସ୍ଥାପନ କରାଯିବ। ଅନୁସୂଚିତ ଜାତି (ଏସ୍‌ସି)ବର୍ଗର ଛାତ୍ରୀଛାତ୍ରଙ୍କ ସ୍କଲାରଶିପ୍ ପାଇଁ ପୂର୍ବରୁ ରାଜ୍ୟ ୨୨୦ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ପାଉଥିଲା। ଏବେ ତାହା ମାତ୍ର ୩୦ରୁ ୪୦ କୋଟିକୁ ହ୍ରାସ ପାଇଛି। ତେଣୁ ଏହା ବିରୋଧରେ ସ୍ୱର ଉତ୍ତୋଳନ କରାଯିବ। କେନ୍ଦୁପତ୍ର ତୋଳାଳିଙ୍କୁ ଏବେ ୧୮ ପ୍ରତିଶତ ଜିଏସ୍‌ଟି ଦେବାକୁ ପଡୁଛି। ଏହାକୁ ୫ ପ୍ରତିଶତକୁ ହ୍ରାସ କରିବା ପାଇଁ ଦାବି ଉପସ୍ଥାପନ କରାଯିବ। ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନାଁରେ ଏକ ଟ୍ରେନ୍ ଚଳାଚଳ ହେବାର ଥିଲା। ଏଥିପାଇଁ ପୂର୍ବରୁ ରାଜ୍ୟ ପକ୍ଷରୁ ଚିଠି ଲେଖା ମଧ୍ୟ ସରିଛି, ମାତ୍ର ଏହା ହୋଇ ନାହିଁ। ତେଣୁ ଏହାକୁ ତୁରନ୍ତ କରିବା ଏବଂ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାର ଉପରେ ଚାପ ପ୍ରୟୋଗ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ବିଜେଡି ଏକ ଆଞ୍ଚଳିକ ଦଳ ହୋଇଥିବାରୁ ରାଜ୍ୟର ପ୍ରସଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ପ୍ରତାପ କହିଛନ୍ତି। ବୈଠକରେ ବିଜେଡି ସଂସଦୀୟ ଦଳ ନେତା(ଲୋକ ସଭା) ଭର୍ତ୍ତୃହରି ମହତାବ, ମୁଖ୍ୟ ସଚେତକ ତଥାଗତ ସତପଥୀ, ସଂସଦୀୟ ଦଳ ନେତା(ରାଜ୍ୟ ସଭା) ପ୍ରସନ୍ନ ଆଚାର୍ଯ୍ୟ ଓ ଅନ୍ୟ ଏମ୍‌ପିମାନେ ଉପସ୍ଥିତ ରହିଥିଲେ।



ବିଜେଡି ସଂସଦୀୟ ଦଳ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦଳୀୟ ଏମ୍‌ପିମାନେ।





## ବିଜେଡିରେ ଯୋଗଦେଲେ ଅବସରପ୍ରାପ୍ତ ଓଏନ୍‌ଜିସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ଅବସରପ୍ରାପ୍ତ ଓଏନ୍‌ଜିସି କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଚିନ୍ତାମଣି ତାଣ୍ଡି, ଟିଟିଲାଗଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଭରତ ତାଣ୍ଡିଙ୍କ ସମେତ କେତେଜଣ ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜେଡିରେ ରବିବାର ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବା ଚିନ୍ତାମଣି କହିଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ନବୀନ ନିବାସରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚିନ୍ତାମଣୀ ତାଣ୍ଡି ଏବଂ ତାଙ୍କ ସମର୍ଥକମାନେ ଦଳରେ ଯୋଗଦେବା ଫଳରେ ବଲାଙ୍ଗୀର ଜିଲା ତଥା ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡି ଶକ୍ତି ବୃଦ୍ଧି ହେବ। ଏହି କାର୍ଯ୍ୟକ୍ରମରେ ଏମ୍‌ପି କଳିକେଶ ନାରାୟଣ ସିଂହଦେଓଙ୍କ ସମେତ ଦଳର ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

■ ଅଭିଭାବକଙ୍କୁ ସରକାର ଦେଲେ ପରାମର୍ଶ

# ଏନ୍‌ଓସି ପାଇ ନ ଥିବା ସ୍କୁଲରେ ପିଲାଙ୍କୁ ପଢ଼ାନ୍ତୁ ନାହିଁ

**ବେଆଇନ ସ୍କୁଲ୍ ବନ୍ଦ ଦାବି କଲା ଅଭିଭାବକ ମହାସଂଘ**

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ରାଜ୍ୟରେ ଛତୁ ଫୁଟିଲା ଭଳି ଇଂଲିଶ ମିଡିୟମ ସ୍କୁଲ ଖୋଲୁଛି। କିନ୍ତୁ ଅନେକଗୁଡ଼ିଏ ଇଂଲିଶ ମିଡିୟମ ସ୍କୁଲ ସରକାରଙ୍କ ବିନା ଏନ୍‌ଓସିରେ ଚାଲିଛି। ଏସବୁ ପବ୍ଲିକ ସ୍କୁଲ୍‌ରେ ନିଜ ପିଲାଙ୍କୁ ନ ପଢ଼ାଇବାକୁ ରାଜ୍ୟ ସରକାର ଅଭିଭାବକମାନଙ୍କୁ ପରାମର୍ଶ ଦେଇଛନ୍ତି। ଯଦି ସେଠାରେ ନିଜ ପିଲାମାନଙ୍କୁ ପଢ଼ାଉଛନ୍ତି ତେବେ ତୁରନ୍ତ ଯାଞ୍ଚ କରିନିଅନ୍ତୁ ବୋଲି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ଅଧିକାଂଶ ପବ୍ଲିକ ସ୍କୁଲ ବିନା ଅନୁମୋଦନରେ ଚାଲିଥିବା ଅଭିଯୋଗ ଆସିବା ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ଏନ୍‌ଓସି ପାଇଥିବା ସ୍କୁଲଗୁଡ଼ିକର ତାଲିକା ଜାରି କରାଯାଇଛି। ଏହି ତାଲିକା ମଧ୍ୟରେ ଯେଉଁ ସ୍କୁଲର ନାଁ ନ ଥିବ ସେଠାରେ ପିଲାଙ୍କ ନାମ ନ ଲେଖାଇବାକୁ ନିର୍ଦ୍ଦେଶାଳୟ ବିଜ୍ଞପ୍ତି ଜାରି କରିଛି। ଉକ୍ତ ତାଲିକା ଅନୁସାରେ, କେନ୍ଦ୍ରାପଡ଼ା, ସୁବର୍ଣ୍ଣପୁର ଓ ଢେଙ୍କାନାଳ ଜିଲାରେ ମାତ୍ର ଗୋଟିଏ ଲେଖାଏ ପବ୍ଲିକ୍ ସ୍କୁଲକୁ ଏନ୍‌ଓସି ମିଳିଛି। କିନ୍ତୁ ଏସବୁ ଜିଲାରେ ଶତାଧିକ ପବ୍ଲିକ୍ ସ୍କୁଲ୍ ଚାଲିଥିବା ନଜରକୁ ଆସିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪୮ଟି ପବ୍ଲିକ୍ ସ୍କୁଲକୁ ଏନ୍‌ଓସି ମିଳିଥିବା ବେଳେ ୩୫୦ରୁ ଅଧିକ ପବ୍ଲିକ୍ ସ୍କୁଲରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏଭଳି ସ୍ଥିତିରେ ଏନ୍‌ଓସି ପାଇ ନ ଥିବା ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଆଶଙ୍କା ମଧ୍ୟରେ ରହିଛି। ଅନ୍ୟପଟେ ସରକାରଙ୍କ ଏଭଳି ପଦକ୍ଷେପକୁ ଅଭିଭାବକ ମହାସଂଘ ସ୍ୱାଗତ କରିଛି। କେବଳ ତାଲିକା ପ୍ରସ୍ତୁତ କରି ଚୁପ୍ ନ ବସି ବିନା ଏନ୍‌ଓସିରେ ଚାଲୁଥିବା ସ୍କୁଲକୁ ବନ୍ଦ କରିବା ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ସେପଟେ ତାଲିକା ପ୍ରକାଶ ପାଇବା ପରେ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି।

ସରକାରୀ କାର୍ଯ୍ୟକ୍ରମରେ ବିଜେଡି ପ୍ରତି ଅନୁଗ୍ରହ

## ପ୍ରଦୀପ୍ତଙ୍କ ନିଲମ୍ବନ ଦାବି କଲା କଂଗ୍ରେସ

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ରାଜ୍ୟର କେତେଜଣ ପ୍ରଶାସନିକ ଅଧିକାରୀ ସରକାରୀ କାର୍ଯ୍ୟକ୍ରମ ଆଳରେ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସରକାରୀ କାର୍ଯ୍ୟକ୍ରମରେ ବିଜେଡି ପ୍ରତି ଅନୁଗ୍ରହ ପ୍ରଦର୍ଶନ କରୁଥିବା କଂଗ୍ରେସ ଅଭିଯୋଗ ଆଣିଛି। କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ରବିବାର ଦଳୀୟ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେତେକ ପ୍ରମାଣ ଦେଖାଇ ପ୍ରଦୀପ୍ତ ମହାପାତ୍ରଙ୍କ ନିଲମ୍ବନ ଦାବି କରିଛନ୍ତି। ସରକାରୀ କାର୍ଯ୍ୟକ୍ରମରେବିଜେଡି ନେତାଙ୍କୁ ଅତିରିକ୍ତ ସଚିବସ୍ତରର ଜଣେ ଅଧିକାରୀ ନିର୍ଦ୍ଦିଷ୍ଟଭାବେ ନିମନ୍ତ୍ରଣ କରିବା ନିନ୍ଦନୀୟ। ଘଟଣା ସ୍ପଷ୍ଟ କରୁଛି, ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଦପ୍ତରର ଅଧିକାରୀମାନେ ଶାସନ କଳକୁ ବିଜେଡି ଫାଇଦା ପାଇଁ ବ୍ୟବହାର କରୁଛନ୍ତି ବୋଲି ସତ୍ୟପ୍ରକାଶ ଅଭିଯୋଗ ଉଠାଇଛନ୍ତି। ତାଙ୍କର ଏଭଳି କାର୍ଯ୍ୟ ଅଲ ଇଣ୍ଡିଆ ସର୍ଭିସ କଣ୍ଡକ୍ଟ ରୁଲ ୧୯୮୬ର ଖୋଲା ଉଲ୍ଲଂଘନ କରୁଛି ବୋଲି ମଧ୍ୟ ସେ ଅଭିଯୋଗ ଆଣିଛନ୍ତି, ଯେଉଁଥିରେ ସ୍ପଷ୍ଟ ଭାବେ କୁହାଯାଇଛି, ପ୍ରତ୍ୟେକ ଅଧିକାରୀ କାର୍ଯ୍ୟ ନିର୍ବାହ କରିବାବେଳେ ରାଜନୈତିକ ନିରପେକ୍ଷତା ଅବଲମ୍ବନ କରିବେ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**





ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ଯୋଗାଯୋଗ:** ମନୋଜ ମହାନ୍ତି (ସମ୍ବଲପୁର-୭୦୦୮୫୦୬୮୧୦)
**ସମ୍ବଲପୁର/ବୌଦ୍ଧ/ଦେବଗଡ଼:** ଶ୍ରଦ୍ଧାଂଶୁ ମହାପାତ୍ର (୭୦୦୮୯୨୧୭୯୧), **ବରଗଡ଼/ବଲାଙ୍ଗୀର/ସୋନପୁର:** ନରୋତ୍ତମ ଜେନା (୯୩୪୮୨୦୯୫୩୪), **କଳାହାଣ୍ଡି/ନୂଆପଡ଼ା:** ଶୁଭ୍ରାନ୍ତ ସ୍ୱାଇଁ (୮୪୮୦୨୨୯୬୦୫), **ସୁନ୍ଦରଗଡ଼/ରାଉରକେଲା/ଝାରସୁଗୁଡ଼ା:** ଶ୍ରୀକାନ୍ତ ମହାନ୍ତି (୯୦୪୦୭୧୬୫୮୬)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

■ ଯୁବ ବିଜେଡିର କଟକ ଜୋନ୍ କର୍ମଶାଳା

# ଯୁବବର୍ଗଙ୍କ ସହଯୋଗକୁ ଗୁରୁତ୍ୱ

କଟକ ଅଫିସ, ୯।୧୨





କର୍ମଶାଳାରେ ବିଧାୟକ ଦେବାଶିଷ ସାମନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

- ଜିଲା, ବ୍ଲକ, ପଞ୍ଚାୟତ ସ୍ତରୀୟ ଯୁବ କମିଟି ଗଠନ ପ୍ରସ୍ତାବ
- ସୋସିଆଲ ମିଡିଆରେ ରାଜ୍ୟ ସରକାରଙ୍କ ସଫଳତା ପ୍ରଚାରକୁ ଗୁରୁତ୍ୱାରୋପ
- ରାମମନ୍ଦିର ପ୍ରସଙ୍ଗରେ ଭାଜପାକୁ ସମାଲୋଚନା

ଯୁବକମାନେ ହେଉଛନ୍ତି ଏ ରାଜ୍ୟର ଶକ୍ତି। ଯୁବବର୍ଗଙ୍କୁ ନେଇ ରାଜ୍ୟର ସମୃଦ୍ଧି ସମ୍ଭବ। ଯୁବକମାନଙ୍କ ବିକାଶ ଓ ଉନ୍ନତି ପାଇଁ ରାଜ୍ୟ ସରକାର ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି। ୨୦୧୯ରେ ରାଜ୍ୟରେ କିଭଳି ନବୀନ ପଟ୍ଟନାୟକ ପୁଣିଥରେ ବିପୁଳ ଜନମତରେ ସରକାର ଗଠନ କରିବେ ସେଥିପାଇଁ ଯୁବ କର୍ମୀମାନେ ଆଗେଇ ଆସିବା ଉଚିତ। ରବିବାର ସ୍ଥାନୀୟ ଶହୀଦଭବନଠାରେ ବିଜୁ ଯୁବ ଜନତା ଦଳର କଟକ ଜୋନ୍ କର୍ମଶାଳାରେ ଯୋଗଦେଇ ଦଳୀୟ ନେତାମାନେ ଏହି କଥା କହିଛନ୍ତି।

କର୍ମଶାଳାରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଯୁବକମାନଙ୍କୁ ନେଇ ଜିଲା, ବ୍ଲକ ଓ ପଞ୍ଚାୟତସ୍ତରୀୟ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ପଞ୍ଚାୟତସ୍ତରୀୟ କମିଟିରେ ୨୧ଜଣଙ୍କୁ ସଦସ୍ୟ ରଖିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ସୋସିଆଲ ମିଡିଆରେ ଯୁବ କର୍ମୀମାନେ ଅଧିକମାତ୍ରାରେ ସଂଶ୍ଳିଷ୍ଟ ହୋଇ ରାଜ୍ୟ ସରକାରଙ୍କ ସବୁ ଜନହିତକର ଯୋଜନାର ପ୍ରଚାର କରିବାକୁ ମନ୍ତ୍ରୀ କହିଥିଲେ।

କର୍ମଶାଳାରେ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ କହିଥିଲେ, ଯୁବକମାନଙ୍କୁ ବ୍ୟବହାର କରି ନୁହେଁ ବରଂ ସେମାନଙ୍କ ସହଯୋଗରେ ରାଜ୍ୟର ବିକାଶ କରାଯାଇପାରିବ। ଆମେରିକାରେ ସିନେଟରମାନେ ସେଠାକାର ଯୁବକମାନଙ୍କୁ ଆଗକୁ ଯିବାକୁ ବାଟ ଛାଡ଼ି ଦିଅନ୍ତି। ସେହିପରି ଏଠାରେ ମଧ୍ୟ ଯୁବଶକ୍ତିକୁ ସୁଯୋଗ ଦେବାପାଇଁ ନବୀନ ପଟ୍ଟନାୟକ ବ୍ୟବସ୍ଥା କରିଥିବା ତଥାଗତ କହିଥିଲେ। ରାମମନ୍ଦିର ନିର୍ମାଣ ଉପରେ ମତ ଦେଇ ସେ କହିଥିଲେ, ଯେଉଁମାନେ ରାମମନ୍ଦିର ଗଢିବା ପାଇଁ ପ୍ରତିଶ୍ରୁତି ଦେଇ ରାଜନୀତି କରୁଛନ୍ତି, ସେମାନେ ନିର୍ବାଚନକୁ ଯିବା ପୂର୍ବରୁ ଯଦି ମନ୍ଦିର ନ ଗଢୁଛନ୍ତି ତେବେ ସେମାନଙ୍କୁ ଦେଶରୁ ବାସନ୍ଦ କରିବା ଉଚିତ। ସେହିପରି ବିମୁଦ୍ରୀକରଣ ଯୋଗୁ କେବଳ ଗରିବ ଦୁଃଖ ଭୋଗିଲା ଓ ଜିଏସ୍‌ଟି ଯୋଗୁ କ୍ଷୁଦ୍ର, ମଧ୍ୟମ ଧରଣର ବ୍ୟବସାୟୀମାନେ କ୍ଷତି ସହିଲେ ବୋଲି ତଥାଗତ କହିଥିଲେ।

ବିଧାୟକ ଦେବାଶିଷ ସାମନ୍ତରାୟ ନିଜ ଭାଷଣରେ ଯୁବସମାଜକୁ ଆଗେଇ ଆସିବାକୁ କହିବା ସହିତ ରାଜ୍ୟ ସରକାରଙ୍କ ଯୁବନୀତି ଉପରେ ଆଲୋକପାତ କରିଥିଲେ। ସେ ଭାଜପାକୁ ସମାଲୋଚନା କରି କହିଥିଲେ ଯେ, ଏହି ଦଳ ଧର୍ମ ନାମରେ ଯେଉଁ ରାଜନୀତି କରୁଛି ତାହା ସମାଜକୁ ଭାଗ ଭାଗ କରୁଛି। ବିଧାୟକ ଦେବୀ ମିଶ୍ର ନିଜ ଭାଷଣରେ ରାମ ନାମ କହି ଭୋଟ ନେଇଥିବା ଦଳ ଏବେ ରାମଙ୍କୁ ତମ୍ବୁ ତଳେ ରଖିଥିବା କହିଥିଲେ।

ଯୁବ ବିଜେଡିର ରାଜ୍ୟ ମହାସଚିବ ଶିଶିର ପରିଜାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଯୋଗଦେଇଥିବା ଅନ୍ୟ ନେତୃବୃନ୍ଦ ହେଲେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ, ବିଧାୟକ ପ୍ରଭାତ ବିଶ୍ୱାଳ, ଅତନୁ ସବ୍ୟସାଚୀ ନାୟକ, ବ୍ରଜ କିଶୋର ପ୍ରଧାନ, ସୁଶାନ୍ତ ବେହେରା, ରାଜ୍ୟ ଯୁବ ବିଜେଡି ସଭାପତି ଅମରେଶ ପତ୍ରି, ମହିଳା ମୋର୍ଚ୍ଚାର ସଭାପତି ମିନତି ବେହେରା, କଟକ ଜିଲା ଯୁବ ବିଜେଡି ସଭାପତି ଜ୍ଞାନେନ୍ଦ୍ର ଗିରିଗୋସ୍ୱାମୀ ପ୍ରମୁଖ। କର୍ମଶାଳାରେ ଅବିଭକ୍ତ କଟକ ଜିଲା ସମେତ ଢେଙ୍କାନାଳ ଓ ଅନୁଗୋଳ ଜିଲାର ଯୁବ ବିଜେଡି କର୍ମକର୍ତ୍ତାମାନେ ଯୋଗଦେଇଥିଲେ।





"ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................



ଆୟୁଷ୍ମାନ
ପରିବାରବର୍ଗ



ଜୁଏଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ ମହାପ୍ରସାଦ ଦର ତାଲିକା ପ୍ରସଙ୍ଗ

# ପରିଚାଳନା କମିଟି ମୋହରକୁ ଅପେକ୍ଷା

**ମନ୍ଦିର ପ୍ରଶାସନ ନିକଟରେ ଦର ନିର୍ଦ୍ଧାରଣ ରିପୋର୍ଟ**

ପୁରୀ ଅଫିସ,୯।୧୨

ଶୃଙ୍ଖଳିତ ହେବ ଆନନ୍ଦ ବଜାର। ସୁବ୍ୟବସ୍ଥିତ ହେବ ମହାପ୍ରସାଦ ବିକ୍ରି। ଆନନ୍ଦ ବଜାରରେ କୌଣସି ଭକ୍ତ ଶୋଷଣର ଶିକାର ହେବେ ନାହିଁ। ମହାପ୍ରସାଦ କିଣିବା ବେଳେ ଦାମ୍‌କୁ ନେଇ ମୂଲଚାଲ ଚାଲିବନି କି ସୁଆର ସେବକଙ୍କ ସହ ଶ୍ରଦ୍ଧାଳୁଙ୍କ ଯୁକ୍ତିତର୍କ ହେବନାହିଁ। ଏହାର ସମାଧାନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆନନ୍ଦ ବଜାର ସମ୍ପର୍କରେ ନେଇଛି ଏକାଧିକ ନିଷ୍ପତ୍ତି। ସେଥିମଧ୍ୟରୁ ମହାପ୍ରସାଦ ଦର ତାଲିକାକୁ ପ୍ରାଥମିକତା ଦିଆଯାଇଛି। ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ମହାପ୍ରସାଦ ଦର ତାଲିକା ଲଗାଯିବା ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ଦର ନିର୍ଦ୍ଧାରଣ ଲାଗି ସ୍ୱତନ୍ତ୍ର ଭାବେ ମହାପ୍ରସାଦ ତିଆରି ହୋଇଥିଲା। ମହାପ୍ରସାଦ ପ୍ରସ୍ତୁତି ଲାଗି ହୋଇଥିବା ସମସ୍ତ ଖର୍ଚ୍ଚ ଏବଂ ପାରିଶ୍ରମିକକୁ ହିସାବ କରି ଦର ନିର୍ଦ୍ଧାରଣ କରାଯାଇ ଶ୍ରୀମନ୍ଦିର ପ୍ରଶାସନକୁ ରିପୋର୍ଟ ଦିଆସରିଛି। ଶ୍ରୀମନ୍ଦିର ପରିଚାଳନା କମିଟି ଏହି ଦରର ସମୀକ୍ଷା କରି ମୋହର ମାରିବା ପରେ ମହାପ୍ରସାଦ ଦର ତାଲିକା ଲଗାଯିବ ବୋଲି ଜଣାପଡିଛି।

ଆନନ୍ଦ ବଜାରରେ ଶୃଙ୍ଖଳା ଏବଂ ସ୍ୱଚ୍ଛତା ଲାଗି ଗତ ସେପ୍ଟେମ୍ବର ୧୧ରେ ଶ୍ରୀମନ୍ଦିର ପ୍ରଶାସନ ସହ ସୁଆର ମହାସୁଆର ନିଯୋଗର ଆଲୋଚନା ହୋଇଥିଲା। ଏଥିରେ ଆନନ୍ଦ ବଜାର ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିଲା। ଏଥିମଧ୍ୟରେ ଆନନ୍ଦ ବଜାରରେ ଅବଢା ବିକ୍ରି ପାଇଁ ଶେଡ୍ ତିଆରି ହେବ, ଅଭିଯୋଗ ପ୍ରକୋଷ୍ଠ ଖୋଲିବ, ଥାଳି ଦରରେ ଭକ୍ତଙ୍କୁ ମହାପ୍ରସାଦ ମିଳିବ ଏବଂ ମହାପ୍ରସାଦ ଦର ତାଲିକା ଆଦି ଲଗାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ମହାପ୍ରସାଦ ଦର ନିର୍ଦ୍ଧାରଣ ଲାଗି ଗତ ୪ ତାରିଖରେ ବରାଦି ଭୋଗରେ ପ୍ରସ୍ତୁତ ହୋଇଥିଲା ମହାପ୍ରସାଦ। ମହାପ୍ରସାଦ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବଶ୍ୟକ ଡାଲି, ଚାଉଳ, ପରିବା, କୁଡୁଆ ପ୍ରଭୃତି ସାମଗ୍ରୀ ଯୋଗାଇ ଦେଇଥିଲା। ମନ୍ଦିର ପ୍ରଶାସନର ଅଧିକାରୀ ଓ ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ରୋଷେଇ ହୋଇଥିଲା। ଏଥିରେ ବ୍ୟବହୃତ ସାମଗ୍ରୀର ମୂଲ୍ୟ ଓ ପାରିଶ୍ରମିକ କ'ଣ ରହିବ ତାହା ବିଚାରକୁ ନିଆଯାଇ ଦର ନିର୍ଦ୍ଧାରଣ କରାଯାଇଛି। ପରିଚାଳନା କମିଟି ଏହି ଦରର ସମୀକ୍ଷା କରିବ। ଏହା ଉପଯୁକ୍ତ କି ନୁହେଁ, କେଉଁ ଦରରେ ସଂଶୋଧନ କରାଯିବ ଏସବୁକୁ ଅନୁଧ୍ୟାନ କରିବା ପରେ ମୋହର ମାରିବ। ଏହାପରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଦର ତାଲିକା (କୁଡୁଆ ଚିତ୍ର ଥାଇ) ଆନନ୍ଦ ବଜାର ଓ ଶ୍ରୀମନ୍ଦିରର ବିଭିନ୍ନ ଦୃଷ୍ଟି ଆକର୍ଷଣ କରୁଥିବା ସ୍ଥାନରେ ଲଗାଯିବ। ତେବେ ପରିଚାଳନା କମିଟିରେ କେବେ ଏହାକୁ ଚୂଡ଼ାନ୍ତ କରାଯିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ୭ ଡିଗ୍ରୀରେ ଫୁଲବାଣୀ

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ସାରା ରାଜ୍ୟରେ ବର୍ତ୍ତମାନ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ଅଧିକ ଶୀତ ଅନୁଭୂତ ହେଉଛି। ରବିବାର ଫୁଲବାଣୀ ଜିଲାରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ରେକର୍ଡ କରାଯାଇଛି। ଏହି ଜିଲାରେ ଶୀତ ସାଙ୍ଗକୁ ଘନ କୁହୁଡ଼ି ଦେଖିବାକୁ ମିଳୁଛି। ଅପରାହ୍ନ ୫ଟା ପରେ ଓ ସକାଳ ୯ଟା ପୂର୍ବରୁ ଲୋକମାନେ ବାହାରକୁ ବାହାରିବାକୁ ଡରୁଛନ୍ତି। ଅନ୍ୟପକ୍ଷରେ କେନ୍ଦୁଝରଗଡ଼ରେ ୯.୪ ଡିଗ୍ରୀ ତାପମାତ୍ରା ଥିବାବେଳେ ଦାରିଙ୍ଗବାଡ଼ି ଓ ସୁନ୍ଦରଗଡ଼ରେ ୧୦ଡିଗ୍ରୀ, ଅନୁଗୋଳ ୧୧.୦, ଝାରସୁଗୁଡ଼ା ୧୧.୨, ବାଲେଶ୍ୱର ଓ ବାରିପଦା ୧୧.୬ ଡିଗ୍ରୀ ତାପମାତ୍ରା ରହିଥିବା ରେକର୍ଡ କରାଯାଇଛି।


classified

real estate

**SALE**

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65227

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

Ready 2BHK/ 3BHK flats for sale at Patia. 7008346486, 9937009250. D-65213

ଭୁବନେଶ୍ୱର ସୁନ୍ଦରପଦା Xavier University backsideରେ investment ପ୍ଲଟ ମିଳୁଅଛି। 8338932027. D-64386

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

ଭୁବନେଶ୍ୱର Sudhananda College ପାଖରେ ଏବଂ ବାଲିଅନ୍ତାରେ ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରି ହେବ। 9776811399, 8093465134. D-65093

Khordha Malipada National Highway Road ପାଖରେ opposite of Bhubaneswar Engineering College ମୋର ନିଜସ୍ୱ plot 2000 sqft. area boundary ସହିତ ବିକ୍ରିହେବ: 9178031478. D-64658

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65228

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9853426050, 9861219987. D-9909

3500sqft. homestead land with boundary near Patia Square for sale. Contact: 9668988979. D-65099

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଥାଇ 2ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64396

Puri Lokanath Temple ପାଖ Baliapanda UP School ପଛପଟେ A0. 450 decimal ସ୍ଥିତିବାନ plot ବିକ୍ରିହେବ। ପାଖ ପ୍ଲଟରେ ଘରକରି ରହୁଛନ୍ତି। Contact: 6371040227, 9437383183. D-9941

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**ଷଷ୍ଠ ଜନ୍ମଦିନ ଶୁଭେଚ୍ଛା**



(ଜଗମାଲିଆ)
**ଆୟୁଷ୍ମାନ ତରାଇ**
ପାଣ୍ଡରା, ଭୁବନେଶ୍ୱର
ଜନ୍ମ ତାରିଖ: ୧୦।୧୨।୨୦୧୨
ଆୟୁଷ୍ମାନ ଆଜି ତୁମର ଷଷ୍ଠ ଜନ୍ମଦିବସ। ତୁମେ ଦୀର୍ଘାୟୁ ହୁଅ। ସବୁବେଳେ ବିଦ୍ୟା, ସତ୍ୟ, ଧର୍ମ, ନ୍ୟାୟ ଓ ସ୍ନେହ ତୁମ ପାଖେ ଭରିରହୁ। ଏହା ପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ସାଇରାମଙ୍କ ପାଖରେ ମୋର ବିନମ୍ର ପ୍ରାର୍ଥନା। ଶୁଭେଚ୍ଛା ସହ: ଜଗନ, ସାଇରାମ ଓ ତୁମକୁ ଭଲପାଉଥିବା ତୁମର ଅତିନିଜର। ଧ-୯୯୪୨


ପ୍ରଥମ ପୃଷ୍ଠାରୁ...

## ଦୁର୍ଘଟଣା...

ପୋଲିସ କହିଛି, ୩ ଦିନ ପୂର୍ବରୁ ଏକ ନମ୍ବର ବିହୀନ ଗାଡିରେ ୧୩ ଜଣ ତୀର୍ଥ କରି ଯାଇଥିଲେ। ଶନିବାର ରାତିରେ ସେମାନେ କୋରାପୁଟରୁ ନିଜ ଗ୍ରାମ ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡି୦୫ଏଜି-୦୬୭୦)ସହ ଟୁରିଷ୍ଟ ଗାଡିର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଟୁରିଷ୍ଟ ଗାଡି ଭାଙ୍ଗି ଚୂରମାର ହୋଇଯାଇଥିଲା। ଟ୍ରକ୍‌ଟି ରାସ୍ତାରେ ଆଡ ପକାଇଲା ଭଳି ରହିଯାଇଥିଲା। ଏହି ସମୟରେ ସମ୍ବଲପୁର ପଟୁ ଦ୍ରୁତଗତିରେ ଆସୁଥିବା ଏକ ପରିବା ବୋଝେଇ ପିକ୍‌ଅପ୍ ଭ୍ୟାନ(ନଂ. ଓଡି୧୭ଏ-୪୨୩୩) ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଧକ୍କା ଦେଇ ଓଲଟି ପଡିଥିଲା। ଜରପଡା ଥାନା ଆଇଆଇସି ବିନ୍ଧ୍ୟବାସିନୀ ବିଶ୍ୱାଳ, ଏଏସ୍‌ଆଇ ଶ୍ରୀପତି ପ୍ରଧାନଙ୍କ ସମେତ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ି ଭିତରୁ ଯାତ୍ରୀଙ୍କୁ ବାହାର କରିଥିଲେ। ତୁରନ୍ତ ୧୦୮କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରାୟ ୨ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିଥିଲା। ସେତେବେଳକୁ ଘଟଣାସ୍ଥଳରେ ଅନୁଗୋଳ ଥାନା ବଲାସିଙ୍ଗା ଫୁଲପାଳ ଗ୍ରାମର ଧରଣୀଧର ପ୍ରଧାନ(୫୪), ଅରୁଣ ସାହୁ (୪୫), ବଅଁରପାଳ ଥାନା ତୁଳସୀପାଳ ଗ୍ରାମର ଶିବରାମ ସାହୁ(୪୮)ଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁଇ ଗାଡ଼ି ଚାଳକଙ୍କ ସହ ଅନ୍ୟମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ଟୁରିଷ୍ଟ ଗାଡ଼ି ଚାଳକ ବନ୍ତଲା ଥାନା ନନ୍ଦପୁର ଗ୍ରାମର ସିଲୁ ପ୍ରଧାନ, ବଲାସିଙ୍ଗାର ରବୀନ୍ଦ୍ର ସାହୁ(୫୫), ବିଶେଶ୍ୱର ପ୍ରଧାନ (୬୦), ବିନୟ ସାହୁ (୩୦), ବିଜୟ ସାହୁ(୭୦)ଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ଚାଳକ ସିଲୁଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଗୁରୁତର ବଲାସିଙ୍ଗାର ପ୍ରସନ୍ନ ପ୍ରଧାନ(୩୦), ଗୌରଚନ୍ଦ୍ର ସାହୁ(୫୦), ହାଡିବନ୍ଧୁ ସାହୁ(୫୦), ମହେଶ୍ୱର ସାହୁ(୪୨), ଧରଣୀଧର ପ୍ରଧାନ, ଅରୁଣ ସାହୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପିକ୍‌ଅପ୍ ଚାଳକଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ୩ଟି ଗାଡ଼ିକୁ ଜବତ କରିବା ସହ ନଂ. ୨୨୫/୧୮ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ଖଣି ଅଧିକାରୀ...

ମୃତଦେହ ରବିବାର ସକାଳେ ଉଦ୍ଧାର କରାଯାଇଛି। ଏହି ଦମ୍ପତିଙ୍କ ମୃତଦେହ ପଡ଼ିଥିବା କୋଠରିର ଅଭାବନୀୟ ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା। ଖଟ ଉପରେ ପଡ଼ିଥିବା ମୃତା ବେରୁଣୀଚାନ୍ଦଙ୍କ ବେକରେ ଏକ ଲୁହା ଚେନ୍ ବନ୍ଧା ଯାଇଥିଲା। ଖଟ ତଳେ ସୁଜିତଙ୍କ ମୃତଦେହ ପଡ଼ିରହିଥିଲା। ତାଙ୍କ ହାତରେ ରହିଥିଲା ସ୍ତ୍ରୀଙ୍କ ବେକରେ ଲାଗିଥିବା ଲୁହା ଚେନର ଗୋଟିଏ ମୁଣ୍ଡ। ମୃତଦେହ ନିକଟରେ ରକ୍ତ ଲାଗିଥିବା ଏକ ବେଣ୍ଟ ଲଗା ଲୁହା ଗଇଁତି ମଧ୍ୟ ପଡ଼ି ରହିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟା ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ଦୁହିଁଙ୍କର କିଭଳି ମୃତ୍ୟୁ ଘଟିଲା ତାହା ରହସ୍ୟାଘେରରେ ରହିଛି। ବାମେବାରୀ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଚଳାଇ ଅପରାହ୍ନ ବେଳକୁ ୨ ମୃତଦେହକୁ ବ୍ୟବଚ୍ଛେଦ ଲାଗି ବଡ଼ବିଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି। ଦମ୍ପତିଙ୍କ ମୃତଦେହ ମିଳିଥିବା କ୍ୱାର୍ଟର୍ସର ଏକ ଅନ୍ୟ କୋଠରିରେ ତାଙ୍କ କଲେଜ ପଢୁଆ ଝିଅ ରହିଥିଲେ। ଝିଅ ନିଦରେ ଶୋଇପଡ଼ିଥିବାରୁ ଏଭଳି କାଣ୍ଡ କିପରି ଘଟିଲା ସେନେଇ ସେ କିଛି ଜାଣିପାରି ନ ଥିବା କହିଛନ୍ତି।

ଯୋଡ଼ାଠାରୁ ରୁଙ୍ଗଟା ଖଣି କଲୋନୀର ଦୂରତା ପ୍ରାୟ ୧୩ କି.ମି. ହେବ। ଯେଉଁ କ୍ୱାର୍ଟର୍ସରୁ ମୃତଦେହ ଉଦ୍ଧାର ହୋଇଛି ତାହା କଲୋନୀର ମଝି ଅଞ୍ଚଳରେ ଅବସ୍ଥିତ। କ୍ୱାର୍ଟର୍ସରେ ରହିଛି ୩ଟି ବେଡରୁମ୍। ରାତିରେ ମା'ବାପା ଶୋଇବା ଘରକୁ ଯିବା ପରେ ତାଙ୍କ ଝିଅ ନିଜ କୋଠରିକୁ ଯାଇ ଶୋଇଥିଲେ। ରବିବାର ସକାଳେ ସେ ନିଦରୁ ଉଠି ମା'ବାପାଙ୍କ ଶୋଇବା କୋଠରିରେ ସେମାନଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏହାପରେ ସେ ଭୟଭୀତ ହୋଇ ପଡିଶା ଲୋକଙ୍କୁ ଡାକ ପକାଇ ଥିଲେ। ଖଣି ଅଧିକାରୀ ଓ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସେହି ସ୍ଥାନ ଲୋକାରଣ୍ୟ ହୋଇପଡ଼ିଥିଲା। ଖଟ ଉପରେ ବେରୁଣୀଚାନ୍ଦ ଓ ତଳେ ସୁଜିତଙ୍କ ମୃତଦେହ ଯେଭଳି ଅବସ୍ଥାରେ ପଡ଼ିଥିଲା ତାହା ଦେଖି ସମସ୍ତେ ହତବାକ ହୋଇ ପଡ଼ିଥିଲେ। ଖବର ପାଇ ୬ କି.ମି. ଦୂର ବାମେବାରୀ ଥାନାରୁ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପାରିବାରିକ କଳହରୁ ମାରପିଟ ଭଳି ଘଟଣା ଘଟି ଉଭୟ ସ୍ତ୍ରୀ ଓ ସ୍ୱାମୀଙ୍କ ଜୀବନ ଯାଇଥାଇ ପାରେ ବୋଲି ପ୍ରାଥମିକ ତଦନ୍ତ ପରେ ପୋଲିସ ସନ୍ଦେହ କରୁଥିବା ଥାନା ଅଧିକାରୀ ପରେଶ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

ଶନିବାର ରାତିରେ ମା'ବାପାଙ୍କ ମଧ୍ୟରେ ବଚସା ହୋଇଥିବା କଥା ତାଙ୍କ ଝିଅ ପୋଲିସକୁ ସୂଚନା ଦେଇଛନ୍ତି। ସୁଜିତ୍ ୨୧ ବର୍ଷ ତଳେ ବେରୁଣୀଚାନ୍ଦଙ୍କୁ ପ୍ରେମବିବାହ କରିଥିଲେ। ତାଙ୍କର ଅନ୍ୟ ଏକ ପୁଅ ଅଛନ୍ତି। ସେ ଏକ ଆବାସିକ ସ୍କୁଲରେ ରହି ପାଠପଢୁଥିବା ଜଣାପଡ଼ିଛି। ଖବର ପାଇ ପରେ ସେ ଆସି ଘରେ ପହଞ୍ଚିଛନ୍ତି। ଏହି ଦମ୍ପତିଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପ୍ରକୃତ ରହସ୍ୟର ପର୍ଦ୍ଦାଫାଶ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ଖୋଜା ଚାଲିଛି...

ଚୟନରେ ପାତରଅନ୍ତର ଯୋଗୁ ଏଭଳି ପରିସ୍ଥିତି ହୋଇଛି ତାହା ମଧ୍ୟ ସ୍ପଷ୍ଟ ହେଉନାହିଁ। ୨୦୧୧ ଜନଗଣନା ପରେ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ଘଟିଛି। ଏନ୍‌ଏଫ୍‌ଏସ୍‌ଏ କାର୍ଡ ପାଇବା ପରେ ମଧ୍ୟ ଆହୁରି ୨୫ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରାଜ୍ୟ ସରକାର ହିସାବ କରିଛନ୍ତି। କେନ୍ଦ୍ର ସରକାର କୋଟା ବଢାଉ ନ ଥିବାରୁ ବଳକା ଲୋକଙ୍କୁ ଏନ୍‌ଏଫ୍‌ଏସ୍‌ଏରେ ସାମିଲ କରାଯାଇ ପାରୁନାହିଁ ବୋଲି ରାଜ୍ୟ ସରକାର ଅଭିଯୋଗ ଆଣି ୨୦୧୮ ଅକ୍ଟୋବର ପହିଲାରୁ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି। ୨୫ ଲକ୍ଷ ଲୋକଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଅଦ୍ୟାବଧି ରାଜ୍ୟ କୋଟା ମଧ୍ୟ ପୂରଣ ହୋଇ ପାରିନାହିଁ। ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଅକ୍ଟୋବର ୨ରୁ ଏ ପର୍ଯ୍ୟନ୍ତ ୩୦ଟି ଜିଲାରେ ୬ ଲକ୍ଷ ୪୮ ହଜାର ୮୭୮ ପରିବାରର ୨୦ ଲକ୍ଷ ୬୨ ହଜାର ୮୪ ଜଣଙ୍କୁ ରାଜ୍ୟ ଯୋଜନାରେ ସାମିଲ କରାଯାଇଛି। ଦୁଇମାସ ପରେ ମଧ୍ୟ ରାଜ୍ୟ ସରକାରଙ୍କ କୋଟା ପୂରଣ ହୋଇ ପାରିନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ଯୋଜନା ପାଇଁ ଆହୁରି ୮ ଲକ୍ଷ ହିତାଧିକାରୀଙ୍କ ଆବଶ୍ୟକତା ରହିଛି। ଏଠି ପ୍ରଶ୍ନ ଉଠୁଛି, ଯଦି ଏତେ ସଂଖ୍ୟାରେ ଗରିବ ଲୋକ ଅଛନ୍ତି ତେବେ ରାଜ୍ୟ ସରକାର କୋଟା ପୂରଣ କରି ପାରୁନାହାନ୍ତି କାହିଁକି। ଅନ୍ୟପକ୍ଷରେ କେନ୍ଦ୍ର ଓ ରାଜ୍ୟ ଚକ୍ରବ୍ୟୂହରେ ଫସି ଯାଇଛନ୍ତି ଗରିବ ହିତାଧିକାରୀ। ରାଜ୍ୟ ସରକାରଙ୍କ ନୂତନ ଯୋଜନାରେ ହିତାଧିକାରୀଙ୍କୁ କିଲୋ ପିଛା ୧ ଟଙ୍କାରେ ଚାଉଳ ଯୋଗାଇ ଦିଆଯିବ। ଏଥିରେ କେବଳ ଚାଉଳ ଯୋଗାଇ ଦିଆଯାଉଛି। ସମସ୍ତ ହିତାଧିକାରୀ ଚାଉଳ ନେବାକୁ ବାଧ୍ୟ। ରାଜ୍ୟ ହିତାଧିକାରୀମାନେ ଚାହିଁଲେ ମଧ୍ୟ ଏନ୍‌ଏଫ୍‌ଏସ୍‌ଏରେ ସାମିଲ ହୋଇ ପାରିବେ ନାହିଁ। ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଯେ, ସମସ୍ତ ହିତାଧିକାରୀ ଚାଉଳ ନେବେ। ଗ୍ରାମାଞ୍ଚଳରେ ଗହମର ଆବଶ୍ୟକତା ନାହିଁ। ଯେଉଁମାନେ ଖାଇବାକୁ ପାଉ ନାହାନ୍ତି ସେମାନଙ୍କର ଚାଉଳ ଦରକାର ବୋଲି ସେ କହିଛନ୍ତି।


# ମନେ ପଡ଼ନ୍ତି

**ଏକାଦଶାହ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଉତ୍ତମ ସାହୁ
ଶେଖପାଟଣା, ମଝିହରା, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୧।୧୯୩୬
ତିରୋଧାନ: ୩୦।୧୧।୨୦୧୮
ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟପରାୟଣତା ତଥା ଶୃଙ୍ଖଳିତ ଜୀବନ ଶୈଳୀ ଆମର ନିତ୍ୟ ଜୀବନ ପଥରେ ପାଥେୟ ହେଉ। ଦ୍ୱାଦଶାହ ପାଳନ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର- ରମେଶ, କୈଳାଶ, ମଦନ, ନଗେନ, ଡମ୍ବରୁଧର ଓ ଝିଅ- ପ୍ରମିଳା, ହତଭାଗ୍ୟ ସ୍ୱାମୀ- ବଂଶୀଧର, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୬୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଶାନ୍ତିବାଳା ସାହା
ଆବିର୍ଭାବ: ୨୩।୦୨।୧୯୨୮
ତିରୋଧାନ: ୨୫।୧୧।୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅମାନେ, ବୋହୂମାନେ, ଝିଅ, ନାତି ଓ ନାତୁଣୀମାନେ, ପରିବାରବର୍ଗ ଓ ବନ୍ଧୁମାନେ। ଧ-୯୮୯୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଦମୟନ୍ତୀ ଦେଈ
ଆବିର୍ଭାବ: ୦୭।୦୨।୧୯୪୭
ତିରୋଧାନ: ୦୬।୧୨।୨୦୦୨
ମାର୍ଗଶିର ଶୁକ୍ଳପକ୍ଷ ରମ୍ଭା ତୃତୀୟା ଆଇ ତୁମେ କେଉଁଠି ଅଛ। ଦେଖାଦେଇ ମୋତେ ଟିକେ ଗେଲ କର। ମୁଁ ତୁମର ନନ୍ଦୁଲୁ (ଶାଶ୍ୱତ ଶୁଭଦର୍ଶୀ)। ଧ-୯୯୪୩

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ନମିତା ମହାପାତ୍ର
ତିରୋଧାନ: ୦୫।୧୨।୧୮ (ବୁଧବାର)
ଦେଖୁ ଦେଖୁ ଦିନ ଚାଲିଯାଉଛି। ତୁମେ ଆଉ ଫେରିବ ନାହିଁ। ତୁମ ବିୟୋଗରେ ଦୁଇ ପୁଅ- ଉମେଶ, ଆଶିଷ, ବୋହୂ- କଲ୍ୟାଣୀ ମ୍ରିୟମାଣ। ସଦାସର୍ବଦା ମନେପକାଉଛନ୍ତି ବାପା, ବୋଉ, ଭାଇ- କିଶୋର, ବିଜୟ, ଭଉଣୀ- ସବିତା। ତୁମର ଅମର ଆତ୍ମାକୁ ସଦ୍‌ଗତି ନିମନ୍ତେ କାମନା କରୁଛୁ ଶୋକସନ୍ତପ୍ତ: ମହାପାତ୍ର ଏବଂ ମିଶ୍ରପରିବାର (ରାମନାଗୁଡ଼ା)। ଧ-୯୯୪୬

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଶ୍ୟାମ ସୁନ୍ଦର ସାହୁ
ଆବିର୍ଭାବ: ୨୦।୦୯।୧୯୪୭
ତିରୋଧାନ: ୧୫।୧୨।୨୦୧୨
ଆଜି ଆପଣଙ୍କର ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଚରଣରେ ପ୍ରାର୍ଥନା କରୁଛୁ। ଇତି ଆପଣଙ୍କର ସ୍ତ୍ରୀ, ପୁଅ- ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ବନ୍ଧୁପରିବାରବର୍ଗ। ଧ-୯୯୪୪

**ଏକାଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ନବୀନ ଚନ୍ଦ୍ର ମହାନ୍ତି
DL- 54, V.S.S Nagar, Bhubaneswar
ଆବିର୍ଭାବ: ୦୫।୦୪।୧୯୫୦
ତିରୋଧାନ: ୧୦।୧୨।୨୦୦୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ପୁଅ, ବୋହୂ ଓ ନାତିନାତୁଣୀମାନେ ଓ ପରିବାରବର୍ଗ। ଧ-୯୯୦୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



ସ୍ୱର୍ଗତ ସର୍ବେଶ୍ୱର ନାୟକ
(ଗାନ୍ଧିବାଦୀ, ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ କର୍ମୀ ଓ ବିଶିଷ୍ଟ ଶିକ୍ଷାବିତ୍)
ସିଂହପୁର, ଯାଜପୁର
ଆବିର୍ଭାବ: ତା. ୦୭।୦୫।୧୯୨୩
ତିରୋଧାନ: ତା. ୧୦।୧୨।୨୦୧୭
ଆପଣଙ୍କର ବିୟୋଗକୁ ବର୍ଷଟିଏ ବିତିଲା। ଆପଣଙ୍କର ସେବା, ପରୋପକାର, ଦେଶପ୍ରେମର ଅଭୁଲା ସ୍ୱାକ୍ଷର ଆଜିବି ଏ ମାଟିରେ ଅବିସ୍ମରଣୀୟ ହୋଇ ରହିଛି। ସିଂହପୁରବାସୀଙ୍କ ମନର ଅଙ୍ଗନରେ ଆପଣ ଆଜିବି ଅଛନ୍ତି। ଆପଣଙ୍କ ପରିଚୟରେ ଆମେ ଗର୍ବିତ। ଆପଣଙ୍କର ଶୋକସନ୍ତପ୍ତ ପୁତ୍ର- ପ୍ରିୟ ରଞ୍ଜନ ନାୟକ (ଗୁଲୁ), ଟୁଟୁ, ପୁତ୍ରବଧୂ- ରତ୍ନପ୍ରଭା, ଜୟଶ୍ରୀ, କନ୍ୟା- ଧୀପ୍ରଭା, ରତ୍ନପ୍ରଭା, ସ୍ନେହପ୍ରଭା, ଜାମାତା- ପ୍ରଫେସର ଡଃ. ବୈରାଗୀ ଚରଣ ଜେନା, ବିଚିତ୍ରାନନ୍ଦ ପୁହାଣ, ଆଲୋକ କୁମାର ବିଶ୍ୱାଳ, ପ୍ରମୋଦ କୁମାର ନାୟକ, ନାତି, ନାତୁଣୀ, ଅଣନାତି, ଅଣନାତୁଣୀ ଓ ସମସ୍ତ ବନ୍ଧୁପରିବାରବର୍ଗ, ଆତ୍ମୀୟସ୍ୱଜନ। ଧ-୯୯୪୫

**ଚିରଚଞ୍ଚଳ, ନିରଳସ ଜୀବନର ଅବସାନ**



ଯୋଗେଶ ଚନ୍ଦ୍ର ସାମଲ
ଆବିର୍ଭାବ : ୩୧.୧୨.୧୯୪୪
ତିରୋଧାନ : ୩୦.୧୧.୨୦୧୮
ଯାହା କର୍ତ୍ତବ୍ୟ, ତା'ଠୁ ଢ଼େର୍ ଅଧିକ ଆମ ପାଇଁ କରିଛ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
॥ ପତ୍ନୀ ଓ ପରିବାର ବର୍ଗ ॥ ଧ-୯୮୭୧


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜିର ଚନ୍ଦ୍ର ପୂର୍ବାଷାଢା ନକ୍ଷତ୍ରରେ ରହି ସୁସ୍ଥ ମନରେ କାମ କରିବାର ଉତ୍ସାହ ପ୍ରଦାନ କରିବେ। ପୂର୍ବରୁ ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ମାନସିକ ସ୍ତରରେ ଆଶ୍ୱସ୍ତି ଲାଭ କରିବେ। ଜଳ, ତୈଳ ବ୍ୟବସାୟ ଓ ତେଜରାତି ଦୋକାନରୁ ଲାଭବାନ ହେବେ। ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା ସାଙ୍ଗକୁ ବିଳାସବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି।

**ବୃଷ**



ପରିବାରାଧିପତି ରବି ଧନାଧିପ ବୁଧଙ୍କ ନକ୍ଷତ୍ରସ୍ଥ ଯୋଗୁ ବନ୍ଧୁଙ୍କ ସହ ଆଳାପ ଆଲୋଚନା ଭଲ ଜମିବ। ତୃତୀୟରେ ରାହୁ ଥିବାରୁ ପାଖ ପଡୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ପରିବହନ, ସରକାରୀ କାମ, ପଦସ୍ଥବ୍ୟକ୍ତିଙ୍କୁ ସାକ୍ଷାତ କରିବା ପାଇଁ ମନ୍ଦ ହେବନି।

**ମିଥୁନ**



ଲାଭାଧିପ ମଙ୍ଗଳ ପୂର୍ବଭାଦ୍ରପଦ୍ ନକ୍ଷତ୍ରରେ ରହି ଭାଗ୍ୟସ୍ଥ ହେତୁ ଆଜି ଯେଉଁ କାମରେ ହାତ ଦେବେ ସଫଳତା ଅବଶ୍ୟମ୍ଭାବୀ। ତଥାପି ଅର୍ଥାଭାବରେ ରାହୁ ହେତୁ ପରିବାରର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ, ଯାହାକି ଦୁଶ୍ଚିନ୍ତାର କାରଣ ହୋଇଯିବ। ବ୍ୟବସାୟର ଉନ୍ନତୀକରଣ ସକାଶେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ**



ବ୍ୟୟଭାବାଧିପ ବୁଧ ମିତ୍ର ଶନିଙ୍କ ନକ୍ଷତ୍ରରେ ପୃଷ୍ଠଭାଗରେ ରହି ଖର୍ଚ୍ଚର ଦିଗ ସକାଶେ ପ୍ରୋତ୍ସାହନ ଦେଇପାରନ୍ତି। ଫଳତଃ ଅନାବଶ୍ୟକ ଖର୍ଚ୍ଚ ସାଙ୍ଗକୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ କାର୍ଯ୍ୟ ହିଁ ଆପଣଙ୍କୁ ଅସୁବିଧାର ସମ୍ମୁଖୀନ କରାଇପାରେ। ସାମାଜିକ ସ୍ତରରେ କିମ୍ବା ସଂଗଠନ କ୍ଷେତ୍ରରେ ପ୍ରତିବନ୍ଧକ ସୁଧୁରି ଯିବାର ସୂଚନା ରହିଛି।

**ସିଂହ**



ଦୁଃସ୍ଥାନାଧିପ ବୃହସ୍ପତି ସପ୍ତମ ଅଷ୍ଟମାଧିପ ଶନିଙ୍କ ନକ୍ଷତ୍ରରେ ଅବସ୍ଥାନ କରି ଆପଣଙ୍କୁ ଗୋଲକ ଧନ୍ଦାରେ ପକାଇ ଦିଗହରା କରାଇପାରନ୍ତି। ପିଲାଙ୍କ ପାଠପଢା ତଥା ଅର୍ଥାଭାବ ହେତୁ ଧାରକରଜ ଜନିତ ବିବ୍ରତ ରହିବାର ସୂଚନାକୁ ଏଡାଇ ଦିଆଯାଇ ନ ପାରେ। ପୂର୍ବା ଫାଲଗୁନୀ ଆତ୍ମବଳ ପ୍ରଭାବରୁ ଧୀରେ ସୁସ୍ଥେ କାମ କରିପାରିବେ।

**କନ୍ୟା**



ସନ୍ତାନ ଓ ବାଣିଜ୍ୟାଧିପତି ଶନି ଷଷ୍ଠଭାବରେ ମିତ୍ର ଶୁକ୍ରଙ୍କ ପୂର୍ବାଷାଢା ନକ୍ଷତ୍ରସ୍ଥ ଯୋଗୁ ନୈରାଶ୍ୟ ମଧ୍ୟରେ ଅସନ୍ତୁଷ୍ଟ ରହିପାରନ୍ତି। ଈର୍ଷା ଓ ଶତ୍ରୁ ମନୋଭାବ ପୋଷଣ କରୁଥିବା ବ୍ୟକ୍ତିବିଶେଷ ନିଆଁରେ ଘିଅ ଢାଳିଲା ଭଳି ପରିସ୍ଥିତି ସୃଷ୍ଟି କରିବାର ସୂଚନା ରହିଛି। ଚିତ୍ରାନକ୍ଷତ୍ର ସକାଶେ ଶୁଭଫଳ ଆଶା କରାଯାଇପାରେ।

**ତୁଳା**



କର୍ମସ୍ଥାନରେ ରାହୁ ବୃହସ୍ପତିଙ୍କ ପୁନର୍ବସୁ ନକ୍ଷତ୍ରରେ ରହି ବିଚାରାଧାରାକୁ କପଟତା କିମ୍ବା କଳୁଷିତ କରିପାରନ୍ତି। ଏଣେ ଅଧିକାଂଶ ସମୟ ସନ୍ତାନଙ୍କ ସ୍ୱାସ୍ଥ୍ୟ ଖରାପ ହେଉଥିବାରୁ ବ୍ୟସ୍ତତା ବଢିଯାଇପାରେ। ମନ ଭଲ ରହିବ ନାହିଁ। ଭଲକାମ କରି ମଧ୍ୟ ପରିବାର କିମ୍ବା ସାମାଜିକ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି।

**ବିଛା**



ଭାଗ୍ୟାଧିପ ଚନ୍ଦ୍ର ନିଜ ଭାବରୁ ଷଷ୍ଠସ୍ଥ ହୋଇ ଶୁକ୍ରଙ୍କ ନକ୍ଷତ୍ରରେ ଥିବା କାରଣରୁ ଦୁଃଆଚନ ଓ ଖର୍ଚ୍ଚାନ୍ତ ଜନିତ ବିରସ ମନରେ ରହିବେ। ଏଣେ ପରିବାରରେ ମଧ୍ୟ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବା କାରଣରୁ ଚିନ୍ତିତ ରହିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ କଥାର ପ୍ରତିବାଦ କରି ଟେନ୍‌ସନକୁ ନିମନ୍ତ୍ରଣ କରିବେ।

**ଧନୁ**



ଧନସ୍ଥାନରେ କେତୁ ବ୍ୟୟାଧିପଙ୍କ ନକ୍ଷତ୍ରସ୍ଥ ଯୋଗୁ ଖର୍ଚ୍ଚାନ୍ତ ହୋଇ ମଧ୍ୟ କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଦେବଗୁରୁଙ୍କ ଦିବ୍ୟଦୃଷ୍ଟିର ପ୍ରଭାବରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ବ୍ୟବସାୟ, କ୍ରୀଡା, ସଙ୍ଗୀତାଦି ପ୍ରତିଯୋଗିତାରେ ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବା କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର**



ବିଭିନ୍ନ ପ୍ରକାର ଦୁର୍ଭାବନାରେ ମନ ବିଚଳିତ ରହିବା ହେତୁ କୌଣସି କାମ ଶୃଙ୍ଖଳିତ ହେବନାହିଁ। ଅବଶ୍ୟ ପାରିବାରିକ ସ୍ତରରେ ଅଟକି ରହିଥିବା କାମଗୁଡିକ ବନ୍ଧୁ ସୁବିଧାରେ କରାଇ ଦେଇ ପାରନ୍ତି। ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ କିନ୍ତୁ ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**କୁମ୍ଭ**



ଶନି ସହ ଚନ୍ଦ୍ରଙ୍କ ସଂଯୋଗ ଜନିତ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। ଥଣ୍ଡା ଓ କାଶ ହେତୁ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରି ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ ଓ ସରକାରୀ ସହାୟତା ପାଇପାରନ୍ତି। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ**



ସାମାନ୍ୟ କଥାକୁ କେନ୍ଦ୍ରକରି ତର୍କବିତର୍କ କାରଣରୁ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ସାମୟିକ ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହିତ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ଚେଷ୍ଟା କରୁଥିବା କାମରେ ଅବଶ୍ୟ ସଫଳତା ପାଇବେ।

ଆଜି ମାର୍ଗଶିର ଶୁକ୍ଳ ତୃତୀୟା ସୋମବାର, ଡିସେମ୍ବର ୧୦ ତାରିଖ, ବିଶ୍ୱ ମାନବାଧିକାର ଦିବସ, ରାଶି ନକ୍ଷତ୍ର-ଦିବା ଘ୧୧।୧୧ମି. ପର୍ଯ୍ୟନ୍ତ, ପୂର୍ବାଷାଢା/ଧନୁ, ସିଂହ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୩୭ମି. ମଧ୍ୟେ ଘ୧।୦୦ମି. ଗତେ, ଘ୨।୧୨ମଧ୍ୟେ ଘ୩।୪୨ମି. ଗତେ, ଘ୫।୦୩ମି. ମଧ୍ୟେ ଅମୃତ ବେଳା। ଦିବା ଘ୯।୦୦ମି. ଗତେ ଘ୧୦।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୩୫ମି. ଗତେ ଘ୮।୫୭ମି. ମଧ୍ୟେ ରାହୁକାଳ।



ସମସ୍ତ ଧର୍ମ ଛାଡ଼ି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
- ବ୍ୟାସଦେବ








# ପିସିସି ପଦପଦବୀରୁ ଶ୍ରୀକାନ୍ତଙ୍କ ଇସ୍ତଫା

## ■ ନିରଞ୍ଜନଙ୍କ ନେତୃତ୍ୱକୁ ନେଇ ଖପ୍ପା

ଭୁବନେଶ୍ୱର,୯।୧୨ (ବ୍ୟୁରୋ)



ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ସମସ୍ତ ପଦପଦବୀରୁ ରବିବାର ଇସ୍ତଫା ଦେଇଛନ୍ତି। ସେ ଦିଲ୍ଲୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ଯେ, କଂଗ୍ରେସ ହେଉଛି ସାଧାରଣ ଜନତାଙ୍କ ଦଳ। ଏଥିରେ ଶୋଷିତ, ଅବହେଳିତ ଏବଂ ନିଷ୍ପେସିତ ବର୍ଗର ଉପଯୁକ୍ତ ପ୍ରତିନିଧିତ୍ୱ ହେବା ଦରକାର। ଏଥିପାଇଁ ଯେଉଁ ନେତୃତ୍ୱ ଦରକାର, ତାହା ବର୍ତ୍ତମାନ ଓଡ଼ିଶା ପ୍ରଦେଶ କଂଗ୍ରେସରେ ନାହିଁ। ଓଡ଼ିଶାର ଖଣିଜ ସମ୍ପଦକୁ ଲୁଟ୍ କରିଥିବା ପରିବାର ହାତରେ ରାଜ୍ୟ କଂଗ୍ରେସର ନେତୃତ୍ୱ ରହିଛି। ତେଣୁ କଂଗ୍ରେସର ହୃତ ଗୌରବ ଫେରାଇ ଆଣିବା ପାଇଁ ବହୁଜନଙ୍କୁ ନେତୃତ୍ୱ ମିଳୁ।

ଶ୍ରୀକାନ୍ତଙ୍କ ରାଜ୍ୟ କଂଗ୍ରେସ ନେତୃତ୍ୱ ଉପରେ ଏଭଳି ଆଭିମୁଖ୍ୟ ନେଇ ଚର୍ଚ୍ଚା ଜୋର୍ ଧରିଛି। ମିଳିଥିବା ଖବର ଅନୁଯାୟୀ, ଶ୍ରୀକାନ୍ତ ଜେନାଙ୍କୁ କୌଣସିମତେ ଦଳରୁ ବିଦା କରିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପ୍ରାଥମିକତା ପାଲଟିଛି। ଏପ୍ରିଲ ମାସରୁ ନିରଞ୍ଜନ ଦାୟିତ୍ୱ ନେବା ପରେ ପଦ୍ମଲୋଚନ ପଣ୍ଡା, ଜୟନାରାୟଣ ମହାନ୍ତି, ମାଧବାନନ୍ଦ ମଲ୍ଲିକ, ଚକ୍ରଧର ପାଇକ, ଜନ୍ମେଞ୍ଜୟ ଲେଙ୍କା, ବିଜୟ ପ୍ରଧାନ ଓ ଦୁଷ୍ମନ୍ତ ନାଏକ ପ୍ରମୁଖ କଂଗ୍ରେସ ଛାଡିଛନ୍ତି। ପଦବୀ ପାଇବା ପୂର୍ବରୁ ଦଳ ଛାଡିଥିବା କେତେଜଣ ନେତାଙ୍କୁ ଫେରାଇ ଆଣିବାକୁ ପ୍ରୟାସ କରାଯିବ ବୋଲି ନିରଞ୍ଜନ ଏବଂ ତାଙ୍କ ସମର୍ଥକ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ହେଲେ ଏଯାବତ୍ ଚନ୍ଦ୍ରଶେଖର ସାହୁ, ଲାଲା ମନୋଜ ରାୟ, ଲଳିତେନ୍ଦୁ ମହାପାତ୍ର, ପୃଥ୍ୱୀରାଜ କଅଁର, ବିକ୍ରମ ପଣ୍ଡା, ଅଗସ୍ତି ବେହେରା ପ୍ରମୁଖଙ୍କୁ ଦଳକୁ ଫେରାଇ ଆଣିପାରି ନାହାନ୍ତି। ଶ୍ରୀକାନ୍ତଙ୍କୁ ବାହାରର ରାସ୍ତା ଦେଖାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ନବ ଦାସ, ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ଶିବିର ଦିନରାତି ଏକ୍ କରିଦେଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ୨୦୦୯ରେ ଶ୍ରୀକାନ୍ତ ସମସ୍ତଙ୍କୁ ଚକ୍‌ମା ଦେଇ ବାଲେଶ୍ୱର ଲୋକ ସଭା ଆସନରେ ବିଜୟୀ ହୋଇଥିଲେ। ଏହାପରେ ସ୍ଥାନୀୟ ସଙ୍ଗଠନ ତାଙ୍କ ହାତରେ ରହିଥିଲା। ହେଲେ କଂଗ୍ରେସ ରାଜନୀତିର ପ୍ରଭାବଶାଳୀ ପରିବାରର ଜଣେ ଅଣରାଜନୈତିକ ବ୍ୟକ୍ତି ସେଠାରୁ ପ୍ରାର୍ଥୀ ହେବାକୁ ଚାହୁଁଛନ୍ତି। ଏହାକୁ ଚୂଡ଼ାନ୍ତ ରୂପ ଦେବାକୁ ପିସିସିର ନବଗଠିତ ଟିମ୍ ପ୍ରୟାସ ଆରମ୍ଭ କରିଛି।

ଦୁଇଦିନ ତଳେ ହୋଇଥିବା ମୟୂରଭଞ୍ଜ ଜିଲା ବିଜାତଳା ଉପନିର୍ବାଚନରେ କଂଗ୍ରେସ ଅମାନତ ହରାଇଛି। ଏହାର କିଛିଦିନ ପୂର୍ବରୁ ପିସିସି ସଭାପତି ଏବଂ ପ୍ରମୁଖ ନେତା ସେଠାରେ ଜନଜାଗରଣ ଯାତ୍ରା କରିଥିଲେ। ଉପନିର୍ବାଚନରେ ସେହିପରି ଶ୍ରୀକାନ୍ତଙ୍କ ପିସିସି ପଦଗୁଡିକରୁ ଇସ୍ତଫା ଖବର ପ୍ରଚାରିତ ହେବା ପରେ ଦିଲ୍ଲୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକି ମନ୍ତବ୍ୟ ରଖିଛନ୍ତି ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ। ଜିତେନ୍ଦ୍ର କହିଛନ୍ତି ଯେ, ଦଳରେ କୌଣସି ପ୍ରକାର ବିଶୃଙ୍ଖଳାକୁ ସ୍ଥାନ ଦିଆଯିବ ନାହିଁ। ଶ୍ରୀକାନ୍ତଙ୍କ ଇସ୍ତଫା ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଏହା ଶ୍ରୀକାନ୍ତଙ୍କ ବ୍ୟକ୍ତିଗତ ପସନ୍ଦ। ମୁଁ ତାଙ୍କ ଇସ୍ତଫା ସମ୍ପର୍କରେ ଜାଣିନାହିଁ। ସେହିପରି ଶୃଙ୍ଖଳା କମିଟି ଠିକ୍ ସମୟରେ ନିଷ୍ପତ୍ତି ଶୁଣାଇବ ବୋଲି ଏହାର ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳ କହିଛନ୍ତି।

## ■ ବିଶ୍ୱହିନ୍ଦୁ ପରିଷଦ ସଂକଳ୍ପ ସମାବେଶ

# ଶ୍ରୀରାମଙ୍କ ଜନ୍ମସ୍ଥାନରେ ହେବ ଭବ୍ୟ ମନ୍ଦିର



ସଙ୍କଳ୍ପ ସମାବେଶରେ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା, ସମର୍ଥକ, ସାଧୁସନ୍ଥ ଓ ଅନ୍ୟମାନେ।

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ଅଯୋଧ୍ୟାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ଜନ୍ମସ୍ଥାନରେ ଭବ୍ୟ ମନ୍ଦିର ନିର୍ମାଣ କରିବା ପାଇଁ ତନ ମନ ଧନ ପୂର୍ବକ କାର୍ଯ୍ୟ କରିବାକୁ ୧ଲକ୍ଷରୁ ଊର୍ଦ୍ଧ୍ୱ ରାମ ଭକ୍ତ ରବିବାର ଭୁବନେଶ୍ୱରଠାରେ ସଂକଳ୍ପ ନେଇଛନ୍ତି। ରାମ ମନ୍ଦିର ନିର୍ମାଣ ପାଇଁ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଭୁବନେଶ୍ୱରର ଲୋଏର ପିଏମ୍‌ଜି ଠାରେ ଅନୁଷ୍ଠିତ ଏହି ସଂକଳ୍ପ ସମାବେଶରେ ମନ୍ଦିର ନିର୍ମାଣ ଦୃଷ୍ଟିରୁ କେନ୍ଦ୍ର ସରକାର ସଂସଦରେ ଆଇନ୍ ଆଣନ୍ତୁ। ଭଗବାନ ଶ୍ରୀରାମଲଲା ଯେଉଁଠାରେ ବିରାଜମାନ ହୋଇଛନ୍ତି ସେହି ସ୍ଥାନରେ ହିଁ ଭବ୍ୟ ମନ୍ଦିର ନିର୍ମାଣ ହେବ, ଅଯୋଧ୍ୟାର ସାଂସ୍କୃତିକ ପରିସୀମା ମଧ୍ୟରେ କୌଣସି ମସଜିଦ୍ ରହିବ ନାହିଁ ବୋଲି ସମାବେଶରେ ଉପସ୍ଥିତ ସାଧୁସନ୍ଥ ତଥା ବକ୍ତାମାନେ ଦାବି କରିଥିଲେ।

ବିଶ୍ୱହିନ୍ଦୁ ପରିଷଦ, ଓଡିଶା ପୂର୍ବ ପ୍ରାନ୍ତର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ.ନଗେନ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ଏବଂ ପୁରୀ ବିଭାଗ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟଙ୍କ ସଂଯୋଜନାରେ ଏହି ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳୀ ସଦସ୍ୟ ତଥା ଗୋସେବା ଆୟୋଗର ଅଧ୍ୟକ୍ଷ ମହାମଣ୍ଡଳେଶ୍ୱର ପରମ ପୂଜ୍ୟ ସ୍ୱାମୀ ଅଖିଳେଶ୍ୱରାନନ୍ଦ ମହାରାଜ ଯୋଗଦେଇଥିଲେ। ସେ କହିଲେ ଯେ, ଜନ ସାଧାରଣଙ୍କ ସୁରକ୍ଷା ଦେବା ନିର୍ବାଚିତ ସରକାରଙ୍କର କର୍ତବ୍ୟ। କିନ୍ତୁ ହଜାର ହଜାର ହିନ୍ଦୁଙ୍କ ଭାବାବେଗକୁ ବାରମ୍ବାର ପଦାଘାତ କରାଯାଉଛି। ନ୍ୟାୟାଳୟ ପାଖରୁ ଉଚିତ୍ ନ୍ୟାୟ ମିଳୁ ନଥିବାବେଳେ କେନ୍ଦ୍ର ସରକାର ମଧ୍ୟ ଦାବିକୁ କର୍ଣ୍ଣପାତ କରୁନାହାଁନ୍ତି। ବିଡମ୍ବନାର ବିଷୟ ଏହା ଯେ, ଯେଉଁ ସରକାର ଏବେ କେନ୍ଦ୍ରରେ ଶାସନ କ୍ଷମତାରେ ଅଛନ୍ତି ସେମାନ ରାମମନ୍ଦିର ନିର୍ମାଣକୁ ପ୍ରାଥମିକତା ଦେବେ ବୋଲି ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଜନ ସଚେତନତା ମାଧ୍ୟମରେ କେନ୍ଦ୍ର ସରକାର ବିହିତ ପଦକ୍ଷେପ ନେଇ ରାମଲାଲାଙ୍କ ଭବ୍ୟ ମନ୍ଦିର ନିର୍ମାଣରେ ସହଯୋଗ କରନ୍ତୁ। କେନ୍ଦ୍ରର ମୋଦି ସରକାର ଦୀର୍ଘଦିନ ହେଲା ହିନ୍ଦୁ ସମାଜର ଏହି ଦାବିକୁ ଉପେକ୍ଷା କରି ଆସିଥିଲେ ମଧ୍ୟ ବର୍ତ୍ତମାନ ପ୍ରକୃଷ୍ଟ ସମୟ ଆସିଛି ଜନମତକୁ ସମ୍ମାନ ଦେବାର। ଯଦି ଜନ ଗଣଙ୍କର ମତକୁ ଠିକ୍ ଭାବରେ ପରିଚାଳିତ କରା ନ ଯାଏ ଓ ରାମଲାଲାଙ୍କର ଭବ୍ୟ ମନ୍ଦିର ନିର୍ମାଣ ନ ହୁଏ ତେବେ ଆଗାମୀ ଦିନରେ ସରକାର ଜନ ଆକ୍ରୋଶର ସାମ୍ନା କରିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରିୟାଯୋଗ ଆଶ୍ରମ ଭୁବନେଶ୍ୱର ସ୍ୱାମୀ ଶଙ୍କରାନନ୍ଦ ଗିରି, ପରିଷଦର ପ୍ରାନ୍ତ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଶରତ ଚନ୍ଦ୍ର ଷଡ଼ଙ୍ଗୀ, ଭାରତୀୟ କିଶାନ ସଂଘର ରାଷ୍ଟ୍ରୀୟ ସମ୍ପାଦକ ମୋହିନୀ ମୋହନ ମିଶ୍ର, ପରିଷଦର ପ୍ରାନ୍ତ ଉପାଧ୍ୟକ୍ଷ ଟାଇଫନ ଦାଶନ୍, ଆରଏସ୍‌ଏସ୍ ମହାନଗର ସଂଘଚାଳକ ଡ.ବସନ୍ତ ପତି, ଆରଏସ୍‌ଏସ୍ ଓଡ଼ିଶା ପୂର୍ବପ୍ରାନ୍ତ ସହପ୍ରାନ୍ତ ପ୍ରଚାର ପ୍ରମୁଖ ଶାରଦା ପ୍ରସାଦ ଶତପଥୀ, ହିନ୍ଦୁ ଜାଗରଣ ସାମ୍ମୁଖ୍ୟ ଓଡ଼ିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ଅଜିତ୍ ପଟ୍ଟନାୟକନ୍, ଭାରତ ସ୍ୱାଭିମାନ ଟ୍ରଷ୍ଟ ପତଞ୍ଜଳିର ସୁଧାଂଶୁ ଅଧିକାରୀ, ତେରାପନ୍ଥ ଜୈନ ସମାଜ ଅଖିଳ ଭାରତୀୟ ସମିତି ସଦସ୍ୟ ପ୍ରକାଶ ବେତାଲା ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

# ମହାନ୍ ସଂସ୍କୃତିର ବାର୍ତ୍ତା ଦିଏ ନୂଆଁଖାଇ




କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ଆମ ମହାନ୍ ସଂସ୍କୃତିରେ ନୂଆଁଖାଇ ଏକ ବଡ଼ପର୍ବ। ବଡ଼ମାନଙ୍କୁ ସମ୍ମାନ ଓ ସମସ୍ତଙ୍କୁ ସାଥିରେ ନେଇ କାମ କରିବାକୁ ଏହି ପର୍ବ ପ୍ରେରଣା ଦିଏ। ନୂଆଁଖାଇର ମହାନ୍ ବାର୍ତ୍ତାକୁ ନେଇ କାମ କଲେ, ଆମେ ଏକ ଆଦର୍ଶ ସମାଜ ଓ ସମୃଦ୍ଧ ରାଜ୍ୟ ଗଠନ କରିପାରିବା। ରବିବାର ୟୁନିଟ୍-୯ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ସମ୍ବଲପୁରୀ ନୃତ୍ୟ, ଗୀତ ଓ ସମ୍ବଲପୁରୀ ଶାଢ଼ି ଆଜି ସାରା ବିଶ୍ୱରେ ପ୍ରସିଦ୍ଧ ଲାଭ କରିଛି। ଏହା ଆମ ଓଡ଼ିଆ ସଂସ୍କୃତିର ଜୟଗାନ କରୁଛି। ଏଥିପାଇଁ ସାରା ଓଡ଼ିଶାବାସୀ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ନୂଆଁଖାଇ ପର୍ବର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ଅବଦାନ ଲାଗି ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରିଥିଲେ। ଏହାସହ କାର୍ଯ୍ୟକ୍ରମ ଉପଲକ୍ଷେ ପରିଷଦ ପକ୍ଷରୁ ପ୍ରକାଶିତ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ଉଦ୍‌ଘାଟନୀ ସଭା ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ ଓ ଲୋକଗୀତ ପରିବେଷଣ କରାଯାଇଥିଲା।

## ■ ପାଟନା ହାଇକୋର୍ଟ ଓକିଲ ହତ୍ୟାକାଣ୍ଡର ଝାରସୁଗୁଡ଼ା ଲିଙ୍କ୍

# ବ୍ୟବସାୟୀଙ୍କ ମ୍ୟାନେଜରଙ୍କୁ ଉଠାଇ ନେଲା ବିହାର ପୋଲିସ

ଝାରସୁଗୁଡ଼ା ଅଫିସ,୯।୧୨

ବିହାର ହାଇକୋର୍ଟ ଓକିଲ ଜିତେନ୍ଦ୍ର କୁମାର ହତ୍ୟାକାଣ୍ଡର ଝାରସୁଗୁଡ଼ା ଲିଙ୍କ୍ ପଦାକୁ ଆସିଛି। ପାଟନା ପୋଲିସ ଝାରସୁଗୁଡ଼ାରୁ ଜଣେ ଅଭିଯୁକ୍ତଙ୍କୁ ଉଠାଇ ନେଇଛି। ଏହି ହତ୍ୟାକାଣ୍ଡରେ ଝାରସୁଗୁଡ଼ାର ଅନ୍ୟଜଣେ ବଡ଼ ବ୍ୟବସାୟୀଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି। ଘଟଣା ଜଣାପଡ଼ିବା ପରେ ବିଭିନ୍ନ ମହଲରେ ନାନା ଚର୍ଚ୍ଚା ଆରମ୍ଭ ହୋଇଛି।

ପାଟନା ହାଇକୋର୍ଟର ବରିଷ୍ଠ ଓକିଲ ଜିତେନ୍ଦ୍ର କୁମାର (୫୨)ଙ୍କୁ ବୁଧବାର ଗୁଳିକରି ହତ୍ୟା କରାଯାଇଥିଲା। ସେ ନିଜ ସ୍କୁଟରରେ ହାଇକୋର୍ଟ ଯାଉଥିବାବେଳେ ବିହାରର ରାଜ୍ୟ ଜଳ ପରିଷଦ ଅଫିସ ନିକଟରେ ଆତତାୟୀମାନେ ତାଙ୍କୁ ପଛରୁ ଗୁଳିକରି ଫେରାର ହୋଇଯାଇଥିଲେ। ପାଟନାର ଶାସ୍ତ୍ରୀନଗର ଥାନା ପୋଲିସ ଏହି ଘଟଣାର ତଦନ୍ତ କରୁଛି। ଜିତେନ୍ଦ୍ର ହତ୍ୟା ଘଟଣାକୁ ନେଇ ପାଟନା ହାଇକୋର୍ଟ ଓକିଲମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆନ୍ଦୋଳନ, ରାସ୍ତାରୋକୋ ଏବଂ କାର୍ଯ୍ୟବନ୍ଦ କରି ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟରେ ଦାବି କରିଛନ୍ତି। ମୁଖ୍ୟ ବିଚାରପତି ମଧ୍ୟ ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିହାର ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାର ତଦନ୍ତ ଚଳାଇଥିଲା। ୨୦ କୋଟି ଟଙ୍କାର ଜମି କାରବାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଜିତେନ୍ଦ୍ରଙ୍କ ସ୍ତ୍ରୀ ନିତୁ ସିଂ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ପୋଲିସ ଜାଣିପାରିଛି। ଏହି ହତ୍ୟାକାଣ୍ଡରେ ସୁପାରି କିଲରଙ୍କୁ ବ୍ୟବହାର କରାଯାଇଥିଲା। ଶାସ୍ତ୍ରୀନଗର ପୋଲିସ ମୁଖ୍ୟ ଅଭିଯୁକ୍ତ ନିତୁଙ୍କ ସହ ୪ ଜଣଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଜିତେନ୍ଦ୍ର ଓ ନିତୁଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ନିତୁ ଜିତେନ୍ଦ୍ରଙ୍କ ନାମରେ ଯୌତୁକ ନିର୍ଯାତନା ମାମଲା ଦାଏର କରିଥିଲେ। ୨୦୦୭ରୁ ଉଭୟ ଅଲଗା ରହୁଥିଲେ।

ଏହି ଘଟଣାରେ ଝାରସୁଗୁଡ଼ାର ଜଣେ ବଡ଼ ବ୍ୟବସାୟୀଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି। ପାଟନା ପୋଲିସ ଶନିବାର ଝାରସୁଗୁଡ଼ାରେ ଚଢ଼ାଉ କରିଥିଲା। ତେବେ ସମ୍ପୃକ୍ତ ବ୍ୟବସାୟୀ ଫେରାର ଥିବାବେଳେ ପୋଲିସ ଚୌକିପଡ଼ାରୁ ତାଙ୍କ ମ୍ୟାନେଜରଙ୍କୁ ଉଠାଇ ନେଇଛି। ମ୍ୟାନେଜର ଜଣକ ହତ୍ୟା ଘଟଣାରେ ସମ୍ପୃକ୍ତ ସୁପାରି କିଲରଙ୍କୁ ଯୋଗାଡ଼ କରିଥିଲେ। ହତ୍ୟା ପାଇଁ ୧ ଲକ୍ଷ ଟଙ୍କା ଅଗ୍ରିମ ଦିଆଯାଇଥିଲା। ପାଟନା ପୋଲିସ ଆଗରେ ଗିରଫ ସୁପାରି କିଲର ସମସ୍ତ ତଥ୍ୟ ବଖାଣିଥିବା ଜଣାପଡିଛି। ଏହି ବ୍ୟବସାୟୀଙ୍କୁ ଝାରସୁଗୁଡ଼ା ପୋଲିସ ଚିହ୍ନଟ କରିଥିଲେ ମଧ୍ୟ ତଦନ୍ତରେ ବାଧା ସୃଷ୍ଟିହେବା ଆଶଙ୍କା ଥିବାରୁ ତାଙ୍କ ନାଁ ପ୍ରକାଶ କରିନାହିଁ।







ବସ୍ତୁମାନଙ୍କର ଏକ ଚେତନା ରହିଛି – ଏକ ଜୀବନ ରହିଛି– ଯାହା ମଣିଷ ବା ପ୍ରାଣୀମାନଙ୍କ ଭିତରେ ରହିଥିବା ଜଣାଶୁଣା ଚେତନା ନୁହେଁ। ଏହା ଆହୁରି ଗୋପନ ଓ ବାସ୍ତବ। ସେଥିପାଇଁ ଭୌତିକ ବସ୍ତୁ ପ୍ରତି ଆମର ସମ୍ମାନ ରହିବା ଉଚିତ ଏବଂ ଆମେ ତାକୁ ଯଥାର୍ଥ ଭାବେ ବ୍ୟବହାର କରିବା ଉଚିତ।
–ଶ୍ରୀଅରବିନ୍ଦ

# ମିଛୁଆ ବନ ବିଭାଗ

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ମହାବଳ ବାଘ 'ମହାବୀର' ମୃତ୍ୟୁ ଘଟଣା ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା। ନଭେମ୍ବର ୧୪ରେ ତା' ମୃତଦେହ ମିଳିବା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ପରେ ରିପୋର୍ଟରେ ବାଘ ବେକରେ ଘା' ହୋଇ ସଂକ୍ରମଣ ଯୋଗୁ ମଲ୍ଟିପୁଲ ଅର୍ଗାନ୍ ଫେଲୁଅର ହୋଇଥିବା ଦର୍ଶାଯାଇଥିଲା। ଏପରି କି ବାଘ ପେଟରୁ ଝିଙ୍କ ପର ବାହାରିଥିବା କୁହାଯାଇଥିଲା। ଚାରିଆଡ଼େ ପ୍ରଚାର ହେଲା ଯେ ମହାବୀର ପେଟରୁ ଝିଙ୍କକାଠି ବାହାରିଥିବାରୁ ସେ ତାକୁ ମାରି ଖାଇବାରୁ ମୃତ୍ୟୁ ଘଟିଛି। ହେଲେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ପକ୍ଷରୁ କରାଯାଇଥିବା ତଦନ୍ତ ରିପୋର୍ଟ ପୂର୍ବର ବନ ବିଭାଗର ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଖଣ୍ଡନ କରିଛି। ଡିସେମ୍ବର ୮ରେ ପ୍ରକାଶିତ ତଥ୍ୟରେ ବାଘ ବେକରେ ଫାଶ ପଡ଼ି ସଂକ୍ରମଣ ହେବାରୁ ତା'ର ଜୀବନ ଯାଇଛି ବୋଲି ଏନ୍‌ଟିସିଏ କହିଛି। ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ମତରେ ଝିଙ୍କ ପକ୍ଷୀର ପର ବାଘର କୌଣସି କ୍ଷତି ଘଟାଇପାରିବ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ବନ୍ୟପ୍ରାଣୀଙ୍କ ଉପରେ ସେଭଳି ଜ୍ଞାନ ନ ଥିବା ଜନସାଧାରଣଙ୍କୁ ବାଉଳା କରିବା ଲାଗି ବନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରିପୋର୍ଟ ଦିଆଯାଉଛି।

ଓଡ଼ିଶା ବନ୍ୟପ୍ରାଣୀ ସମିତିର ଏକ ସର୍ଭେରୁ ଜଣାଯାଇଛି ଯେ ମହାବୀର ଯେଉଁଠାରେ ମରିପଡ଼ିଥିଲା ସେହି ଅଞ୍ଚଳରେ ଶିକାରୀଙ୍କ ପ୍ରାଦୁର୍ଭାବ ରହିଛି। ଓଡ଼ିଶା ବନ ବିଭାଗ ଓ ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ (ଡବ୍ଲ୍ୟୁଆଇଆଇ)ର ମିଳିତ ପ୍ରଚେଷ୍ଟାରେ ଦେଶର ପ୍ରଥମ ଇଣ୍ଟର ଷ୍ଟେଟ୍ ଟ୍ରାନ୍ସଲୋକେଶନ ବା ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ ସାତକୋଶିଆରେ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ବାଘବଂଶ ବୃଦ୍ଧି କରିବା। ଚଳିତବର୍ଷ ଜୁନ୍ ୨୧ରେ ମଧ୍ୟପ୍ରଦେଶର କାହ୍ନା ଜାତୀୟ ପାର୍କରୁ ମହାବଳ ବାଘ ମହାବୀରକୁ ଅଣାଯିବା ପରେ ଜୁନ୍ ୨୮ରେ ବାନ୍ଧବଗଡ଼ରୁ ବାଘୁଣୀ ସୁନ୍ଦରୀକୁ ଅଣାଯାଇଥିଲା। ସୁନ୍ଦରୀ ମଣିଷ ଖାଇଥିବା ଅଭିଯୋଗ ହେବା ପରେ ତାକୁ ଏନ୍‌କ୍ଲୋଜରରେ ରଖାଯାଇଛି। ହେଲେ ମହାବୀର ଜୀବନ ଶିକାରୀ ଫାଶରେ ଯାଇଛି। ଫଳରେ ଇଣ୍ଟର ଷ୍ଟେଟ ଟ୍ରାନ୍ସଲୋକେଶନ ପ୍ରକଳ୍ପ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହାବ୍ୟତୀତ ଅନ୍ୟ ଏକ ବ୍ୟତିକ୍ରମ ମଧ୍ୟ ଘଟିଛି। ଜଙ୍ଗଲ ବିଭାଗ ତରଫରୁ କୁହାଯାଇଥିଲା ଯେ ସୁନ୍ଦରୀ ବ୍ୟତୀତ ପୂର୍ବରୁ ଅନ୍ୟ ଏକ ବାଘୁଣୀ ଏହି ସାତକୋଶିଆରେ ରହୁଛି। ଏହି ବାଘୁଣୀ ସହିତ ମହାବୀରର ମିଳନ ହୋଇଥିଲା ଏବଂ ବାଘୁଣୀର ଛୁଆ ଜନ୍ମ ହେବାର ଅଛି। ଆଶ୍ଚର୍ଯ୍ୟର କଥା ହେଉଛି ଯେ ସେହି ବାଘୁଣୀର କୌଣସି ଫଟୋ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇ ନାହିଁ। କିନ୍ତୁ ଜଙ୍ଗଲ ବିଭାଗ ପକ୍ଷରୁ କୁହାଯାଉଛି ଯେ କ୍ୟାମେରାରେ ସେହି ବାଘୁଣୀ ଚିତ୍ର ରେକର୍ଡିଂ ହୋଇ ରହୁଛି ଓ ତା' ଗତିବିଧି ଉପରେ ଲକ୍ଷ୍ୟ କରାଯାଉଛି। ଏହା ଆଦୌ ବିଶ୍ୱାସଯୋଗ୍ୟ ହେଉନାହିଁ। ଲୋକଙ୍କୁ ଅସତ୍ୟ ଚିତ୍ର ଦେଖାଇବା ପାଇଁ ବନ ବିଭାଗ କିଭଳି ମିଛ ଶବ ବ୍ୟବଚ୍ଛେଦ ରିପୋର୍ଟ ତିଆରି କରୁଛି ମହାବୀର ଘଟଣାରୁ ବୁଝାପଡୁଛି। ସେହି ଦୃଷ୍ଟିରୁ ଦେଖିଲେ ସାତକୋଶିଆର ସେହି ବାଘୁଣୀ ଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ଅନ୍ୟ ଏକ ଘଟଣାରେ ନିକଟରେ ବରଗଡ଼ ଜିଲା ଦେବ୍ରିଗଡ଼ଠାରେ ବାଘକୁ ମାରି ପୋଡ଼ି ଦିଆଯାଇଥିବା ଘଟଣା ଚାରିଆଡ଼େ ଆଲୋଡ଼ନ ସୃଷ୍ଟି କରିଥିଲା। ଆଶ୍ଚର୍ଯ୍ୟ କଥା ଯେ, ବାଘ ଶିକାର ପୂର୍ବରୁ ଜଙ୍ଗଲରେ ଲାଗିଥିବା କ୍ୟାମେରା ଟ୍ରାପ୍‌କୁ କାଢ଼ିବା ପାଇଁ ସ୍ଥାନୀୟ ବନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଏ ସଂକ୍ରାନ୍ତ ମେସେଜ୍ ସେତେବେଳେ ଭାଇରାଲ ହୋଇଥିଲା।

ପ୍ରଶାସନିକ ସ୍ତରରେ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରା ନ ଯାଇ ନିଆଯାଉଥିବା ନିଷ୍ପତ୍ତିର ପରିଣତି ସର୍ବଦା ବିଫଳ ହୋଇଥାଏ। ଦେଶର ଅନ୍ୟାନ୍ୟ ବାଘ ସଂରକ୍ଷଣ ଅଞ୍ଚଳରେ ଏହାର ବଂଶବୃଦ୍ଧି ଲାଗି ବହୁବିଧ ପଦକ୍ଷେପ ନିଆଯାଉଛି। ବିଭିନ୍ନ ଉପାୟରେ ତଥ୍ୟ ବାହାର କରାଯାଇ ଶିକାରୀଙ୍କ ଉପରେ ନଜର ରଖାଯାଉଛି। ତତ୍‌ସହିତ ସବୁ ରାଜ୍ୟର ଜଙ୍ଗଲ ବିଭାଗ ନିକଟସ୍ଥ ଗ୍ରାମଗୁଡ଼ିକର ବାସିନ୍ଦାଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିଥାଆନ୍ତି। ଓଡ଼ିଶାରେ ସେଭଳି ସମ୍ପର୍କ ସ୍ଥାପନ କରିବାର ଉଦ୍ୟମ ପରିଲକ୍ଷିତ ହେଉନାହିଁ। ସାତକୋଶିଆ କଥା ଦେଖିଲେ ବନ ବିଭାଗ ଯେତେବେଳେ ବାଘ ବଂଶ ବୃଦ୍ଧି ଲାଗି ଏକ ଅଭିନବ ପ୍ରକଳ୍ପ କରିବାକୁ ଯୋଜନା କଲା, ସେତେବେଳେ ବିଭିନ୍ନ ଦିଗ ଯଥା ସେମାନଙ୍କ ପାଇଁ ପ୍ରଚୁର ଖାଦ୍ୟ ଅଛି କି ନାହିଁ, ଜଳବାୟୁ ସମ୍ବନ୍ଧୀୟ ଅଧ୍ୟୟନ, ସ୍ଥାନୀୟ ବାସିନ୍ଦାଙ୍କୁ ଅନ୍ୟତ୍ର ଥଇଥାନ କରିବା ସହ ଚଳପ୍ରଚଳ ଅଞ୍ଚଳରେ ଶିକାରୀଙ୍କ ଗତିବିଧିକୁ ଭଲ ଭାବେ ଅନୁଧ୍ୟାନ କରିବା ଦରକାର ଥିଲା।

ଓଡ଼ିଶାରେ ବନ୍ୟପ୍ରାଣୀ ସଂରକ୍ଷଣ ଓ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଥିବାର ଅନେକ ଦୃଷ୍ଟାନ୍ତ ଦେଖାଗଲାଣି। କେବଳ ବାଘ ନୁହେଁ, ହାତୀ ଭଳି ବିଶାଳକାୟ ଜୀବ ଏକସଙ୍ଗେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ଚଳିତ ବର୍ଷ ଅକ୍ଟୋବର ୨୭ରେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗଠାରେ ଏହି କାରଣରୁ ୭ ହାତୀଙ୍କ ଜୀବନ ଯିବା ସଦ୍ୟ ଘଟଣା। ଉକ୍ତ ଘଟଣାରେ ବନ ବିଭାଗ ଓ ସେସୁ ପରସ୍ପର ଉପରେ ଯେଭଳି ଦୋଷ ଲଦାଲଦି ହୋଇଥିଲେ, ତାହା ସେତେବେଳେ ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିଥିଲା। ଏବେ ବାଘ ମହାବୀର ମୃତ୍ୟୁ ଘଟଣାକୁ ନେଇ ଉପୁଜିଥିବା ପରିସ୍ଥିତି ବନ ବିଭାଗର ମିଛ ଉପରେ ଆଧାରିତ କାର୍ଯ୍ୟଶୈଳୀ ବାସ୍ତବରେ ଏକ ଚିନ୍ତାର ବିଷୟ ହୋଇପଡ଼ିଲାଣି। ପ୍ରବଳ ଅର୍ଥ ଅଣାଯାଇ କେବଳ ଲୋକଙ୍କୁ ଭଣ୍ଡେଇ ସବୁ ଚଳୁ କରିବା ଯେମିତି ପାଲଟିଗଲାଣି ବନ ବିଭାଗର ଚରିତ୍ର।

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ଡିସେମ୍ବର ୧୯୯୩**

- ହାଇତିର ଗାଦିଚ୍ୟୁତ ରାଷ୍ଟ୍ରପତି ଜାଁ–ବର୍‌ଟ୍ରାଣ୍ଡ ଆରିଷ୍ଟିଡ୍‌ଙ୍କ ପ୍ରତି ସମର୍ଥନ ଜଣାଇ ଜାତିସଂଘ ସାଧାରଣ ପରିଷଦ ବୈଠକରେ ଏକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ।
- ଦଳ ବିରୋଧୀ କାର୍ଯ୍ୟ ପାଇଁ କର୍ଣ୍ଣାଟକର ପୂର୍ବତନ କଂଗ୍ରେସ ମୁଖ୍ୟମନ୍ତ୍ରୀ କେ. ବାଙ୍ଗାରାପ୍ପା ଓ ଲୋକ ସଭା ସଦସ୍ୟ ୱାଇ. ଏସ୍. ରାଜଶେଖରଙ୍କ ଉପରେ କାରଣ ଦର୍ଶାଅ ନୋଟିସ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | | | | | | | 6 | | 1 | | | |
| | A | | C | 7 | | 2 | | | | 3 | | | 4 | |
| | | E | | 1 | | | 0 | | 4 | | 9 | | 6 | |
| C | | | | E | | | 3 | | | | B | | 8 | 1 |
| 3 | 4 | 8 | A | B | | | | | 7 | | | D | | |
| | | | | | D | | 5 | | | 4 | | | 0 | |
| | | | | 8 | | | | | D | | 5 | | | 3 |
| 9 | 8 | 2 | 3 | 6 | | A | B | | | | 0 | | | 4 |
| | C | | | 0 | | 1 | | | | | | 8 | 2 | |
| A | | B | 5 | 2 | 9 | | | 3 | 1 | 7 | | | | |
| | | 6 | | | | 5 | | 7 | C | 0 | | | | |
| | | 9 | | | | 0 | | 6 | | D | | | 3 | C |
| 7 | | | | | | | | | | | | E | | 6 |
| 8 | B | | | | | D | | | | | E | 0 | | |
| | | 1 | 5 | 8 | 4 | | | | 2 | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 1 | C | 5 | 6 | 4 | B | 3 | 0 | A | 7 | 9 | E | D | 8 |
| 7 | 0 | 3 | E | 2 | 1 | 5 | 9 | 4 | C | 8 | D | 6 | B | A |
| 4 | 5 | D | 8 | B | A | C | 2 | 6 | 1 | E | 0 | 3 | 9 | 7 |
| 8 | 6 | 9 | 7 | 0 | C | E | D | A | 5 | 3 | B | 4 | 1 | 2 |
| B | E | A | D | 3 | 9 | 7 | 1 | 8 | 6 | 2 | 4 | C | 5 | 0 |
| 0 | 7 | E | A | 8 | 6 | 3 | 5 | 2 | 4 | B | 1 | D | C | 9 |
| A | 3 | 5 | 9 | 7 | B | D | C | 1 | 2 | 6 | E | 8 | 0 | 4 |
| 6 | 9 | 2 | C | 5 | D | A | 4 | B | 8 | 0 | 7 | 1 | E | 3 |
| 1 | B | 4 | 2 | E | 3 | 0 | 8 | 7 | 9 | D | C | 5 | A | 6 |
| C | D | 8 | 1 | 4 | 0 | 9 | 6 | E | 3 | A | 5 | 2 | 7 | B |
| 3 | C | 6 | 4 | 9 | E | 2 | 7 | D | 0 | 5 | A | B | 8 | 1 |
| E | A | 0 | 3 | D | 8 | 1 | B | C | 7 | 4 | 6 | 9 | 2 | 5 |
| D | 8 | 1 | 0 | A | 5 | 6 | E | 3 | B | 9 | 2 | 7 | 4 | C |
| 9 | 2 | B | 6 | 1 | 7 | 4 | A | 5 | E | C | 8 | 0 | 3 | D |
| 5 | 4 | 7 | B | C | 2 | 8 | 0 | 9 | D | 1 | 3 | A | 6 | E |

ଗତକାଲିର ଉତ୍ତର



ପ୍ରଦୀପ୍ତ ନାୟକ

# ଭୂଲୁଣ୍ଠିତ ମାନବାଧିକାର

ଆଜି ତମାମ ବିଶ୍ୱରେ ୭୦ତମ ମାନବାଧିକାର ଦିବସ ପାଳନ ହେଉଛି। ୧୯୪୮ ଡିସେମ୍ବର ୧୦ ତାରିଖ ଆଜିର ଦିନରେ ଜାତିସଂଘ ବିଶ୍ୱବାସୀଙ୍କ କଲ୍ୟାଣ ନିମନ୍ତେ ଅର୍ପଣ କରିଥିଲା ଐତିହାସିକ ସାର୍ବଜନୀନ ବିଶ୍ୱ ମାନବାଧିକାର ଘୋଷଣାପତ୍ର। ଲକ୍ଷ୍ୟ ଥିଲା ଭ୍ରାତୃତ୍ୱ, ଶାନ୍ତି, ପ୍ରଗତି ଓ ସ୍ୱତନ୍ତ୍ରତା ଏବଂ ମାନବ ପ୍ରତି ଅମାନବୀୟ ବ୍ୟବହାରର ପରିସମାପ୍ତି। ଆମ ଦେଶ ଏଥିରେ ପୂର୍ଣ୍ଣ ସହମତି ଜଣାଇ ତଦନୁଯାୟୀ ନୂତନ ଭାବରେ ପ୍ରଣୟନ କରାଯାଇଥିବା ସମ୍ବିଧାନରେ ଏହା ସ୍ଥାନିତ କରିଥିଲା। ସମଗ୍ର ବିଶ୍ୱରେ ମାନବ କଲ୍ୟାଣ ନିମନ୍ତେ ସଚେତନତାର ବାର୍ତ୍ତା ପ୍ରଚାର କରିବା ସହିତ ମାନବାଧିକାରର ମୁଖ୍ୟ କଥାବସ୍ତୁ ଉପରେ ବିଚାର ଆଲୋଚନା କରିବା ଏହି ଦିବସ ପାଳନର ଲକ୍ଷ୍ୟ।

ସମାଜର ପ୍ରତ୍ୟେକ ବ୍ୟକ୍ତି ଦେଶର ସମ୍ପଦ। ମଣିଷକୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା ଅର୍ଥ ସେମାନଙ୍କ ମାନବିକ ମୂଲ୍ୟବୋଧକୁ ହନନ କରିବା। ଦଙ୍ଗା, ହଙ୍ଗାମା, ଗୋଷ୍ଠୀ ଯୁଦ୍ଧ ଓ ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେଲେ ସମସ୍ତ ଆଇନକାନୁନ ନୀରବ ହୋଇଯାଏ। ଶିକ୍ଷାଦୀକ୍ଷା ଜଣେ ବ୍ୟକ୍ତିକୁ ଶୋଷିତ ହେବାରୁ ନିବୃତ୍ତ କରେ। ଲୋକମାନେ ଏକାଠି ହେଲେ ସମସ୍ତ ପ୍ରକାର ଅନ୍ୟାୟ, ଦୁର୍ନୀତି, ଶୋଷଣ ଓ କଷଣର ପ୍ରତିବାଦ କରିପାରିବେ ଏବଂ ସୁରକ୍ଷିତ ରହିପାରିବେ। ଏକାଠି ହେଲେ ଭବିଷ୍ୟତ ବଂଶଧର ଆମ ଶିଶୁମାନଙ୍କର ସୁରକ୍ଷା ଓ ଉନ୍ନତି ହୋଇପାରିବ। ଦେଖାଯାଉଛି ବିଜ୍ଞାନ ଓ ସମାଜ ଯେତେ ଆଗଉଛି ସେତେ ମଣିଷର ଅଧିକାର ଉଲ୍ଲଂଘନ ହେଉଛି। ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଲୋକ ଯେତେ ସଂଗଠିତ ହେଉଛନ୍ତି, ନୂଆ ନୂଆ ଢାଞ୍ଚାରେ ସେମାନଙ୍କ ଉପରେ ଆକ୍ରମଣ ହେଉଛି। ସମାଜତାନ୍ତ୍ରିକ ଦୃଷ୍ଟିରୁ ଚିନ୍ତା କଲେ ଏପରି ଅବଶ୍ୟ ହୁଏ।

ଅତୀତ ଇତିହାସକୁ ରୋମନ୍ଥନ କଲେ ଦେଖାଯାଏ, ୧୨୧୨ ଖ୍ରୀଷ୍ଟାବ୍ଦର ବ୍ରିଟେନର ମାଗ୍ନାକାର୍ଟା, ଫରାସୀ ରାଷ୍ଟ୍ର ବିପ୍ଳବ, ୧୯୧୭ ମସିହାର ରୁଷ୍ ବିପ୍ଳବ ହେଉ କିମ୍ବା ଭାରତର ସ୍ୱାଧୀନତା ସଂଗ୍ରାମ ଇତ୍ୟାଦି ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟେକଟି ସ୍ତରରେ ଲୋକମାନେ ଏକଜୁଟ ହୋଇ ଅଧିକାର ହାସଲ ପାଇଁ ଲଢ଼େଇ କରିଛନ୍ତି। ଫଳରେ ସମାଜରେ ପରିବର୍ତ୍ତନ ଆସିଛି, ଜନତାର ବିଜୟ ହୋଇଛି, ଶାସନରେ ଢାଞ୍ଚାଗତ ପରିବର୍ତ୍ତନ ହୋଇଛି। କିଛି ନୂଆ ନୀତିଗତ ବ୍ୟବସ୍ଥା ଆସିଛି। ଦେଖାଯାଉଛି ଲୋକମାନଙ୍କୁ ଜାତି, ଧର୍ମ, ଆଞ୍ଚଳିକତା ନାମରେ ଓ ଲିଙ୍ଗଗତ ପ୍ରଭେଦ ସୃଷ୍ଟି କରାଯାଇ ଶାସକଶ୍ରେଣୀ ତା'ର ରାଜନୈତିକ ଫାଇଦା ହାସଲ କରିବାରେ ସଫଳ ହେଉଛି। ଗତ କିଛିବର୍ଷ ଧରି ଆମ ଦେଶରେ ଏହା ଅତିମାତ୍ରାରେ ଘଟିଚାଲିଛି। ଅନୁସୂଚିତ ଜନଜାତି ଓ ଦଳିତବର୍ଗର ଲୋକମାନଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇଛି। ସରକାରୀ ତଥ୍ୟକୁ ଆଧାର କରି ଆମ୍ନେଷ୍ଟି ଇଣ୍ଟରନ୍ୟାଶନାଲ ନାମକ ଏକ ମାନବାଧିକାର ସଂସ୍ଥା ପ୍ରକାଶ କରିଛି ଯେ, କେବଳ ୨୦୧୬ରେ ଦଳିତମାନଙ୍କ ଉପରେ ୪୦,୦୦୦ ହିଂସା ତମାମ ଦେଶରେ ସଂଗଠିତ ହୋଇଛି।

## ମାନବାଧିକାର ଦିବସ ଉପଲକ୍ଷେ

ସର୍ବୋଚ୍ଚ ନ୍ୟାୟାଳୟଙ୍କ ବାରଣ ସତ୍ତ୍ୱେ ଏବେ ଦଳିତମାନେ ହାତରେ ପାଇଖାନା ଓ ସ୍ୱେରେଜ ଟାଙ୍କି ସଫା କରୁଛନ୍ତି। ଏହା ଆମ ଦେଶରେ ସମ୍ପୂର୍ଣ୍ଣ ବେଆଇନ କାର୍ଯ୍ୟ। କିନ୍ତୁ କେନ୍ଦ୍ର ସରକାରୀ ସଂସ୍ଥା ସ୍ୱେରେଜ ବୋର୍ଡ ସେମାନଙ୍କୁ ଶାରୀରିକ ଭାବେ ଖଟାଉଛନ୍ତି। ଇତିମଧ୍ୟରେ ୯୦ଜଣ ଦଳିତ ସ୍ୱେରେଜ ଟାଙ୍କି ସଫା କରିବା ସମୟରେ ମୃତ୍ୟୁବରଣ କରିଛନ୍ତି। ଆଦିବାସୀଙ୍କ ଉପରେ ସେହି ୨୦୧୬ ମସିହାରେ ୬୫,୦୦୦ ହିଂସା ହୋଇଛି। ଦେଶର ଆଇନ ଅନୁସାରେ ସେମାନଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଉନାହିଁ। ତଥାକଥିତ ବିକାଶ ନାମରେ ଖଣି, ଖାଦାନ, କାରଖାନା, ଜଳଭଣ୍ଡାର ନିର୍ମାଣ ନିମନ୍ତେ ଆଦିବାସୀଙ୍କୁ ଭିଟାମାଟିରୁ ଉତ୍‌ଖାତ କରାଯାଉଛି। ସେମାନେ ଆନ୍ଦୋଳନ କଲେ ନକ୍ସଲ ଆଖ୍ୟା ଦେଇ ପୋଲିସ ଲଗାଇ ମାରି ଦିଆଯାଉଛି କିମ୍ବା ମିଥ୍ୟା ମକଦ୍ଦମାରେ ଫସାଇ ଜେଲ ପଠାଇ ଦିଆଯାଉଛି। ସେମାନଙ୍କୁ ଯିଏ ସମର୍ଥନ କଲା ସେ ଦେଶଦ୍ରୋହୀ ନାମରେ ଚିତ୍ରିତ ହୋଇ କାଠଗଡ଼ାରେ ଛିଡ଼ା ହେଉଛି। ମୁକ୍ତ ମତବ୍ୟକ୍ତ ପାଇଁ ଥିବା ମୌଳିକ ଅଧିକାରକୁ ଖର୍ବ କରାଯାଉଛି। ସରକାରଙ୍କ ମୁସଲମାନ ବିରୋଧୀ ହିଂସା ଓ ଏନ୍‌କାଉଣ୍ଟର ହତ୍ୟା ବିରୋଧରେ କଲମ ଚାଳନା କରିଥିବାରୁ ହିନ୍ଦୁ ସନାତନ ସେନାର କର୍ମୀମାନେ କର୍ଣ୍ଣାଟକରେ ଗୌରୀ ଲଙ୍କେଶଙ୍କୁ ଗୁଳିକରି ହତ୍ୟା କଲେ। ତ୍ରିପୁରାର ବଙ୍ଗଳା ଦୈନିକ ଖବରକାଗଜ 'ଦେଶେର କଥା'ର ଛାପା ଓ ପ୍ରସାରଣକୁ ବେଆଇନ ଭାବରେ ବନ୍ଦ କରିଦିଆଯାଇଥିଲା। ପରେ ତ୍ରିପୁରା ଉଚ୍ଚ ନ୍ୟାୟାଳୟ ଉକ୍ତ ବେଆଇନ ଲଗାମକୁ ଖାରଜ କରିଦେଇଥିଲେ। ଶାନ୍ତନୁ ଭୌମିକ ଓ ସୁଦୀପ ଦତ୍ତ ଭୌମିକ ନାମକ ୨ଜଣ ସାମ୍ବାଦିକଙ୍କୁ ଅଗରତାଲାରେ ମାରିଦିଆଯାଇଛି। ଜମ୍ମୁ–କଶ୍ମୀରରେ ଫଟୋ ସାମ୍ବାଦିକ ୟୁସୁଫଙ୍କୁ ଗିରଫ କରାଯାଇଛି। ବରବରା ରାଓ, ସୁଧା ଭରଦ୍ୱାଜ, ଗୌତମ ନେହେଲଖା ପ୍ରମୁଖ ୫ଜଣ ପ୍ରତିଷ୍ଠିତ ବୁଦ୍ଧିଜୀବୀଙ୍କୁ ମହାରାଷ୍ଟ୍ରର ପୁଣେ ପୋଲିସ ଗିରଫ କରିଛି। ମଧ୍ୟପ୍ରଦେଶରେ ୨୦ଜଣ ମାନବାଧିକାର କର୍ମୀଙ୍କୁ ରାଷ୍ଟ୍ରଦ୍ରୋହ ଅପରାଧରେ ଗିରଫ କରାଯାଇଛି। ଫ୍ରାନ୍ସର ଜଣେ ଟିଭି ସିରିଏଲ ନିର୍ମାତାଙ୍କୁ ଜମ୍ମୁ–କଶ୍ମୀରରେ ୩ ଦିନ ଅଟକ ରଖାଯାଇଥିଲା। ଲକ୍ଷ୍ନୌରେ ସରକାରଙ୍କ ବିରୋଧରେ ସାମ୍ବାଦିକ ସମ୍ମିଳନୀ କରିଥିଲେ ବୋଲି ୩୧ଜଣ ଦଳିତ କର୍ମୀଙ୍କୁ ଗିରଫ କରାଯାଇଥିଲା। ବିଭିନ୍ନ ଲୋକ ସପକ୍ଷବାଦୀ ପୁସ୍ତକକୁ ଉତ୍ତରପ୍ରଦେଶ ସରକାର ବେଆଇନ ଘୋଷଣା କରିଛନ୍ତି। ଜଣେ ମନ୍ତ୍ରୀଙ୍କୁ ବିରୋଧ କରିଥିବାରୁ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ୨୮ଜଣ ଛାତ୍ରଙ୍କୁ ୨୦ ଦିନ ଜେଲ ଭୋଗିବାକୁ ପଡ଼ିଛି। ଯୌନଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କ ଉପରେ ପୋଲିସ ଲାଠି ପ୍ରହାର କରିଛି। ମାନବାଧିକାର ସଙ୍ଗଠନଗୁଡ଼ିକର ବିଦେଶୀ ପାଣ୍ଠି ସଂଗ୍ରହ, ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦିଆଯାଇ ହଜାର ହଜାର ମାନବାଧିକାର କର୍ମୀଙ୍କ ପାଟି ବନ୍ଦ କରିଦିଆଯାଇଛି।

୨୦୧୬ ମସିହାରେ ଶିଶୁମାନଙ୍କ ଉପରେ ୧,୦୬,୦୦୦ ହିଂସା ଓ ଯୌନ ନିର୍ଯାତନା ଘଟିଥିବାର ସରକାରୀ ସୂତ୍ରରୁ ଜଣାପଡ଼ିଛି। ଶିଶୁମୃତ୍ୟୁ, ଶିଶୁବିକ୍ରି ଓ ଚାଲାଣ ଏବଂ ଶିଶୁ ଶ୍ରମିକ ପ୍ରଥା ବନ୍ଦ ହେବା ତ ଦୂରର କଥା, ଦିନକୁ ଦିନ ବୃଦ୍ଧି ପାଉଛି। ଶତକଡ଼ା ୩୬ ଭାଗ ୫ ବର୍ଷରୁ କମ୍ ଶିଶୁ ପୁଷ୍ଟିହୀନତାର ଶିକାର ହୋଇଛନ୍ତି। ୧୫ ଭାଗରୁ ଅଧିକ ଶିଶୁ ସ୍କୁଲ୍ ମାଟି ମାଡ଼ିପାରି ନାହାନ୍ତି। ଲକ୍ଷ ଲକ୍ଷ ଶିଶୁ ଅଧାରୁ ପାଠପଢ଼ାରେ ଡୋରି ବାନ୍ଧୁଛନ୍ତି।

ସେହି ୨୦୧୬ରେ ତମାମ ଭାରତ ବର୍ଷରେ ମହିଳାଙ୍କ ପ୍ରତି ୩,୩୮,୦୦୦ ହିଂସା ଘଟିଥିବା ଜଣାପଡ଼ିଛି। ଯୌନ ନିର୍ଯାତନା ଓ ପାରିବାରିକ ହିଂସା ବୃଦ୍ଧି ପାଇଛି ବୋଲି ଜାତୀୟ ଅପରାଧ ସୂଚକାଙ୍କରୁ ଜଣାପଡ଼ିଛି। ୮୯୪ଜଣ ମହିଳା ଜେଲ ଗୃହରେ ଓ ୭୪ଜଣ ଥାନା ହାଜତରେ ମୃତ୍ୟୁବରଣ କରିଥିବା ଆମ୍ନେଷ୍ଟି ଇଣ୍ଟରନ୍ୟାଶନାଲ ରିପୋର୍ଟରୁ ଜଣାପଡ଼ିଛି। କେରଳର ସାବରୀମାଳା ମନ୍ଦିରକୁ ସମସ୍ତ ବୟସର ମହିଳାଙ୍କ ପ୍ରବେଶ ଅଧିକାର ଓ ପୂଜାର୍ଚ୍ଚନା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ଐତିହାସିକ ରାୟକୁ କାର୍ଯ୍ୟକାରୀ କରାଇ ଦିଆଯାଉନାହିଁ। ନିରାପତ୍ତା ବାହିନୀ ଓ ପୋଲିସର ସାଧାରଣ ନାଗରିକଙ୍କ ଉପରେ ଅତ୍ୟାଚାର ପ୍ରତିଦିନ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ଆଇନର ରକ୍ଷକ ହୋଇ ଭକ୍ଷକ ସାଜିଥିବା ଏହି ନିରାପତ୍ତା ବାହିନୀର କର୍ମଚାରୀମାନେ ସବୁଠାରୁ ବଡ଼ ମାନବାଧିକାର ଉଲ୍ଲଂଘନକାରୀ ବୋଲି ଜନମାନସରେ ସାବ୍ୟସ୍ତ ହୋଇଛନ୍ତି। ସରକାରୀ ପ୍ରାୟୋଜିତ ବିଭିନ୍ନ ଜନବିରୋଧୀ କାର୍ଯ୍ୟକୁ ସାକାର କରିବା ଦିଗରେ ଏମାନଙ୍କର ବଳିଷ୍ଠ ଯୋଗଦାନ ଥାଏ। ଭାରତୀୟ ପୋଲିସ ସବୁଠାରୁ ଦୁର୍ନୀତିଖୋର ବୋଲି ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ପ୍ରକାଶ କରିଥିଲା। ଏଭଳି ପରିସ୍ଥିତିରେ ଦେଶରେ ମାନବାଧିକାରର ସ୍ଥିତି ଯେ ଭୂଲୁଣ୍ଠିତ ହେଉଛି, ତାହା ସ୍ପଷ୍ଟ ଅନୁମେୟ। ତେଣୁ ପୃଥିବୀରେ ବୃହତ୍ତମ ଗଣତନ୍ତ୍ର ରାଷ୍ଟ୍ର ବୋଲି ଏ ଦେଶର ନେତା, ଜନତା ଓ ଅଧିକର୍ତ୍ତା କହିବା କେତେଦୂର ଠିକ୍, ତାହା ଜନସାଧାରଣ ବିଚାର କରନ୍ତୁ।

ଟିକରପଡ଼ା, କାକଟପୁର, ପୁରୀ, ମୋ–୯୪୩୭୦୫୩୩୨୯



ଝରଣା ପଣ୍ଡା

# ପିଲାଙ୍କ ବସ୍ତାନି ବୋଝ

ପିଲାଙ୍କ ସ୍କୁଲ ବ୍ୟାଗ୍ ନିଜ ଓଜନଠାରୁ ଅଧିକ ହୋଇଯାଉଥିବାରୁ ନିକଟରେ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନୂଆକରି ସ୍କୁଲ ଯାଉଥିବା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଅତ୍ୟଧିକ ହୋମ୍‌ୱାର୍କ ଦେଇ ଚାପଗ୍ରସ୍ତ କରାଯାଉଛି। ତେଣୁ ଏ ଦିଗରେ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ପରେ କେନ୍ଦ୍ର ସରକାର ତତ୍ପର ହୋଇଛନ୍ତି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଖୁବ୍‌ଶୀଘ୍ର ଏ ନେଇ ନିୟମାବଳୀ ପ୍ରସ୍ତୁତ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ହୋମ୍‌ୱାର୍କ ବନ୍ଦ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସ୍କୁଲ ବ୍ୟାଗ୍‌ର ଓଜନ ୧.୫ କେଜିରୁ ଉର୍ଦ୍ଧ୍ୱ ହେବା ଅନୁଚିତ ବୋଲି କହିବା ସହ ତୃତୀୟରୁ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସ୍କୁଲ ବ୍ୟାଗ୍‌ର ଓଜନ ୨ରୁ ୩ କେଜି, ଷଷ୍ଠରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବ୍ୟାଗ୍ ଓଜନ ୪କେଜି, ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବ୍ୟାଗ୍ ଓଜନ ୪.୫ କେଜି ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସ୍କୁଲ ବ୍ୟାଗ୍ ଓଜନ ୫ କେଜି ହେବା ଉଚିତ ବୋଲି ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଜାରି କରିଛି। କେବଳ ସେତିକି ନୁହେଁ, ବିଷୟବସ୍ତୁ କ୍ଷେତ୍ରରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ଭାଷା ଓ ଗଣିତ ଛଡ଼ା ଅନ୍ୟ କୌଣସି ବିଷୟ ଦିଆଯିବ ନାହିଁ ବୋଲି କୁହାଯାଇଛି। ଏନେଇ ତାମିଲନାଡୁ ହାଇକୋର୍ଟ ଏହିପରି ବସ୍ତାନିର ବୋଝକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ନିର୍ଦ୍ଦେଶାବଳୀ ଜାରି କରିଥିଲେ।

ରାଜ୍ୟରେ ବସ୍ତାନିର ବୋଝ ବଢ଼ି ଚାଲିଥିଲା ବେଳେ ପାଠର ମାନ କମି କମି ଯାଉଛି। ସମସ୍ତ ପ୍ରକାର ସରକାରୀ ଯୋଜନା ଶିକ୍ଷା ବିଭାଗରେ ବାଟବଣା ହୋଇଯାଉଛି। ଶିକ୍ଷାର ମୂଳଦୁଆ ପ୍ରାଥମିକ ଶିକ୍ଷା ଭୁଶୁଡ଼ି ପଡ଼ିଛି। ସର୍ବଶିକ୍ଷା ଅଭିଯାନ ନାଁରେ କୋଟି କୋଟି ଟଙ୍କା ପ୍ରତିବର୍ଷ ରାଜ୍ୟକୁ ଆସୁଛି। ମାତ୍ର କେଉଁଠି ୫୦ ପିଲାଙ୍କୁ ଜଣେ ଶିକ୍ଷକ ତ କେଉଁଠି ଛାତରୁ ପାଣି ଗଳୁଛି ଏବଂ କେଉଁଠି ମଧ୍ୟାହ୍ନଭୋଜନରେ ଝିଟିପିଟି, ମୂଷା ପଡ଼ିଲେଣି। ତେବେ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକେ ଏହିସବୁ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇବାକୁ ବାଧ ହେଉଥିଲା ବେଳେ କିଛି ମାତ୍ରାରେ ସ୍ୱଚ୍ଛଳ ପିତା ନିଜ ସନ୍ତାନକୁ ଘରୋଇ ଇଂଲିଶ ମିଡ଼ିୟମ୍ ସ୍କୁଲରେ ପଢ଼ାଇବାକୁ ଉଚିତ ମଣୁଛନ୍ତି। ଏହାର ଫାଇଦା ନେବାକୁ ଘରୋଇ ସ୍କୁଲ୍ ହାତଛଡ଼ା କରୁନାହାନ୍ତି। ବିପୁଳ ପରିମାଣର ଅର୍ଥରାଶି ଅଭିଭାବକଙ୍କଠାରୁ ଟାଣି ନେଉଛନ୍ତି। ଏଥିସହିତ ଷ୍ଟାଣ୍ଡାର୍ଡ ୱାନ୍‌ରୁ ପିଲାଙ୍କ ଉପରେ ବସ୍ତାନି ବୋଝ ଲଦି ଦିଆଯାଉଛି। ପିଲା ଯେତେ ଛୋଟ ମାଆବାପାଙ୍କୁ ସେତେ ପରିଶ୍ରମ କରିବାକୁ ପଡୁଛି। ହୋମ୍‌ୱାର୍କ ନାଆଁରେ ମାତାପିତା ନିଜେ ପିଲାର ଖାତାରେ ପାଠ କଷିବା ସାଧାରଣ ଘଟଣା ହୋଇଥିବା ବେଳେ ଛୋଟ ଛୋଟ ପିଲାଙ୍କ ବସ୍ତାନିର ବୋଝ ଏବେ ଚିନ୍ତାର କାରଣ ପାଲଟିଛି। ଏବେ ଆମ ରାଜ୍ୟ ତଥା ସାରା ଦେଶରେ ଇଂଲିଶ ମିଡ଼ିୟମ୍ ସ୍କୁଲ ଛତୁ ଫୁଟିଲା ପରି ଖୋଲିବାରେ ଲାଗିଛି। ସରକାରୀ ସ୍କୁଲରୁ ମୁହଁ ଫେରାଇ ମାଆବାପା ଘରୋଇ ଇଂଲିଶ ମିଡ଼ିୟମ୍ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇବା ଏକ ବାଧ୍ୟବାଧକତା ତଥା ଷ୍ଟାଟସ୍ ସିମ୍ବଲରେ ପରିଣତ ହେଲାଣି। ସରକାରୀ ସ୍କୁଲର ବିଭିନ୍ନ ଅବ୍ୟବସ୍ଥା ମଧ୍ୟ ଏହାର ଅନ୍ୟ ଏକ କାରଣ। ୪ରୁ ୫ ବର୍ଷ ପିଲାର ସ୍କୁଲ ବ୍ୟାଗ୍ ୧୦ରୁ ୧୫ କିଲୋଗ୍ରାମ୍ ହେଉଥିବାରୁ କୋମଳ ଶିଶୁଟି ଏହି ବ୍ୟାଗ୍‌ଟିକୁ କାନ୍ଧରେ ପକାଇ ସ୍କୁଲକୁ ଗଲାବେଳେ ତା'ର ମେରୁଦଣ୍ଡ ଉପରେ ଗଭୀର ପ୍ରଭାବ ପଡୁଥିବ। ଅଧିକାଂଶ ପିଲା ସ୍କୁଲ ଗଲା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହୋଇଯାଏ। ଏ ସମ୍ପର୍କରେ ଏକଦା ପ୍ରଖ୍ୟାତ ଲେଖକ ତଥା ସାଂସଦ ଆର୍.କେ. ନାରାୟଣନ୍ ରାଜ୍ୟସଭାରେ କହିଥିଲେ ଯେ, ବସ୍ତାନି ବୋଝ ଶିଶୁଙ୍କ ମେରୁଦଣ୍ଡକୁ ବଙ୍କା କରିଦେବ। ଶିକ୍ଷା ପ୍ରଣାଳୀର ପାଠ୍ୟଖସଡ଼ା ପ୍ରସ୍ତୁତ କରୁଥିବା ଶିକ୍ଷାବିତ୍‌ମାନେ ଏ ସମ୍ପର୍କରେ ଗଭୀର ଭାବେ ଅନୁଧ୍ୟାନ କରିବା ଆବଶ୍ୟକ।

ଅନ୍ୟପକ୍ଷରେ ସରକାରୀ ସ୍କୁଲରେ ଅଷ୍ଟମ ଶ୍ରେଣୀର ପିଲାଙ୍କୁ ତୃତୀୟ ଶ୍ରେଣୀ ପ୍ରଶ୍ନର ଉତ୍ତର ଆସୁନାହିଁ। ଶିକ୍ଷକ ଭାବେ ନିଯୁକ୍ତି ପାଉଥିବା ବ୍ୟକ୍ତିଙ୍କୁ ଶିକ୍ଷାଦାନ ସହିତ ମଧ୍ୟାହ୍ନଭୋଜନ, ଜନଗଣନା, ନିର୍ବାଚନ ପରିଚାଳନା ଭଳି ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଉଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଶିକ୍ଷା ପାଇଁ କେନ୍ଦ୍ରଠାରୁ ରାଜ୍ୟ ପର୍ଯ୍ୟନ୍ତ ବଜେଟରେ ଶହ ଶହ କୋଟି ଟଙ୍କା ମଞ୍ଜୁର କରାଯାଉଛି। ତଥାପି ସରକାରୀ ସ୍କୁଲ ସବୁ ବନ୍ଦ ହେବାକୁ ବସିଲାଣି। ପରୀକ୍ଷାବିହୀନ ମାଗଣା ଶିକ୍ଷାବ୍ୟବସ୍ଥା ଫଳରେ ପିଲାଟିଏ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଯେନତେନ ପ୍ରକାରେଣ ଆସିଯାଉଛି। ଯଦି ଭାଗ୍ୟବଶତଃ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲା, +୨ରେ ବିଫଳ ହେଉଛି। ବର୍ଷର ୩୬୫ ଦିନ ମଧ୍ୟରୁ ବିଧାନସଭା ଅଧିବେଶନଗୁଡ଼ିକରେ ଶିକ୍ଷକମାନେ ବିଭିନ୍ନ ଦାବି ନେଇ ଭୁବନେଶ୍ୱରରେ ଡେରା ପକାଇବା ଏକ ସାଧାରଣ ଘଟଣା ହୋଇଗଲାଣି। ଏଥିପାଇଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିଲେ ମଧ୍ୟ ସରକାର ଆଖି ବୁଜି ଦେଉଛନ୍ତି। ଭାରତରେ ଗୁଣାତ୍ମକ ଶିକ୍ଷାର ମାନ ଆହୁରି ବିପର୍ଯ୍ୟସ୍ତ। କେଉଁଠି ସ୍କୁଲ ଘର ନାହିଁ ତ କେଉଁଠି କାନ୍ଥ ପଡ଼ି ଛାତ୍ରୀଛାତ୍ର ମୃତ୍ୟୁବରଣ କଲେଣି। ଶିକ୍ଷାବର୍ଷ ସରିବାକୁ ବସିଥିଲା ବେଳେ ପାଠ୍ୟପୁସ୍ତକ ମିଳିନାହିଁ। ଶିକ୍ଷା ପାଇଁ ହେଉଥିବା ଯୋଜନାଗୁଡ଼ିକରେ କେଉଁଠି ଫାଙ୍କ ରହିଯାଉଛି, ଯୋଜନା ପାଇଁ ଆସୁଥିବା ଅର୍ଥ ଠିକ୍ ଭାବରେ ବିନିଯୋଗ ହେଉଛି କି ନାହିଁ ତାହା ଦେଖିବା ସହ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ କଠୋର ଦଣ୍ଡବିଧାନ କରାଯିବା ଆବଶ୍ୟକ। ସରକାର ଯେତେଶୀଘ୍ର ଏ ଦିଗରେ ଚେତିବେ, ସେତେ ମଙ୍ଗଳ ହେବ।

ବିଜୁ ପଟ୍ଟନାୟକ ଛକ, କଟକ, ମୋ:୬୭୧୨୩୦୨୩୦୦

## ଏଇ ଭାରତରେ

ଭଲ ପାଇବାର ହୃଦୟ ଥିଲେ ପ୍ରେମ କରିହୁଏ। ତାହା ଅବଶେଷରେ ବିବାହରେ ପରିଣତ ହୋଇଥାଏ। କେତେକ ଯୁବତୀ ଯୁବକ ପ୍ରେମ ବିବାହକୁ ପସନ୍ଦ କରନ୍ତି। କିନ୍ତୁ କେତେକ କ୍ଷେତ୍ରରେ ପରିବାର ଏହାକୁ ବିରୋଧ କରନ୍ତି। ଝିଅପୁଅ ନିଜ ଇଚ୍ଛାରେ ବିବାହ କଲେ ଏହାକୁ ମା'ବାପଙ୍କ ସମେତ ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବ ତୀବ୍ର ବିରୋଧ କରିଥାଆନ୍ତି। କିନ୍ତୁ ଆମ ଦେଶରେ ଏପରି ଏକ ମନ୍ଦିର ଅଛି ସେଠାରେ ପୂଜାର୍ଚ୍ଚନା କଲେ ଯୁବତୀ ଯୁବକଙ୍କ ମୁଣ୍ଡରୁ ପ୍ରେମ ନିଶା ଖସିଯାଏ। ଉତ୍ତରପ୍ରଦେଶର ସାହାରନପୁରରେ ରହିଛି ଏପରି ଏକ ମନ୍ଦିର। ଶ୍ରୀବାଲାଜୀ ମହାରାଜଙ୍କ ମନ୍ଦିର ନାମରେ ଏହା ଖ୍ୟାତ। ମନ୍ଦିରରେ ହନୁମାନ ପୂଜା ପାଇଥାଆନ୍ତି। ଯୁବତୀ ଯୁବକଙ୍କ ମୁଣ୍ଡରୁ ପ୍ରେମନିଶା ଖସାଇବା ପାଇଁ ଏଠାରେ ପୂଜା କରାଯାଏ। ସେଥିପାଇଁ ଏଠାରେ କୌଣସି ପ୍ରେମୀଯୁଗଳ ପାଦ ପକାଇ ନ ଥାନ୍ତି। ଅଥଚ ପରିବାର ଇଚ୍ଛା ବିରୋଧରେ ପ୍ରେମ ବିବାହ କରିବାକୁ ଉଚ୍ଛନ୍ନ ହେଉଥିବା ଯୁବତୀ ଯୁବକଙ୍କ ନିମନ୍ତେ ଏଠାରେ ସମ୍ପର୍କୀୟ ପୂଜାର୍ଚ୍ଚନା କଲେ ସୁଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ପୂଜା ପରେ ଆଶ୍ଚର୍ଯ୍ୟଜନକ ଭାବରେ ପ୍ରେମିକା ପ୍ରେମିକ ନିଜ ଜିଦ୍‌ରୁ ଓହରି ଆସି ପରିବାର ଇଚ୍ଛାନୁସାରେ ବିବାହ କରୁଥିବା ସ୍ଥାନୀୟ ଲୋକେ କହିଥାଆନ୍ତି। ପ୍ରତି ମଙ୍ଗଳବାର ଏହି ମନ୍ଦିରରେ ଏଥିଲାଗି ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ।

## ଚିରନ୍ତନୀ

ନ ଲଭି ସାନ୍ତ୍ୱନା କାହିଁ ଭଗ୍ନପ୍ରାଣ ମାନବ ସନ୍ତାନ
କାଷ୍ଠ ପାଷାଣର ଦେହେ କରଇ ସେ ଦେବତା ନିର୍ମାଣ,
କୋମଳ ମଧୁର ଯାହା କରି ଆରାଧନା
ନୋହେ ଯେଣୁ ଉପଶମ ଅନ୍ତର ବେଦନା,
ବ୍ୟାକୁଳ ହୃଦୟେ ଲୋଡ଼େ ସେହୁ
ଦୟା କ୍ଷମା ପାଷାଣର ଦେହୁ,
ପାଷାଣର ଗାତ୍ରେ
ମସ୍ତକ ଆଘାତେ
ଅକାରଣ
ଅଶରଣ !

(ପୁରୀ–ମନ୍ଦିର)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆମ ସମସ୍ୟା

### ବିପଦସଂକୁଳ ଡାକଘର

ମହାଶୟ,

ସାକ୍ଷୀଗୋପାଳ ଡାକଘର ଛାତ ଉପରୁ ସିମେଣ୍ଟ ଅତଡ଼ା ଖସି କର୍ମଚାରୀମାନଙ୍କ ପାଇଁ ବିପଦର କାରଣ ହୋଇଛି। କର୍ମଚାରୀମାନେ ଭୟ ଓ ଆତଙ୍କର ସହ କାମ କରୁଛନ୍ତି। କେତେବେଳେ କ'ଣ ଘଟିବ କହିହେବନି। ଏଣୁ ତୁରନ୍ତ ଏହି ପୋଷ୍ଟ ଅଫିସ ପାଇଁ ନୂତନ ଘର ନିର୍ମାଣ ଲାଗି ମହାଡାକପାଳ ଦୃଷ୍ଟିଦେବା ଆବଶ୍ୟକ।

ରଞ୍ଜନ ମଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଏସ୍‌ସିଏସ୍ କଲେଜ ଛାତ୍ରଙ୍କ ଅସନ୍ତୋଷ

ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜର ଦୁଇଟି ପ୍ରବେଶପଥ ଥିଲେ ମଧ୍ୟ ଗୋଟିଏ ଗତ ଦୀର୍ଘଦିନ ହେଲା ବନ୍ଦ ରହିଛି। ଏହି ଜୁନିୟର ଓ ସ୍ୱୟଂଶାସିତ କଲେଜର ଛାତ୍ରୀଛାତ୍ର ସଂଖ୍ୟା ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ସେମାନଙ୍କର କଲେଜକୁ ଯିବା ଆସିବା ପାଇଁ ଗୋଟିଏମାତ୍ର ପ୍ରବେଶ ପଥ ଖୋଲାରହୁଛି। ଶହ ଶହ ବାଇକ୍, ସ୍କୁଟି ଓ ସାଇକେଲ ରାସ୍ତାକଡ଼ରେ ରଖିବାରୁ ଗମନାଗମନରେ ବାଧା ସୃଷ୍ଟି ହେଉଛି। ଏଥିପାଇଁ ଭିଆଇପି ରୋଡ୍‌ରୁ ଯେଉଁ ପିଲାମାନେ କଲେଜକୁ ଦୂରଦୂରାନ୍ତରୁ ଆସୁଛନ୍ତି ସେମାନଙ୍କୁ ପୁଣି କଲେଜ ପଛପଟ ରାସ୍ତାରେ ଫାଟକ ପାଖକୁ ଯିବାକୁ ପଡୁଛି। ତେଣୁ ଅସନ୍ତୋଷ ପ୍ରକାଶ ପାଉଛି। କୁହାଯାଉଛି ଯେ, କେତେକ ଅସାମାଜିକ ବ୍ୟକ୍ତି ସନ୍ଧ୍ୟା ସମୟରେ କଲେଜ ପରିସରରେ ମାଦକଦ୍ରବ୍ୟ ସେବନ କରୁଥିବାରୁ ଫାଟକ ବନ୍ଦ କରାଯାଇଛି। ନିଶାଖୋରଙ୍କୁ ଧରିବା ପାଇଁ କଲେଜ ପ୍ରଶାସନ ପୋଲିସର ସହାୟତା ନେଇପାରିବେ। କିନ୍ତୁ ପିଲାଙ୍କ ପାଇଁ ଅସୁବିଧା ସୃଷ୍ଟି କରିବା ଠିକ୍ ନୁହେଁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୨– ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ଆମେରିକୀୟ ଗାୟକ ନିକ୍ ଜୋନ୍‌ସଙ୍କ ମଧ୍ୟରେ ହିନ୍ଦୁ ରୀତିରେ ବିବାହ ସମ୍ପନ୍ନ ହୋଇଛି।

୩– କଶ୍ମୀରର ପୁଲୱାମା ଜିଲାରେ ଆତଙ୍କବାଦୀଙ୍କ ୧୦ ସହଯୋଗୀଙ୍କୁ ଗିରଫ କରାଯାଇଛି।

୪– ନାସାର ପ୍ରଥମ ମହାକାଶ ଯାନ ଦୀର୍ଘ ଦୁଇବର୍ଷ ଧରି ଦୁଇ ବିଲିୟନ କିମି ଯାତ୍ରା କରିବା ପରେ ତା'ର ଲକ୍ଷ୍ୟସ୍ଥଳ କ୍ଷୁଦ୍ରଗ୍ରହ ବେନୁରେ ପହଞ୍ଚିଛି।

୫– ପ୍ରଖ୍ୟାତ ସାହିତ୍ୟ ସମାଲୋଚକ ଦାଶରଥି ଦାଶ ତାଙ୍କ ନିବନ୍ଧ ଗ୍ରନ୍ଥ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ।

୬– ରାସ୍ତାରେ ଖାଲ ଯୋଗୁ ଦୁର୍ଘଟଣାରେ ୫ ବର୍ଷରେ ୧୫ ହଜାର ଲୋକଙ୍କ ଜୀବନ ଯାଇଥିବା ନେଇ ସୁପ୍ରିମ୍‌କୋର୍ଟଙ୍କ ଉଦ୍‌ବେଗ ପ୍ରକାଶ।

୭– ପ୍ରଫେସର ଡ. କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍ ନୂତନ ମୁଖ୍ୟ ଅର୍ଥନୈତିକପରାମର୍ଶଦାତା (ସିଇଏ) ଭାବେ ନିଯୁକ୍ତ।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ବୋଲେରୋ-କାର ଧକ୍କା

ସମ୍ବଲପୁର,୯।୧୨(ବ୍ୟୁରୋ)

ସମ୍ବଲପୁର କ୍ଷେତରାଜପୁର ଥାନା ମନ୍ଦଲିଆ ନିକଟରେ ରବିବାର ଏକ ବୋଲେରୋ ଏବଂ ଏକ ଇଣ୍ଡିଗୋ ଧକ୍କା ହୋଇ ଦୁର୍ଘଟଣା ଘଟିଛି । ଏଥିରେ ୩ ଜଣ ଆହତ ହୋଇଛନ୍ତି । ଆହତଙ୍କ ପରିଚୟ ମିଳି ପାରିନାହିଁ । ହେଲେ ପୋଲିସ ବୋଲେରୋ (ନଂ - ଓଡି ୧୫- ଜି- ୪୭୧୦) ଓ କାର (ଓଡି ୧୫-ଡି ୮୯୬୬)କୁ ଜବତ କରିଛି ।

### ୨ ଆନ୍ଦୋଳନକାରୀ ଡାକ୍ତରଖାନାରେ ଭର୍ତ୍ତି

ସମ୍ବଲପୁର,୯।୧୨(ବ୍ୟୁରୋ)- ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ରିଲେ ଅନସନ ଜାରି ରହିଛି । ରବିବାର ଅନସନ ସମୟରେ ୨ ଜଣ ଆଇନଜୀବୀ ଅସୁସ୍ଥ ହୋଇ ପଡିଛନ୍ତି। ସେମାନେ ହେଲେ ରାକେଶ କର ଓ ସଞ୍ଜିତ ପଟ୍ଟନାୟକ । ଆନ୍ଦୋଳନସ୍ଥଳରେ ଡାକ୍ତର ସନ୍ଧ୍ୟାରେ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ସମୟରେ ରକ୍ତଚାପ ବଢିଯାଇଥିବା ଜାଣିବାକୁ ପାଇଥିଲେ । ତୁରନ୍ତ ଚିକିତ୍ସା ପାଇଁ ଡାକ୍ତର ଜିଲା ସଦର ଡାକ୍ତର ଖାନାକୁ ନେଇଥିଲେ। ଏମାନେ ମେଡିସିନ ୱାର୍ଡରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି ।

### କଳା ଓ କଳାକାରର ପୁରସ୍କାର ବିତରଣ ଉତ୍ସବ

ସମ୍ବଲପୁର,୯।୧୨(ବ୍ୟୁରୋ)

କଳା ଓ କଳାକାର ଅନୁଷ୍ଠାନର ୨୪ତମ ବାର୍ଷିକ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ସମାରୋହରେ ରବିବାର ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲସ୍ଥିତ ମନମୋହନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ଚିତ୍ରକଳା ସକାଶେ ଆର୍ଟସ୍ କଲେଜ ପ୍ରତିଷ୍ଠା ଲାଗି ଉଦ୍ୟମ କରାଯିବ ବୋଲି କହିଥିଲେ। ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ଦୁଷ୍ମନ୍ତ ପ୍ରଧାନ, ନୃସିଂହ ଚରଣ ସାହୁ ଓ ରାଧାରମଣ ମୁଦୁଲି ସମ୍ମାନୀତ ଅତିଥି ଭାବେ ଯୋଗଦେଇ କଳାର ବିଭିନ୍ନ ଦିଗ, ଚରିତ୍ର ଗଠନ ପ୍ରଭୃତି ବିଷୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜାତୀୟସ୍ତରରେ କୃତିତ୍ୱ ହାସଲ କରିଥିବା ଜ୍ୟୋତିରାଦିତ୍ୟ ମହାନ୍ତି, କଳା କ୍ଷେତ୍ରରେ ଉଲ୍ଲେଖନୀୟ ସୁନାମ ଅର୍ଜନ କରିଥିବା ଯତୀନ୍ ପାଢ଼ୀ, ରବି ସା, ସୁରେଖା ମହାରଣା, ଦେବାର୍ଚ୍ଚନା ଦ୍ୱିବେଦୀ ଓ ପୂଜା ଜଗଦଲା, ଦୁବାଇର ନୂଆଁଖାଇ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ନଟରାଜ ନୃତ୍ୟ ଅନୁଷ୍ଠାନ, ସାମାଜିକ କର୍ମୀ ସୁଧୀର ପୂଜାରୀ, ଖ୍ୟାତନାମା ଶିଳ୍ପୀ ଅଧାପକ ରୋହିତ ସୁପକାର, ସଂଗଠକ ଗୌରୀଦାଶ ପଣ୍ଡା, ଖବରଦାତା ପ୍ରିୟରଞ୍ଜନ ବାବୁ, ଡିଜିଟାଲ ଶିଳ୍ପୀ ପିତବାସ ସୁନା, ଡାକସେବା ବିଶାଲ ବାଦୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଚିତ୍ରାଙ୍କନର ଶତାଧିକ ସ୍କୁଲ ଓ କଲେଜର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂର୍ଯ୍ୟ ପାଣିଗ୍ରାହୀ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ସାହୁ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରଶାନ୍ତ ମାଝୀ, କରୁଣାକର ଶତପଥୀ, ବିରୁପାକ୍ଷ ପ୍ରଧାନ, ଜଗନ୍ନାଥ ବେହେରା, ନମ୍ରତା ନାୟକ, ବଳରାମ ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସ୍ମୃତି ମିଶ୍ର ସରସ୍ୱତୀ ବନ୍ଦନା ଗାନ କରିଥିଲେ ।

### ରୋଲରସ୍ପୋର୍ଟ୍ସ ଚାମ୍ପିୟନରେ ଭାଗ ନେବ ବୈଦିକ କଲେଜ

ସମ୍ବଲପୁର,୯।୧୨(ବ୍ୟୁରୋ)- ସମ୍ବଲପୁର ଶାସନସ୍ଥିତ ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ପୁଣି ଥରେ ସଫଳତା ପାଇଛି । ଭାଇଜାକରେ ରୋଲର ସ୍ପୋର୍ଟ୍ସ ଚାମ୍ପିୟନ -୨୦୧୮ରେ ଭାଗ ନେବା ପାଇଁ ସ୍କୁଲର ନବମ ଶେଣୀ ଛାତ୍ର ଇଶାନ୍ତ ସେନ, ଅଜିତାବ ମୟଂକ କୁଜୁର ଚୟନ ହୋଇଛନ୍ତି । ଡିସେମ୍ବର ୧୮ ତାରିଖ ବିଶାଖାପଟମରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେମାନେ ଅନଲାଇନ ଅଲପିନ ସ୍କେଟିଂ ଓ ଜୁନିୟର ବିଭାଗରେ ହକି ଦଳ ପାଇଁ ଯୋଗ୍ୟତା ହାସଲ କରିଛନ୍ତି । ଏମାନେ ଗୌରବ ଆଣନ୍ତୁ ବୋଲି କଲେଜ ଅଧକ୍ଷ ଆନନ୍ଦ ଅଗ୍ରୱାଲ ଓ ପ୍ରିନ୍ସିପାଲ କାମିନୀ ଯୋଶୀ ଶୁଭକାମନା ଜଣାଇଛନ୍ତି ।

# ନେତା ବଖାଣିଲେ କେନ୍ଦ୍ରର ସଫଳତା

## ■ଭାଜପାର ଜନ ପରାମର୍ଶ ପଦଯାତ୍ରା

**ରେଙ୍ଗାଲି, ୮।୧୨ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ବୋମାଲୋଇ ଏବଂ ଘିଚାମୁରା ପଞ୍ଚାୟତରେ ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଯୁଗଳକିଶୋର ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବୋମାଲୋଇ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ପଦଯାତ୍ରା ବାହାରିଥିଲା। କେନ୍ଦ୍ର ସରକାରଙ୍କ ବିଭିନ୍ନ ସଫଳତା ଏବଂ ରାଜ୍ୟ ସରକାରଙ୍କ ଚଞ୍ଚକତା, ବିଫଳତା, ପିସି କାରବାର ବିଷୟରେ ଭାଜପା କର୍ମୀମାନେ ଜନସାଧାରଣଙ୍କୁ ବୁଝାଇ ପରାମର୍ଶ ଗ୍ରହଣ କରିଥିଲେ। ନାଉରୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରେଙ୍ଗାଲି ଜୋନ-୧ ଜିଲା ପରିଷଦ ସଦସ୍ୟ ତିରୋଜ ହେଡେଞ୍ଜା, ଧନକଉଡା ଜୋନ-୧ ମଣ୍ଡଳ ସଭାପତି ପ୍ରକାଶ ପ୍ରଧାନ, ବୋମାଲୋଇ ସମିତି ସଭ୍ୟ ପ୍ରମୋଦ ପ୍ରଧାନ, ମନିଷ ଅଗ୍ରୱାଲ, ଅନ୍ତର୍ଯ୍ୟାମୀ ପାଣି, ବିଶିକେଶନ ପଣ୍ଡା, ସୁଧୀର ଗୁପ୍ତା, ଶ୍ରୀପତି ଷଣ୍ଢ, ଯୁଧିଷ୍ଠିର ରୋହିଦାସ, ଜଗନ୍ନାଥ ମେହେର, ସରୋଜ ମେହେର, ମନୋରଞ୍ଜନ ଥାପାଙ୍କ ସହ ଶତାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ ।

**ଚିପିଲିମା,(ଡି.ଏନ.ଏ.)**

ଭାରତୀୟ ଜନତା ପାର୍ଟି ବୁର୍ଲା ମଣ୍ଡଳ ତରଫରୁ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା, ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା, ସୀମାଞ୍ଚଳ ଖଟେଇ, ଗୋବିନ୍ଦ ଅଗ୍ରୱାଲ, ଜିଲା ସଭାପତି ରାମଚନ୍ଦ୍ର ମେହେର, ଦାମୋଦର କର, ଡା. ରାଜ କୁମାର ବଡପଣ୍ଡା ଯୋଗ ଦେଇଥିଲେ । ଦୀନଦୟାଲ ଉପାଧ୍ୟାୟଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ପଣ୍ଡା ମାଲ୍ୟାର୍ପଣ କରିବା ସହ ଜନ ପରାମର୍ଶ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ପରେ ଏହି ପଦଯାତ୍ରା ବୁର୍ଲା ସହର ପରିକ୍ରମା କରିଥିଲା ।ଏହିଶୋଭାଯାତ୍ରାକୁସଂଖ୍ୟାଲଘୁ ସେଲର ସଭାପତି ମହମ୍ମଦ ଅନସାର, ମହମ୍ମଦ ୱାହାବ, ମଲକା ବେଗମଙ୍କ ସହିତ ଶତାଧିକ ସମର୍ଥକ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ଉମେଶ ବଳ, ସନ୍ତୋଷ ପରିଡା, ରେଣୁବାଳା ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ଭାରତୀ କ୍ଲବରେ ବୁର୍ଲା ମଣ୍ଡଳ ସଭାପତି ନମ୍ରକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା । ଅମରେନ୍ଦ୍ର ପଣ୍ଡା ଧନ୍ୟବାଦ ଜଣାଇଥିଲେ। ଚଣ୍ଡିପ୍ରକାଶ ଦାସ ରାଲି ଦାୟିତ୍ୱ ପରିଚାଳନା କରିଥିଲେ।

**ହୀରାକୁଦ,(ଡି.ଏନ.ଏ.)**

ଭାଜପା ହୀରାକୁଦ ମଣ୍ଡଳ ତରଫରୁ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୧୫ ଦିନ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା। ହୀରାକୁଦ ବିହାରୀପଡାଠାରେ ପଦଯାତ୍ରା ସହ ସଭା ହୋଇଥିଲା । ସେହିଭଳି ମୋଟର ସାଇକେଲ ରାଲିରେ ସନ୍ତୋଷୀ ମନ୍ଦିର ଛକ ଆସି ସେଠାରେ ଶାସ୍ତ୍ରୀ ଏବଂ ଆଜାଦ୍ ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପଦଯାତ୍ରାରେ ମାର୍କେଟ ଛକ ଯାଇ ସେଠାରେ ଏକ ସାଧାରଣ ସଭା ହୋଇଥିଲା । କାଲୁପଡାକୁ ପଦଯାତ୍ରାରେ ଯାଇ ମଧ ସଭା ହୋଇଥିଲା । ହୀରାକୁଦର ପୂର୍ବତନ ନଗରପାଳ ସୀମାଞ୍ଚଳ ଖଟାଇ, ଲଳିତ ପାଇକରାଏ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ଦାମ କର, ଡା. ରାଜକୁମାର ବଡପଣ୍ଡା, ଜିଲା ଯୁବମୋର୍ଚ୍ଚା ସଭାପତି ରିକନ୍ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ସନ୍ତୋଷ ହସ୍ତି, ସଞ୍ଜିବ ହୋତା, ସଞ୍ଜୁ ପାତ୍ର, ଗୁଗା ସିଂ, ପୂର୍ଣ୍ଣବାସୀ ପଣ୍ଡା, ମଞ୍ଜୁଲତା ପଣ୍ଡା, ଅମ୍ରିତା ପଟ୍ଟନାୟକ, ସୁବାସିନୀ ବେହେରା, ବିକାଶ ବେହେରା, ଶନ୍ତାନୁ ବଡର୍ତିଆ, ଯୁବରାଜ ବେହେରା, ଶିବଲାଲ ସାହାଣି ପ୍ରମୁଖ ଉପସ୍ଥିତ ଥିଲେ ।







ରେଙ୍ଗାଲି (ଉପର) ଓ ହୀରାକୁଦରେ ଭାଜପା ନେତା ଓ କର୍ମୀ ଜନପରାମର୍ଶ ପଦଯାତ୍ରାରେ ବାହାରିଛନ୍ତି ।

### ବଡ଼ମାଲରେ କ୍ରୀଡ଼ା ପ୍ରତିଯୋଗିତା

ଜମନକିରା, ୯ ।୧୨ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବଡ଼ମାଲ ପଞ୍ଚାୟତ ଖେଳ ପଡ଼ିଆରେ ବିଜୁ ଯୁବ ବାହିନୀ ପକ୍ଷରୁ ଏକ ଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥିଭାବେ ବଡ଼ମାଲ ପଞ୍ଚାୟତ ସରପଞ୍ଚ କୁନିମା ନାୟକ ଯୋଗଦେଇ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସର୍ଟଫୁଟରେ ପ୍ରଥମ ସ୍ଥାନ ରାଜେଶ ସନାନୀ, ଦ୍ୱିତୀୟରେ ଶିବ ମୁଣ୍ଡା, ତୃତୀୟରେ ନକୁଳ ବରର୍ଗାୀ ରହିଥିଲେ। ଲଙ୍ଗଜମ୍ପ ବାଳକ ବିଭାଗରେ ପ୍ରଥମ ସ୍ଥାନ ସୁବୋଧ ଖର୍ସେଲ, ଦ୍ୱିତୀୟ ସ୍ଥାନ ଲୋଚନ ଖର୍ସେଲ, ତୃତୀୟରେ ଗୋକୁଳ ବରର୍ଗାୀ ରହିଥିଲେ। ସେହିପରି ଲଙ୍ଗଜମ୍ପ ବାଳିକା ବିଭାଗରେ ପ୍ରଥମ ସ୍ଥାନରେ ସମିତା ମୁଣ୍ଡା, ଦ୍ୱିତୀୟରେ ଅଙ୍କିତା ବରର୍ଗା, ତୃତୀୟରେ ବିକାଶିନୀ ବରର୍ଗାୀ ବିଜେତା ଘୋଷିତ ହୋଇଥିଲେ। ଡିସ୍‌କସ୍ ଥ୍ରୋରେ ପ୍ରଥମ ସ୍ଥାନରେ ରିତୁ ମହାକୁଳ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ପୁଷ୍ପଲତା ବେହେରା ଏବଂ ତୃତୀୟ ସ୍ଥାନରେ ସର୍ମିତା ମୁଣ୍ଡା ବିଜେତା ଘୋଷିତ ହୋଇଥିଲେ। ଖେଳକୁ ୱାର୍ଡ଼ ସଭ୍ୟ ସରୋଜ ବେହେରା ପରିଚାଳନା କରିଥିଲେ। ଦିଲୀପ ବଗାରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

ସମ୍ବଲପୁର,୯।୧୨(ବ୍ୟୁରୋ)

ମହାନଗର ନିଗମ ଅଧୀନ ଧନୁପାଲି ଦୁର୍ଗାମଣ୍ଡପରେ ରବିବାର ଏକ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି । ସମ୍ବଲପୁର ବିଧାୟିକା ରସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସତିଶ ବିଶି, ରାଜୀବ ଶର୍ମା, ନିଶାନ୍ତ ବହିଦାର, ସନ୍ନ୍ୟାସୀ ବାରିକ, ଲିଙ୍କନ ଗୁରୁ, ଇନ୍ଦ୍ରନୀଳ ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୩ ଜିଲାରେ ଯୁବ କଂଗ୍ରେସ ସଦସ୍ୟ ଗ୍ରହଣ କରିବ




ସଦସ୍ୟ ଗ୍ରହଣ କରିବା ନେଇ ଯୁବ କଂଗ୍ରେସ କର୍ମକର୍ତ୍ତା ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

**ସମ୍ବଲପୁର, ୯।୧୨(ବ୍ୟୁରୋ)**

ସମ୍ବଲପୁର, ଦେବଗଡ, ସୁବର୍ଣ୍ଣପୁର ଜିଲା ପାଇଁ ଆସନ୍ତା ଡିସେମ୍ବର ୧୪ ତାରିଖଠାରୁ କଂଗ୍ରେସ ନୂତନ ସଦସ୍ୟ ଗ୍ରହଣ କରିବ । ଏଥିପାଇଁ ଜିଲା କଂଗେସ ଅଫିସରୁ ଫର୍ମ ନେଇ ଆବେଦନ କରି ପାରିବେ ବୋଲି ଏକ ପ୍ରେସ୍‌ମିଟରେ ଯୁବ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଖବରଦାତା ସମ୍ମିଳନୀରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ସମ୍ପାଦକ ରିଲାଜୁଲ ଅନସାରୀ, ସମ୍ବଲପୁର ଲୋକ ସଭା ଯୁବ କଂଗ୍ରେସ ସଭାପତି ଆଶୁତୋଷ ସ୍ୱାଇଁ, କୁଲଦୀପ ମିଶ୍ର ଉପସ୍ଥିତ ଥିଲେ ।

### ସମ୍ବଲ ପକ୍ଷରୁ ୩୫୦ତମ ମୃତଦେହ ସତ୍କାର

**ସମ୍ବଲପୁର, ୯।୧୨ (ବ୍ୟୁରୋ)**

ସମ୍ବଲ ପକ୍ଷରୁ ୩୫୦ତମ ଅଚିହ୍ନା ମୃତଦେହକୁ କମଲିବଜାରସ୍ଥିତ ରାଜଘାଟଠାରେ ସଂସ୍କାର କରାଯାଇଛି। ସମ୍ବଲ ଉପଦେଷ୍ଟା ତଥା ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ରାଜ୍ୟ ସଭାପତି ଅଶୋକ ଜଲାନ୍ ଯୋଗଦେଇ ମୁଖାଗ୍ନି ଦେଇଥିଲେ । ଏହି ଅବସରରେ ଉତ୍ସର୍ଗର ସଞ୍ଜିବ ମିଶ୍ର, ସଣ୍ଡେ ଗ୍ରୁପର ରାଜେଶ ଦଫେଦାର, ସୋସିଆଲ ଷ୍ଟାର କ୍ଲବର ଆତିଫ୍ ଆଲାମ୍, ଲିମସରିଏନ୍ ଯୁବ ସଚେତନ ସଂଘର ଅମିତ ସ୍ୱାଇଁ, ସମ୍ବଲର ଅନ୍ୟତମ ଉପଦେଷ୍ଟା ସଞ୍ଜିବ ନନ୍ଦ, ସମ୍ପାଦକ ସୁବ୍ରତ ପଣ୍ଡା, ସଂଯୋଜକ ରାଜେନ୍ଦ୍ର ଦାଶ, ସଭ୍ୟ ଶ୍ରୀବତ୍ସ ପଣ୍ଡା, ସୌରିନାରାୟଣ ପାଣିଗ୍ରାହୀ, ଦିଲୀପ ବୋଷ, କାଳିଆ ବାଗ, ଅଭିନାଷ ସୁପକାର, ସଞ୍ଜୟ ରାୟ, ଅନୀଲ ପରିଡା, ପି. ଅଗ୍ରୱାଲ, ରାମଦାସ ପଣ୍ଡା ପ୍ରମୁଖ ସାମିଲ ଥିଲେ । ସୂଚନାଯୋଗ୍ୟ ଯେ, ରେଳବାଇ ପୋଲିସ ଏହି ଅଚିହ୍ନା ମହିଳାଙ୍କ ମୃତଦେହ ସମ୍ବଲକୁ ହସ୍ତାନ୍ତର କରିଥିଲା।

ଚକଡା ପାଇଁ କୁକୁଡା ବଣ୍ଟନ

## ମାନେଶ୍ୱର ବ୍ଲକରେ ୩୨୦ ଚାଷୀଙ୍କୁ ପ୍ରୋତ୍ସାହନ



ମିର୍ଗାମୁଣ୍ଡାରେ କୁକୁଡା ବଣ୍ଟନ କରାଯାଉଛି ।

**ସମ୍ବଲପୁର,୯।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକରେ ଚାଷୀଙ୍କୁ କୁକୁଡା ବଣ୍ଟନ କରାଯାଇଛି । ଗତ ଖରିଫ ଋତୁରେ ମରୁଡି ଓ ଚକଡା ଯୋଗୁ କ୍ଷତି ଗ୍ରସ୍ତ ହୋଇଥିବା ଚାଷୀଙ୍କୁ ସହାୟତା ସ୍ୱରୂପ ଏହା ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟକ ଚାଷୀଙ୍କୁ ପ୍ରଥମ ପର୍ଯ୍ୟାୟରେ ୨୫ଟି ୨୮ ଦିନିଆ ଚିଆଁ ଦିଆଯାଇଥିଲା । ମାନେଶ୍ୱର ବ୍ଲକର ମିର୍ଗାମୁଣ୍ଡା, ପରମାଣପୁର, ସିନ୍ଦୂପଙ୍କ, ତବଲା, ବରଗାଁ, ସାହାସପୁର, ଧମା ଦେଓଗାଁରେ ଚାଷୀଙ୍କୁ ଏହି କୁକୁଡା ଚିଆଁ ବଣ୍ଟନ କରାଯାଇଛି। ମିର୍ଗାମୁଣ୍ଡା ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ମାନେଶ୍ୱର ବ୍ଲକ ଅତିରିକ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଜିତେନ୍ଦ୍ର କୁମାର ନାଏକ, କର୍ମଚାରୀ ବିପିନ ବିହାରୀ ବରାଳ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ଚାଷୀଙ୍କୁ କୁକୁଡା ଚିଆଁ ଦେଇଥିଲେ । ସେହିପରି ଭିଏସ ଉମାକନ୍ତ ସାହୁ ବରଗାଁରେ ଚାଷୀଙ୍କୁ କୁକୁଡା ଚିଆଁ ବଣ୍ଟନ କରିଥିଲେ। ଜିଲାରେ ମୋଟ ୫ ହଜାର ୧୧୬ ଜଣ ଚାଷୀଙ୍କୁ ଚକଡା ପାଇଁ କୁକୁଡା ଦେବାର ଲକ୍ଷ୍ୟ ରହିଛି । ସେଥି ମଧ୍ୟରୁ ମୋଟ ୩ ହଜାର ୯୭୦ ଜଣ ଚାଷୀଙ୍କୁ ବଣ୍ଟନ ସରିଛି। ଏଥିରେ ମାନେଶ୍ୱର ବ୍ଲକରେ ୩୨୦ ଜଣ ଚାଷୀ ରହିଛନ୍ତି । ପ୍ରତ୍ୟେକ ଚାଷୀଙ୍କୁ ୨୫ଟି ଚିଆଁ ଦେବାର ବ୍ୟବସ୍ଥା ରହିଛି । ଚାଷୀମାନଙ୍କ ଅର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ସରକାର ଉତ୍ତମ ମାନର କୁକୁଡା ଚିଆଁ ବଣ୍ଟନ କରୁଛନ୍ତି ବୋଲି ଜିଲା ପ୍ରାଣିଧନ ଚକିତ୍ସା ଅଧିକାରୀ କହିଛନ୍ତି ।

### ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପ୍ରସଙ୍ଗ

## ସମାଧାନ ପାଇଁ ଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଲେ ନଗେନ୍ଦ୍ର

**ସମ୍ବଲପୁର, ୯।୧୨(ବ୍ୟୁରୋ)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ଆହୁରି ତୀବ୍ରତର ହେବ । ଅଗାମୀ ଦିନରେ ୭୨ ଘଣ୍ଟା ଧରି ଅର୍ଥନିତିକ ଅବରୋଧ କରାଯିବ । ଏଥିପାଇଁ ଆସନ୍ତା ୧୪ ତାରିଖ ବିରମହାରାଜପୁର ସିଏସି ବୈଠକରେ ସମ୍ବଲପୁର ଜିଲା ଓକିଲ ସଂଘ ପ୍ରସ୍ତାବ ଦେବାକୁ ନିଷ୍ପତ୍ତି ହୋଇଛି। ସଂଘ ସଭାପତି ବିଜେନ୍ଦ୍ରିୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ଓକିଲ ସଂଘ ଘୋଷଣା କରିଛି। ସେହିପରି ଶନିବାର ରିଲେ ଅନଶନରେ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ଏମ୍‌ପି ପ୍ରଧାନଙ୍କୁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନର ଇତିହାସ ଉପରେ ଅବଗତ କରାଇ ଏକ ଦାବିପତ୍ର ଦିଆଯାଇଥିଲା। ଏହାର ସମାଧାନ ପାଇଁ ଚେଷ୍ଟା କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ।

## କବାଡି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କବାଡ଼ି ଖେଳାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀମାନେ ।

**ରେଢ଼ାଖୋଲ,୯।୧୨(ଡି.ଏନ.ଏ.)**

ରେଢ଼ାଖୋଲ ଶୁଣ୍ଡିମୁଣ୍ଡା ଏସଏସଡି ସରକାରୀ ବାଳିକା ବିଦ୍ୟାଳୟରେ ଗତ ୫ ତାରିଖଠାରୁ ଚାଲିଥିବା ସମ୍ବଲପୁର ଜିଲା ୧୪ ବର୍ଷରୁ କମ୍ ବାଳିକା ବର୍ଗର କବାଡି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଶୁଣ୍ଡିମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଣ୍ଡା, କତରବଗା ହାଇସ୍କୁଲର ଖେଳ ଶିକ୍ଷୟିତ୍ରୀ ପିଙ୍କି ପଟେଲ, ଗୌରଚନ୍ଦ୍ର ହାଇସ୍କୁଲର ଖେଳ ଶିକ୍ଷକ ସୁକାନ୍ତ ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ। ଅର୍ଡାବାହାଳ ହାଇସ୍କୁର ଛାତ୍ରୀ ପୁନମ ବାଗେ, କରିଶ୍ମା ବରିହା, କଲ୍ୟାଣୀ କିସାନ, ଫାଶିମାଲ ହାଇସ୍କୁଲର ସରିତା ପ୍ରଧାନ ତୁଳସି ଛତ୍ରିଆ, ଗଡପୋଷ ହାଇସ୍କୁଲର ପ୍ରତି କାଣ୍ଡୁଲାନା, ଗଙ୍ଗା କିସାନ ଓ ଜମୁନା କିସାନ, ଶୁଣ୍ଡିମୁଣ୍ଡା ସରକାରୀ ଏସଏସଡି ହାଇସ୍କୁଲର ବାହମନି ବାଗେ ପ୍ରମୁଖ ୧୪ ବର୍ଷରୁ କମ୍ ବର୍ଗର କବାଡି ଦଳରେ ସମ୍ବଲପୁର ଜିଲା ହାଇସ୍କୁଲସ୍ତରୀୟ କବାଡି ପାଇଁ ମନୋନୀତ ହୋଇ ପ୍ରଶିକ୍ଷଣ ନେଇଛନ୍ତି। ଏହି ୧୦ଜଣିଆ କବାଡି ଦଳ ପ୍ରଶିକ୍ଷଣ ପରେ ରବିବାର ଯାଜପୁର ଅଭିମୁଖେ ଯାତ୍ରା କରିଛନ୍ତି। ରବିବାରଠାରୁ ଯାଜପୁରରେ ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡା ଆରମ୍ଭ ହୋଇଛି। ଏଥିରେ ଏମାନେ ଭାଗ ନେବେ।

### ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା

## ପୁଲ-ସି ଗ୍ରୁପ୍‌ରେ ନୀଳଶୈଳ ବିଜେତା

**କୁଚିଣ୍ଡା, ୯।୧୨ (ଡି.ଏନ.ଏ.)**

କୁଚିଣ୍ଡାରେ ଖେଳା ଯାଉଥିବା ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତାର ପୁଲ-ସି ଗ୍ରୁପରେ ରାଉରକେଲାର ନୀଳଶୈଳ ମହାବିଦ୍ୟାଳୟ ଗ୍ରୁପ ବିଜେତା ହୋଇଛି। ପୁଲ- ସିର ଫାଇନାଲ ମ୍ୟାଚ ରାଉରକେଲାର ନୀଳଶୈଳ ମହାବିଦ୍ୟାଳୟ ଏବଂ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନୀଳଶୈଳ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲେ। ଦଳର ଖେଳାଳି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୨୯ ରନ କରିଥିଲେ । ଏହାର ଜବାବରେ ସରକାରୀ ମହାବିଦ୍ୟାଳୟ ଦଳ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ହରାଇ ୧୨୩ ରନ କରି ୬ରନରେ ପରାସ୍ତ ହୋଇଥିଲା। ଉଦଯାପନୀ ସଭାରେ କୁଚିଣ୍ଡା ମହାବିଦ୍ୟାଳୟର ଅଧକ୍ଷ ବିପିନ ନାୟକ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସରକାରୀ ମହାବିଦ୍ୟାଳୟ ଦଳର ନରସିଂହ ନାରାୟଣ ମିଶ୍ର ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିବା ବେଳେ ନୀଳଶୈଳ ଦଳର ବିଟୁ ସା ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

## ସଂକ୍ଷେପରେ

### ୧୯ରେ ଜିଲାସ୍ତରୀୟ ଆଥ୍‌ଲେଟିକ୍ ମିଟ୍

ସମ୍ବଲପୁର, ୯।୧୨ (ବ୍ୟୁରୋ)- ସମ୍ବଲପୁର ଜିଲାସ୍ତରୀୟ ଆଥ୍‌ଲେଟିକ୍ ମିଟ୍- ୨୦୧୮ ଚଳିତ ମାସ ୧୯ ଓ ୨୦ ତାରିଖ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହେବ । ୧୪ ବର୍ଷରୁ କମ୍, ୧୬ ବର୍ଷରୁ କମ୍, ୧୮ ବର୍ଷରୁ କମ୍ ଓ ୨୦ ବର୍ଷରୁ କମ୍ ବାଳିକା ବାଳକଙ୍କ ମଧ୍ୟରେ ଇଭେଣ୍ଟ ହେବ । ସେହିପରି ମହିଳା ଓ ପୁରୁଷ ବର୍ଗର କ୍ରୀଡାବିତମାନେ ମଧ୍ୟ ଭାଗ ନେବେ । ଏହାକୁ ନେଇ ଜିଲା କ୍ରୀଡା ସଂଘ କର୍ମକର୍ତ୍ତା ପ୍ରସ୍ତୁତରେ ଲାଗିଛନ୍ତି । ରବିବାର ଏ ନେଇ ଜିଲା କ୍ରୀଡା ସଂଘ ଆଥଲେଟିକ୍ ସମ୍ପାଦକ ସୁନ୍ଦରମଣୀ ବାରିକ ଏକ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି ।

### ଉର୍ଦ୍ଦୁ କବି ସମ୍ମିଳନୀ

ସମ୍ବଲପୁର, ୯।୧୨ (ବ୍ୟୁରୋ)- ଓଡିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲସ୍ଥିତ ମନମୋହନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଏମ୍‌ପି ନଗେନ୍ଦ୍ର ପ୍ରଧାନ, ଉର୍ଦ୍ଦୁ ଏକାଡେମୀ ନିର୍ଦ୍ଦେଶକ ରବି ହୁସେନ୍ ଗାନ୍ଧୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମହମ୍ମଦ ୟାସିମ୍ ମେମନ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନାସିଦ୍ ଫରାଦ୍ ଅଧକ୍ଷତା କରିଥିଲେ। ଏଥିରେ ୧୨ଜଣ କବି କବିତା ପାଠ କରିଥିଲେ। ମହାରାଷ୍ଟ୍ରର କବୟିତ୍ରୀ ନୁରି ଅଜିଜ୍, ଜିନ୍ତ ମୁରାଦାବାଦୀ, ରାଉରକେଲାର ଡ. କୁମାର ପ୍ରଜାପତି, ମହାରାଷ୍ଟ୍ର ଆକୋଲାର୍ ଇମ୍ରାନ ସାନି, ଦିଲ୍ଲୀର ସଲିମ୍ କାସିଦ୍, ମାଲାଗାଁଓ ମକସୁନ୍ ଅସ୍ରାଦ, ସକିଲ୍ ବରେଲିବି, ସମ୍ବଲପୁରର ନାସିର୍ ଫରାଜ୍, ମହମ୍ମଦ ମୁମ୍‌ତାଜ୍, ଝାରସୁଗୁଡାର ଅଜୟ୍ ଆଲାମ୍ ପଣ୍ଡା କବିତା ପାଠ କରିଥିଲେ ।

### ମଦ, କୁସୁନା ବନ୍ଦ ପାଇଁ ବାହାରିଲେ ମହିଳା

ସମ୍ବଲପୁର,୮।୧୨(ବ୍ୟୁରୋ) ସମ୍ବଲପୁର ମହାନଗର ନିଗମ ଅଧୀନ ହାଲିପାଲି ଗ୍ରାମର ମହିଳା ଓ ଯୁବକମାନେ ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ଆଗେଇ ଆସିଛନ୍ତି । ଦୁଇ ଦିନ ଧରି ଗ୍ରାମର ବିଭିନ୍ନପଡାରେ ବିକ୍ରି ହେଉଥିବା ମଦ କୁସୁନା ବିକ୍ରି କରୁଥିବା ଲୋକମାନଙ୍କୁ ବନ୍ଦ କରିବା ପାଇଁ କହିଛନ୍ତି । ଏ ସମ୍ପର୍କରେ ସଦର ଥାନା ଓ ଏସ୍‌ପିଙ୍କୁ ଦାବିପତ୍ର ମଧ ପ୍ରଦାନ କରିଛନ୍ତି। ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଶାମୁକ୍ତ କରିବାରେ ସହଯୋଗ କରନ୍ତୁ ବୋଲି ଅଭିଯୋଗ କରିଛନ୍ତି।

### ଭାରସାମ୍ୟ ହରାଇ ବାଇକ୍ ଚାଳକ ଦୁର୍ଘଟଣାଗ୍ରସ୍ତ

ରେଢ଼ାଖୋଲ,୯।୧୨(ଡି.ଏନ.ଏ.) ୫୫ନଂ ଜାତୀୟ ରାଜପଥର ଚାରମାଳ ଥାନା ଚାଟୁଣୀ ନିକଟରେ ରବିବାର ସକାଳ ୧୦ଟା ବେଳେ ବାଇକ ଦୁର୍ଘଟଣାରେ ଭାଲୁଟୁଆ ଗ୍ରାମର ସୁଶାନ୍ତ ଗଡତ୍ୟା(୨୫)ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁହଁରେ ଗୁରୁତର ଆଘାତ ଲାଗିଛି। ତାଙ୍କୁ ସ୍ଥାନୀୟ ଲୋକମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲେ। ସେ ରେଢ଼ାଖୋଲ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୁଶାନ୍ତ ଏକ ବାଇକ ଯୋଗେ ରେଢ଼ାଖୋଲ ଆସୁଥିବା ବେଳେ ଭାରସାମ୍ୟ ହରାଇ ଚାଟୁଣି ସ୍କୁଲ ସମ୍ମୁଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ହେଲେ ଏ ନେଇ ଚାରମାଳ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ବସନ୍ତ କୁମାର ଦଳାଇ କହିଛନ୍ତି।

### ଅତିରିକ୍ତ ପ୍ରାଣିଧନ ଚିକିତ୍ସକଙ୍କୁ ଆକ୍ରମଣ

ରେଢ଼ାଖୋଲ,୯।୧୨(ଡି.ଏନ.ଏ.) ରେଢ଼ାଖୋଲ ଉପଖଣ୍ଡ ପ୍ରାଣିଧନ ଚିକିତ୍ସା କେନ୍ଦ୍ରର ଅତିରିକ୍ତ ପ୍ରାଣିଧନ ଚିକିତ୍ସକ ଡା: ପ୍ରକାଶ ମିଶ୍ରଙ୍କୁ ରବିବାର ସନ୍ଧ୍ୟା ୬ଟା ବେଳେ କେତେକ ଯୁବକ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ କର୍ମଚାରୀମାନେ ରେଢ଼ାଖୋଲ ଡାକ୍ତରଖାନାକୁ ତାଙ୍କୁ ଆଣିଛନ୍ତି। ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ସେ ରେଢ଼ାଖୋଲ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଡା: ମିଶ୍ର ପୋଲିସରେ ଅଭିଯୋଗ କରିଥିଲେ। ରେଢ଼ାଖୋଲ ଥାନା ଅଧିକାରୀ ପ୍ରଶାନ୍ତ ସାମଲ ୩ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି।

# ଶାରୀରିକ ବିକାଶରେ କ୍ରୀଡ଼ା ସହାୟକ ହୋଇଥାଏ

ଜମନକିରା,୯।୧୨(ଡି.ଏନ୍.ଏ.)

ଜମନକିରା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଦ୍ୱିଦିବସୀୟ ଏହି ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ମହୋତ୍ସବକୁ ଯୁକ୍ତ ୩ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଅରୁଣ କୁମାର ପଟେଲ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଫ୍ଲାଗ୍ ମାର୍ଚ୍ଚରେ ସାମିଲ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୁକ୍ତ ୨ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ବସନ୍ତ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଯାପିତ କରିଥିଲେ। ପାଠପଢା ସହ ଛାତ୍ରୀଛାତ୍ର କ୍ରୀଡାରେ ମଧ୍ୟ ଆଗ୍ରହ ରଖିବା ଆବଶ୍ୟକ । ଆମକୁ ଶାରୀରିକ ଓ ମାନସିକ ବିକାଶରେ କ୍ରୀଡା ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କ୍ରୀଡ଼ା ମହୋତ୍ସବରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦ ଓ ୩୦୦୦ ମିଟର ଦୌଡ଼, ଉଚ୍ଚ ଡିଆଁ, ଲମ୍ବା ଡିଆଁ, ଡିସ୍‌କସ୍ ଥ୍ରୋ ଓ ସଟ୍‌ପୁଟ ଆଦି ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳକୁ କଲେଜର ପିଇଟି ରଞ୍ଜନ ମହାକୁଳ



ଜମନକିରା କଲେଜ ବାର୍ଷିକ କ୍ରୀଡା ଉତ୍ସବରେ ଅତିଥି ଓ ଅଧ୍ୟାପକଙ୍କ ସହ ପ୍ରତିଯୋଗୀମାନେ ।

ପରିଚାଳନା କରିଥିଲେ। ଟିକିବା ହାଇସ୍କୁଲର ପିଇଟି ଶିବପ୍ରସାଦ ବେହେରା ଏବଂ ଟିକିଲିପଡ଼ା ହାଇସ୍କୁଲର ପିଇଟି ପ୍ରଦୀପ ପଟେଲ ସହଯୋଗ କରିଥିଲେ। ଯୁକ୍ତ ୨ ମହାବିଦ୍ୟାଳୟର ବାଳକ ବର୍ଗରେ ମନଜିତ ମିଞ୍ଜ ପ୍ରଥମ ହୋଇଥିଲେ। ଲିଲି ମାଝି ବାଳିକା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଯୁକ୍ତ ୩ ମହାବିଦ୍ୟାଳୟ ବାଳକ ବର୍ଗରେ ତନ୍ମୟ କିସାନ ପ୍ରଥମ ହୋଇଥିବା ବେଳେ ରଶ୍ମିତା ମାକର ବାଳିକା ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଡ. କୃପାଶଙ୍କର ନାଥ, ସୁଶ୍ରୀ ସୁଷମା ପଟ୍ଟନାୟକ, ପ୍ରଶାନ୍ତ ନାୟକ, ଡୋଲାମଣୀ ମେହେର, ରମେଶ ଚନ୍ଦ୍ର ରାଉତ, ପ୍ରଦୀପ କୁମାର ପଣ୍ଡା, ସତ୍ୟନାରାୟଣ ପଟ୍ଟନାୟକ, ଶିବପ୍ରସାଦ ଘୋଷ ପ୍ରମୁଖ ଅଧ୍ୟାପିକ ଅଧ୍ୟାପକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଅରୁଣା ମିଶ୍ର, ଶିବାନୀ ବେହେରା, ନିବେଦିତା ସାହୁ, ଅର୍ଚ୍ଚନା ରାଉତ, କଲ୍ୟାଣୀ ସାହୁ, ଦୀପ୍ତିମୟୀ ବିଶ୍ୱାଳ, ତୃପ୍ତିମୟୀ ମଲ୍ଲିକ, ଚନ୍ଦ୍ରିକା ସାହୁ, କୁଣ୍ଡଳୀ ମହାନନ୍ଦ, ସୁପର୍ଣ୍ଣା ପଟ୍ଟନାୟକ, ସୀମରନ ସିଂଦେଓ, ଚେତନା ଗଡ଼ତିଆ ପ୍ରମୁଖ ଅଧ୍ୟାପିକାମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଡ. ତୃପ୍ତି ମିଶ୍ର ଧନ୍ୟବାଦ ଦେଇ କ୍ରୀଡ଼ାମହୋତ୍ସବକୁ ସମାପନ କରିଥିଲେ।

## ଶିଶୁମନ୍ଦିରରେ ଜେଜେ ମାଆ, ବାପା ସମ୍ମିଳନୀ

ନାକଟିଦେଉଳ, ୯।୧୨–(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ଜେଜେମାଆ, ଜେଜେବାପା ସମ୍ମିଳନୀ ଆୟୋଜିତ ହୋଇଛି। ଶିଶୁମନ୍ଦିର ପରିଚାଳନା କମିଟିର ସଭାପତି ବିରଞ୍ଚି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମାଁ ସରସ୍ୱତୀଙ୍କ ଫଟୋଚିତ୍ରରେ ଅଭିଭାବକମାନେ ଦୀପପ୍ରଜ୍ୱଳନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ଏହି ଅବସରରେ ଜେଜେମାଆ, ବାପାମାନଙ୍କୁ ନାତିନାତୁଣୀ ଓ ଅଜାଆଇଙ୍କ ସମ୍ପର୍କରେ କିଛି ଉପଦେଶମୂଳକ ଗଳ୍ପ ଆଲୋଚନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ସମୁଦାୟ ୪୮ଜଣ ଜେଜେମା, ଜେଜେବାପା ଯୋଗ ଦେଇଥିଲେ । ଶେଷରେ ମଧୁସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାଟ୍ୟ ପୁସ୍ତକ ଉନ୍ମୋଚିତ



ରବିବାର ସମ୍ବଲପୁର ଶିରିଡି ସାଇବାବା ପବ୍ଲିକ ସ୍କୁଲ ପରିସରରେ ଅତିଥିମାନେ ନାଟ୍ୟ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

ସମ୍ବଲପୁର, ୯।୧୨ (ବ୍ୟୁରୋ)

ସ୍ୱର ପକ୍ଷରୁ ନାଟ୍ୟ ପୁସ୍ତକ ଉନ୍ମୋଚନ ଉତ୍ସବ ରବିବାର ଶିରିଡି ସାଇବାବା ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ସୁରୁବାବୁ ମେହେରଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ନାଟ୍ୟକାର ଡ. ନାରାୟଣ ସାହୁ ମୁଖ୍ୟଅତିଥି, ଅଭିନେତା, ନିର୍ଦ୍ଦେଶକ ଓ ନାଟ୍ୟକାର ଡ. ଦ୍ୱାରିକାନାଥ ନାୟକ, ଶିରିଡି ସାଇବାବା ପବ୍ଲିକ ସ୍କୁଲ ଅଧ୍ୟକ୍ଷା ସୌଗତା ଷଡଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ନାଟଶ୍ରୀ ଡ. ପଞ୍ଚାନନ ମିଶ୍ରଙ୍କ ରଚିତ ନାଟ୍ୟ ପୁସ୍ତକ ତିନୋଟି ନାଟକ ଏବଂ ପିଣ୍ଡଦାନ ଓ ଆଧାତ୍ମିକ ଅଜଗରକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ପ୍ରାରମ୍ଭରେ ନାଟ୍ୟକାର ପୁସ୍ତକ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱର ଅନୁଷ୍ଠାନର ଅଭିନେତ୍ରୀ, ଅଭିନେତା, ସଂଗୀତଜ୍ଞ, ନାଟ୍ୟ ନିର୍ଦ୍ଦେଶକ ଓ ସହ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମାନସ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଉତ୍ସବରେ ସମ୍ବଲପୁର ମହାନଗର ନିଗମ ବିଭିନ୍ନ ଅଞ୍ଚଳର କଳାକାର, ଶିକ୍ଷାବିତ, କଣ୍ଠଶିଳ୍ପୀ, ଗବେଷକମାନେ ଯୋଗ ଦେଇଥିଲେ । ଶେଷରେ ବୃନ୍ଦାବନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଟାଙ୍ଗରପାଲିରେ ବାଲ ଶିବିର

ସମ୍ବଲପୁର, ୯।୧୨ (ବ୍ୟୁରୋ)

ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଟାଙ୍ଗରପାଲିଠାରେ ବାଳ ଶିବିର ଆୟୋଜିତ ହୋଇ ଯାଇଛି। ଝାରସୁଗୁଡା ଏଲ.ଏନ. କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସରୋଜ କୁମାର ସୁଆର୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଦିଲୀପ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ଡ. ଉତ୍ତମ କୁମାର ପ୍ରଧାନ, ଉପସଭାପତି ହିମାଞ୍ଚଳ ମହାପାତ୍ର, ଯୁଗ୍ମ ସମ୍ପାଦକ ଭୀଷ୍ମ କୁମାର ମେହେର ସମ୍ମାନୀତ ଅତିଥି ଥିଲେ । ସହ ପ୍ରଧାନ ଆଚାର୍ଯ୍ୟ ଜ୍ଞାନେନ୍ଦ୍ରୀୟ ଦାଶ ସହଯୋଗ କରିଥିଲେ । ଶୈକ୍ଷିକ ପ୍ରମୁଖ ଦୀନବନ୍ଧୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁରେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ଷଷ୍ଠ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୩ଶହ ଛାତ୍ର ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ କବାଡି, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ହୋଇଥିଲା ।

## ଏମସିଏଲକୁ ୨ଟି ରାଷ୍ଟ୍ରୀୟ ସମ୍ମାନ

ସମ୍ବଲପୁର, ୯।୧୨ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ)କୁ ପବ୍ଲିକ ରିଲେସନ୍ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ୨ଟି ରାଷ୍ଟ୍ରୀୟ ସମ୍ମାନ- ୨୦୧୮ ପ୍ରଦାନ କରାଯାଇଛି । ଡେରାଡୁନ୍‌ଠାରେ ଆୟୋଜିତ ଉତ୍ସବରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍‌ଙ୍କଠାରୁ ଏମସିଏଲ ଜନସମ୍ପର୍କ ଉପ ପ୍ରବନ୍ଧକ ବିନାୟକ ଜାମୱାଲ୍ ସମ୍ମାନ ଗ୍ରହଣ କରିଥିଲେ । ଏମସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆରଆର ମିଶ୍ର, ସଂଚାଳନ ବୈଷୟିକ ନିର୍ଦ୍ଦେଶକ ଜେପି ସିଂ, କାର୍ମିକ ନିର୍ଦ୍ଦେଶକ ଲିଲାନନ୍ଦ ମିଶ୍ର, ମୁଖ୍ୟସତର୍କତା ଅଧିକାରୀ ମୁନୱର ଖୁର୍ସିଦ, ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ଓପି ସିଂ, ବିତ୍ତ ନିର୍ଦ୍ଦେଶକ କେଆର ବାସୁଦେବନ୍ ପ୍ରମୁଖ ଜନସମ୍ପର୍କ ଅଧିକାରୀ ଡିକେନ୍ ମେହେରା ଜାମୱାଲଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଏମସିଏଲ ସାମାଜିକ ଆର୍ଥିକ ବିକାଶ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ତେଣୁ ବେଷ୍ଟ ପବ୍ଲିକ ସେକ୍ଟର୍ ଅର୍ଗାନାଇଜେସନ୍‌ରେ ରୌପ୍ୟ ପଦକ ହାସଲ କରିଛି । ସେହିପରି ଏ ଗ୍ଲୋରି କୋଲ୍ ଗ୍ରାଣ୍ଡ ଶୀର୍ଷକ ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା । ଏଥିରେ ଏମସିଏଲ ବ୍ରୋଞ୍ଜ ପଦକ ହାସଲ କରିଥିଲା ।




ଏମସିଏଲ ଜନସମ୍ପର୍କ ଉପନିର୍ଦ୍ଦେଶକ ବିନାୟକ ଜାମୱାଲ୍ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।



ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି କରି ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା ରିଲେ ଆମରଣ ଅନଶନରେ ବସିଥିବାଆଇନଜୀବୀ ।

## ଧମା କଲେଜରେ ମାଗଣା ହୋମିଓପାଥିକ ଚିକିତ୍ସା ଶିବିର

ଧମା,୯।୧୨(ଡି.ଏନ.ଏ)

ସ୍ଥାନୀୟ ମାଁ ଝାଡେଶ୍ୱରୀ କଲେଜରେ ଏକ ମାଗଣା ମେଗା ହୋମିଓପାଥିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡିଶା ହୋମିଓପାଥି ସଂଗଠନ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ କଲେଜର ୟୁଥ ରେଡକ୍ରସ, ରେଡ୍ ରିବନ୍ କ୍ଲବ ଓ ଜାତୀୟ ସେବା ସଂସ୍ଥା ସହଯୋଗରେ ପରିଚାଳନା କରାଯାଇଥିଲା। ଯୁକ୍ତ ୨ ଅଧ୍ୟକ୍ଷ ଅଶୋକ ପୁରୋହିତ ଓ ଯୁକ୍ତ ୩ ଅଧ୍ୟକ୍ଷ ଅନୀଲ ପ୍ରଧାନ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୨୫୩ ଜଣ ରୋଗୀଙ୍କ ଚିକିତ୍ସା କରାଯାଇ ଔଷଧ ବିତରଣ କରାଯାଇଥିଲା । ପଶ୍ଚିମ ଓଡିଶା ହୋମିଓ ପାଥିକ ସଂଗଠନ ସଭାପତି ଡା. ଯଦୁମଣି ରାଉତ ଶିବିର ପରିଚାଳନା କରିଥିଲେ। ସମ୍ପାଦକ ଡା. ଅମ୍ବିକା ପ୍ରସାଦ ମିଶ୍ର ସହଯୋଗ କରିଥିଲେ । ଡା. ଜ୍ୟୋସ୍ନାମୟୀ ମହାରଣା, ଡା. ସୁରେନ୍ଦ୍ର ଦେହୁରୀ, ଡା. ପି. କୁମାର ନାୟକ ଓ ଡା. ମାନସ କୁମାର ପିଙ୍ଗ ରୋଗୀଙ୍କ ଚିକିତ୍ସା କରିଥିଲେ। ସମ୍ବଲପୁର ହୋମିଓପାଥିକ କଲେଜର ଛାତ୍ରୀଛାତ୍ର ରାକେଶ କୁମାର ନନ୍ଦ, ନିରୁପମା ଦାଶ, ବନ୍ଦନା ସେଠ ପ୍ରମୁଖ ସହଯୋଗ କରିଥିଲେ । କଲେଜ ତରଫରୁ ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁର, ସଞ୍ଜୟ ସାହୁ, ପ୍ରମୋଦ ଦେହୁରୀ, ପ୍ରମୋଦ ଲହରିଆ, ସୁଶ୍ରୀତ ଷଡଙ୍ଗୀ, ଜୀବର୍ଦ୍ଧନ ସେଠ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିନ୍ଦାସ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ନାକଟିଦେଉଳ,୯।୧୨–(ଡି.ଏନ.ଏ.)

ନାକଟିଦେଉଳର ବିନ୍ଦାସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମହାବିଦ୍ୟାଳୟ ଖେଳ ପଡ଼ିଆରେ ୧୨ତମ ବିନ୍ଦାସ କପ୍ କ୍ରିକେଟ ଟର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଟୁର୍ନାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶ ଗ୍ରହଣ କରିବେ। ଉଦ୍‌ଘାଟନୀ ଦିବସରେ ୪ଟି ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ବଳମ ଏବଂ ବଡ଼ବାହାଳ ମଧ୍ୟରେ ଆୟୋଜିତ ହୋଇଥିଲା । ବଳମ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୪୫ରନ ସଂଗ୍ରହ କରିଥିଲା। ଜବାବରେ ବଡ଼ବାହାଳ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜାମୁଜୋରୀ ଏବଂ ଜଗନ୍ନାଥପ୍ରସାଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜଗନ୍ନାଥପ୍ରସାଦ ୯୨ରନ୍ ସଂଗ୍ରହ କରିଥିବାବେଳେ ଜାମୁଜୋରୀ ୧୨୭ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଖେଳ ପରିଚାଳନା କରିଥିଲେ ଅଭିଷେକ ସାହୁ ଏବଂ ସୁଧାଂଶୁ ପାଣ୍ଡେ। ୧୫ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସୁମନ୍ତ ଧଳ, ଅଭିଷେକ ସାହୁ, କାହ୍ନୁ ପ୍ରଧାନ, ଲିପୁନ ସାହୁ, ସନ୍ତୋଷ ଧଳ ପ୍ରମୁଖ ସହଯୋଗ କରିଥିଲେ।

## କୁଟୁରାଚୁଆଁ ମହାବିଦ୍ୟାଳୟରେ କବିତା ପାଠୋତ୍ସବ

କୁଚିଣ୍ଡା,୯।୧୨ (ଡି.ଏନ.ଏ)

କୁଚିଣ୍ଡା ବ୍ଲକ୍ କୁଟୁରାଚୁଆଁ କଲେଜରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ସୁବାସଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବକୁ ପ୍ରତିମା ନାୟକ ସଂଯୋଜନା କରିଥିଲେ। ରାଜେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ପୂର୍ଣ୍ଣିମା ସାହୁ, ଦୀପିକା ସାହୁ, ଶ୍ରଦ୍ଧାଞ୍ଜଳି ପାଢ଼ୀ, ଲିଲିମା ପରୁଆ, ଲିପି ସେଠୀ, ସୁମନ ପରୁଆ, ଶିବାନୀ ଭଞ୍ଜ, ଗୀତାଞ୍ଜଳି ଧରୁଆ, ପଙ୍କଜିନୀ ନାୟକ ପ୍ରମୁଖ ୪୨ ଜଣ କବିତା ପାଠ କରିଥିଲେ।

## ସର୍ଲାକାନୀରେ ରକ୍ତଦାନ ଶିବିର

ସମ୍ବଲପୁର, ୯।୧୨ (ବ୍ୟୁରୋ)

ସର୍ଲାକାନୀ ସ୍ଥିତ ଡଲଫିନ୍ କ୍ଲବଠାରେ ଜିଲା କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ । ଜିଲା ଯୁବ କଂଗ୍ରେସ ସଭାପତି ଆଶୁତୋଷ ସ୍ୱାଇଁ, ମହମ୍ମଦ ମୁକ୍ତାର୍, ପ୍ଲାବନ ବହିଦାର, ମୁକେଶ ଶର୍ମା, ସୁମିତ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ଅଞ୍ଚଳର ୬୦ଜଣ ରକ୍ତଦାନ କରିଥିଲେ। ରାଜକିଶୋର ଦାଶ, ସୁରେଖା ସାହୁ, ସୁତାପା ମିତ୍ର, ନିରଞ୍ଜନ ତ୍ରିପାଠୀ, ବିଜୟ ଭୂୟାଁ, ଲାଲମହନ ସାଠିଆ, ଜୟରାମ ବନିଆଁ, ଜୁଲଫିକର୍ ଅଲ୍ଲି ଭୁଟୋ, ତ୍ରିଲୋଚନ ପୁରୋହିତ, ସଦାନନ୍ଦ ବରାଡ, ସରୋଜକାନ୍ତ ମିଶ୍ର, ଦୀପକ କୁମ୍ଭାର, କର୍ଣ୍ଣ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ବୁର୍ଲା ସରକାରୀ ବାଳିକା ହାଇସ୍କୁଲରେ ଜୋତା, ପୋଷାକ ବଣ୍ଟନ

ଚିପିଲିମା, ୯।୧୨ (ଡି.ଏନ.ଏ.)

ବୁର୍ଲା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ପୋଷାକ ବଣ୍ଟନ କରାଯାଇଛି। ଷଷ୍ଠ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୨୦ ଜଣ ଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । ପ୍ରତ୍ୟେକ ସେଟରେ ଦୁଇଯୋଡି ପୋଷାକ, ଖଣ୍ଡେ ଓଢ଼ଣୀ, ଦୁଇଯୋଡି ସକ୍ସ, ୧ ଯୋଡି ଜୋତା ପ୍ରଦାନ କରାଯାଇଛି। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ରୂପେ ଉପସ୍ଥିତ ରହି ପୋଷାକ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ବୁର୍ଲା ଟାଉନ ବିଜୁଜନତା ଦଳର ସଭାପତି ଦେବାଶିଷ ନନ୍ଦ ଓ ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଆରଏ ଶିବ କୁମାର ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ, ସହକାରୀ ଶିକ୍ଷକ ରବୀନ୍ଦ୍ର ନାୟକ ଓ ଅଭିଭାବକ ପରିଷଦର ସଭାପତି ଲୋଚନ ପ୍ରଧାନ ମଞ୍ଚାସୀନ ଥିଲେ । ଶିକ୍ଷୟତ୍ରୀ ସଙ୍ଗୀତା ଗୁରୁ, ସୁକଲ୍ୟାଣି ନାଗ ଓ ଦୋଲେଶ୍ୱରୀ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସହକାରୀ ଶିକ୍ଷକ ରବୀନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶାନ୍ତିଲତା ସ୍ୱାଇଁ, ସୁଜାତା ପୁରୋହିତ, ସୀତା ପ୍ରଧାନ, ଲଳିତା ବାଗ, ପ୍ରଦ୍ୟୁମ୍ନ ମିଶ୍ର, ରମାକାନ୍ତ ସାହୁ, ହୃଷୀକେଶ ସ୍ୱାଇଁ, ଗୋକୁଳି ରାଉତ, ବିଭୀଷଣ ଭିସର, ଲକ୍ଷ୍ମୀ ପ୍ରଧାନ, ବାପି ପଣ୍ଡା, ଉମାଶଙ୍କର ଅଗ୍ରୱାଲ, ଅଶୋକ ସାମଲ, ନରେନ୍ଦ୍ର ଭୁକ୍ତା, ଲଳିତ କୁମାର, ଶୁଭେନ୍ଦୁ ସାହୁ, ଆଶିଷ ପଞ୍ଚବିହାର, ରିଙ୍କୁ ମାଝି, ଜଗଜିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନୀତା ଲୁଗୁନ ଖେଲ୍ ଇଣ୍ଡିଆ ହକି ପାଇଁ ମନୋନୀତ

ରେଢ଼ାଖୋଲ,୯।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ସହରର ଶୁଣ୍ଠିମୁଣ୍ଡାସ୍ଥିତ ସରକାରୀ ଏସଏସଡି ବାଳିକା ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀ ସୁନିତା ଲୁଗୁନ ଖେଲ୍ ଇଣ୍ଡିଆ ହକି ପାଇଁ ମନୋନୀତ ହୋଇଛନ୍ତି। ଜାନୁୟାରୀରେ ମହାରାଷ୍ଟ୍ରର ପୁଣେରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ହକି ପ୍ରତିଯୋଗିତାରେ ସେ ଖେଳିବେ। ସୁନିତା ୧୭ ବର୍ଷରୁ କମ୍ ବାଳିକା ହକି ବର୍ଗରେ ଗତ ମାସ ୨୯ ତାରିଖଠାରୁ ୩ ତାରିଖ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ଓଡିଶା ପକ୍ଷରୁ ଖେଳିଥିଲେ। ତାଙ୍କର ଏହି ସଫଳତା ପାଇଁ ରେଢ଼ାଖୋଲରେ ଖୁସିର ଲହରି ଖେଳି ଯାଇଛି। ଶୁଣ୍ଠିମୁଣ୍ଡା ସରକାରୀ ଏସଏସଡି ବାଳିକା ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଭିନନ୍ଦନ ଜଣାଇଛନ୍ତି। ରବିବାର ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓ ଶାରୀରିକ ଶିକ୍ଷକ ସଂଘ ପକ୍ଷରୁ ସୁନିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଜିଲା ଶିକ୍ଷା ନୀରିକ୍ଷକ ପ୍ରତାପ ଲାଲ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ସୁନିତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଷ୍ଟା ସମ୍ବଲପୁର ଜିଲା ଶାଖାର ଉପସଭାପତି ଶତ୍ରୁଘ୍ନ ସ୍ୱାଇଁ, ବ୍ଲକ ସଂପାଦକ ବିଜୟାନନ୍ଦ ପ୍ରଧାନ, ପଞ୍ଚଖଣ୍ଡା ହାଇସ୍କୁଲର ପ୍ରଧାନ ଶୁଭ୍ରାଂଶୁ ଶେଖର ପ୍ରଧାନ, ଶିକ୍ଷକ ନେତ୍ରାନନ୍ଦ ଗୁରୁ, ଭୀମସେନ ସାହୁ, କୈଳାଶ ପ୍ରଧାନ, ଖେଳ ଶିକ୍ଷକ ପ୍ରକାଶଚନ୍ଦ୍ର ପଣ୍ଡା, ସୁକାନ୍ତ ପ୍ରଧାନ, ନରେନ୍ଦ୍ର ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ସୁନିତା ଗତ ବର୍ଷ ପାନପୋଷରେ ଅନୁଷ୍ଠିତ ଅନୁସୂଚିତ ଜାତି ଓ ଜନଜାତି ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡାରେ ପ୍ରତିନିଧିତ୍ୱ କରି ବିଦ୍ୟାଳୟ ତଥା ଉପଖଣ୍ଡକୁ ଗୌରବାନ୍ୱିତ କରିଥିଲେ। ସୁନିତା ରେଢ଼ାଖୋଲ ବ୍ଲକ ମୋଚିବାହାଲ ପଞ୍ଚାୟତର ଲଦଲଦା ଗ୍ରାମର ଆଶ୍ରିତା ଲୁଗୁନ ଓ ସାନିତା ଲୁଗୁନଙ୍କ ସାନ ଝିଅ। ଖେଲ୍ ଇଣ୍ଡିଆ ପାଇଁ ମନୋନିତ ହେବା ପରେ ତାଙ୍କ ଗ୍ରାମ ଲଦଲଦା ସମେତ ରେଢ଼ାଖୋଲ ଉପଖଣ୍ଡରେ ଖୁସିର ଲହରି ଖେଳି ଯାଇଛି।



ସୁନୀତା ଲୁଗୁନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

### ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ



ଭଲ ଭାବରେ କଥା କହିବାଟା ସୁନ୍ଦର ଚିତ୍ର ଆଙ୍କିବା ସଙ୍ଗେ ସମାନ।
- ୱେଣ୍ଡେଲ୍ ଫିଲିପ୍ସ

# ଜାତୀୟ ସମ୍ବଲପୁରୀ ସମ୍ମିଳନୀ ଉଦ୍‌ଯାପିତ

**ସମ୍ବଲପୁର, ୯।୧୨ (ବ୍ୟୁରୋ)**



ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି ।

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ଜାତୀୟ ସମ୍ବଲପୁରୀ ସମ୍ମିଳନୀ ରବିବାର ରାତିରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଉଦ୍‌ଯାପିତ ହୋଇଯାଇଛି। ମଞ୍ଚ ଆବାହକ ଭବାନୀଶଙ୍କର ପ୍ରଧାନଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଏସ୍‌ଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ହୁସେନ ରବି ଗାନ୍ଧୀ, ଝାରସୁଗୁଡା ବିଧାୟକ ନବକିଶୋର ଦାସ, ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ଆଇନଜୀବି ଗୋବିନ୍ଦ ନାରାୟଣ ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୋହନ ସାହୁଙ୍କ ସଭାପତିତ୍ୱରେ ସମ୍ବଲପୁରୀ କପଡାର ବଜାର ଚାହିଦା ଶୀର୍ଷକ ଆଲୋଚନାଚକ୍ରରେ ସୁରେନ୍ଦ୍ର ମେହେର ଓ ରାମଚନ୍ଦ୍ର ମେହେର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ନୃତ୍ୟ ଗୁରୁ ରଣଜିତ ନାଗଙ୍କ ସଂଯୋଜନାରେ ସମ୍ବଲପୁରୀ ସଂସ୍କୃତି ପ୍ରଚାରରେ ସଂଗଠନର ଭୂମିକା ଆଲୋଚନାଚକ୍ରରେ ନୃତ୍ୟ ଗୁରୁ ରଞ୍ଜନ ସାହୁ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହାପରେ କବିତା ପାଠ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ୧୬ଟି ଅନୁଷ୍ଠାନର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପଶ୍ଚିମାଞ୍ଚଳର ବିଭିନ୍ନ ଜିଲାରୁ କବି, ଲେଖକ, ସାହିତ୍ୟକ, ଗବେଷକ, ନୃତ୍ୟ ଗୁରୁ, ଗୀତିକାର ସାମିଲ ହୋଇଥିଲେ। ସେହିପରି ରାଜ୍ୟ ବାହାରେ ରହୁଥିବା ପଶ୍ଚିମାଞ୍ଚଳର ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ମୁଖ୍ୟଅତିଥି, ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା, ସମ୍ବଲପୁର ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ, ସାମାଜିକ କର୍ମୀ ଭାଗବତ ପ୍ରସାଦ ନନ୍ଦ, ସମ୍ବଲପୁର କଳାପରିଷଦ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ହୋତା, ସାହିତ୍ୟକ ଡ. ଶ୍ୟାମସୁନ୍ଦର ଧର, ଓଡିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସମ୍ମିଳନୀର ଉଦ୍‌ଘାଟନ କରିଥିଲେ । ସେମାନେ ଆମର୍ ଭାଷା, ଆମର୍ ସଂସ୍କୃତି, ଆମର୍ ଟେକ୍ ବିଷୟରେ ମତବ୍ୟକ୍ତ କରିଥିଲେ । ସଭା ପ୍ରାରମ୍ଭରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ରଚିତ ସମ୍ବଲପୁରର୍ ମାଟି ପାନି ଝରସି ହୀରାନିଲା ଜୟ ଜୟ ସମଲେଇ ମାଁ ଗୋ ଧଏନ୍ ଧଏନ୍ ତୋର ଲିଲା... ପରିବେଷିତ ହୋଇଥିଲା ।

## ସଂକ୍ଷେପରେ



### ଭୀମଖୋଜ ଗାଁ ନିକଟରେ ଅସୁସ୍ଥ ଦନ୍ତା ଠାବ, ଗୋଡ଼ ଫୁଲିଛି

**ସମ୍ବଲପୁର, ୯।୧୨ (ବ୍ୟୁରୋ)**- ସମ୍ବଲପୁର ଜିଲା ଭୀମଖୋଜ ଗାଁ ଜଙ୍ଗଲରେ ବନ ବିଭାଗ ଏକ ଅସୁସ୍ଥ ଦନ୍ତାହାତୀକୁ ଠାବ କରିଛି। ଏହାର ପଛ ପାଖ ବାମ ଗୋଡର ତଳ ଭାଗ ଫୁଲିଛି। ହାତୀଟି ଖିଆପିଆ କରୁଥିଲେ ବି ଯନ୍ତ୍ରଣା ଯୋଗୁ ଗର୍ଜନ କରୁଛି। ବୟସ ପ୍ରାୟ ୧୫ ବର୍ଷ ଭିତରେ ହେବ। ରବିବାର ଡିଏଫଓ ସଞ୍ଜୀତ କୁମାର, ରେଞ୍ଜର ଗୌରୀ ଦାସ, ଏସିଏଫ ପଙ୍କଜ ପଣ୍ଡା ପ୍ରମୁଖ ହାତୀର ସ୍ୱାସ୍ଥ୍ୟ ଅବସ୍ଥା ଅନୁଧ୍ୟାନ କରିଛନ୍ତି। ଜଣେ ପ୍ରାଣୀଧନ ଚିକିତ୍ସକଙ୍କୁ ଡକାଇ ଆଲୋଚନା, ବିଚାର ବିମର୍ଷ ମଧ୍ୟ ରିଛନ୍ତି। ଆବଶ୍ୟକ ହେଲେ ବିଶେଷଜ୍ଞ ଟିମ୍ ଆସିବେ ବୋଲି ବନ ବିଭାଗ କହିଛି।

### ବିଧାୟିକାଙ୍କ କୁଶପୁତ୍ତଳିକା ଦାହ

**ସମ୍ବଲପୁର, ୯।୧୨ (ବ୍ୟୁରୋ)**- ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଭିମ୍‌ସାର ନିର୍ଦ୍ଦେଶକ ଡା. ଅଶ୍ୱିନୀ ପୂଜାହାରୀଙ୍କ ସମର୍ଥନରେ ରବିବାର ଗୋଲବଜାରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆନ୍ଦୋଳନକାରୀମାନେ ନିର୍ଦ୍ଦେଶକଙ୍କ ଛୁଟି ବନ୍ଦ କରିବା ଦାବିରେ ସ୍ଲୋଗାନ ଦେଇଥିଲେ। ଜୁନିୟର ଡାକ୍ତରଙ୍କ ଆନ୍ଦୋଳନରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ସଂପୃକ୍ତି ଥିବା ଅଭିଯୋଗ କରି ବିକ୍ଷୋଭକାରୀ ତାଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି । ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ରିକନ ପଟ୍ଟନାୟକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଆକାଶ ଇନ୍‌ଷ୍ଟିଚ୍ୟୁଟର କର୍ମଶାଳା

ସମ୍ବଲପୁର,୯।୧୨(ବ୍ୟୁରୋ) ଭୁବନେଶ୍ୱର ଆକାଶ ଇନଷ୍ଟିଚ୍ୟୁଟ୍ ଶାଖା ପକ୍ଷରୁ ବୃତ୍ତି ଚୟନ ସମ୍ବନ୍ଧୀୟ ପରାମର୍ଶ କର୍ମଶାଳା ରବିବାର ସନ୍ଧ୍ୟାରେ ଅଇଁଠାପାଲି ନିକଟସ୍ଥ ହୋଟେଲ କାବେରୀଠାରେ ଅନୁଷ୍ଠିତ ହୋଇଯାଇଛି। ଆକାଶ ଇନଷ୍ଟିଚ୍ୟୁଟ ଏଜିଏମ କମଳ କୁମାର ପାତ୍ର, ଭୁବନେଶ୍ୱର ଶାଖା ପ୍ରବନ୍ଧକ ଆଶୁତୋଷ କୁମାର ଓ ସମ୍ବଲପୁର ଶାଖାର ବିଶ୍ୱଜିତ ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ଚୟନ ବିଷୟରେ ଆଲୋକପାତ କରିଥିଲେ । ୧୦ମ ଓ ଦ୍ୱାଦଶ ଶ୍ରେଣୀ ପରେ ନିଜର ଦକ୍ଷତା ଓ ରୁଚି ହିସାବରେ ଛାତ୍ରୀଛାତ୍ର କିପରି ବୃତ୍ତି ଚୟନ କରିପାରିବ ସେ ନେଇ କର୍ମଶାଳାର ମୂଳ ଲକ୍ଷ୍ୟ ବୋଲି ଆୟୋଜକ ପକ୍ଷରୁ ସୂଚୀତ କରାଯାଇଥିଲା । ଏହି କର୍ମଶାଳାରେ ସହରର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ ।

### ବାଇକ୍ ଧକ୍କାରେ ଗାଈ ଚରାଳି ମୃତ: ଆରୋହୀ ଗୁରୁତର

**ଧମା, ୯।୧୨ (ଡି.ଏନ.ଏ)**- ଧମା ଥାନା ଅନ୍ତର୍ଗତ ସାହାସପୁର ବଡବନ୍ଧ ସମ୍ମୁଖରେ ଏକ ବାଇକ ଧକ୍କାରେ ଜଣେ ଗାଈ ଚରାଳିଙ୍କ ମୃତ୍ୟୁ ଘଟିଛି। ବାଇକ ଆରୋହୀ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗାଈ ଚରାଳି ଜଣକ ଗାଈ ଚରାଇ ସାରି ଫେରୁଥିଲେ। ଏହି ସାହାସପୁର ଜଡାବନ୍ଧ ସମ୍ମୁଖରେ ବାଇକ (ନଂ. ଓଆର୍ ୧୫ ଏ- ୭୦୩୧) ତାଙ୍କୁ ଧକ୍କା ଦେଇଥିଲା । ଗାଈ ଚରାଳି ସାହାସପୁରର ଜଗନ୍ନାଥ ନାଏକ (୭୦) ଏବଂ ଆରୋହୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ପଠାଯାଇଥିଲା। ସେଠାରେ ଜଗନ୍ନାଥଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଆରୋହୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏ ବାବଦରେ ଧମା ପୋଲିସ ଏକ ମାମଲା (ନଂ.୧୮୭/୧୮) ରୁଜୁ କରିଛି। ବାଇକ ଆରୋହୀ ବରଗଡ ଅଞ୍ଚଳର ମିଥୁନ ନାମକ ଯୁବକ ବୋଲି ପ୍ରାରମ୍ଭିକ ତଦନ୍ତରେ ଜଣାପଡିଛି ।

## ଆମର ଉତ୍ସବ ପାଇଁ ନୃତ୍ୟଗୀତ ପ୍ରତିଯୋଗିତା

**ଚିପିଲିମା, ୯।୧୨ (ଡି.ଏନ.ଏ)**

ବୁର୍ଲା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆମର ଉତ୍ସବ-୨୦୧୮ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍ସବ କମିଟିର ଅଧ୍ୟକ୍ଷ ଡ. ଅରବିନ୍ଦ ମହାକୁରଙ୍କ ତତ୍ତ୍ୱାବଧାନରେ ନୃତ୍ୟ, ସଂଗୀତ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଡ. ପ୍ରେମଚାନ୍ଦ ମହାନ୍ତି, ରଶ୍ମିରଞ୍ଜନ ଶତପଥୀ, କାଳୀଚରଣ ପାଢ଼ୀ ଏବଂ ସତ୍ୟ ନାଏକ ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ । ବିଭିନ୍ନ ସ୍କୁଲ କଲେଜରୁ ପ୍ରାୟ ୪୦୦ ପ୍ରତିଯୋଗୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଭାପତି ଗିରିଜା ନାୟକ, ଓକିଲ ଖମାରୀ, ଈଶ୍ୱର ପ୍ରଧାନ, ଚିତ୍ତରଞ୍ଜନ ନାଏକ ଏବଂ କଳ୍ପତରୁ ମହାନନ୍ଦ ପ୍ରମୁଖ ପରିଚାଳନା କରିଥିଲେ ।

## ଆଜି ବୁର୍ଲା ବନ୍ଦ, ସମ୍ବଲପୁରରେ ରାସ୍ତାରୋକୋ

**ଚିପିଲିମା/ସମ୍ବଲପୁର, ୯।୧୨ (ଡି.ଏନ.ଏ./ବ୍ୟୁରୋ)**

ଭିମ୍‌ସାର ନିର୍ଦ୍ଦେଶକ-କନିଷ୍ଠ ଡାକ୍ତର ବିବାଦର ଏକ ପ୍ରକାର ସମାଧାନ ହୋଇଛି। ପୂର୍ବତନ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ ଆଉ ପଦରେ ନାହାନ୍ତି। ସରକାର ତାଙ୍କୁ କାରଣ ଦର୍ଶାଅ ନୋଟିସ ଦେବା ସହ ଛୁଟିରେ ଯିବାକୁ କହିବାରୁ ସେ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂଆ ନିର୍ଦ୍ଦେଶକ ହୋଇଛନ୍ତି ପ୍ରଫେସର ପ୍ରକାଶ ମହାପାତ୍ର। ଦୀର୍ଘ ଦିନ ଧରି ପୂଜାହାରୀଙ୍କ ବିରୋଧରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା କନିଷ୍ଠ ଡାକ୍ତରମାନେ ବି କାମରେ ଯୋଗ ଦେଇଛନ୍ତି। ହେଲେ ପୂଜାହାରୀଙ୍କ ସପକ୍ଷ ତଥା ସମର୍ଥନରେ ବୁର୍ଲାରେ କିଛି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଏକାଠି ହୋଇଛନ୍ତି। ପୂଜାହାରୀଙ୍କୁ ସମର୍ଥନ କରି ସୋମବାର ଏମାନେ ବୁର୍ଲା ବନ୍ଦ ଡାକରା ଦେଇଛନ୍ତି। ଅନ୍ୟପକ୍ଷେ ଭାଜପା ପକ୍ଷରୁ ମଧ୍ୟ ସମ୍ବଲପୁର ଅଇଁଠାପାଲି ଛକରେ ନିର୍ଦ୍ଦେଶକଙ୍କୁ ସମର୍ଥନ କରି ରାସ୍ତାରୋକୋ କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାଣ ନିୟମ ପକାଉ କେତେ,**
**ଶୁଖିଲା ସୁଆଗ ଲଗାଉ କେତେ ।**

ବିଶ୍ୱାସକୁ ଆଧାର କରି ସମ୍ପର୍କର ମୂଳଦୁଆ ପଡ଼ିଥାଏ। ପତିପତ୍ନୀଙ୍କ ମଧ୍ୟରେ ବିଶ୍ୱାସ ଓ ଭଲପାଇବା ଯେତେ ଦୃଢ଼ ହୁଏ, ସେମାନଙ୍କ ଦାମ୍ପତ୍ୟଜୀବନ ସେତେ ସୁଖମୟ ହୋଇଥାଏ। ତେବେ ଯେଉଁଠି ଆନ୍ତରିକତା ନ ଥାଏ ସେଠି ସବୁ ସମ୍ପର୍କ ତୁଚ୍ଛ ଲାଗିଥାଏ। ଏଭଳି ସ୍ଥଳେ ଫମ୍ପା ମାଠିଆ ଭଳି ଉପର ଦେଖାଣିଆ ସ୍ନେହ ଶ୍ରଦ୍ଧାରେ କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରାଉ ରାଉ ତୁ ହଉଚୁ କିଆଁ ?**
**ଓଦା କାଠରେ ଲଗାଉଚୁ ନିଆଁ ।**

ଯେତେ ଚେଷ୍ଟା କଲେ ମଧ୍ୟ ଓଦା କାଠରେ ନିଆଁ ଧରିବା କଷ୍ଟକର ସେଥିପାଇଁ ମନରେ ରାଗଭାବ ଆଣିବା ନିରର୍ଥକ। ପରୋକ୍ଷରେ କଳହପ୍ରିୟ ବ୍ୟକ୍ତି କୌଣସି କାରଣ ନ ଥାଇ ଅନ୍ୟ ସହ ଝଗଡ଼ା ଝାଟି କରୁଥିବାର ଦେଖିବାକୁ ମିଳିଥାଏ। ଏହା ସେମାନଙ୍କର ଏକ ପ୍ରକୃତି ବୋଲି ବୁଝିବାକୁ ହୋଇଥାଏ। ତିଳକୁ ତାଳ କରି କଥା ବଢ଼ାଇ ପରିବେଶକୁ ତିକ୍ତ କରୁଥିବା କଳହପ୍ରିୟ ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଅଜଣା ମୃତଦେହ ହସ୍ତାନ୍ତର କଲେ ଡାକ୍ତର

**ଚିପିଲିମା, ୯।୧୨ (ଡି.ଏନ.ଏ.)**

ଭିମ୍‌ସାର ମେଡିସିନ ୱାର୍ଡରେ ଚିକିତ୍ସିତ ହେଉଥିବା ଜଣେ ଅଜଣା ବ୍ୟକ୍ତିଙ୍କ ରବିବାର ମୃତ୍ୟୁ ଘଟିଛି। ତାଙ୍କ ପକେଟରୁ ମିଳିଥିବା ପରିଚୟ ଅନୁସାରେ ସେ ବରଗଡ ପାଗରପାଣିର ନନ୍ଦୁ ବନଛୋର ବୋଲି ଜଣା ପଡିଥିଲା। ହେଲେ ତାଙ୍କର କେହି ଆତ୍ମୀୟ ସ୍ୱଜନ ପାଖରେ ନ ଥିଲେ। ବହୁକଷ୍ଟରେ ପକେଟରୁ ମିଳିଥିବା ଏକ ଡାଏରିରୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ଡାକ୍ତର ଶଙ୍କର ରାମଚନ୍ଦାନୀ ଯୋଗାଯୋଗ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଭିମ୍‌ସାରରେ ପହଞ୍ଚିବା ପରେ ଡାକ୍ତର ରାମଚନ୍ଦାନୀ ତାଙ୍କୁ ନିଜ ପକେଟରୁ ଟଙ୍କା ଦେଇ ମୃତଦେହ ନେବାକୁ ଏକ ଘରୋଇ ଗାଡିର ବ୍ୟବସ୍ଥା କରିଥିଲେ।


# ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି

## ଚାଷୀଭାଇମାନଙ୍କ ଧାନ ବିକ୍ରୟ ସମ୍ବନ୍ଧେ ବିଶେଷ ସୂଚନା

ଏତଦ୍ୱାରା ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ଇଲାକାଧୀନ ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ବର୍ଷ ୨୦୧୮-୧୯ ବର୍ଷ ପାଇଁ ଆସନ୍ତା ତା୦୭।୧୨।୨୦୧୮ରିଖଠାରୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ନିମ୍ନଲିଖିତ ସେବା ସମବାୟ ସମିତି ଜରିଆରେ ଧାନକ୍ରୟ କରାଯାଉଅଛି। ଏଣୁ ଚାଷୀ ଭାଇ/ଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ଶୁଖାଇ ଓ ସଫାକରି F.A.Q.ମାନକୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବାକୁ ଅନୁରୋଧ।

**'ଶୁଖିଲା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣନ୍ତୁ ଏବଂ ସରକାରୀ ଧାର୍ଯ୍ୟ ଉଚିତ ସହାୟକ ମୂଲ୍ୟ ପାଆନ୍ତୁ'।**

| କ୍ର.ନଂ. | ବ୍ଲକ୍‌ର ନାମ | ଧାନକ୍ରୟ କେନ୍ଦ୍ରର ନାମ |
|---|---|---|
| ୧. | ଜଗତସିଂହପୁର | ସାଁପୁର, ପୁରୋହିତପୁର, ଶାଳଜଙ୍ଗା, ମଣ୍ଡାସାହି, ସଭାମୂଳ, ଓଡ଼ିଶୋ, କଣ୍ଟାବଲ୍ଲଭପୁର, ତରଡ଼ାପଡ଼ା, କାଦୁଅପଡ଼ା, ପଳାଶୋଳ, ସିଙ୍ଗାରପୁର, ଆଳିପିଙ୍ଗଳ, କଣ୍ଟିଲୋ, ମୁଦୁପୁର, ମାର୍କଣ୍ଡପୁର, ବିଶିପିଉଳ |
| ୨. | ବିରିଡ଼ି | ଅଡ଼ଙ୍ଗଗଡ଼, ପୂରଣ, ଗୋପୀନାଥପୁର, ଉତ୍ତର ଶାସନ, ମଙ୍ଗୁଳି, ଅଲାଣ୍ଡୋ |
| ୩. | ନାଉଗାଁ | ଡେରିକି, ତିରୁଣା, ଶିଖର, ଗଜରାଜପୁର, ନାଉଗାଁ (ଉପକେନ୍ଦ୍ର ଦାଣ୍ଡୁଆ), ଅଲଣା |
| ୪. | ରଘୁନାଥପୁର | ରାଢ଼ଙ୍ଗ, ଜିରା, ରେଡୁଆ, ତାରପୁର, ତରିକୁନ୍ଦ, ଛପଡ଼ା, ଗୁଆଳିପୁର, ପୁରୁଣାବସନ୍ତ, ଜଗନ୍ନାଥପୁର |
| ୫. | ବାଲିକୁଦା | ଇଛାପୁର, ସଂଗ୍ରାମପୁର, କାଳିଓ, ମାଛଗାଁ, ଅପଣ୍ଡରା, ଅନନ୍ତପୁର, ନହରଣା, ଶୋଭା, ରାହାଣ, ବୋରିକିନା, କାଞ୍ଜିଆକଣ, ଅଳାଭର, ନାଗପୁର, ଅଳାବୋଳ, ତଣ୍ଡିକୂଳ, ମୁଲୁଗାଁ, କୃଷ୍ଣଦାସପୁର, ଦୁଆ, ବରମୁଣ୍ଡଳି, ବାହାରଣା, ଆମ୍ବଶାଳ |
| ୬. | ତିର୍ତ୍ତୋଲ | ବୋଧେଇ, କଟରା, ତରଜଙ୍ଗା, ତୁଳଙ୍ଗ, ଗରାମ, କୃଷ୍ଣାନନ୍ଦପୁର, କନକପୁର, ଜଗନ୍ନାଥପୁର, କୋଳର, ସାମନ୍ତରାପୁର, ପଟିଲୋ, ଗୋବିନ୍ଦପୁର, ବିରିତୋଳ, ତିର୍ତ୍ତୋଲ, ଦାଇଁଲୋ |

| ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ସରକାରୀ ଧାର୍ଯ୍ୟ ଦର) | |
|---|---|
| ସାଧାରଣ ମାନ | ଟ.୧,୭୫୦.୦୦ (କ୍ୱିଣ୍ଟାଲ ପ୍ରତି) |
| ଗ୍ରେଡ୍-'ଏ' ଧାନ | ଟ.୧,୭୭୦.୦୦ (କ୍ୱିଣ୍ଟାଲ ପ୍ରତି) |

ସର୍ବଶେଷରେ ଚାଷୀ ଭାଇ/ଭଉଣୀମାନେ ଧାନମଣ୍ଡିରେ ଶୃଙ୍ଖଳାର ସହିତ ଧାନକ୍ରୟରେ ଜିଲ୍ଲା ପ୍ରଶାସନ ସହିତ ସହଯୋଗ କରିବାକୁ ଅନୁରୋଧ।

ନିୟନ୍ତ୍ରିତ ବଜାର କମିଟି
ଜଗତସିଂହପୁର

ଜିଲ୍ଲା ପ୍ରଶାସନ
ଜଗତସିଂହପୁର



**GOVT. OF ODISHA**
**OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR**
919-A

**'e' Procurement Notice No.CELMB 64 OF 2018-19**

1. Name of the work : Raising & strengthening to saline embankment from Ambiki to Kankan from RD 2.00 Km to RD 8.00 Km under NABARD Assistance RIDF-XXII.
2. Tender Cost : Rs. 11,58,50,265.00
3. Bid Document Cost : Rs.10, 000.00 (online)
4. Bid Security : Rs.11,58,600.00 (online)
5. Class of Contractor : Special Class & Super Class
6. Period of Completion : 18 calendar months (548 Days)
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB MSD 05 OF 2018-19 | 12.12.2018 10.00hrs | 27.12.2018 17.00hrs | 28.12.2018 11.00 hrs |

8. e-mail Id : celmbbbsr@yahoo.co.in
Further detail conditions can be seen from the Govt. website www.tendersorissa.gov.in

32252/11/0075/1819 *Sd./- Chief Engineer FC & Basin Manager, Lower Mahanadi Basin*



**GOVERNMENT OF ODISHA,**
**OFFICE OF THE EXECUTIVE ENGINEER, RURAL WORKS DIVISION-II, MALKANGIRI**
e-mail: ruralworksdivisioniimalkangiri@yahoo.co.in

**NATIONAL COMPETITIVE BIDDING THROUGH e-Procurement**
Identification No. Online 07/RWD-II, MKG/2018-19
1088-O

1. Name of the work : Building & Road works (Detailed in Annexure)
2. Total Number of Works : 05 (Five) numbers.
3. Tender Cost : From Rs.5.19 lakhs to Rs.22.10 lakhs
4. Class of Contractor : 'D' ,'C' and "B" Class contractors
5. Period of Completion : 2 and 4 Months (Detailed in Annexure)
6. Other Details :

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Malkangiri | Online Tender /07 / RWD-II, MKG/ 2018-19 | 05 (Five) Nos. of Building & Road works | 12.12.2018 from 11.00AM | 27.12.2018 upto 5.00PM | 26.12.2018 upto 5.00PM | 29.12.2018 at 11.00AM |

Further details can be seen from the Website www.tenderorissa.gov.in

25079/11/0007/1819 *Executive Engineer, R.W. Division-II, Malkangiri*



**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com, Tel/FAX:- 0680-2404287
1136-O

**NATIONAL COMPETITIVE BIDDING THROUGH e-Procurement**
Bid Identification No. Online Tender /26-2018-19/BPR

| Identification No. | Name of work | No. of Works | Approx. Estimated Cost (in lakh) | Class of Contractor | Period of Completion |
|---|---|---|---|---|---|
| Online Tender / 26-2018-19/ BPR | Road Works under Periodical Maintenance | 13 Nos. | From Rs. 98.80 lakhs to Rs. 251.40 Lakhs | "B" or "A" Class as applicable | 03 (Three) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/ 26-2018-19/BPR | 12.12.2018 at 10.00AM | 26.12.2018 upto 3.00PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in

25071/11/0041/1819 *Sd./- Superintending Engineer, R.W. Circle, Berhampur*



**GOVERNMENT OF ODISHA "e" PROCUREMENT NOTICE**
1111-O
**Bid Identification No 22 of 2018 - 19**

1. Name of the Work :- Execution of different civil works in the district of Kandhamal. (Refer DTCN available in the website:- tendersorissa.gov.in)
2. Total No. of work :- 04 Nos.
3. Estimated Cost :- Rs. 39.90 lakh to 49.80 lakh
4. Eligible Class of Contractor :- "C & B" and " B & A" Contractor
5. Period of Completion :- 06 months (Refer DTCN available in the website tendersorissa.gov.in)
6. Other Details :-

| Procurement Officer | Bid Identification No. | Availability of tender online for bidding | | Date and time for opening of Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 22 of 2018-19 | Dt. 12.12.2018 At 10.00 Hrs | Dt. 26.12.2018 Upto 17.00 Hrs | Dt.27.12.2018 at 11.00AM |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.

25006/11/0026/1819 *Executive Engineer, RWS&S Division, Phulbani*

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

# MOCK TEST PAPER # 1

## CLASS-X (SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

i. ***The question paper comprises two sections, A and B. You are to attempt both the section.***

ii. ***All questions are compulsory. However, an internal choice will be provided in two questions of 3 marks each and one question of 5 marks.***

iii. ***Question numbers 1 to 2 in Section A are one-mark questions. These are to be answered in one word or in one sentence.***

iv. ***Question numbers 3 to 5 in Section A are two marks questions. These are to be answered in about 30 words each.***

v. ***Question numbers 6 to 15 in Section A are three marks questions. These are to be answered in about 50 words each.***

vi. ***Questions number 16 to 21 in Section A are five marks questions. These are to be answered in about 70 words***

vii. ***Question numbers 22 to 27 in Section B are two marks questions based on practical skills. These are to be answered in brief.***

### SECTION-A

**1.** What do you mean by rainwater harvesting ?

**2.** Which pancreatic enzyme is effective in digesting proteins.

**3.** Find the value of the current in the circuit shown in figure.




**4.** Write the name and molecular formula of the first member of the homologous series of alkynes and alkanes.

**5.** "Fossils are related to evolution", justify this statement. Give the two ways by which age of fossils can be estimated ?

**6.** What are sexually transmitted diseases (STDs) ? Name four such diseases. Name one STD which damages the immune system of human body.

**7.** Suggest any four activities in daily life which are eco-friendly.

**8.** Describe with the help of a diagram, how the refraction of light takes place through a glass prism?

**9.** a. Choose amphoteric oxides from the following oxides.

$Na_2O$, $ZnO$, $Al_2O_3$, $SO_2$

b. "Hydrogen gas is not evolved when most metals react with nitric acid". State reasons to justify this statement.

**10.** What is DNA copying ? How many copies of DNA are created in a reproducing cell ? Why is DNA copying considered an essential part of process of reproduction ?

**11.** a. Write the role of motor areas in brain.

b. A nerve input signal travelled only upto the spinal cord and gave output signal for a response. What type of action will the body show voluntary or involuntary ?

c. Draw a nerve pathway for the above action.

**OR**

Mention one role of each of the following:

a. Cerebellum b. Forebrain c. Medulla

**12.** a. Write the name given to bases that are highly soluble in water. Give an example.

b. How is tooth decay related to pH ? How can it be prevented ?

c. Why does bee sting cause pain and irritation ? Rubbing of baking soda on the sting area gives relief. How ?

**13.** What are the environmental consequences of the increasing demand for energy ? What steps would you suggest to reduce energy consumption ?

**14.** Ria and Rama are the students of Class X. Ria is very much organized and maintained. The teachers admire her. She earns a great respect in the class whereas Rama is unorganized and always faces a lot of problems in handling life situations. Answer the following questions based on above information:

i. In your opinion how does organisation help in daily life ?

ii. How can you relate the above fact with the chapter classification of element ?

iii. How does classification of elements help us in studying them properly ?

**15.** An object of size 7.0 cm is placed at 27 cm in front of a concave mirror of focal length 18 cm. At what distance from the mirror, should a screen be placed, so that a sharp focussed image can be obtained ? Find the size and the nature of the image.

**OR**

A myopic person has been using spectacles of power –1.00 D for clear vision. During old age he also needs to use separate reading glasses of power +2.00 D. Explain what may have happened to his eye-sight?

**16.** a. Describe the process of fertilization in a flower.

b. Why is the number of sperms produced always much more than the number of eggs produced ?

**17.** a. Name the gas evolved when sodium hydrogen carbonate reacts with dilute hydrochloric acid. How will you test the presence of this gas ?

b. A substance 'X' which is an oxide of a metal is used extensively in the cement industry. The element present in the substance X is an important constituent of our bones. On treatment with water, it forms a solution which turns red litmus blue. Identify 'X' and also write the equation for its chemical reaction with water.

c. Why is concentrated acid added to water and not water to concentrated acid to make dilute solution of acid ?

**18.** Explain:

a. Why stars seem higher than they actually are ?

b. Sun appears to rise 2 minutes before and set 2 minutes later.

c. Sun appears oval or flattened at sunrise and sunset.

**19.** Explain the underlying principle and working of an electric generator by drawing a lavelled diagram. What is the function of brushes ?

**20.** a. Draw a diagram of cross-section of the human heart and label the following parts:

i. Right ventricle ii. Aorta iii. Left atrum iv. Pulmonary arteries

b. Give reasons for the following

i. The muscular walls of ventricles are thicker than the walls of atria.

ii. Arteries have thick elastic walls.

**21.** a. Explain the following terms.

i. Mineral ii. Ore iiii. Gangue

b. Name the reducing agent in the following reaction

$3MnO_2 + 4Al \rightarrow 2Al_2O_3 + 3Mn$

Which is more reactive Mn or Al and why ?

**OR**

In what forms are the metals found in nature ? With the help of examples, explain how metals react with oxygen, water and dilute acids. Also, write chemical equations for these reactions.

### SECTION-B

**22.** Mention the procedure to obtain a leaf's peel.

**23.** What precautions should be taken while performing the experiment to identify the different parts of an embryo of a dicot seed ?

**24.** A student, using the same two resistors, battery, ammeter and voltmeter, sets up two circuits, connecting the two resistors, first in series and then in parallel as shown. If the ammeter and voltmeter reading in the two cases are ($I_1$, $I_2$) and ($V_1$, $V_2$) respectively, write the conclusion drawn by him.




**25.** Draw the diagram for tracing the path of ray of light through a glass slab with correct labelling.

**26.** Five solutions P, Q, R, S and T when tested with universal indicator showed pH of 13, 8, 1, 7 and 5 respectively.

a. Which solution is

i. strongly alkaline ii. weakly acidic ?

b. Arrange the pH in the increasing order of hydrogen ion concentration.

**27.** Which of the following pairs will give displacement reaction ?

a. $FeSO_4$ and copper metal.

b. $FeSO_4$ and aluminium metal.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଆଜ୍‌ମା

ଆଜ୍‌ମା ଏକ ଶ୍ୱାସଜନିତ ସମସ୍ୟା। ଏହାଦ୍ୱାରା ଆକ୍ରାନ୍ତ ହେଉଥିବା ରୋଗୀ ସହଜରେ ନିଃଶ୍ୱାସ ନେଇପାରେ ନାହିଁ। ଫଳରେ ଏହାର ତୁରନ୍ତ ଚିକିତ୍ସା କରାଇବାକୁ ପଡିଥାଏ। ବେଳେବେଳେ ରୋଗୀର ଅବସ୍ଥା ଦେଖି ତାକୁ ଆଇସିୟୁରେ ଆଡ୍‌ମିଶନ କରାଯାଇ ଚିକିତ୍ସା କରାଯାଏ। ଆଜ୍‌ମାରୁ ଉପଶମ ପାଇବା ପାଇଁ କେତେକ ଔଷଧ ଧୀରେ ଧୀରେ କାମ କରେ ଏବଂ କେତେକରୁ ଶୀଘ୍ର ଫଳ ମିଳିଥାଏ। ହେଲେ ଔଷଧ କେତେ ପରିମାଣର ଏବଂ କେତେ ବ୍ୟବଧାନରେ ଖାଇବାକୁ ପଡିବ, ତାହା ଡାକ୍ତରଙ୍କ ପରାମର୍ଶ ଉପରେ ନିର୍ଭର କରିଥାଏ। ଏହି ସମସ୍ୟା ଗମ୍ଭୀର ହେଲେ ରୋଗୀକୁ ଇନ୍‌ହେଲରର ସାହାଯ୍ୟ ନେବାକୁ ପଡେ। ଏଥିରୁ ନିଜକୁ ଦୂରେଇ ରଖିବା ପାଇଁ କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଦରକାର। ଯେତେବେଳେ ଧୂଳି ଉଡୁଛି କି ଘର ସଫା ହେଉଛି ସେତେବେଳେ ଏଭଳି ପ୍ରଦୂଷିତ ଧୂଳିକଣାଠାରୁ ନିଜକୁ ଦୂରେଇ ରଖନ୍ତୁ। କାରଣ ଏସବୁ ଶ୍ୱାସକ୍ରିୟା ଦ୍ୱାରା ଶରୀର ଭିତରକୁ ଗଲେ ତାହା ଆଜ୍‌ମା ସମସ୍ୟାକୁ ବଢ଼ାଇ ଦେଇଥାଏ। ଯଦି କୌଣସି ଗୃହପାଳିତ ପଶୁପକ୍ଷୀ ରଖିଛନ୍ତି ତେବେ ସେମାନଙ୍କ ଲୋମ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଆଜ୍‌ମା ରୋଗୀ ଧୂମପାନ ଅଭ୍ୟାସକୁ ତୁରନ୍ତ ପରିହାର କରିବା ଆବଶ୍ୟକ। ଏହା ବ୍ୟତୀତ ପ୍ରଦୂଷିତ ସ୍ଥାନ, ଥଣ୍ଡାଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ଯଦି ଇନ୍‌ହେଲର ବ୍ୟବହାର କରୁଛନ୍ତି, ତେବେ ବ୍ୟାୟାମ କରିବାର ୧୦-୧୫ ମିନିଟ୍ ପୂର୍ବରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଡୋଜ୍ ନିଅନ୍ତୁ।



# କୃତ୍ରିମ ଚନ୍ଦ୍ର



**ଅତୀତରେ ଯାହା ଦିନେ ଥିଲା କବିର କଳ୍ପନା, ତାହା ଏବେ ବାସ୍ତବତାରେ ପରିଣତ ହେବାକୁ ଯାଉଛି। ଚାଇନାର ବୈଜ୍ଞାନିକମାନେ ୨୦୨୦ ମସିହା ସୁଦ୍ଧା ଆକାଶରେ ଏକ କୃତ୍ରିମ ଚନ୍ଦ୍ର ସ୍ଥାପନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏହି କୃତ୍ରିମ ଚନ୍ଦ୍ରକୁ ସିଚୁଆନ୍ ପ୍ରଦେଶର ରାଜଧାନୀ ଚେଙ୍ଗଡୁ ସହର ଉପରେ ଅବସ୍ଥାପିତ କରାଯିବ...**





ନିକୁଞ୍ଜ ବିହାରୀ ସାହୁ

ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ଚନ୍ଦ୍ର। ଏହାକୁ ଆମେ ଶ୍ରଦ୍ଧାରେ ଜହ୍ନମାମୁ ବୋଲି ଡାକୁ। ଜହ୍ନ ଆଲୁଅ ଶୀତଳ ଓ ମନମତାଣିଆ। ଜହ୍ନ ଆଲୁଅରେ ପଢ଼ାପଢ଼ି କରି ହୁଏନା, ମାତ୍ର ଚାରିଆଡ଼େ ଫର୍ଚ୍ଚା ଦେଖାଯାଏ ଓ କାମଦାମ କରିହୁଏ। ଯଦି ପୃଥିବୀର ଆଉ ଗୋଟିଏ ଚନ୍ଦ୍ର ଥାନ୍ତା, ଦୁଇଟି ପୂର୍ଣ୍ଣଚନ୍ଦ୍ର ଏକାବେଳେ ଉଦୟ ହେଲେ ଆମର ଆକାଶ ଆଲୁଅର ରୋଶଣିରେ ଉଦ୍ଭାସିତ ହୋଇ ଉଠନ୍ତା!

ଅତୀତରେ ଯାହା ଦିନେ ଥିଲା କବିର କଳ୍ପନା, ତାହା ଏବେ ବାସ୍ତବତାରେ ପରିଣତ ହେବାକୁ ଯାଉଛି। ଚାଇନାର ବୈଜ୍ଞାନିକମାନେ ୨୦୨୦ ମସିହା ସୁଦ୍ଧା ଆକାଶରେ ଏକ କୃତ୍ରିମ ଚନ୍ଦ୍ର ସ୍ଥାପନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏହି କୃତ୍ରିମ ଚନ୍ଦ୍ରକୁ ସିଚୁଆନ୍ ପ୍ରଦେଶର ରାଜଧାନୀ ଚେଙ୍ଗଡୁ ସହର ଉପରେ ଅବସ୍ଥାପିତ କରାଯିବ।

ଏହା ପ୍ରକୃତରେ ଏକ ବିଶାଳକାୟ ଦର୍ପଣ, ଯାହା ଭୂପୃଷ୍ଠଠାରୁ ୫୦୦ କି.ମି. ଊର୍ଦ୍ଧ୍ୱରେ ରହି କକ୍ଷପଥରେ ଘୂରିବ। ଏହା ପ୍ରାକୃତିକ ଚନ୍ଦ୍ର ଭଳି ସୂର୍ଯ୍ୟରଶ୍ମିକୁ ପୃଥିବୀ ଆଡ଼କୁ ପ୍ରତିଫଳନ କରିବ। ଏହା ଆଲୋକ ପ୍ରଦାନରେ ପ୍ରାକୃତିକ ଚନ୍ଦ୍ରକୁ ବଳିଯାଇ ଆକାଶରେ ଆଠ ଗୁଣ ଉଜ୍ଜ୍ୱଳରେ ଦେଖାଯିବ।

ମାତ୍ର ଏହା ଦ୍ୱାରା ପ୍ରାକୃତିକ ଚନ୍ଦ୍ର ଭଳି ପୃଥିବୀର ସବୁ ଅଞ୍ଚଳକୁ ଆଲୋକିତ କରିହେବ ନାହିଁ। ଏହାଦ୍ୱାରା ପୃଥିବୀର ଏକ ସୀମିତ ଅଞ୍ଚଳକୁ ଆଲୋକିତ କରିହେବ। ପ୍ରଥମେ ଏହି ଯୋଜନାକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇ ଏକ ମରୁଭୂମିର କିଛି ଅଞ୍ଚଳକୁ ଆଲୋକିତ କରାଯିବ। ଏହି ଯୋଜନା ସଫଳ ହେଲେ ୨୦୨୨ ମସିହା ବେଳକୁ ତିନୋଟି କୃତ୍ରିମ ଚନ୍ଦ୍ରକୁ ଆକାଶରେ ଏକ ସମୟରେ ଅବସ୍ଥାପିତ କରାଯିବ। ଏହା ଆକାଶର ସମୁଦାୟ ୩୬୦ ଡିଗ୍ରୀ ପରିସରରେ ରହି ପ୍ରତ୍ୟେକ ସମୟରେ ସୂର୍ଯ୍ୟର ଆଲୋକ ରଶ୍ମିକୁ ପୃଥିବୀକୁ ପ୍ରତିଫଳନ କରିବ। ଏହି ତିନୋଟି ଯାକ କୃତ୍ରିମ ଚନ୍ଦ୍ର ଦ୍ୱାରା ପୃଥିବୀ ପୃଷ୍ଠର ୨୪୭୦ ବର୍ଗମାଇଲ ବିସ୍ତୃତ ଅଞ୍ଚଳକୁ ଆଲୋକିତ କରାଯାଇ ପାରିବ।

ଏହି ଯୋଜନାର ଅସଲ ଉଦ୍ଦେଶ୍ୟ ହେଉଛି ସହରର ବିଜୁଳି ଖର୍ଚ୍ଚ ହ୍ରାସ କରିବା। ଏହାଦ୍ୱାରା ଷ୍ଟ୍ରିଟ୍ ଲାଇଟ୍ ସବୁକୁ ବେଶି ଜଳାଇବା ଆବଶ୍ୟକ ହେବ ନାହିଁ। ଆକଳନ ଅନୁସାରେ ଭୂମିରେ ୫୦ ବର୍ଗ କିଲୋମିଟର ଅଞ୍ଚଳକୁ ଆଲୋକିତ କରିହେଲେ ଚେଙ୍ଗଡୁ ସହରର ବର୍ଷକୁ ୧୭କୋଟି ଡଲାର୍ ମୂଲ୍ୟର ବିଦ୍ୟୁତ୍ ସଞ୍ଚୟ କରିହେବ ବୋଲି ଜଣାପଡ଼େ। ଏହାକୁ ମଧ୍ୟ ବନ୍ୟା, ବାତ୍ୟା ଭଳି ଆପଦକାଳୀନ ପରିସ୍ଥିତିରେ ରାତି ସମୟରେ ଅନ୍ଧାର ଦୂର କରିବା ନିମନ୍ତେ ବ୍ୟବହାର କରାଯାଇ ପାରିବ। ଆକାଶରେ କୃତ୍ରିମ ଚନ୍ଦ୍ର ସ୍ଥାପନ କରି ଭୂପୃଷ୍ଠକୁ ଆଲୋକିତ କରିବା ଏକ ନୂଆ ଘଟଣା ନୁହେଁ। ବିଗତ ୧୯୯୩ ମସିହାରେ ରୁଷିଆ ନାମ୍ୟା-୨ ନାମକ ୬୫ ଫୁଟ ବ୍ୟାସର ଏକ ପ୍ଲାଷ୍ଟିକ ଦର୍ପଣକୁ ଉପଗ୍ରହରେ ଖଞ୍ଜି ଅନ୍ତରୀକ୍ଷରେ ଅବସ୍ଥାପିତ କରିଥିଲା। ଏହା ସ୍ୱଳ୍ପ ସମୟ ପାଇଁ ଭୂପୃଷ୍ଠକୁ ଏକ ସରୁ ଆଲୋକଗୁଚ୍ଛ ପ୍ରତିଫଳନ କରିଥିଲା ଯାହାକୁ ମିର୍ ମହାକାଶ ଷ୍ଟେଶନ୍‌ରେ ମହାକାଶଚାରୀମାନେ ଲକ୍ଷ୍ୟକରି ଫଟୋ ଉତ୍ତୋଳନ କରିଥିଲେ। ଭୂପୃଷ୍ଠରେ ସାଧାରଣ ଲୋକେ ଏହି ଆଲୋକଗୁଚ୍ଛକୁ ଆକାଶର ତାରା ଭଳିଆ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କରୁ ଆସିଥିବାର ଦେଖିଥିଲେ।

ଛଅ ବର୍ଷ ପରେ ରୁଷିଆ ନାମ୍ୟା-୨.୫ ନାମକ ପୂର୍ବଠାରୁ ବଡ଼ ଆଉ ଏକ ଦର୍ପଣ ମହାକାଶକୁ ପ୍ରେରଣ କରିଥିଲା। ଦିବାଲୋକର ସମୟ ବୃଦ୍ଧି ସାଙ୍ଗକୁ ସୌରଫଳକ ନିମନ୍ତେ ଅଧିକ ଶକ୍ତି ପ୍ରେରଣ କରିବା ଏହାର ଉଦ୍ଦେଶ୍ୟ ଥିଲା। ମାତ୍ର ଏହା ଅନ୍ତରୀକ୍ଷରେ ସୁଚାରୁ ରୂପେ ଅବସ୍ଥାପିତ ହୋଇ ନ ପାରି ନଷ୍ଟ ହୋଇଗଲା। ସେବେଠାରୁ କ୍ରମବର୍ଦ୍ଧିଷ୍ଣୁ ଖର୍ଚ୍ଚ ଦୃଷ୍ଟିକୋଣରୁ ରୁଷିଆ ଏହି ପ୍ରକଳ୍ପକୁ ସ୍ଥଗିତ ରଖିଥିଲା।

କିଛି ବୈଜ୍ଞାନିକ କୃତ୍ରିମ ଚନ୍ଦ୍ରର ପ୍ରତିକୂଳ ପ୍ରଭାବ ସମ୍ପର୍କରେ ସତର୍କବାଣୀ ଶୁଣାଇଲେଣି। ଏହାଦ୍ୱାରା ଆକାଶରେ ମାତ୍ରାଧିକ ଉଜ୍ଜ୍ୱଳତା ସୃଷ୍ଟି ହୋଇ ଆଲୋକ ପ୍ରଦୂଷଣ ଘଟିବ ବୋଲି ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କଲେଣି। ଫଳରେ ଜୀବଜନ୍ତୁମାନଙ୍କର ଜୈବିକ ଘଡ଼ି ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି ହେବା ଦ୍ୱାରା ସେମାନଙ୍କ ଜୀବନକ୍ରିୟା ଉପରେ ଘୋର ପ୍ରଭାବ ପଡ଼ିବ। ଆହୁରି ମଧ୍ୟ ଅତ୍ୟଧିକ ଆଲୋକ ହେତୁ ରାତିରେ ଲୋକମାନଙ୍କ ନିଦ୍ରା ବାଧାପ୍ରାପ୍ତ ହେବ ଯାହାଦ୍ୱାରା ମୋଟାପଣ, ଡାଇବେଟିସ୍ ତଥା ମାନସିକ ଅବସାଦ ଭଳି ରୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଏସବୁ ଆଶା, ଆଶଙ୍କା ସତ୍ତ୍ୱେ ଆକାଶରେ କୃତ୍ରିମ ଚନ୍ଦ୍ରର ସ୍ଥାପନ ଯେ ଏକ ବଡ଼ ପ୍ରଯୁକ୍ତିଗତ ଉପଲବ୍ଧି ହେବା ସାଙ୍ଗକୁ ଏକ ଦର୍ଶନୀୟ ଦୃଶ୍ୟ ହେବ, ଏଥିରେ ସନ୍ଦେହ ନାହିଁ।

-ଏଜୁକେଶନ୍ ଅଫିସର
ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର
ଢେଙ୍କାନାଳ
ମୋ: ୮୦୧୮୭୦୮୮୫୮

# ପାଚନକ୍ରିୟାକୁ ସକ୍ରିୟ କରାଇବାର ସହଜ ଉପାୟ





ଯଦି ଆମର ପାଚନ କ୍ରିୟା ଠିକ୍ ରହିଲା ତେବେ ଆମେ କେତେକ ରୋଗଠାରୁ ନିଜକୁ ଦୂରେଇ ରଖିଥାଉ। ଏହା ଅସନ୍ତୁଳିତ ରହିଲେ ପେଟଜନିତ ସମସ୍ୟା ଦେଖାଦେଇଥାଏ। ତେବେ ପାଚନ କ୍ରିୟାକୁ ଆହୁରି ଦୃଢ଼ କରିବାର ଏକ ସହଜ ଉପାୟ ରହିଛି। ବାସ୍, ଗୋଟିଏ କଥାକୁ ଟିକେ ଧ୍ୟାନ ଦିଅନ୍ତୁ ନା ! ତାହା କ'ଣ ଜାଣନ୍ତି ? ସକାଳ ଜଳଖିଆ। ଯଦି ଆପଣ ନିୟମିତ ସକାଳ ଜଳଖିଆ ଖାଉଛନ୍ତି ତେବେ ଏହାର ସୁପ୍ରଭାବ ପାଚନକ୍ରିୟା ଉପରେ ପଡିଥାଏ। କେବଳ ସେତିକି ନୁହେଁ ଏହା ଆପଣଙ୍କ ମନକୁ ଦିନତମାମ ଫ୍ରେଶ ରଖିବା ସହ ମାନସିକତାକୁ ସକାରାତ୍ମକ ରଖେ। ବିଶେଷଭାବରେ ସକାଳ ଜଳଖିଆରେ ଯଦି ଟଟକା ଫଳମୂଳ ସାମିଲ କଲେ ତେବେ ତାହା ଶରୀର ପାଇଁ ଆହୁରି ଉପକାରୀ ସାବ୍ୟସ୍ତ ହୋଇଥାଏ। ଲଣ୍ଡନ ୟୁନିଭର୍ସିଟିର ଖାଦ୍ୟ ବିଶେଷଜ୍ଞମାନେ କେତେକ ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରି ସେମାନଙ୍କ ପାଚନକ୍ରିୟା ଉପରେ ସକାଳ ଜଳଖିଆର କି ପ୍ରକାର ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରିଥିଲେ। ବିଶେଷଭାବରେ ସେମାନଙ୍କୁ ସକାଳ ଜଳଖିଆ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ପରିଶେଷରେ ସେମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତିଙ୍କର ପାଚନ କ୍ରିୟା ପୂର୍ବାପେକ୍ଷା ସକ୍ରିୟ ହେଉଥିବାର ଲକ୍ଷ୍ୟ କରାଯାଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟ ସୂଚନା

❖ସୁସ୍ଥ ରହିବାକୁ ସମସ୍ତେ ଚାହାନ୍ତି। ହେଲେ କେତେକ ବ୍ୟସ୍ତବହୁଳ ଜୀବନଶୈଳୀ ପାଇଁ ନିଜ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ମୁତାବକ ଧ୍ୟାନ ଦେଇପାରନ୍ତି ନାହିଁ। ତେଣୁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

❖ରାତିରେ ଶୋଇବା ଏବଂ ସକାଳୁ ଉଠିବା ପ୍ରତି ଧ୍ୟାନ ଦିଅନ୍ତୁ। ଠିକ୍ ସମୟରେ ନିଦ୍ରା ଗଲେ ତାହା ଶରୀରକୁ ଅନେକାଂଶରେ ସୁସ୍ଥ ରଖିଥାଏ। ଅପରପକ୍ଷରେ ସକାଳୁ ଠିକ୍ ସମୟରେ ଉଠିବାକୁ ଚେଷ୍ଟା କରନ୍ତୁ।

❖ରାତ୍ରି ଭୋଜନ ପରେ ପରେ ଶୋଇବା ଅଭ୍ୟାସ ତ୍ୟାଗ କରନ୍ତୁ। ରାତିରେ ଖାଇବା ଏବଂ ଶୋଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିବା ଭଲ।

❖କେଉଁ ବ୍ୟାୟାମ କଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ସେ ସମ୍ପର୍କରେ ଡାକ୍ତର କିମ୍ବା ବ୍ୟାୟାମ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

❖ଖାଇବା ସମୟରେ ନିଜର ଲୋଭ ପ୍ରତି ସଚେତନ ରହନ୍ତୁ। ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ।



# ମାଂସପେଶୀ ବଢ଼ାଇବ ଷ୍ଟେମ୍ ସେଲ୍



ଆଜିକାଲି ବିଭିନ୍ନ କ୍ଷେତ୍ରରେ ଷ୍ଟେମ୍ ସେଲ୍‌ର ବ୍ୟବହାର କରାଯାଉଛି। ଫଳତଃ କେତେକ ଚିକିତ୍ସା ପ୍ରଣାଳୀ ଆହୁରି ସହଜ ହୋଇପାରିଛି। ଏହି ତାଲିକାରେ ନିକଟରେ ଆଉ ଏକ ଜିନିଷ ଯୋଡା ଯାଇଛି। ଆଘାତଜନିତ ସମସ୍ୟା ପରେ ମାଂସପେଶୀ ବୃଦ୍ଧି ପାଇଁ ଏହାର ଉପଯୋଗ କରାଯାଇପାରିବ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଏଭଳି ତଥ୍ୟ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ। ଦୁର୍ଘଟଣାରେ ଯଦି ମାଂସପେଶୀ ପ୍ରଭାବିତ ହେଲା ତେବେ ଏହା ପୂରଣ ହେବାକୁ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ପଡିଥାଏ। ହେଲେ ଏଣିକି ମାଂସପେଶୀ ବଢ଼ାଇବା ପାଇଁ ଷ୍ଟେମ୍ ସେଲ୍‌ର ବ୍ୟବହାର କରାଯାଇପାରିବ। କେବଳ ସେତିକି ନୁହେଁ, ଏହାକୁ ଉପଯୋଗ କରାଯାଇ ସେଥିରୁ ସଫଳତା ମିଳିଛି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।

- ଅଧା କପ ଉଷୁମ ପାଣିରେ ଏକ ଚାମଚ ହଳଦୀ ଗୁଣ୍ଡ ଭଲ ଭାବରେ ମିଶାଇ ଦିଅନ୍ତୁ। ତା'ପରେ ଏଥିରେ ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ୨-୩ ମିନିଟ୍ ପର୍ଯ୍ୟନ୍ତ ଉଷୁମ କରି ପିଅନ୍ତୁ। ନିୟମିତ କିଛିଦିନ ଏହାକୁ ପିଇଲେ କଫ ସମସ୍ୟା ଦୂର ହୋଇଥାଏ।
- ଅଦାକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ଏହାକୁ ପାଣିରେ ମିଶାଇ ଭଲ ଭାବରେ ଫୁଟାନ୍ତୁ। ଏହାକୁ ଉଷୁମ ଅବସ୍ଥାରେ ପିଇଲେ କଫରୁ ଉପଶମ ମିଳିଥାଏ।
- ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପିଇଲେ କଫ ସମସ୍ୟା ଅନେକାଂଶରେ ଦୂର ହୋଇଥାଏ।



- ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ପିଇଲେ କେବଳ କଫ ନୁହେଁ ଥଣ୍ଡାଜନିତ ସମସ୍ୟା ଦୂର ହୋଇଥାଏ।

# ଆକ୍ୟୁପେସନାଲ ଥେରାପି



ଡା. ଅନୁରୂପା ସେନାପତି

**ବର୍ତ୍ତମାନର ଆଧୁନିକ ଚିକିତ୍ସା ବିଜ୍ଞାନର ଅବିଭକ୍ତ ତଥା ଅତ୍ୟାବଶ୍ୟକ ପଦ୍ଧତି ହେଉଛି ଅକ୍ୟୁପେସନାଲ୍ ଥେରାପି। ସ୍ୱଧାୟ, ଆବଶ୍ୟକ କାର୍ଯ୍ୟ ତଥା କ୍ରୀଡ଼ା ସାହାଯ୍ୟରେ ଶାରୀରିକ ତଥା ମାନସିକ ସ୍ତରରେ ପ୍ରୋତ୍ସାହନ ତଥା ଉନ୍ନତି, ଅସାମର୍ଥ୍ୟତା ଦୂରୀକରଣ, ସ୍ୱୟଂ ଚଳପ୍ରଚଳତାର କ୍ଷମତା ହାସଲ, ଅକ୍ୟୁପେସନାଲ୍ ଥେରାପିର ମୁଖ୍ୟ ଲକ୍ଷ୍ୟ।**

ବର୍ତ୍ତମାନର ଆଧୁନିକ ଚିକିତ୍ସା ବିଜ୍ଞାନର ଅବିଭକ୍ତ ତଥା ଅତ୍ୟାବଶ୍ୟକ ପଦ୍ଧତି ହେଉଛି ଅକ୍ୟୁପେସନାଲ୍ ଥେରାପି। ସ୍ୱଧାୟ, ଆବଶ୍ୟକ କାର୍ଯ୍ୟ ତଥା କ୍ରୀଡ଼ା ସାହାଯ୍ୟରେ ଶାରୀରିକ ତଥା ମାନସିକ ସ୍ତରରେ ପ୍ରୋତ୍ସାହନ ତଥା ଉନ୍ନତି, ଅସାମର୍ଥ୍ୟତା ଦୂରୀକରଣ, ସ୍ୱୟଂ ଚଳପ୍ରଚଳର କ୍ଷମତା ହାସଲ ଆକ୍ୟୁପେସନାଲ୍ ଥେରାପିର ମୁଖ୍ୟ ଲକ୍ଷ୍ୟ।

ଅକ୍ୟୁପେସନାଲ ଥେରାପି ପୁରାତନ ଯୁଗର ଅସାଧ ରୋଗ ନିରାକରଣ କରିବାରେ ସଫଳ ହୋଇ ଆସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଖ୍ରୀଷ୍ଟପୂର୍ବ ୧୦୦ରେ ଗ୍ରୀକ୍ ବୈଜ୍ଞାନିକ ଆସକ୍ଲେ ପିଆଡେସ୍ (Ascle Piades) ବିଭିନ୍ନ ପ୍ରକାର ଡାକ୍ତର ସ୍ନାନ ପ୍ରଣାଳୀ (Therapeutic Bath), ମସାଜ୍ (massage), ବ୍ୟାୟାମ୍ ଓ ମ୍ୟୁଜିକ୍ ଥେରାପି ମାଧ୍ୟମରେ ବିଭିନ୍ନ ପ୍ରକାର ମାନସିକ ରୋଗ ଦୂର କରିପାରୁଥିଲେ। ସେହିପରି ରୋମାନ୍ ଡାକ୍ତର ତଥା ଦାର୍ଶନିକ ସେଲ୍‌ସସ୍ (celsus) ମ୍ୟୁଜିକ୍ ଥେରାପି, ଭ୍ରମଣ ଚିକିତ୍ସା, ବ୍ୟାୟାମ ଓ ଆଜନ୍ମ ମୂକ ରୋଗୀମାନଙ୍କୁ କଥୋପକଥନର ବିଭିନ୍ନ ପ୍ରଣାଳୀ ଦ୍ୱାରା ଆରୋଗ୍ୟ କରିପାରୁଥିଲେ। ଆକ୍ୟୁପେସନାଲ୍ ଥେରାପି ସମ୍ଭବତଃ ଅଠର ଶହ ଶତାବ୍ଦୀରେ ଚିକିତ୍ସାଳୟଧୀନ ହୋଇପାରିଥିଲା। ଏହାକୁ ସମ୍ଭବ କରିପାରିଥିଲେ ଫିଲିପ୍ସି ପିନେଲ୍ (Philippe Pinel) ଏବଂ ଜିହାନ୍ ଖ୍ରୀଷ୍ଟାନ୍ ରେଲ୍ (Jihann christian Reil)। ବିଶ୍ୱଯୁଦ୍ଧ ଦ୍ୱାରା ଭୟାବହ ଶାରୀରିକ ତଥା ମାନସିକ କ୍ଷତି ଅକ୍ୟୁପେସନାଲ ଥେରାପିର ଆବଶ୍ୟକ ଲୋଡିଥିଲେ। ମୂଳତଃ, ୟୁରୋପରେ ସଂପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରିବା ପରେ ଯୁକ୍ତରାଷ୍ଟ୍ର ଓ ପରେ ପରେ ସମଗ୍ର ବିଶ୍ୱରେ ଅକ୍ୟୁପେସନାଲ୍ ଥେରାପି ନିଜ କାୟା ବିସ୍ତାର କରିବାରେ ସଫଳ ହୋଇପାରିଛି।





ଦାର୍ଶନିକ ଦୃଷ୍ଟିକୋଣରୁ ଦେଖିବା ଦ୍ୱାରା ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଅକ୍ୟୁପେସନାଲ ଥେରାପି କଳ୍ପନା ଦ୍ୱାରା ବିଭିନ୍ନ ରୋଗର ଭିନ୍ନ ଭିନ୍ନ ସମାଧାନ ପ୍ରଣାଳୀ ଆବିଷ୍କାର କରିବା (Romanticism), ବାସ୍ତବବାଦ ଉପରେ ବିଶେଷ ଦୃଷ୍ଟି ଦେଇ ଅସାଧ ରୋଗରୁ ଲୋକମାନଙ୍କୁ ମୁକ୍ତି ପ୍ରଦାନ କରିପାରୁଛି। ଏହାବ୍ୟତୀତ ଅକ୍ୟୁପେସନାଲ ଥେରାପି ସ୍ୱାସ୍ଥ୍ୟ ଉପରେ ଏକ ଯୁକ୍ତାତ୍ମକ ପ୍ରଭାବ ପକାଏ। ଅକ୍ୟୁପେସନାଲ ଥେରାପି ରୋଗୀକୁ ଏକ ଠିକ୍ ପ୍ରଣାଳୀ ଦ୍ୱାରା ବ୍ୟାୟାମ ଅଭ୍ୟାସ ଓ ସମୟର ଠିକ୍ ବିନିଯୋଗ କିପରି ହୋଇପାରିବ ତାହା ଶିଖାଏ ଏବଂ ସ୍ୱାସ୍ଥ୍ୟ, ସଂସ୍କୃତି ଓ ବ୍ୟକ୍ତିଗତ ଉନ୍ନତି ପାଇଁ ସଦାସର୍ବଦା ପ୍ରଚେଷ୍ଟା କରିଥାଏ। ଅତଏବ ଅକ୍ୟୁପେସନାଲ ଥେରାପି ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ମାନସିକ ତଥା ଶାରୀରିକ ବିକଳାଙ୍ଗତାରୁ ମୁକ୍ତି ପାଇବା ଅନିବାର୍ଯ୍ୟ ଅଟେ।

ଅକ୍ୟୁପେସନାଲ ଥେରାପିଷ୍ଟ ସମସ୍ତ ବୟସ ତଥା ଲିଙ୍ଗ କ୍ଷେତ୍ରରେ ଉନ୍ନତ ସେବା ପ୍ରଦାନ କରିଥାନ୍ତି। ଏହିମାନେ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟରତ।

Autism, Cerebral Palsy ବା ମସ୍ତିଷ୍କ କ୍ରମବିକାଶରେ ଅକ୍ଷମତା, Spinal cord ବା ମେରୁଦଣ୍ଡ ଆଘାତ, ଅସ୍ଥି ଏବଂ ସ୍ନାୟୁ ସମ୍ବନ୍ଧୀୟ ଚିକିତ୍ସା, Learning disorder ବା ଶିକ୍ଷାଜନିତ ଅକ୍ଷମତା, ପୋଲିଓ ମସ୍ତିଷ୍କ ସମ୍ବନ୍ଧୀୟ ରୋଗ, ମସ୍ତିଷ୍କ ଆଘାତ (Head injury), ବାର୍ଦ୍ଧକ୍ୟ ଜନିତ ଦୁର୍ବଳତା, ଷ୍ଟ୍ରୋକ (stroke) ଆଦି ଚିକିତ୍ସାରେ ଆକ୍ୟୁପେସନାଲ ଥେରାପି ସଞ୍ଜିବନୀ-ରୂପେ କାର୍ଯ୍ୟରତ।

ଅକ୍ୟୁପେସନାଲ ଥେରାପି ଦ୍ୱାରା ମେରୁଦଣ୍ଡ ଆଘାତଜନିତ ରୋଗର ଚିକିତ୍ସା ଯଥାକ୍ରମେ ତିନୋଟି ପ୍ରକ୍ରିୟାରେ କରାଯାଏ। (୧) ପ୍ରତିକାରକ (remedial), (୨) compensation (ବିଭିନ୍ନ କୌଶଳ ଦ୍ୱାରା କ୍ଷତିପୂରଣ) ଏବଂ madification (ରୂପାନ୍ତରଣ)। ପ୍ରଥମତଃ ମେରୁଦଣ୍ଡ ଆଘାତ ଦ୍ୱାରା ରୋଗୀଟି ନିଜର ଦୈନନ୍ଦିନ ଜୀବନର ସମସ୍ତ କାର୍ଯ୍ୟ କିପରି ସୁରୁଖୁରୁରେ କରିପାରିବ ସେଥିପ୍ରତି ଧ୍ୟାନ ଦିଆଯାଏ। ଯଦି ରୋଗୀଟିଏ ପ୍ରଥମ ପ୍ରକ୍ରିୟାରେ ଅସଫଳ ହେଲା ତେବେ ବିଭିନ୍ନ କୌଶଳ ଏବଂ ସହକାରୀ ଯନ୍ତ୍ରପାତି ଦ୍ୱାରା ଦୈନନ୍ଦିନ ଜୀବନର ସମସ୍ତ କାର୍ଯ୍ୟ କିପରି ଉନ୍ନତ ମାନରେ କରିପାରିବେ ସେଥିପାଇଁ ସାହାଯ୍ୟରତ ରହିଥାନ୍ତି ଅକ୍ୟୁପେସନାଲ ଥେରାପିଷ୍ଟ। ମସ୍ତିଷ୍କ (stroke) ଦ୍ୱାରା ଆକ୍ରାନ୍ତ ହୋଇଥିବା ବ୍ୟକ୍ତିବିଶେଷଙ୍କ ଚିକିତ୍ସା ଅକ୍ୟୁପେସନାଲ ଥେରାପି ଦ୍ୱାରା ଅତିଶୀଘ୍ର (ପକ୍ଷାଘାତ ହେବାର ଦୁଇ ସପ୍ତାହ ମଧ୍ୟରେ) ଆରମ୍ଭ କରାଯାଇଥାଏ। ପକ୍ଷାଘାତ ଦ୍ୱାରା ପ୍ରଭାବିତ ହୋଇଥିବା ଅଙ୍ଗପ୍ରତ୍ୟଙ୍ଗର ଗତିବିଧିକୁ ପୁନର୍ଗଠନ କରିବାରେ ଅକ୍ୟୁପେସନାଲ ଥେରାପି ଅତ୍ୟନ୍ତ ସାହାଯ୍ୟକାରୀ ଯାହା ବିଭିନ୍ନ କାର୍ଯ୍ୟକଳାପ (Activity) ଦ୍ୱାରା ସମ୍ଭବପର, ଏହା ସହ ସ୍ନାୟୁକୁ ପୁନର୍ଜୀବିତ କରିବାରେ ମଧ୍ୟ ଏହା ସାହାଯ୍ୟକାରୀ। ପକ୍ଷାଘାତ ରୋଗୀକୁ ଏକ ଉତ୍ତମ ସ୍ୱାସ୍ଥ୍ୟ ଦ୍ୱାରା ନିଜ ପୁନର୍ଜୀବନକୁ ଫେରିପାଇବାରେ ଆକ୍ୟୁପେସନାଲ ଥେରାପି ଅତ୍ୟନ୍ତ ସାହାଯ୍ୟ କରିଥାଏ।

ସମସ୍ତେ ଜାଣନ୍ତି ମାନସିକ ରୋଗଗ୍ରସ୍ତ ହୋଇଥିବା ବ୍ୟକ୍ତିବିଶେଷ ସୁସ୍ଥ ହେବା ପାଇଁ ଏକ ଉତ୍ତମ ପରିବେଶର ନିତାନ୍ତ ଆବଶ୍ୟକ ହୋଇଥାଏ। ଏମିତି ଏକ ପରିବେଶ ଯେଉଁଠାରେ ସେ ନିଜକୁ ସୁରକ୍ଷିତ ଓ ସ୍ନେହବହୁଳ ଅନୁଭବ କରିପାରୁଥାଏ। ଅକ୍ୟୁପେସନାଲ ଥେରାପିଷ୍ଟ ବିଭିନ୍ନ କାର୍ଯ୍ୟକଳାପ ଦ୍ୱାରା ମାନସିକ ଦୁର୍ବଳତାରୁ ରୋଗୀଙ୍କୁ ମୁକ୍ତି ପ୍ରଦାନ କରନ୍ତି ଏବଂ ତତ୍ ସହିତ ଏକ ନୂତନ ଜୀବନର ଆଶା ମଧ୍ୟ ପ୍ରେରଣ କରିଥାନ୍ତି।

ଅକ୍ୟୁପେସନାଲ ଥେରାପିରେ ଭିନ୍ନକ୍ଷମ ଶିଶୁଙ୍କୁ ବିଶେଷ ଧ୍ୟାନ ଦିଆଯାଏ। ଅନ୍ୟ ଡାକ୍ତରୀ ବୃତ୍ତି ଅପେକ୍ଷା ଅକ୍ୟୁପେସନାଲ ଥେରାପିର ଅବଦାନ ଏଥିପ୍ରତି ଅତୁଳନୀୟ। ସାମାଜିକ, ବ୍ୟକ୍ତିଗତ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ଯେଉଁ ଶିଶୁମାନେ ଦୁର୍ବଳଥାନ୍ତି ସେମାନଙ୍କ ଅସୁବିଧାର ମୂଳକାରଣର ଅନୁସନ୍ଧାନ କରି ତାହାର ଚିକିତ୍ସା କରିଥାନ୍ତି ଅକ୍ୟୁପେସନାଲ ଥେରାପିଷ୍ଟ। ଏହି ଶିଶୁମାନେ ନିଜ ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକ କାର୍ଯ୍ୟକଳାପରେ ସନ୍ତୁଳନ ହରାଇବସିଥାନ୍ତି, ଯଥା ବସିବା, ଖାଇବା, ଦୌଡିବା ଇତ୍ୟାଦି। ଅକ୍ୟୁପେସନାଲ ଥେରାପିଷ୍ଟମାନେ ଉକ୍ତ ରୋଗଥିବା ଶିଶୁମାନଙ୍କୁ ୪ରୁ ୬ ମାସ ବୟସ ମଧ୍ୟରେ ନିଦାନ ଓ ଚିକିତ୍ସା ଦ୍ୱାରା ଏକ ନୂତନ ଜୀବନ ଦାନ କରି ବଞ୍ଚିବାର ମୁଖ୍ୟସ୍ରୋତକୁ ଫେରାଇ ଆଣିବାରେ ସଫଳ ହୋଇଥାନ୍ତି।

-ବିଭାଗୀୟ ମୁଖ୍ୟ, ଅକ୍ୟୁପେସନାଲ ଥେରାପି, ନିଟାର, ଫୁଲନଖରା, କଟକ
ମୋ : ୯୪୩୭୬୩୧୪୯୧

## ସଂକ୍ଷେପରେ

### ଟିସିଏସ୍ ଦ୍ୱାରା ବିକଶିତ ପାନ୍ ପ୍ରଣାଳୀକୁ ଚରଣ ସିଂହ ମଞ୍ଜୁରୀ ଦେଇ ନ ଥିଲେ

**ନୂଆଦିଲ୍ଲୀ,୯-୧୨:** ଭାରତ ୭୦ ଦଶକର ଶେଷାର୍ଦ୍ଧରେ ପୂର୍ଣ୍ଣ କମ୍ପ୍ୟୁଟରୀକୃତ ଟିକସ ବ୍ୟବସ୍ଥାକୁ ଲାଗୁ କରିବାର ଏକ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଥିଲା। ମ୍ୟାନେଜମେଣ୍ଟ ରଣନୀତିକାର ତଥା ଅନୁସନ୍ଧାନକାରୀ ଶଶାଙ୍କ ଶାହଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଦ ଟାଟା ଗ୍ରୁପ୍: ଫ୍ରମ୍ ଟର୍ଚ୍ଚବିୟରର୍ସ ଟୁ ଟ୍ରେଲବ୍ଲେଜର୍ସ'ରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଟାଟା ସମୂହର ୧୫୦ ବର୍ଷ ପୂର୍ତ୍ତି ଅବସରରେ ନଭେମ୍ବର ୨୯ରେ ଏହି ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା। ଏଥିରେ ଦର୍ଶାଯାଇଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୬୯ରେ ବ୍ୟାଙ୍କର ରାଷ୍ଟ୍ରୀୟକରଣ କରିବା ପରେ ବ୍ୟବସାୟ କମିବା ଆରମ୍ଭ ହୋଇଥିଲା, କାରଣ ସରକାର ଦେଶରେ କମ୍ପ୍ୟୁଟର ଆଣିବାକୁ ଚାହୁଁ ନ ଥିଲେ। ଏହାଦ୍ୱାରା ନିଯୁକ୍ତି ହ୍ରାସ ପାଇବ ବୋଲି ସରକାର ଆଶଙ୍କା କରୁଥିଲେ। ଟିସିଏସ୍ ଦ୍ୱାରା ୧୯୭୭ରେ ଆୟକର ବିଭାଗ ପାଇଁ ପାନ୍ ପ୍ରଣାଳୀ ବିକଶିତ କରାଯାଇଥିଲା। କିନ୍ତୁ ଚରଣ ସିଂହ ବେକାରି ସମସ୍ୟା ବଢ଼ିବ ବୋଲି ଦର୍ଶାଇ ଏହାକୁ ଗ୍ରହଣ କରି ନ ଥିଲେ ବୋଲି ପୁସ୍ତକରେ ଦର୍ଶାଯାଇଛି।

### ମାଲ୍ୟା ପ୍ରତ୍ୟର୍ପଣ ମାମଲା ରାୟ
### ସିବିଆଇ-ଇଡି ଟିମ୍‌ର ଲଣ୍ଡନ ଗସ୍ତ



**ନୂଆଦିଲ୍ଲୀ,୯-୧୨:** ସଙ୍କଟ ଦେଇ ଗତି କରୁଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ସୋମବାର ଲଣ୍ଡନସ୍ଥିତ ୱେଷ୍ଟ ମିନିଷ୍ଟର ଅଦାଲତରେ ହାଜର ହେବେ। ଏହି ଦିନ ତାଙ୍କର ପ୍ରତ୍ୟର୍ପଣ ନେଇ ବିଚାରପତି ତାଙ୍କ ରାୟ ଶୁଣାଇବେ ବୋଲି ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ସିବିଆଇର ଯୁଗ୍ମ ନିର୍ଦ୍ଦେଶକ ଏ.ସାଇ ମନୋହରଙ୍କ ନେତୃତ୍ୱରେ ଉଭୟ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ବରିଷ୍ଠ ଅଧିକାରୀମାନେ ଲଣ୍ଡନ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିଛନ୍ତି। ବନ୍ଦ ହୋଇଯାଇଥିବା କିଙ୍ଗଫିଶର ଏୟାରଲାଇନ୍ସର ପ୍ରମୁଖ ରହିଥିବା ୬୨ ବର୍ଷୀୟ ମାଲ୍ୟାଙ୍କ ବିରୋଧରେ ପ୍ରାୟ ୯ ହଜାର କୋଟି ଟଙ୍କା ଠକେଇ ଅଭିଯୋଗ ରହିଛି। ଏହି କାରଣରୁ ତାଙ୍କୁ ପ୍ରତ୍ୟର୍ପଣ ପାଇଁ ଭାରତ ପକ୍ଷରୁ ମାମଲା ଦାଏର କରାଯାଇଛି। ଗତ ବର୍ଷ ଏପ୍ରିଲରେ ପ୍ରତ୍ୟର୍ପଣ ୱାରେଣ୍ଟ ପରେ ତାଙ୍କୁ ଗିରଫ କରାଯାଇଥିଲା। ଏବେ ସେ ଜାମିନରେ ରହିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ପ୍ରତ୍ୟର୍ପଣ ଉଦ୍ୟମ କରାଯାଉଛି ବୋଲି ମାଲ୍ୟା ଅଭିଯୋଗ କରିଛନ୍ତି। ଟୁଇଟ୍ କରି ବ୍ୟାଙ୍କରୁ ସେ ଟଙ୍କାଟିଏ ଋଣ ନେଇନାହାନ୍ତି ବୋଲି ସଫେଇ ଦେଇଛନ୍ତି। କିଙ୍ଗଫିଶର ଏୟାରଲାଇନ୍ସ ଉକ୍ତ ଋଣ ନେଇଥିଲା। ସେ କେବଳ ଗ୍ୟାରେଣ୍ଟର ଥିଲେ। ନିକଟରେ ଟୁଇଟ୍ କରି ସେ ବ୍ୟାଙ୍କଗୁଡିକର ମୂଳଧନ ଫେରାଇ ଦେବେ ବୋଲି ପ୍ରକାଶ କରିଛନ୍ତି।

### ମତ ରଖିଲେ ନୀତି ଆୟୋଗ ସଦସ୍ୟ
### ଋଣଛାଡ଼ର ଫାଇଦା କିଛି ଚାଷୀଙ୍କୁ ମିଳୁଛି

**ନୂଆଦିଲ୍ଲୀ,୯-୧୨:** ଫସଲ ବିକ୍ରି ସମେତ ପ୍ରାକୃତିକ ବିପର୍ଯ୍ୟୟ ଜନିତ ସମସ୍ୟା ଯୋଗୁ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଚାଷୀମାନଙ୍କ ଭିତରେ ଋଣଛାଡ଼ ଦାବି ଜୋର୍ ଧରୁଛି। ଏହା ଉପରେ ନୀତି ଆୟୋଗ ସଦସ୍ୟ ରମେଶ ଚାନ୍ଦ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଋଣ ଛାଡ଼ର ଫାଇଦା ସବୁ ଚାଷୀଙ୍କୁ ମିଳୁନି। କିଛି ଚାଷୀଙ୍କୁ ଏହାର ଲାଭ ମିଳୁଛି। ସେ ଏହା ସପକ୍ଷରେ ନାହାନ୍ତି ବୋଲି ଚାନ୍ଦ କହିଛନ୍ତି। ଗତ ୧୫ ବର୍ଷ ଧରି ଦେଶର ନୀତି ନିର୍ଦ୍ଧାରଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଚାନ୍ଦ କହିଛନ୍ତି ଯେ, ଗରିବ ରାଜ୍ୟଗୁଡିକର ମାତ୍ର ୧୦ରୁ ୧୫ ପ୍ରତିଶତ ଚାଷୀ ଋଣଛାଡ଼ର ଲାଭ ପାଉଛନ୍ତି। କାରଣ ସେମାନଙ୍କୁ କମ୍ ସଂସ୍ଥାଗତ ଋଣ ମିଳୁଛି। ସ୍ୱାମୀନାଥନ କମିଶନ ରିପୋର୍ଟ ସମ୍ପର୍କରେ ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅଧିକାଂଶ ସୁପାରିସ୍‌କୁ ଲାଗୁ କରିସାରିଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ସଂକ୍ରାନ୍ତରେ ଚାନ୍ଦ କହିଛନ୍ତି ଯେ, ଏକ ନିର୍ଦ୍ଦିଷ୍ଟ ସୀମା ପରେ ଏହାକୁ ଆଉ ବଢ଼ାଯାଇପାରିବ ନାହିଁ। କାରଣ ଚାହିଦାକୁ ଦୃଷ୍ଟି ଦେଲେ ସମାଜର ଅଧିକାଂଶ ଦରବୃଦ୍ଧିକୁ ସହ୍ୟ କରିପାରିବେ ନାହିଁ। ଚାହିଦା-ଯୋଗାଣ ପ୍ରସଙ୍ଗ ପ୍ରତି ଦୃଷ୍ଟିଦେବା ଏକାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି।

---

> ଦେଶରେ କୌଣସି ଗ୍ଲୋବାଲ ଫଣ୍ଡ ନିବେଶ କରିବାକୁ ଚାହୁଁଥିଲେ ସରକାର ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦେବେ।
> **– ସୁରେଶ ପ୍ରଭୁ, ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ**



> ଇ–ଯାନ ନେଇ କୌଣସି ନୀତି ଆସି ନ ଥିଲେ ବିଶ୍ୱ ବଜାରର ଧାରାକୁ ଦେଖି ଭାରତରେ ନୂଆ ମଡେଲ ଆଣିବାକୁ ବିଚାର କରିବୁ।
> **– କୋଖ୍ୟୁନ୍ ହିମ୍, ସିଇଓ, କିଆ ମୋଟର ଇଣ୍ଡିଆ**



## ବଢ଼ୁଛି ବିଦେଶୀ ନାଗରିକତ୍ୱ ସଂଖ୍ୟା
# ଚୋକ୍‌ସୀଙ୍କ ରାସ୍ତାରେ ଧନୀ ଭାରତୀୟ

**ନୂଆଦିଲ୍ଲୀ,୯–୧୨**

- ଏକ ନିଶ୍ଚିତ ନିବେଶ ପରେ ମିଳୁଛି ନାଗରିକତ୍ୱ
- ବିଦେଶୀ ନାଗରିକତ୍ୱ ନେଇ ଭାରତୀୟଙ୍କ ପଚରାଉଚୁରା ବଢ଼ୁଛି
- ଦେଶର ଆଇନ ନ ଥିବାରୁ ନିବେଶ ସାଜିଛି ଧନୀ ଭାରତୀୟଙ୍କ ବିକଳ୍ପ




ଗତ କିଛିବର୍ଷ ଧରି ଚାଇନା ଓ ରୁଷର ଧନିକ ଶ୍ରେଣୀ ବିଦେଶୀ ନାଗରିକତା ପାଇବାକୁ ଆଗ୍ରହ ପ୍ରକାଶ କରିଆସୁଥିଲେ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମହାଦୁର୍ନୀତିର ଅନ୍ୟତମ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ୨୦୧୭ ନଭେମ୍ବରରେ ଆଣ୍ଟିଗୁଆର ନାଗରିକତ୍ୱ ହାସଲ କରିଛନ୍ତି। ତାଙ୍କୁ ଦେଖି ଏବେ ଧନୀ ଭାରତୀୟଙ୍କ ମଧ୍ୟରେ ଏଥିପ୍ରତି ଆଗ୍ରହ ବଢ଼ୁଛି। ସ୍ୱଳ୍ପ ନିବେଶ ଜରିଆରେ ସେମାନେ ବିଦେଶୀ ନାଗରିକତ୍ୱ ହାସଲ ପାଇଁ ଏବେ ଆଗ୍ରହ ଦେଖାଇବା ଆରମ୍ଭ କରିଛନ୍ତି।

ବିଦେଶୀ ନାଗରିକତ୍ୱ ପ୍ରଦାନରେ ସହାୟତା କରୁଥିବା ବ୍ରିଟେନର କିଛି କମ୍ପାନୀ ଦାବି କରିଛନ୍ତି ଯେ, ଚୋକ୍‌ସୀଙ୍କ ପରେ ବିଦେଶୀ ନାଗରିକତ୍ୱ ହାସଲ ପାଇଁ ବହୁ ଧନୀ ଭାରତୀୟ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ବସ୍ତୁତଃ କହିବାକୁ ଗଲେ ଏହି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜର୍ସିସ୍ଥିତ ହେନଲେ ଆଣ୍ଡ୍ ପାର୍ଟନର୍ସ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱର ବିଭିନ୍ନ ଦେଶରୁ ନାଗରିକତ୍ୱ ନେଇ ପଚରାଉଚୁରା ୩୨୦% ବୃଦ୍ଧି ପାଇଛି। ଏଥିରେ ଭାରତୀୟଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଧନୀ ବ୍ୟକ୍ତିଙ୍କୁ ନାଗରିକତ୍ୱ ଯୋଗାଇ ଦେଉଥିବା ଲଣ୍ଡନସ୍ଥିତ କମ୍ପାନୀ ନାଇଟବ୍ରିଜ କ୍ୟାପିଟାଲ ପାର୍ଟନର୍ସ ପକ୍ଷରୁ କୁହାଯାଇଛି ଯେ, ପ୍ରାୟ ୭୦ରୁ ୮୦ ପ୍ରତିଶତ ଧନୀ ଭାରତୀୟ ବିଦେଶୀ ନାଗରିକତ୍ୱ ଅଥବା ସେଠାରେ ବସବାସ କରିବା ଯୋଜନା ସମ୍ପର୍କରେ ପଚାରି ବୁଝୁଛନ୍ତି। ତେବେ ଧନୀ ପରିବାର ଦେଶ ଛାଡୁଛନ୍ତି କାହିଁକି ବୋଲି ପ୍ରଶ୍ନ ହେବାରୁ ହେନଲେ ଆଣ୍ଡ ପାର୍ଟନର୍ସର ସାଉଥ ଇଷ୍ଟ ଏସିଆ ମୁଖ୍ୟ ଡୋମିନିକ ବୋଲେକ କହିଛନ୍ତି ଯେ, ଲାଇଫଷ୍ଟାଇଲ, ଶିକ୍ଷା, ଟ୍ରାନ୍ସପୋର୍ଟ, ନିର୍ମଳ ବାୟୁ ଏବଂ ସ୍ୱାସ୍ଥ୍ୟସେବା ପାଇବାକୁ ନେଇ ଚାଇନା, ରୁଷ ଭଳି ଭାରତୀୟଙ୍କ ମଧ୍ୟରେ ସମାନ ମତ ରହିଛି। ତେବେ ଏହା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ହୋଇଥାଏ। ଅଧିକାଂଶ ଭାରତୀୟ ନିଜ ଘର ଓ ସ୍ୱଦେଶ ଛାଡିବାକୁ ରାଜି ନୁହନ୍ତି। କିନ୍ତୁ ଅନ୍ୟ ଦେଶର ନାଗରିକତ୍ୱ ପାଇବାକୁ ଚାହାନ୍ତି। ଉଦାହରଣ ସ୍ୱରୂପ, ଜଣଙ୍କ ନିକଟରେ ପର୍ତ୍ତୁଗାଲର ଗୋଲ୍ଡେନ ଭିଜା ଥିଲେ ସେ ବର୍ଷକରେ ଥରେ ୭ ଦିନ ପାଇଁ ସେ ଦେଶରେ ଅତିବାହିତ କରିବାର ସୁବିଧା ପାଇବେ। ତେବେ ଅନ୍ୟ ଦେଶର ନାଗରିକତ୍ୱ ଲାଗି ଭାରତୀୟ ଆଇନ ଅନୁମତି ଦିଏ ନାହିଁ। ଏହି କାରଣରୁ ବହୁ ଧନୀ ଭାରତୀୟ ନିବେଶ ଜରିଆରେ ବିକଳ୍ପ ଆପଣାଉଛନ୍ତି। ନାଇଟବ୍ରିଜ କ୍ୟାପିଟାଲ ପାର୍ଟନର୍ସର ଡାଇରେକ୍ଟର ଲୁକ୍ ହେକ୍ସଟର କହିଛନ୍ତି ଯେ, ଲୋକେ ଏବେ ୟୁରୋପୀୟ ୟୁନିୟନର ସିଙ୍ଗଲ ମାର୍କେଟରେ ପହଞ୍ଚିବାକୁ ଚାହୁଁଛନ୍ତି। ସେମାନେ ନିଜ ପିଲାଙ୍କୁ ବିଦେଶୀ ସ୍କୁଲରେ ପଢ଼ାଇବାକୁ ଆଗ୍ରହୀ। ଏହାଛଡ଼ା କଳାଧନ ଲୁଚାଇବାର ସୁରକ୍ଷିତ ସ୍ଥାନ ହୋଇଥାଏ ବିଦେଶ। ଏହାବାଦ୍ ସୁରକ୍ଷିତ ଠିକଣା ଓ ରାଜନୈତିକ ସ୍ଥିରତା ସେମାନେ ଆଶା କରୁଛନ୍ତି। ନିଜର ସମ୍ପତ୍ତି ରକ୍ଷା ଲାଗି ଏହି ଧନିକ ଶ୍ରେଣୀ ଯଥାସମ୍ଭବ ପ୍ରୟାସ କରୁଛନ୍ତି। ଯେକୌଣସି ପନ୍ଥା-ପଦ୍ଧତି ଆପଣାଇବାକୁ ପ୍ରସ୍ତୁତ। ସୂଚନାଥାଉ କି, ଗ୍ଲୋବାଲ ମାଇଗ୍ରେଶନ ରିଭ୍ୟୁ ଅନୁସାରେ ୨୦୧୭ରେ ୭ ହଜାର ଭାରତୀୟ ଧନୀ ଦେଶ ଛାଡ଼ିଛନ୍ତି। ଅଧିକାଂଶ ଲୋକ ଆମେରିକା, କାନାଡା ଓ ଅଷ୍ଟ୍ରେଲିଆରେ ବସବାସ କରୁଛନ୍ତି। ଚୋକ୍‌ସୀଙ୍କ ପଳାୟନ ପରେ ଏବେ ଧନୀ ଭାରତୀୟଙ୍କ ମଧ୍ୟରେ ନିବେଶ ଜରିଆରେ ନାଗରିକତ୍ୱ ହାସଲ କରିବା ନେଇ ସଚେତନତା ସୃଷ୍ଟି ହୋଇଛି। ଚୋକ୍‌ସୀ ଆଇନଗତ ଭାବେ ସିଟିଜେନଶିପ୍ ବାଏ ଇନଭେଷ୍ଟମେଣ୍ଟ ପ୍ରୋଗ୍ରାମ ଜରିଆରେ ଆଣ୍ଟିଗୁଆର ନାଗରିକତ୍ୱ ଗ୍ରହଣ କରିଛନ୍ତି। ବିଶ୍ୱରେ ଏଭଳି ବହୁ ଦେଶ ରହିଛି ଯେଉଁଠି ଜଣେ ବ୍ୟକ୍ତି ନିବେଶ ଜରିଆରେ ନାଗରିକତ୍ୱ ମିଳିପାରିବ ବୋଲି ବୋଲେକ କହିଛନ୍ତି।

## ଏସିଆ ରୋଡ ରେସିଂ ଚାମ୍ପିୟନଶିପରେ ହୋଣ୍ଡା ଚାଳକଙ୍କ ସଫଳତା



**ଭୁବନେଶ୍ୱର,୯–୧୨**

ଏସିଆ ରୋଡ ରେସିଂ ଚାମ୍ପିୟନଶିପ ୨୦୧୮ରେ ହୋଣ୍ଡାର ଭାରତୀୟ ଚାଳକମାନେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଥାଇଲାଣ୍ଡ ବୁରିଆମର ଚାଙ୍ଗ ସର୍କିଟରେ ଅନୁଷ୍ଠିତ ଦ୍ୱିତୀୟ ରେସ୍‌ରେ ଆଇଡେମିସୁ ହୋଣ୍ଡା ରେସିଂ ଭାରତୀୟ ଟିମର ଚାଳକ ରାଜୀବ ସେତୁ ଏପି ୨୫୦ରେ ଉତ୍ତମ ପ୍ରଦର୍ଶନ କରିଥିଲେ। ସେହିଭଳି ଏସ୍ ୬୦୦ ଶ୍ରେଣୀରେ ଟିଆଗା ହାଡା ପଏଣ୍ଟ ହାସଲ କରିଛନ୍ତି। ବାଙ୍ଗାଲୋରର ଚାଳକ ଅନିଷ ଏପି ୨୫୦ ଶ୍ରେଣୀ ରେସରେ ଶ୍ରେଷ୍ଠ ୨୦ ମଧ୍ୟରେ ନିଜକୁ ସାମିଲ କରିପାରିଛନ୍ତି। ସେହିଭଳି ଏସ୍ଏସ୍ ୬୦୦ ଶ୍ରେଣୀରେ ଟିଆଗା ହାଡା ଭଲ ପ୍ରଦର୍ଶନ କରି ୧୨ତମ ସ୍ଥାନରେ ରେସ୍ ସମାପ୍ତ କରିଛନ୍ତି। ଏହି ସଫଳତା ଭାରତୀୟ ମୋଟର ସ୍ପୋର୍ଟକୁ ବହୁ ଆଗକୁ ନେବାରେ ସହାୟତା କରିବ ବୋଲି କମ୍ପାନୀର ବ୍ରାଣ୍ଡ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## ଏନ୍ଆଇଏନ୍ଏଲ୍‌ରେ ବିଲେଟ ଉତ୍ପାଦନ ଆରମ୍ଭ

**ଭୁବନେଶ୍ୱର,୯–୧୨**



ଯାଜପୁର କଳିଙ୍ଗ ନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍ଆଇଏନ୍ଏଲ୍) ନିଜର ଷ୍ଟିଲ ମେଲ୍ଟିଂ ୱାର୍କଶପକୁ କାର୍ଯ୍ୟକ୍ଷମ କରାଇବା ସହ ବିଲେଟ ଉତ୍ପାଦନ ଆରମ୍ଭ କରିଛି। କମ୍ପାନୀର ଟର୍ନ ଆରାଉଣ୍ଡ ଯୋଜନା ମୁତାବକ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପଦକ୍ଷେପ ଦ୍ୱାରା କମ୍ପାନୀ ଲାଭଜନକ ସ୍ଥିତିକୁ ଆସିବ ବୋଲି ଆଶା ରଖିଥିବା କମ୍ପାନୀ କହିଛି। ବିଲେଟ ଉତ୍ପାଦନ ପରେ କନଭର୍ସନ ମାଧ୍ୟମରେ ୱାୟାର ରଡ ଏବଂ ବାର ଉତ୍ପାଦନ କରିବାକୁ ଯୋଜନା ରଖିଛି। କମ୍ପାନୀକୁ ଲାଭଜନକ ସ୍ଥିତିକୁ ଆଣିବାକୁ ଶେଷ ପର୍ଯ୍ୟାୟରେ ରହିଛୁ ବୋଲି ଏନ୍ଆଇଏନ୍ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଶଶୀ ଶେଖର କହିଛନ୍ତି। ଅତି ଶୀଘ୍ର ବିଲେଟ ରପ୍ତାନି ଯୋଜନା ରହିଛି ବୋଲି ସେ ସୂଚନା ଦେଇଛନ୍ତି। କମ୍ପାନୀ ଏହାର କୋଇଡାସ୍ଥିତ ନିଜସ୍ୱ ଖଣିରୁ ଚଳିତ ବର୍ଷ ଶେଷ ସୁଦ୍ଧା ଉତ୍ପାଦନ ଆରମ୍ଭ କରିବା ନେଇ ଯୋଜନା ରଖିଛି।

# ପୁଣି କେନ୍ଦ୍ର ବିରୋଧରେ ମୁହଁ ଖୋଲିଲେ ସୁବ୍ରମଣ୍ୟନ

**ନୂଆଦିଲ୍ଲୀ,୯–୧୨**

### ଜିଡିପିକୁ ନେଇ ସନ୍ଦେହ ଦୂର ହେବା ଉଚିତ



ଅରବିନ୍ଦ ସୁବ୍ରମଣ୍ୟନ

ଜିଡିପି ବ୍ୟାକ୍ ସିରିଜ ଡାଟାକୁ ନେଇ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ସଂଶୋଧିତ ଆର୍ଥିକ ଅଭିବୃଦ୍ଧି ତଥ୍ୟକୁ ନେଇ ବିବାଦ ଉପୁଜିଥିବା ବେଳେ ବିଶେଷଜ୍ଞଙ୍କ ଦ୍ୱାରା ଏହାର ସମୀକ୍ଷା ହେବା ଉଚିତ୍ ବୋଲି ସେ କହିଛନ୍ତି। କାରଣ ପରିସଂଖ୍ୟାନକୁ ନେଇ ସୃଷ୍ଟି ହୋଇଥିବା କୁହେଳିକା ଦୂର କରାଯିବା ସହ ବିଶ୍ୱାସ ଜନ୍ମାଇବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ନୀତି ଆୟୋଗକୁ ପରୋକ୍ଷରେ ସମାଲୋଚନା କରି ସୁବ୍ରମଣ୍ୟନ କହିଛନ୍ତି ଯେ, ମୋଟ ଘରୋଇ ଉତ୍ପାଦ(ଜିଡିପି)ର ଗଣନା କରିବାର ବିଶେଷଜ୍ଞତା ନ ଥିବା ବ୍ୟକ୍ତିବିଶେଷ ଏହି ପ୍ରକ୍ରିୟାରେ ସାମିଲ ହେବାର ଆବଶ୍ୟକତା ନାହିଁ। ସେ କହିଛନ୍ତି ଯେ, ଜଣେ ଅର୍ଥନୀତିଜ୍ଞ ଭାବେ ସେ ମନେକରନ୍ତି ଯେ, ନିକଟରେ ସରକାରଙ୍କ ଦ୍ୱାରା ଜାରି ବ୍ୟାକ୍ ଡାଟା ଜିଡିପିରେ କିଛି କୁହେଳିକା ରହିଯାଉଛି, ଯାହା ଦୂର କରାଯିବା ଉଚିତ। ବିଶେଷଜ୍ଞମାନଙ୍କ ଦ୍ୱାରା ଏହାର ଗଭୀର ଭାବେ ସମୀକ୍ଷା କରାଯିବା ଉଚିତ ବୋଲି ତାଙ୍କର ମତ।

### ଆର୍‌ବିଆଇ ପାଣ୍ଠି ନେବା ଲୁଟ୍ ସଙ୍ଗେ ସମାନ

ଅରବିନ୍ଦ ସୁବ୍ରମଣ୍ୟନ ନିଜ ପୁସ୍ତକ 'ଅଫ୍ କାଉନସିଲ: ଦ ଚ୍ୟାଲେଞ୍ଜେସ ଅଫ୍ ଦ ମୋଦି-ଜେଟ୍‌ଲୀ ଇକୋନୋମୀ' ପୁସ୍ତକର ଉନ୍ମୋଚନ ଉତ୍ସବରେ ଯୋଗ ଦେବାକୁ ଆସି ଆର୍‌ବିଆଇ ସହ ବିବାଦକୁ ନେଇ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିକଟରେ ପ୍ରାୟ ୪ରୁ ୪.୫ ଲକ୍ଷ କୋଟି ଟଙ୍କାର ବଳକା ଅର୍ଥ ରହିଛି। ଏହାକୁ ବ୍ୟାଙ୍କର ପୁନଃପୁଞ୍ଜୀକରଣରେ ବ୍ୟବହାର କରାଯିବା ଉଚିତ। କିନ୍ତୁ ବିତ୍ତୀୟ ନିଅଣ୍ଟ ଭରଣା କରିବା ପାଇଁ ଏହାକୁ ବିନିଯୋଗ କରାଯିବା ଗ୍ରହଣୀୟ ନୁହେଁ। ଏହା ଏକ ପ୍ରକାର ଆର୍‌ବିଆଇକୁ ଲୁଟ୍ କଲା ଭଳି ହେବ। ଆର୍‌ବିଆଇ ବୋର୍ଡର ରାଜନୀତୀକରଣ ହେବା ଅନୁଚିତ ବୋଲି ସେ କହିଛନ୍ତି।

## ପୂର୍ବତଟ ରେଳପଥର ଆନ୍ତଃମଣ୍ଡଳ ଡ୍ରାମା

**ଭୁବନେଶ୍ୱର,୯–୧୨**

ପୂର୍ବତଟ ରେଳପଥ ପକ୍ଷରୁ ଆନ୍ତଃ ମଣ୍ଡଳ ଡ୍ରାମା ପ୍ରତିଯୋଗିତା ଭୁବନେଶ୍ୱରର ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ର ଅତିଥି ଭାବେ ଯୋଗ ଦେଇ ପୂର୍ବତଟ ରେଳପଥ ମୁଖ୍ୟାଳୟ ଦଳକୁ ଚାମ୍ପିୟନ ସିଲ୍ଡ ପ୍ରଦାନ କରିଥିଲେ। ଏଭଳି ଗୁଣାତ୍ମକ କଳା ପ୍ରଦର୍ଶନ ଓ ପ୍ରତିଯୋଗିତା ରେଳୱେର ପରମ୍ପରା ସହ କର୍ମଚାରୀଙ୍କ ସାମର୍ଥ୍ୟକୁ ଉତ୍ସାହିତ କରିଥାଏ ବୋଲି ମିଶ୍ର ଏଥିରେ କହିଥିଲେ। ଏଥିରେ ସମ୍ବଲପୁର ଏବଂ ୱାଲଟିୟର ରେଳ ମଣ୍ଡଳ ରନର୍ସ ଅପ୍ ହୋଇଛନ୍ତି। କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ, ସମ୍ବଲପୁର ୱାଲଟିୟର, ମଞ୍ଚେଶ୍ୱର ୱାର୍କଶପ ଏବଂ ମୁଖ୍ୟାଳୟକୁ ମିଶାଇ ୫ଟି ଦଳ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ ପ୍ରକାଶ କୁମାର ନାୟକ, ବରିଷ୍ଠ ସହ ବିତ୍ତ ପ୍ରବନ୍ଧକ ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଏମ୍ଆଇରେ ବାଣିଜ୍ୟ ସମ୍ମିଳନୀ




**ଭୁବନେଶ୍ୱର,୯–୧୨**

ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଆଇଏମ୍ଆଇ) ଭୁବନେଶ୍ୱର ଓ ଇଗାଡେ ବିଜନେସ ସ୍କୁଲ ମେକ୍ସିକୋର ମିଳିତ ସହଯୋଗରେ ଇଣ୍ଡଷ୍ଟ୍ରୀ ୪.୦ବିଜନେସ ବିୟଣ୍ଡ ବାଉଣ୍ଡ୍ରିଜ ସଂକ୍ରାନ୍ତ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୦ ରିସର୍ଚ୍ଚ ପେପର ଉପରେ ପ୍ରକାଶ ପାଇଥିବା ସକାରାତ୍ମକ ପ୍ରତିକ୍ରିୟାର ଆଲୋଚନା ହୋଇଥିଲା। ଅନ୍ତଃରାଷ୍ଟ୍ରୀୟ ଫୋରମଗୁଡ଼ିକ ଗୋଟିଏ ପ୍ଲାଟଫର୍ମରେ ବ୍ୟବସାୟିକ ପ୍ରଥା ଏବଂ ଏହାର ମୂଲ୍ୟାଙ୍କନ ଉପରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଏଠାରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ରମେଶ ବେହଲ, ଇଗାଡେ ବିଜନେସ ସ୍କୁଲର ପ୍ରଫେସର ରାଜଗୋପାଳ, ନେପାଳ ରାଷ୍ଟ୍ର ବ୍ୟାଙ୍କର ପୂର୍ବତନ ଗଭର୍ନର ଡ. ତିଲକ ରାୱଲ ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ। ପ୍ରଫେସର ମିନତି ମିଶ୍ର ଓ ସୌରଭ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ବିମୁଦ୍ରୀକରଣ ଲାଗୁ ପ୍ରକ୍ରିୟା ଭୁଲ୍ ଥିଲା'

**ନୂଆଦିଲ୍ଲୀ,୯–୧୨**



ଉଦୟ କୋଟାକ୍

ବିମୁଦ୍ରୀକରଣର ୨ ବର୍ଷ ପରେ ଦେଶର ପ୍ରମୁଖ ବ୍ୟାଙ୍କର ଭାବେ ଜଣାଶୁଣା ଉଦୟ କୋଟାକ୍ ଏହାକୁ ସମାଲୋଚନା କରିଛନ୍ତି। ବିମୁଦ୍ରୀକରଣ ଲାଗୁ କରିବା ପ୍ରକ୍ରିୟା ଭୁଲ୍ ଥିଲା ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, କିଛି ପ୍ରସଙ୍ଗ ଉପରେ ଠିକ୍ ଭାବେ ଗୁରୁତ୍ୱ ଦିଆଯାଇଥିଲେ ଏହାର ପରିଣାମ ବହୁତ ଭଲ ମିଳିଥାନ୍ତା। ଏ ପ୍ରସଙ୍ଗରେ ସେ ୨୦୦୦ ଟଙ୍କିଆ ନୂଆ ନୋଟ୍ ଆଣିବାର ଯୁକ୍ତି ନେଇ ପ୍ରଶ୍ନ ଉଠାଇଥିଲେ ମଧ୍ୟ ଏହା ଆର୍ଥିକ କ୍ଷେତ୍ର ଲାଗି ଏକ ବଡ଼ ବରଦାନ ଥିଲା ବୋଲି ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ଛୋଟ ଛୋଟ ଉଦ୍ୟୋଗଗୁଡିକ ପ୍ରତି କେନ୍ଦ୍ର ସରକାର ଧ୍ୟାନ ଦେଉଥିବାରୁ ସେ ଏହାକୁ ସ୍ୱାଗତ କରିଛନ୍ତି। ବିମୁଦ୍ରୀକରଣ ସମ୍ପର୍କରେ ନିଜ ପ୍ରତିକ୍ରିୟାରେ ଉଦୟ କୋଟାକ୍ କହିଛନ୍ତି ଯେ, ଏହାକୁ ଠିକ୍ ଭାବେ ଲାଗୁ କରିବା ଲାଗି ଯୋଜନା ପ୍ରସ୍ତୁତ ହୋଇଥିଲେ,ଆମକୁ ଭଲ ପରିଣାମ ମିଳିଥାନ୍ତା। ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବନ୍ଦ କରାଯିବା ପରେ ୨୦୦୦ ଟଙ୍କିଆ ନୋଟ୍ କାହିଁକି ପ୍ରଚଳନ କରାଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ବିମୁଦ୍ରୀକରଣ ଲାଗୁ କରିବା ପୂର୍ବରୁ ଛୋଟ ମୂଲ୍ୟର ଅଧିକ ନୋଟ୍ ପ୍ରଚଳନ କରାଯିବାର ଆବଶ୍ୟକତା ଥିଲା ବୋଲି କୋଟାକ୍ କହିଛନ୍ତି।

# ଇ–ଯାନ ସବ୍‌ସିଡିକୁ ନେଇ ମତଭେଦ

**ନୂଆଦିଲ୍ଲୀ,୯–୧୨**

ଇଲେକ୍ଟ୍ରିକ ଗାଡ଼ିକୁ ସବ୍‌ସିଡି ପ୍ରଦାନ ପାଇଁ ୨ ଚକିଆ ଯାନ ଉପରେ 'ଫିବେଟ୍' (ଗୋଟିଏ ପ୍ରକାର ଶୁଳ୍କ) ଲାଗୁ କରିବାକୁ ନେଇ ନୀତି ଆୟୋଗ ଓ ଭାରି ଉଦ୍ୟୋଗ ମନ୍ତ୍ରଣାଳୟ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଫିବେଟ୍ ଆଦାୟକୁ ଆୟୋଗ ସମର୍ଥନ କରୁଥିବା ବେଳେ ମନ୍ତ୍ରଣାଳୟ ଏହାକୁ ବିରୋଧ କରିଛି। ଏହା ଏଭଳି ଶୁଳ୍କ ଆଦାୟକୁ ଚିନ୍ତାଜନକ ବୋଲି ଦର୍ଶାଇଛି। କାରଣ ଏହାଦ୍ୱାରା ଗାଡ଼ି ମୂଲ୍ୟ ବୃଦ୍ଧି ପାଇବା ସହିତ ଶୁଳ୍କ ଆଦାୟ କିପରି ହେବ ସେ ନେଇ ପ୍ରଶ୍ନ ଉଠାଯାଇଛି। ଏହା ବ୍ୟବହାରିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଶୁଳ୍କ ଆଦାୟ କରି ଏହି ପାଣ୍ଠିକୁ ଇଲେକ୍ଟ୍ରିକ ବାହନ ପାଇଁ ସବ୍‌ସିଡି ବାବଦରେ ବିନିଯୋଗ କରାଯାଇପାରିବ ବୋଲି ଆୟୋଗ ଯୁକ୍ତି ଦର୍ଶାଉଛି। ଅନ୍ୟପକ୍ଷରେ ମନ୍ତ୍ରଣାଳୟ ପକ୍ଷରୁ ପାଲଟା ଯୁକ୍ତି ଦର୍ଶାଯାଇ କୁହାଯାଇଛି ଯେ, ଇଲେକ୍ଟ୍ରିକ ବାହନରେ ୧୨% ଜିଏସ୍‌ଟି ଆଦାୟ ହେଉଥିବା ବେଳେ ୨ ଚକିଆ ଗାଡ଼ିରେ ୨୮% ଆଦାୟ କରାଯାଉଛି। ଏହି ଦୃଷ୍ଟିରୁ ଦେଖିଲେ ଇଲେକ୍ଟ୍ରିକ ଗାଡ଼ିକୁ ୧୬% ଛାଡ଼ ପୂର୍ବରୁ ମିଳୁଛି। ଅଧିକାରୀଙ୍କ କହିବାନୁଯାୟୀ ଏବେ ଦେଶରେ ବର୍ଷକୁ ପ୍ରାୟ ୨ କୋଟି ଦୁଇ ଚକିଆ ଗାଡ଼ି ବିକ୍ରି ହେଉଛି। ପ୍ରତି ଗାଡ଼ି ପିଛା ୫୦୦ ଟଙ୍କାଏ ଲେଖାଏ ଶୁଳ୍କ ଆଦାୟ କରାଯାଏ, ତେବେ ପ୍ରାୟ ୧୦ ହଜାର କୋଟି ଟଙ୍କା ଲେଖାଏ ଆଦାୟ ହେବ।

# ଶୀଘ୍ର ଆସିବ ନୂଆ ଶିଳ୍ପନୀତି

**ପଣଜୀ,୯–୧୨**

- କ୍ୟାବିନେଟ ମଞ୍ଜୁରୀକୁ ଅପେକ୍ଷା
- ୨୦୧୭ ଅଗଷ୍ଟରେ ଡ୍ରାଫ୍ଟ ହୋଇଥିଲା
- ନୂଆ ଟେକ୍ନୋଲୋଜିକୁ ମିଳିତ ପ୍ରୋତ୍ସାହନ
- ଏମ୍ଏସ୍ଏମ୍ଇ ଲାଗି ଆସିବ ଇଣ୍ଡଷ୍ଟ୍ରିଆଲ ହେଲଥ କ୍ଲିନିକ



ସରକାର ଦେଶରେ ଶୀଘ୍ର ନୂଆ ଶିଳ୍ପନୀତି ଲାଗୁ କରିବେ। ଶିଳ୍ପନୀତିକୁ ମଞ୍ଜୁରୀ ପ୍ରଦାନ ଲାଗି କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ସମସ୍ତ ପ୍ରକ୍ରିୟାକୁ ଚୂଡ଼ାନ୍ତ ପର୍ଯ୍ୟାୟକୁ ନେଇଛି। ଏ ସମ୍ପର୍କିତ ଡ୍ରାଫ୍ଟକୁ କେନ୍ଦ୍ର କ୍ୟାବିନେଟକୁ ମଞ୍ଜୁରୀ ଲାଗି ପଠାଯାଇଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ସୁରେଶ ପ୍ରଭୁ ରବିବାର ସୂଚନା ଦେଇଛନ୍ତି। ଏ ନେଇ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଥିବା ପ୍ରଭୁ କହିଛନ୍ତି। ଦେଶର ମାନୁଫାକ୍ଚରିଂ କ୍ଷେତ୍ରକୁ ପ୍ରୋତ୍ସାହନ, ବୈଦେଶିକ ଟେକ୍ନୋଲୋଜି ହସ୍ତାନ୍ତର, ଏଫ୍‌ଡିଆଇ ଆକୃଷ୍ଟ କରିବା ନେଇ ଏହି ନୀତିରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରଭୁ ସ୍ପଷ୍ଟ କରିଛନ୍ତି। ସେହିଭଳି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ ଅଫ୍ ଥିଙ୍ଗସ ଏବଂ ରୋବଟିକ୍ସ ଭଳି ପ୍ରମୁଖ ଟେକ୍ନୋଲୋଜି ବ୍ୟବହାରକୁ ଅଗ୍ରାଧିକାର ମିଳିବ। ଏଥି ଲାଗି ଆର୍ଥିକ ପ୍ରୋତ୍ସାହନ ପ୍ରଦାନର ବ୍ୟବସ୍ଥା ମଧ୍ୟ ରହିବ।

ଦେଶର ନୂତନ ଶିଳ୍ପ କ୍ଷେତ୍ର ସମେତ ଅଦ୍ୟାବଧି କାର୍ଯ୍ୟ କରୁଥିବା ଶିଳ୍ପଗୁଡ଼ିକୁ ଧ୍ୟାନରେ ରଖି ବିଭିନ୍ନ ପ୍ରୋତ୍ସାହନ ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହା ବାଦ୍ ନିୟାମକ ଅସୁବିଧା ଏବଂ ପେପର ୱାର୍କ ହ୍ରାସ ଉପରେ ନୀତିରେ ଗୁରୁତ୍ୱାରୋପ କରାଯାଇଛି। ନୀତିକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଇବା ପାଇଁ ଷ୍ଟିଅରିଂ କମିଟି ସହ ବିଭିନ୍ନ ବ୍ୟବସ୍ଥା ହାତକୁ ନିଆଯିବ। ଖରାପ ସ୍ଥିତି ଦେଇ ଗତି କରୁଥିବା ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗଗୁଡ଼ିକର ଅସୁବିଧା ସମାଧାନକୁ ଧ୍ୟାନରେ ରଖାଯାଇଛି। ଏଥି ଲାଗି ଇଣ୍ଡଷ୍ଟ୍ରିଆଲ୍ ହେଲ୍‌ଥ କ୍ଲିନିକ ସ୍ଥାପନ ନେଇ ପ୍ରସ୍ତାବ ରହିଛି। ସେହିଭଳି ଦେଶରେ ନୂଆ ନିଯୁକ୍ତି ସୃଷ୍ଟି, ବିଦେଶୀ ଟେକ୍ନୋଲୋଜି ହସ୍ତାନ୍ତର ଏବଂ ବାର୍ଷିକ ୧୦୦ ବିଲିୟନ ଡଲାର ଏଫ୍‌ଡିଆଇ ଆକୃଷ୍ଟ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଶିଳ୍ପନୀତି ପ୍ରୋତ୍ସାହନ ବିଭାଗ ଗତ ବର୍ଷ ଅଗଷ୍ଟରେ ଏହି ନୀତି ଡ୍ରାଫ୍ଟ କରିଥିଲା। ଏହା ୧୯୯୧ର ଶିଳ୍ପନୀତିକୁ ବାଦ ଦେବ ବୋଲି ଜଣାଯାଇଛି। ବିଶ୍ୱ ବଜାରରେ ଭାରତୀୟ ଶିଳ୍ପକୁ ଆହୁରି ପ୍ରତିଦ୍ୱନ୍ଦ୍ୱୀ କରିବା ପାଇଁ ଏଭଳି ପଦକ୍ଷେପ ଉପରେ ସରକାର କାର୍ଯ୍ୟ କରୁଥିବା ପ୍ରଭୁ ସୂଚନା ଦେଇଛନ୍ତି। ଦେଶର ମୋଟ ଜିଡ଼ିପିକୁ ମାନୁଫାକ୍ଚରିଂ ଶିଳ୍ପର ଅବଦାନକୁ ୨୫%କୁ ବଢାଇବାକୁ ପ୍ରୟାସ କରାଯାଉଛି। ଏହା ବର୍ତ୍ତମାନ ୧୬ରୁ ୧୭% ରହିଥିବା ଜଣାଯାଇଛି।

# ଜର୍ମାନୀ କ୍ୱାର୍ଟର ଫାଇନାଲରେ



ଖ୍ରିଷ୍ଟୋଫର ରୁହର

ଭୁବନେଶ୍ୱର, ୯।୧୨(କ୍ରୀଡ଼ା ପ୍ରତିନିଧି)

ଟିମ୍ ହର୍ଜବୃକ୍ ଓ ଖ୍ରିଷ୍ଟୋଫର ରୁହରଙ୍କ ଡବଲ ଗୋଲ ବଳରେ ଜର୍ମାନୀ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ରବିବାର ପୁଲ୍ 'ଡି' ମ୍ୟାଚରେ ମାଲେସିଆକୁ ୫-୩ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହ ଦଳ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଜର୍ମାନୀ ପକ୍ଷରୁ ମାର୍କୋ ମିଲ୍ଟକାଉ ଅନ୍ୟତମ ଗୋଲଟି ଦେଇଥିବାବେଳେ ମାଲେସିଆ ପକ୍ଷରୁ ରାଜି ରହିମ ୨ଟି ଓ ନାବିଲ ନୁର ଗୋଟିଏ ଗୋଲ ପରିଶୋଧ କରିଥିଲେ। ବିଶିଷ୍ଟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଜର୍ମାନୀର ୧୭ ନମ୍ବର ଖେଳାଳି ଖ୍ରିଷ୍ଟୋଫର ରୁହର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ମାଲେସିଆ ବିପକ୍ଷରେ ଆରମ୍ଭରୁ ପ୍ରଭାବୀ ରହିଥିଲା ଜର୍ମାନୀ। ମ୍ୟାଚର ଦ୍ୱିତୀୟ ମିନିଟରେ ହିଁ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ହର୍ଜବୃକ୍ ଜର୍ମାନୀକୁ ଅଗ୍ରଣୀ କରାଇଥିଲେ। ଆକ୍ରମଣ ଜାରି ରଖି ୯ମ ମିନିଟରେ ଜର୍ମାନୀ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଏହା ମିସ୍ ହୋଇଥିବାବେଳେ ୧୧ତମ ମିନିଟରେ ଗୋଲ ପରିଶୋଧ କରିବାପାଇଁ ସୁଯୋଗକୁ ହାତଛଡ଼ା କରିଥିଲା ମାଲେସିଆ। ଅର୍ଥାତ୍ ଦଳକୁ ମିଳିଥିବା ପେନାଲ୍ଟି କର୍ନର ମିସ୍ ହୋଇଥିଲା। ୧୩ତମ ମିନିଟରେ ଜର୍ମାନୀ ପେନାଲ୍ଟି କର୍ନରର ସଦୁପଯୋଗ କରିପାରି ନ ଥିଲେ ହେଁ ୧୪ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ଖ୍ରିଷ୍ଟୋଫର ରୁହର ଜର୍ମାନୀର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ତାହାର କିଛି କ୍ଷଣ ପରେ ଅର୍ଥାତ୍ ସେହି ୧୪ତମ ମିନିଟରେ ଜର୍ମାନୀ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ମାତ୍ର ଅଧିନାୟକ ମାର୍ଟିନ ହାନେରଙ୍କ ଶଟ୍‌କୁ ମାଲେସିଆ ଗୋଲକିପର କୁମାର ସୁବ୍ରମିଆମ ଅଟକାଇ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ମଧ୍ୟ ଜର୍ମାନୀର ଆଧିପତ୍ୟ ଜାରି ରହିଥିଲା। ୧୮ତମ ମିନିଟରେ ଆଉ ଏକ ଗୋଲ ଦେଇ ୧୭ ନମ୍ବର ଖେଳାଳି ରୁହର ଜର୍ମାନୀକୁ ୩-୦ରେ ଅଗ୍ରଣୀ କରାଇଥିଲେ। ମ୍ୟାଚରେ ଏହା ତାଙ୍କର ଦ୍ୱିତୀୟ ଗୋଲ ଥିଲା। ମ୍ୟାଚଟି ଏକପାଖିଆ ହୋଇଯାଉଥିବାବେଳେ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ମାଲେସିଆ। ରୋଲାଣ୍ଟ ଓଲ୍ଟମାନ୍ସଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ୨୩ତମ ମିନିଟରେ ପେନାଲ୍ଟି କର୍ନର ମିସ୍ କରିଥିଲେ ହେଁ ୨୬ତମ ମିନିଟରେ ଏଥିରୁ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲା। ୧୭ ନମ୍ବର ଜର୍ସି ପରିହିତ ରାଜି ରହିମ ଏହି ଗୋଲଟି ସ୍କୋର କରିଥିଲେ। ଏହାର ୨ ମିନିଟ ପରେ ଦଳ ଆଉ ଏକ ପେନାଲ୍ଟି କର୍ନର ପାଇଥିଲା। ୨୮ତମ ମିନିଟରେ ନାବିଲ ନୁର୍ ଏହାକୁ ଗୋଲରେ ପରିଣତ କରି ମ୍ୟାଚରେ ଉଷ୍ମତା ଭରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଜର୍ମାନୀ ୩-୨ରେ ଅଗ୍ରଣୀ ରହିଥିଲା।

ବିଶ୍ୱର ୬ ନମ୍ବର ମାନ୍ୟତାପ୍ରାପ୍ତ ଜର୍ମାନୀ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରୁ ଏହି ଦଳ ଆକ୍ରମଣକୁ ଜୋରଦାର କରିଥିଲା। ମାତ୍ର ୧୨ ନମ୍ବର ଦଳ ମାଲେସିଆ କଡ଼ା ଚ୍ୟାଲେଞ୍ଜ ମଧ୍ୟ ଦେଇଥିଲା। ତେବେ ୩୯ତମ ମିନିଟରେ ମାର୍କୋ ମିଲ୍ଟକାଉଙ୍କ ଗୋଲ ବଳରେ ଜର୍ମାନୀ ଅଗ୍ରଣୀ ବ୍ୟବଧାନକୁ ୪-୩ରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲା। ଏହାର ୩ ମିନିଟ ପରେ ଜର୍ମାନୀର ଡି ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ସମୟରେ ଏହାର ୨ ନମ୍ବର ଖେଳାଳି ମାଥିଆସ ମୁଲର ଠେଲି ମାଲେସିଆର ନୁରସାଫିକ୍ ସୁମନ୍ତ୍ରୀଙ୍କୁ ତଳେ ପକାଇଦେବାରୁ ରେଫରି ପେନାଲ୍ଟି କର୍ନର ଦେଇଥିଲେ। ଜର୍ମାନୀ ଆବେଦନ କରିଥିଲେ ହେଁ ରେଫରାଲରେ ତାହା ନାକଚ ହୋଇ ଯାଇଥିଲା। ଏହାର ସଦୁପଯୋଗ କରି ରାଜି ରହିମ ୪୨ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳପାଇଁ ତୃତୀୟ ଗୋଲ ସ୍କୋର କରିବାରେ କୌଣସି ଭୁଲ କରି ନ ଥିଲେ। ୪୫ତମ ମିନିଟରେ ଦଳ ପାଇଁ ମ୍ୟାଚକୁ ବରାବର କରିବା ସୁଯୋଗ ଆସିଥିଲା। ମାତ୍ର ପେନାଲ୍ଟି କର୍ନରରୁ ଦଳ ଗୋଲ କରିପାରି ନ ଥିଲା। ଶଟ୍ ଦୁର୍ବଳ ଥିବାରୁ ତାହା ଗୋଲକିପରଙ୍କ ପର୍ଯ୍ୟନ୍ତ ମଧ୍ୟ ଯାଇ ନ ଥିଲା। ୪ର୍ଥ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୪୮ତମ ମିନିଟରେ ପେନାଲ୍ଟି କର୍ନରର ସଦୁପଯୋଗ କରିପାରି ନ ଥିଲା ଜର୍ମାନୀ। ଦଳର ଦୁଇ ଖେଳାଳି ପାସ୍ ଏବଂ ଶୁଟ୍ ରଣନୀତି ଫେଲ୍ ମାରିଥିଲା। ୫୦ତମ ମିନିଟରେ ଲଗାତର ୨ଟି ପେନାଲ୍ଟି କର୍ନର ସୁଯୋଗ ପାଇଥିଲେ ହେଁ ଏହି ଦଳ ଗୋଲ ଦେଇପାରି ନ ଥିଲା। ୫୮ତମ ମିନିଟରେ ଜର୍ମାନୀ ପେନାଲ୍ଟି କର୍ନର ମିସ୍ କରିଥିବାବେଳେ ୫୯ତମ ମିନିଟରେ ମ୍ୟାଚକୁ ବରାବର କରିବାକୁ ମାଲେସିଆ ନିକଟରେ ସୁଯୋଗ ଥିଲା। ମାତ୍ର ପେନାଲ୍ଟି କର୍ନରକୁ ଫୈଜଲ ସାରି ଗୋଲରେ ପରିଣତ କରିପାରି ନ ଥିଲେ। ଅନ୍ୟପକ୍ଷରେ କାଳବିଳମ୍ବ ନ କରି ସେହି ୫୯ତମ ମିନିଟରେ ଜର୍ମାନୀର ଟିମ୍ ହର୍ଜବୃକ୍ ଏକ ଫିଲ୍ଡ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ହର୍ଜବୃକ୍‌ଙ୍କ ଦ୍ୱିତୀୟ ଗୋଲ ବଳରେ ଜର୍ମାନୀ ୫-୩ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ ମଧ୍ୟରେ ମାଲେସିଆର ୨ ଖେଳାଳି ହଳଦିଆ ଏବଂ ଜଣେ ଖେଳାଳି ଗ୍ରୀନ୍ କାର୍ଡ ପାଇଥିଲେ। ଜର୍ମାନୀର ୨ ଖେଳାଳିଙ୍କୁ ଗ୍ରୀନ କାର୍ଡ ମିଳିଥିଲା।




ଜର୍ମାନୀ ଓ ମାଲେସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।

# ଲିଗ୍ ଶେଷ, ଆଜିଠାରୁ କ୍ରସ୍ ଓଭର

ଭୁବନେଶ୍ୱର, ୯।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ ୧୪ତମ ସଂସ୍କରଣର ଲିଗ୍ ପର୍ଯ୍ୟାୟ ରବିବାର ଶେଷ ହୋଇଛି। ପ୍ରତିଯୋଗିତାର କ୍ରସ୍ ଓଭର ମ୍ୟାଚ ସୋମବାରଠାରୁ ଆରମ୍ଭ ହେବ। ୪ଟି ଗ୍ରୁପ୍‌ର ଶୀର୍ଷ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନିୟମ ଅନୁସାରେ ପ୍ରତି ଗ୍ରୁପର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରୁପ୍'ଏ'ରୁ ଆର୍ଜେଣ୍ଟିନା, 'ବି'ରୁ ଅଷ୍ଟ୍ରେଲିଆ, 'ସି'ରୁ ଆୟୋଜକ ଭାରତ ଏବଂ 'ଡି'ରୁ ଜର୍ମାନୀ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ଗ୍ରୁପ୍'ଏ'ରୁ ଫ୍ରାନ୍ସ, ନ୍ୟୁଜିଲାଣ୍ଡ, ଗ୍ରୁପ'ବି'ରୁ ଇଂଲଣ୍ଡ, ଚାଇନା, ଗ୍ରୁପ'ସି'ରୁ ବେଲଜିୟମ, କାନାଡ଼ା ଓ ଗ୍ରୁପ୍ 'ସି'ରୁ ନେଦରଲାଣ୍ଡ୍ସ ଓ ପାକିସ୍ତାନ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୪ଟି ଗ୍ରୁପର ୪ର୍ଥ ସ୍ଥାନରେ ରହିଥିବା ଦଳ ଯଥାକ୍ରମେ ସ୍ପେନ, ଆୟର୍ଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ମାଲେସିଆ ବିଦାୟ ନେଇଛନ୍ତି।

## କ୍ରସ୍ ଓଭର କ'ଣ

ହକିର ନୂଆ ନିୟମ ଅନୁସାରେ ୨୦୧୮ ବିଶ୍ୱକପ ୧୬ ଦଳ ବିଶିଷ୍ଟ ହୋଇଛି। ୨୦୨୨ ବିଶ୍ୱକପରେ ମଧ୍ୟ ୧୬ ଦଳ ଖେଳିବା କାର୍ଯ୍ୟକ୍ରମ ରହିଛି। ୨୦୧୬ରେ ଅନ୍ତର୍ଜାତୀୟ ହକି ଫେଡେରେଶନ କାର୍ଯ୍ୟକାରିଣୀ ବୈଠକରେ ଅନୁମୋଦନ ଲାଭ କରିଥିବା ନୂଆ ନିୟମ ଅନୁସାରେ ପ୍ରତି ମ୍ୟାଚ ୪ କ୍ୱାର୍ଟର ବିଶିଷ୍ଟ ହେଉଛି। ପ୍ରତି କ୍ୱାର୍ଟର ୧୫ ମିନିଟ ବିଶିଷ୍ଟ ହେଉଛି। ୪ଟି ଗ୍ରୁପ୍‌ର ଶୀର୍ଷ ଦଳ ସିଧା କ୍ୱାର୍ଟର ଫାଇନାଲରେ ପ୍ରବେଶ କରୁଥିବାବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଦଳ କ୍ରସ୍ ଓଭର ଦେଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଅର୍ଥାତ୍ କ୍ରସ୍ ଓଭର ମ୍ୟାଚ ପୁଲ୍ 'ଏ'ର ଦ୍ୱିତୀୟ ଓ ପୁଲ୍'ବି'ର ତୃତୀୟ ଏବଂ ପୁଲ୍'ବି'ର ତୃତୀୟ ଓ ପୁଲ୍'ଏ'ର ଦ୍ୱିତୀୟ ସ୍ଥାନୀୟ ଦଳ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ପୁଲ୍ ସି'ର ଦ୍ୱିତୀୟ ଦଳ ସହ ପୁଲ୍'ଡି'ର ତୃତୀୟ ଏବଂ ପୁଲ୍'ସି'ର ତୃତୀୟ ଦଳ ସହ ପୁଲ୍'ଡି'ର ଦ୍ୱିତୀୟ ଦଳ ମଧ୍ୟରେ କ୍ରସ୍ ଓଭର ଖେଳାଯିବ। ପ୍ରତି କ୍ରସ୍ ଓଭରର ବିଜେତା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ପୂର୍ବରୁ ସିଧାସଳଖ ଯୋଗ୍ୟତା ପାଇଥିବା ୪ କ୍ୱାର୍ଟର ଫାଇନାଲିଷ୍ଟ ସହ ଏହି ଦଳ ଗୁଡ଼ିକର ମୁକାବିଲା ହେବ। ୨୦୧୭ ଜାନୁୟାରୀ ୧ରୁ ଏହି ନିୟମ କାର୍ଯ୍ୟକାରୀ ହେଉଛି।

**କ୍ରସ୍ ଓଭର କାର୍ଯ୍ୟସୂଚୀ**

| ତାରିଖ | ଦଳ | ସମୟ |
|---|---|---|
| ଡିସେମ୍ବର ୧୦ | ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ | ଅପରାହ୍ଣ ୪ଟା ୪୫ |
| ଡିସେମ୍ବର ୧୦ | ଫ୍ରାନ୍ସ ବନାମ ଚାଇନା | ସନ୍ଧ୍ୟା ୭ଟା |
| ଡିସେମ୍ବର ୧୧ | ବେଲଜିୟମ ବନାମ ପାକିସ୍ତାନ | ଅପରାହ୍ଣ ୪ଟା ୪୫ |
| ଡିସେମ୍ବର ୧୧ | ନେଦରଲାଣ୍ଡ୍ସ ବନାମ କାନାଡ଼ା | ସନ୍ଧ୍ୟା ୭ଟା। |

**ପଏଣ୍ଟ ଟେବୁଲ୍**

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଆର୍ଜେଣ୍ଟିନା | ୩ | ୨ | ୦ | ୧ | ୧୦ | ୮ | +୨ | ୬ |
| ଫ୍ରାନ୍ସ | ୩ | ୧ | ୧ | ୧ | ୭ | ୬ | +୧ | ୪ |
| ନ୍ୟୁଜିଲାଣ୍ଡ | ୩ | ୧ | ୧ | ୧ | ୪ | ୬ | -୨ | ୪ |
| ସ୍ପେନ୍ | ୩ | ୦ | ୨ | ୧ | ୬ | ୭ | -୧ | ୨ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୩ | ୩ | ୦ | ୦ | ୧୬ | ୧ | +୧୫ | ୯ |
| ଇଂଲଣ୍ଡ | ୩ | ୧ | ୧ | ୧ | ୬ | ୭ | -୧ | ୪ |
| ଚାଇନା | ୩ | ୦ | ୨ | ୧ | ୩ | ୧୪ | -୧୧ | ୨ |
| ଆୟର୍ଲାଣ୍ଡ | ୩ | ୦ | ୧ | ୨ | ୪ | ୭ | -୩ | ୧ |
| **ପୁଲ୍-ସି** | | | | | | | | |
| ଭାରତ | ୩ | ୨ | ୧ | ୦ | ୧୨ | ୩ | +୯ | ୭ |
| ବେଲଜିୟମ | ୩ | ୨ | ୧ | ୦ | ୯ | ୪ | +୫ | ୭ |
| କାନାଡା | ୩ | ୦ | ୧ | ୨ | ୩ | ୮ | -୫ | ୧ |
| ଦ.ଆଫ୍ରିକା | ୩ | ୦ | ୧ | ୨ | ୨ | ୧୧ | -୯ | ୧ |
| **ପୁଲ୍-ଡି** | | | | | | | | |
| ଜର୍ମାନୀ | ୩ | ୩ | ୦ | ୦ | ୧୦ | ୪ | +୬ | ୯ |
| ନେଦରଲାଣ୍ଡ୍ସ | ୩ | ୨ | ୦ | ୧ | ୧୩ | ୫ | +୮ | ୬ |
| ପାକିସ୍ତାନ | ୩ | ୦ | ୧ | ୨ | ୨ | ୭ | -୫ | ୧ |
| ମାଲେସିଆ | ୩ | ୦ | ୧ | ୨ | ୪ | ୧୩ | -୯ | ୧ |

(ବି.ଦ୍ର: ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)

# କ୍ରସ୍ ଓଭର ଖେଳିବେ ନେଦରଲାଣ୍ଡ୍ସ, ପାକିସ୍ତାନ

ଭୁବନେଶ୍ୱର, ୯।୧୨(କ୍ରୀଡ଼ା ପ୍ରତିନିଧି)



ବିଜୟ ହାସଲ ପରେ ଉଲ୍ଲସିତ ନେଦରଲାଣ୍ଡ୍ସ ଖେଳାଳି ।

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ରବିବାର ଅନୁଷ୍ଠିତ ଅନ୍ତିମ ୨ଟି ଲିଗ୍ ମ୍ୟାଚରେ ଜର୍ମାନୀ ଓ ନେଦରଲାଣ୍ଡ୍ସ ବିଜୟୀ ହୋଇଛନ୍ତି। ଜର୍ମାନୀ ୫-୩ ଗୋଲରେ ମାଲେସିଆକୁ ହରାଇଥିବାବେଳେ ନେଦରଲାଣ୍ଡ୍ସ ୫-୧ ଗୋଲରେ ପାକିସ୍ତାନକୁ ପରାସ୍ତ କରିଛି। ଫଳରେ ଜର୍ମାନୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରବିବାର ଶେଷ ମ୍ୟାଚରେ ନେଦରଲାଣ୍ଡ୍ସ ପକ୍ଷରୁ ଥିଏରୀ ବ୍ରିଙ୍କ୍‌ମ୍ୟାନ ୭ମ(ଫିଲ୍ଡ ଗୋଲ), ଭାଲେଣ୍ଟିନ ଭର୍ଗା ୨୭(ଫିଲ୍ଡ), ବବ୍ ଡି ଭୋଗ୍‌ଦ୍ ୩୭(ଫିଲ୍ଡ), ଜୋରିଟ କ୍ରୁନ ୪୭(ପେନାଲ୍ଟି କର୍ନର) ଓ ମିଙ୍କ୍ ଭାନ୍ ଡର୍ ୱିର୍ଡେନ ୫୯(ପେନାଲ୍ଟି କର୍ନର) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିବାବେଳେ ପାକିସ୍ତାନ ପକ୍ଷରୁ ଉମର ବଟ୍ଟ ୯ମ(ପେନାଲ୍ଟି କର୍ନର) ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଭାରତୀୟ ହକି ଦଳର ପୂର୍ବତନ ଖେଳାଳି ଯୁଗରାଜ ସିଂ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିବାବେଳେ ଶେଷରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ସୁଦାମ ମାରାଣ୍ଡି ଅତିଥିଭାବେ ଯୋଗଦେଇ ନେଦରଲାଣ୍ଡ୍ସର ସେଭ୍ ଭାନ୍ ଆସ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ଭାନ୍ ଆସ୍‌ଙ୍କୁ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ପୁଲ୍'ଡି'ର ଶେଷ ୨ଟି ମ୍ୟାଚ ସହ ଦଳଗୁଡ଼ିକର ସ୍ଥିତି ସ୍ପଷ୍ଟ ହୋଇ ଯାଇଛି। ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା ଓ ଭାରତ ସହ ଜର୍ମାନୀ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ପୁଲ୍ 'ଡି'ର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ ନେଦରଲାଣ୍ଡ୍ସ ଓ ପାକିସ୍ତାନ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟତା ପାଇଛନ୍ତି। ଜର୍ମାନୀ ୩ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟ ପାଇ ଏହି ଗ୍ରୁପ୍‌ରୁ ଅପ୍ରତିଦ୍ୱନ୍ଦ୍ୱୀଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ନେଦରଲାଣ୍ଡ୍ସ ୩ ମ୍ୟାଚରୁ ୨ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଲିଗ୍ ଶେଷରେ ପାକିସ୍ତାନ ଓ ମାଲେସିଆ ସମାନ ୧ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ମାଲେସିଆକୁ ପଛରେ ପକାଇ ପାକିସ୍ତାନ କ୍ରସ୍ ଓଭରରେ ପ୍ରବେଶ କରିଛି। ମାଲେସିଆ ୩ଟି ମ୍ୟାଚ ଖେଳି ଗୋଟିଏ ଡ୍ର ରଖିଥିବାବେଳେ ୨ଟିରେ ପରାଜିତ ହୋଇଛି। ଏହି ଦଳ ମାତ୍ର ୪ଟି ଗୋଲ ଦେଇଥିବାବେଳେ ୧୩ଟି ବରଣ କରିଛି। ଏହାର ଗୋଲବ୍ୟବଧାନ -୯ ରହିଛି। ଅନ୍ୟପକ୍ଷରେ ପାକିସ୍ତାନ ମଧ୍ୟ ୩ଟି ମ୍ୟାଚ ଖେଳି ଗୋଟିଏ ଡ୍ର ରଖିଥିବାବେଳେ ୨ଟିରେ ପରାଜିତ ହୋଇଛି। ଏହି ଦଳ ୨ ଗୋଲ ଦେଇଥିବାବେଳେ ୭ ଗୋଲ ବରଣ କରିଛି। ଏହାର ଗୋଲ ବ୍ୟବଧାନ -୫ ରହିଛି। ଫଳରେ ସ୍ପେନ, ଆୟର୍ଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ସହିତ ମାଲେସିଆ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଛି। ସୋମବାର କ୍ରସ୍ ଓଭରର ୨ଟି ମ୍ୟାଚରେ ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଏବଂ ଫ୍ରାନ୍ସ-ଚାଇନା ମଧ୍ୟରେ ମୁକାବିଲା ହେବ।

**ଫ୍ୟାନ୍ କର୍ନର**



ଫ୍ୟାନ ଭିଲେଜରେ ସୁନ୍ଦରଗଡ଼ରୁ ଆସିଥିବା ହକିପ୍ରେମୀ ।



ନୃତ୍ୟରତ ଚିୟର ଗର୍ଲ ।

# ନେଦରଲାଣ୍ଡ୍ସ-କାନାଡ଼ା ମ୍ୟାଚର ବିଜେତାକୁ ଭେଟିବ ଭାରତ

ଭୁବନେଶ୍ୱର, ୯।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ପୁଲ୍ ପର୍ଯ୍ୟାୟ ରବିବାର ଶେଷ ହୋଇଛି। ୧୦ ଓ ୧୧ ତାରିଖରେ ୪ଟି କ୍ରସ୍ ଓଭର ମ୍ୟାଚ ପରେ ୧୨ ଓ ୧୩ ତାରିଖରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ପୁଲ୍ 'ସି' ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଦଖଲ କରିଥିବାରୁ ଭାରତ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ୧୩ ତାରିଖରେ ହେବାକୁଥିବା କ୍ୱାର୍ଟର ଫାଇନାଲରେ ଭାରତ ୪ର୍ଥ କ୍ରସ୍ ଓଭର ମ୍ୟାଚର ବିଜେତାକୁ ଭେଟିବ। କ୍ରସ୍ ଓଭରରେ ୪ର୍ଥ ମ୍ୟାଚ ପୁଲ୍'ସି'ର ୩ୟ ଦଳ କାନାଡ଼ା ଓ ପୁଲ୍'ଡି'ର ୨ୟ ଦଳ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ହେବ। ତେଣୁ କାନାଡ଼ା-ନେଦରଲାଣ୍ଡ୍ସ ମ୍ୟାଚର ବିଜେତା ସହିତ ଭାରତ କ୍ୱାର୍ଟର ଫାଇନାଲ ଖେଳିବ। ବିଶ୍ୱ ର୍‍ୟାଙ୍କିଙ୍ଗ୍ ଏବଂ ସାମ୍ପ୍ରତିକ ପ୍ରଦର୍ଶନ ଦୃଷ୍ଟିରୁ କାନାଡ଼ା ଅପେକ୍ଷା ନେଦରଲାଣ୍ଡ, ଶକ୍ତିଶାଳୀ ଦଳ। ତେଣୁ ଭାରତ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସକୁ ଭେଟିବା ସମ୍ଭାବନା ଅଧିକ ବୋଲି ଆଲୋଚନା ଜୋର୍ ଧରିଛି। ପୁଲ୍ ପର୍ଯ୍ୟାୟରୁ ଏଲିମିନେଟ ହୋଇଥିବା ୪ ଦଳ ମଧ୍ୟରୁ ସ୍ପେନ ୧୩, ଆୟର୍ଲାଣ୍ଡ ୧୪, ମାଲେସିଆ ୧୫ ଓ ଦକ୍ଷିଣ ଆଫ୍ରିକା ସର୍ବନିମ୍ନ ୧୬ତମ ସ୍ଥାନରେ ରହିଛି।

> ଦୁବାଇରେ ପାକିସ୍ତାନ ବିପକ୍ଷ ମ୍ୟାଚ ଆମେ ଆଶ୍ଚର୍ଯ୍ୟଜନକ ଭାବେ ଡ୍ର’ ରଖିପାରିଥିଲୁ। ଏହି ସଫଳତା ଆମେ ଭାରତ ବିପକ୍ଷ ଆଡିଲେଡ୍ ଟେଷ୍ଟରେ ଦୋହରାଇବୁ।
> –ନାଥାନ ଲିୟନ, ଅଷ୍ଟ୍ରେଲୀୟ କ୍ରିକେଟର



> ଚଳିତ ଅଷ୍ଟ୍ରେଲିଆ ବିପକ୍ଷ କ୍ରିକେଟ ଟେଷ୍ଟ ସିରିଜରେ ଭଲ କରିବାକୁ ହେଲେ ଆମ ଲୋୟର ଅର୍ଡର ବ୍ୟାଟିଂରେ ସୁଧାର ଆଣିବା ନିହାତି ଜରୁରୀ ହୋଇଡ଼ିଛି।
> –ସଞ୍ଜୟ ବାଙ୍ଗର, ଭାରତୀୟ ସହକାରୀ କୋଚ୍



## ସଂକ୍ଷେପରେ

### ମନ୍ଧାନା, ହରମନପ୍ରୀତଙ୍କ ଦ୍ରୁତ ଅର୍ଦ୍ଧଶତକ

**ନୂଆଦିଲ୍ଲୀ,୯।୧୨:** ଭାରତୀୟ ମହିଳା ଟି୨୦ ଦଳର ଅଧିନାୟକ ହରମନପ୍ରୀତ କୌର ଓ ସ୍ମୃତି ମନ୍ଧାନାଙ୍କ ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ବିଗ୍ ବାଶ ଲିଗ୍‌ରେ ସେମାନଙ୍କ ଦଳ ବିଜୟ ହାସଲ କରିଛନ୍ତି। ମନ୍ଧାନାଙ୍କ ଇନିଂସ ଯୋଗୁ ହାବର୍ଟ ହରିକେନ୍ସ ୭୨ ରନ୍‌ର ବ୍ୟବଧାନରେ ମେଲବୋର୍ନ ଷ୍ଟାର୍ସକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ହରିକେନ୍ସ ପକ୍ଷରୁ ଭାରତୀୟ ଦଳର ଉପଅଧିନାୟିକା ମନ୍ଧାନା ୪୧ ବଲରୁ ୬୯ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ତାଙ୍କ ଇନିଂସରେ ୧୩ ଚୌକା ସାମିଲ ଥିଲା। ମନ୍ଧାନାଙ୍କ ଇନିଂସ ଯୋଗୁ ହରିକେନ୍ସ ଦଳ ଧାର୍ଯ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୯୬ ରନ୍ କରିଥିଲା। ଏହାପରେ ଇଂଲଣ୍ଡ ଅଧିନାୟିକା ହେଥର ନାଇଟ ୩ ଉଇକେଟ ନେବାରୁ ମେଲବୋର୍ନ ଦଳ ୧୨୪ ରନ୍‌ରେ ସୀମିତ ରହିଥିଲା। ଶନିବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ସିଡ୍‌ନୀ ଥଣ୍ଡର୍ସ ଦଳର ବିଜୟରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ ମୁଖ୍ୟଭୂମିକା ଗ୍ରହଣ କରିଛନ୍ତି। ସେ ୨୬ ବଲରୁ ୬ ଚୌକା ଓ ୩ ଛକା ବଳରେ ବିସ୍ଫୋରକ ୫୬ ରନ୍ କରିଥିଲେ। ସେ ୨୩ତମ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ, ଯାହାକି ମହିଳା ବିଗ୍ ବାଶ ଲିଗ୍ ଇତିହାସରେ ୩ୟ ଦ୍ରୁତତମ ଅର୍ଦ୍ଧଶତକ। ତାଙ୍କ ବ୍ୟତୀତ ରାଚେଲ ପ୍ରିଷ୍ଟ ୪୯ ରନ୍ କରିଥିଲେ। ଏଥିଯୋଗୁ ସିଡ୍‌ନୀ ଥଣ୍ଡର୍ସ ଦଳ ଧାର୍ଯ୍ୟ ୨୦ ଓଭରରେ ୪ ଉଇକେଟ ହରାଇ ୧୯୨ ରନ୍ କରିଥିଲା। ଜବାବରେ ବ୍ରିସବେନ ହିଟ୍ ୧୬୪ ରନ୍ କରିବାକୁ ସକ୍ଷମ ହୋଇଥିଲେ।

### ମୁସ୍ତାଫିଜୁର ଆଇପିଏଲରେ ଖେଳିବେନି

**ଢାକା,୯।୧୨:** ବାଂଲାଦେଶ ପେସର ମୁସ୍ତାଫିଜୁର ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ର ଆଗାମୀ ସଂସ୍କରଣରେ ଖେଳିପାରିବେ ନାହିଁ। ଏହି ବିତ୍ତଶାଳୀ ଲିଗ୍‌ରେ ଖେଳିବା ଲାଗି ତାଙ୍କୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଅନୁମତି ଦେବାକୁ ମନାକରିଦେଇଛି। ଆଗାମୀ ବର୍ଷ ବିଶ୍ୱକପ୍ ଓ ତାଙ୍କ ଫିଟ୍‌ନେସ ସମସ୍ୟା ଯୋଗୁ ବିସିବି ଏଭଳି ନିଷ୍ପତ୍ତି ନେଇଛି। ମୁସ୍ତାଫିଜୁର ୨୦୧୬ ଆଇପିଏଲ ଚାମ୍ପିୟନ ସନରାଇଜର୍ସ ହାଇଦ୍ରାବାଦ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ସେ ଉକ୍ତ ସିଜନରେ ୧୭ ଉଇକେଟ ନେଇଥିଲେ। ମାତ୍ର ୨୦୧୭ ସିଜନରେ ତାଙ୍କୁ ମାତ୍ର ଗୋଟିଏ ମ୍ୟାଚ୍ ଖେଳିବାକୁ ସୁଯୋଗ ମିଳିଥିଲା। ଚଳିତ ବର୍ଷ ସେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିଥିଲେ। ତାଙ୍କ ବ୍ୟତୀତ ବାଂଲାଦେଶର ୯ ଜଣ ଖେଳାଳିଙ୍କୁ ଆଇପିଏଲରେ ଅଂଶଗ୍ରହଣ କରିବା ଲାଗି ଅନୁମତି ମିଳିଛି। ଏହି ତାଲିକାରେ ତାମିମ ଇକବାଲ, ମୁସଫିକୁର ରହିମ, ମହମଦୁଲ୍ଲା, ସୌମ୍ୟ ସରକାର, ସବିର ରହମାନ, ଇମରୁଲ କାଇସ, ଅବୁ ହାଇଦର, ଲିଟନ ଦାସ ଓ ଶାକିବ ଅଲ ହାସନଙ୍କ ଭଳି ଖେଳାଳି ରହିଛନ୍ତି।

# ଭାରତ ନିୟନ୍ତ୍ରଣରେ ଆଡିଲେଡ୍ ଟେଷ୍ଟ

ଆଡିଲେଡ୍, ୯।୧୨(ପି.ଟି.)

ସ୍ଥାନୀୟ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ଭାରତ ନିୟନ୍ତ୍ରଣରେ ରହିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୨୩ ରନର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି ଅଷ୍ଟ୍ରେଲିଆ ୨ୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ରବିବାର ୪ର୍ଥ ଦିବସ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୪ ଉଇକେଟ୍ ହରାଇ ୧୦୪ ରନ କରିଛି। ଶନ୍ ମାର୍ଶ ୩୧ ଓ ଟ୍ରାଭିସ୍ ହେଡ୍ ୧୧ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ସାମି ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ବିଜୟ ପାଇଁ ଅଷ୍ଟ୍ରେଲିଆ ଆଉ ୨୧୯ ରନ ଆବଶ୍ୟକ କରୁଛି। ମାର୍ଶ ଓ

#### ଚମତ୍କାର ଆଶାରେ ଅଷ୍ଟ୍ରେଲିଆ

ହେଡ୍‌ଙ୍କୁ ବାଦ୍ ଦେଲେ ଏକମାତ୍ର ବିଶେଷଜ୍ଞ ବ୍ୟାଟ୍ସମ୍ୟାନଭାବେ କେବଳ ଅଧିନାୟକ ଟିମ୍ ପେନ୍ ରହିଛନ୍ତି। ସେହିଭଳି ପିଚ୍ କ୍ରମଶଃ ସ୍ପିନରଙ୍କୁ ସହାୟତା କରୁଥିବାରୁ ୫ମ ଦିବସରେ ଅଶ୍ୱିନଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ତେଣୁ ମ୍ୟାଚ୍‌ରେ ଏବେ ଭାରତର ପଲା ଭାରି ରହିଛି।

ପୂର୍ବରୁ ଅସମାପ୍ତ ୨ୟ ଇନିଂସ ସ୍କୋର ୧୫୧/୩ ରନରୁ ଖେଳ ଆରମ୍ଭ କରି ଭାରତ ରବିବାର ୩୦୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରଥମ ଇନିଂସରେ ୧୨୩ ରନ କରିଥିବା ଚେତେଶ୍ୱର ପୂଜାରା ୨ୟ ଇନିଂସରେ ୭୧ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ସେହିଭଳି ଅଜିଙ୍କ୍ୟ ରାହାନେ



ଉଇକେଟ୍ ହାସଲ ପରେ ଅଶ୍ୱିନଙ୍କୁ ବଧାଇ ଜଣାଉଛନ୍ତି ବିରାଟ କୋହଲି ।

(୭୦), ରିଷଭ ପନ୍ତ (୨୮) ମଧ ଉପଯୋଗୀ ବ୍ୟାଟିଂ କରିଥିଲେ। ତେବେ ନିମ୍ନକ୍ରମରେ ଇଶାନ୍ତ ଶର୍ମା (୦), ମହମ୍ମଦ ସାମି (୦), ଅଶ୍ୱିନ (୫) ବିଫଳ ହେବାଯୋଗୁ ଭାରତ ୩୦୭ ରନରେ ସୀମିତ ରହିଥିଲା। ଭାରତ ତା’ର ଶେଷ ୭ ଉଇକେଟ୍ ୭୩ ରନରେ ହରାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଲିୟନ ସର୍ବାଧିକ କ୍ଷତି ଘଟାଇଥିଲେ। ଏହି ଭେଟେରାନ ଅଫ୍‌-ସ୍ପିନର ୬ଜଣ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ମିଚେଲ ଷ୍ଟାର୍କ ୩ ଓ ଜୋଶ୍ ହାଜେଲଉଡ୍‌ଙ୍କୁ ଗୋଟିଏ ଉଇକେଟ୍ ମିଳିଥିଲା।

#### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୨୫୦ରେ ଅଲ୍‌ଆଉଟ୍
- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୨୩୫ରେ ଅଲ୍‌ଆଉଟ୍
- ଭାରତ ୨ୟ ଇନିଂସ- ୩୦୭/୧୦, ୧୦୬.୫ ଓଭର (ପୂଜାରା ୭୧, ରାହାନେ ୭୦, କୋହଲି ୩୪, ରୋହିତ୍ ୧, ଲୋକେଶ ରାହୁଲ ୪୪, ଲିୟନ ୬/୧୨୨)।
- ଅଷ୍ଟ୍ରେଲିଆ ୨ୟ ଇନିଂସ- ୧୦୪/୪, ୪୯ ଓଭର (ଫିଞ୍ଚ୍ ୧୧, ହାରିସ ୨୬, ଖାଓ୍ୱାଜା ୮, ମାର୍ଶ ୩୧*, ହ୍ୟାଣ୍ଡ୍ସକମ୍ବ ୧୪, ହେଡ୍ ୧୧*, ସାମି ୨/୧୫, ଅଶ୍ୱିନ ୨/୪୪)

### ସିରିଜ୍ ଜିତିଲା ଭାରତ –ଏ

ମାଉଣ୍ଟମାଉଙ୍ଗାନୁଇ, ୯।୧୨

ଏଠାରେ ରବିବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ଏ’ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌କୁ ଭାରତ ଏ’ ଦଳ ଗୋଟିଏ ଓଭର ପୂର୍ବରୁ ୫ ଉଇକେଟ ହାତରେ ଥାଇ ଜିତି ନେଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରିନେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୩୦୦ ରନ୍‌ର ବିଜୟ ଲକ୍ଷ୍ୟକୁ ଅଧିନାୟକ ମନୀଷ ପାଣ୍ଡେଙ୍କ ଆକର୍ଷଣୀୟ ଅପରାଜିତ ଶତକ (୧୧୧*) ସହାୟତାରେ ଭାରତ ଏ’ ହାସଲ କରି ନେଇଥିଲା। ବିଜୟ ଶଙ୍କର (୫୯) ଅର୍ଦ୍ଧଶତକ ହାସଲ କରିଥିଲେ। ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ୧୧ ତାରିଖରେ ଖେଳାଯିବ। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଏ’ ଧାର୍ଯ୍ୟ ୫୦ ଓଭରରେ ୯ ଉଇକେଟ ହରାଇ ୨୯୯ ରନ୍ କରିଥିଲା। ଦଳ ପାଇଁ ୱିଲ ୟଙ୍ଗ ସର୍ବାଧିକ ୧୦୨ ଓ ଜର୍ଜ ୱାର୍କର ୯୯ ରନ୍ କରିଥିଲେ। ଭାରତୀୟ ଦଳ ପକ୍ଷରୁ ଖଲିଲ ଅହମ୍ମଦ ଓ ନବଦୀପ ସାଇନି ୨ଟି ଲେଖାଏଁ ଉଇକେଟ ନେଇଥିଲେ।

# ମିଜୋରାମ ଚାମ୍ପିୟନ

#### ବିସି ରାୟ ଟ୍ରଫି ଫୁଟବଲ

ଭୁବନେଶ୍ୱର, ୯।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଜୁନିୟର ବାଳକ ଫୁଟବଲ ପ୍ରତିଯୋଗିତା ତଥା ଡ. ବି.ସି. ରାୟ (ଟାଇର-୧) ଟ୍ରଫି ଟୁର୍ନାମେଣ୍ଟରେ ମିଜୋରାମ ଟାଇଟଲ ହାସଲ କରିଛି। ରବିବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ମିଜୋରାମ ୨-୧ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ପଞ୍ଜାବ ପକ୍ଷରୁ ଏମ. ସିଙ୍ଗସଙ୍ଗ୍ ୨୦ତମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଏହା ପରେ ମିଜୋରାମ ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ସ୍କୋର କରିବା ସହ ମ୍ୟାଚ୍ ହାତେଇ ନେଇଥିଲା। ମିଜୋରାମ ତରଫରୁ ୨୩ତମ ମନିଟ୍‌ରେ ଏଚ୍.ପି. ଲାଲରେମରୁଆଟା ପ୍ରଥମ ଗୋଲ ଦେଇଥିଲେ। ଏହାପରେ ୮୩ତମ ମିନିଟ୍‌ରେ ଜନ ଲାଲ୍‌ମୁନ୍‌ପୁଇଆ ଦ୍ୱିତୀୟ ଗୋଲ ସ୍କୋର କରି ମିଜୋରାମକୁ ଜିତାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନ (ଓଓଏ) ସମ୍ପାଦକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥି ଭାବେ ଓ ପୂର୍ବତନ ଭାରତୀୟ ଅଧିନାୟକ ମହେଶ ଗଓ୍ୱାଲି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ମେଡାଲ ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ବିଜୟ ଦାସ, ଫାଓ ଉପସଭାପତି ଭକ୍ତ ବଲ୍ଲଭ ଦାସ, ଫାଓ ଯୁଗ୍ମ ସମ୍ପାଦକ ଅଭିଜିତ୍ ପଲ୍ ଓ ସଂଗୀତା ଶର୍ମା, ମହମ୍ମଦ ସାହିଡ ଜବାର ଉପସ୍ଥିତ ଥିଲେ।




ଡ. ବିସି ରାୟ ଟ୍ରଫି ଚାମ୍ପିୟନ ମିଜୋରାମ ଦଳ ଅତିଥିଙ୍କ ଗହଣରେ।

# ହକି ବିଶ୍ୱକପ: ଇଂଲଣ୍ଡ– ନ୍ୟୁଜିଲାଣ୍ଡ ମୁକାବିଲା

ଭୁବନେଶ୍ୱର, ୯।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପ୍‌ର ଚତୁର୍ଦ୍ଦଶ ସଂସ୍କରଣର କ୍ରସ୍ ଓଭର ମ୍ୟାଚ୍ ସୋମବାରଠାରୁ ଆରମ୍ଭ ହେବ। କ୍ରସ୍ ଓଭର ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ନ୍ୟୁଜିଲାଣ୍ଡ ପୁଲ୍ ଏ’ର ତୃତୀୟ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡ ପୁଲ ବି’ର ଦ୍ୱିତୀୟ ସ୍ଥାନରେ ରହିଛି। କ୍ରସ୍ ଓଭରର ବିଜୟୀ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ। ନ୍ୟୁଜିଲାଣ୍ଡ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ନବମ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡ ସପ୍ତମ ସ୍ଥାନରେ ରହିଛି। ପୁଲ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ତା’ର ପ୍ରଥମ ମ୍ୟାଚ୍‌ରେ ୨-୧ ଗୋଲରେ ଫ୍ରାନ୍ସକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୦-୩ ଗୋଲରେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାଠାରୁ ପରାସ୍ତ ହୋଇଥିଲା। ତେବେ ସ୍ପେନ ବିପକ୍ଷ ତୃତୀୟ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ୩ଟି ମ୍ୟାଚ୍ ଖେଳି ନ୍ୟୁଜିଲାଣ୍ଡ ଗୋଟିଏ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ଡ୍ର ସହ ୪ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହି କ୍ରସ୍ ଓଭର ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା।

ଅପରପକ୍ଷରେ ଇଂଲଣ୍ଡ ପୁଲ୍ ବି’ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ଡ୍ର ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଚାଇନା ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ଇଂଲଣ୍ଡ ୨-୨ ଗୋଲରେ ଡ୍ର ରଖିଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ୦-୩ ଗୋଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଦମ୍‌ଦାର ପ୍ରଦର୍ଶନ କରି ୪-୨ ଗୋଲରେ ଆୟର୍ଲାଣ୍ଡକୁ ହରାଇଥିଲା।

କ୍ରସ୍ ଓଭର ମ୍ୟାଚ୍ ନକ୍‌ଆଉଟ୍ ହୋଇଥିବାରୁ ଉଭୟ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ତେଣୁ ଉଭୟ ଦଳ ଏହି ମୁକାବିଲାରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ୨୦୧୩ ପରଠାରୁ ଉଭୟ ଦଳ ପରସ୍ପରକୁ ୪ଟି ମ୍ୟାଚ୍‌ରେ ଭେଟିଛନ୍ତି। ଏଥିରେ ଉଭୟ ଦଳ ଦୁଇଟି ଲେଖାଏ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ତେଣୁ ଦକ୍ଷତା, ସାମର୍ଥ୍ୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଉଭୟ ଦଳ ପ୍ରାୟ ସମାନ ସ୍ଥିତିରେ ରହିଛନ୍ତି। ଫଳରେ ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଏହି କ୍ରସ୍ ଓଭର ମ୍ୟାଚ୍‌ର ବିଜୟୀ ଦଳ କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନାକୁ ଭେଟିବ।

#### ଆଜିର ମ୍ୟାଚ୍



ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ
ସମୟ: ଅପରାହ୍ନ ୪ଟା ୪୫

ଫ୍ରାନ୍ସ ବନାମ ଚାଇନା
ସମୟ: ରାତି ୭ଟା
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

# ଝାଡ଼ଖଣ୍ଡଠାରୁ ୨ ରନରେ ହାରିଲା ଓଡ଼ିଶା

#### ରଣଜୀ ଟ୍ରଫି

### ଶୁଭ୍ରାଂଶୁଙ୍କ ୧୫୭* ରନ ବୃଥା

କଟକ ଅଫିସ, ୯।୧୨

ରାଞ୍ଚିସ୍ଥିତ ଜେଏସ୍‌ସିଏ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଅନୁଷ୍ଠିତ ରଣଜୀ ଟ୍ରଫି ଏଲିଟ ଗ୍ରୁପ୍-ସି’ର ଏକ ମ୍ୟାଚ୍‌ରେ ଓଡ଼ିଶା ସଂଘର୍ଷକରି ଘରୋଇ ଝାଡ଼ଖଣ୍ଡଠାରୁ ମାତ୍ର ୨ ରନ୍‌ରେ ପରାସ୍ତ ହୋଇଛି। ୨୬୦ ରନର ଟାର୍ଗେଟ୍‌କୁ ପିଛା କରି ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ରବିବାର ଅନ୍ତିମ ତଥା ୪ର୍ଥ ଦିବସରେ ୨୫୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶା ଏକଦା ୧୫୪ ରନ୍‌ରେ ୮ଟି ଉଇକେଟ ହରାଇ ପରାଜୟ ଦିଗକୁ ଅଗ୍ରସର ହେଉଥିଲା। କିନ୍ତୁ ମଧ୍ୟକ୍ରମରେ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ସେନାପତି ଅପରାଜିତ ଦେଢ଼ଶତକୀୟ ଇନିଂସ ଖେଳିଥିଲେ ମଧ ଦଳକୁ ବିଜୟ ସ୍ୱାଦ ଚଖାଇ ପାରି ନ ଥିଲେ। ୨୧ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ୩୨୧ବଲ ଖେଳି ୧୨ ଚୌକା ଓ ୬ ଛକା ସହାୟତାରେ ୧୫୭ ରନ୍ କରି ଶେଷ



ଶୁଭ୍ରାଂଶୁ ସେନାପତି

ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବସନ୍ତ ମହାନ୍ତି ୩୮ବଲରୁ ୪ ଓ ଧୀରାଜ ସିଂ ୪୩ ବଲରୁ ୭ ରନ୍ ଗୁରୁତ୍ୱପୂର୍ଣ୍ଣ ବ୍ୟାଟିଂ କରିଥିଲେ। ଶୁଭ୍ରାଂଶୁ ଅନ୍ତିମ ଦୁଇ ଉଇକେଟ ଭାଗିଦାରୀରେ ବସନ୍ତ ଓ ଧୀରାଜଙ୍କ ସହ ୧୦୩ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ୧୦ମ ଉଇକେଟ୍‌ରେ ଧୀରାଜଙ୍କୁ ସାଥୀ କରି ଶୁଭ୍ରାଂଶୁ ୬୪ ରନ ଭାଗିଦାରୀ କରିଥିଲେ ମଧ ତାହା ବୃଥା ଯାଇଥିଲା। ବିଜୟ ପାଇଁ ଓଡ଼ିଶାକୁ ୩ ରନ ଆବଶ୍ୟକ ହେଉଥିବାବେଳେ ଧୀରାଜଙ୍କୁ କ୍ଲିନ ବୋଲ୍ଡ କରି ଅନ୍ତର୍ଜାତୀୟ ତାରକା ବରୁଣ ଆରୋନ ଝାଡ଼ଖଣ୍ଡକୁ ସ୍ମରଣୀୟ ବିଜୟୀ କରାଇଥିଲେ। ଶୁଭ୍ରାଂଶୁ ଓ ଅନୁରାଗ ଷଡ଼ଙ୍ଗୀ(୪୧ରନ୍)ଙ୍କୁ ବାଦ୍ ଦେଇ ଓଡ଼ିଶାର ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଆଶାନୁରୂପ ପ୍ରଦର୍ଶନ କରି ପାରି ନ ଥିଲେ। ଅଧିନାୟକ ବିପ୍ଳବ ୨୩, ସୁଜିତ୍ ଲେଙ୍କା ୨, ଅଭିଷେକ ରାଉତ ୩, ସୂର୍ଯ୍ୟକାନ୍ତ ପ୍ରଧାନ ୫ ଓ ରାଜେଶ ମହାନ୍ତି ଖାତା ଖୋଲି ପାରି ନ ଥିଲେ। ବିଜୟୀ ଝାଡ଼ଖଣ୍ଡ ଦଳର ଅନୁକୂଳ ରାୟ ୪ଟି ଉଇକେଟ୍ ନେଇଥିଲେ।

ଏହି ମ୍ୟାଚ୍‌ରେ ଝାଡ଼ଖଣ୍ଡ ପ୍ରଥମେ ବ୍ୟାଟିଂ କରି ୧୭୨ ରନ୍ କରିଥିଲା। ଜବାବରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୨୦୧ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସ୍‌ରେ ଝାଡ଼ଖଣ୍ଡ ୨୮୮ରେ ଅଲ୍‌ଆଉଟ୍ ହୋଇଥିଲା।ଏହି ପରାଜୟ ସହ ଓଡ଼ିଶା ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଖସିଯାଇଛି। ଚଳିତ ସିଜନରେ ଓଡ଼ିଶା ୫ ମ୍ୟାଚ୍‌ରୁ ୨ ବିଜୟ, ୨ଟି ପରାଜୟ ଓ ଗୋଟିଏ ଡ୍ର ବଳରେ ଦଳ ୧୩ ପଏଣ୍ଟ ପାଇଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଡିସେମ୍ବର ୧୦/୨୦୧୮ Sambalpur, Monday, December 10/ 2018





ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର



## ସଂକ୍ଷେପରେ

### ଆକ୍ରମଣ କରି ଅଭିଯୁକ୍ତ ଗିରଫ

**ବରଗଡ଼ ଅଫିସ୍,୯।୧୨ ;** ବରଗଡ଼ ହାଟପଦା ନିବାସୀ କିଶୋର ମିଶ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ରବିବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ରିତେଶ ଦାଶ । ତାଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଦଫା ୩୦୭, ୩୭୯କ୍ରମେ ପୋଲିସ ଏକ ମାମଲା(ନଂ.୬୦୩/୨୦୧୮) ରୁଜୁ କରିଛି । ପ୍ରକାଶଥାଉକି, ଗତ ୬ତାରିଖ ରାତ୍ରିରେ ସହରର ଏକ ଜଳାଶୟ(ପୋଖରୀ) ନିକଟରେ କିଶୋରଙ୍କୁ ରିତେଶ ମରଣାନ୍ତକ ଆକ୍ରମଣ କରିବା ସହିତ ତାଙ୍କ ବାଇକ୍ ଓ ମୋବାଇଲ ଫୋନ ଲୁଟି ନେଇଥିଲେ । ପୋଲିସ ଲୁଟ୍ ହୋଇଥିବା ମୋବାଇଲକୁ ଉଦ୍ଧାର କରିଛି । ଅନ୍ୟପଟେ ଆକ୍ରମଣରେ କିଶୋର ଗୁରୁତର ଅବସ୍ଥାରେ ଘଟଣାସ୍ଥଳରେ ପଡ଼ି ରହିଥିଲେ । ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା ।

### ଗୁରୁପୂଜନ, ବନ୍ଧୁମିଳନ ଉତ୍ସବ

**ପଦ୍ମପୁର, ୯।୧୨ (ଡି.ଏନ.ଏ):** ପଦ୍ମପୁର ରାଜବୋଡାସମ୍ବର ହାଇସ୍କୁଲର ୧୯୭୬ ମାଟ୍ରିକ ବ୍ୟାଚ୍‌ର ଗୁରୁପୂଜନ ଉତ୍ସବ ଓ ବନ୍ଧୁମିଳନ- ୨୦୧୮ ହାଇସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ଶ୍ୟାମନନ୍ଦ ସିହ୍ନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ମେହେର ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ରାମନାରାୟଣ ପାଣିଗ୍ରାହୀ ଓ ରାଜବୋଡାସମ୍ବର ହାଇସ୍କୁଲର ପ୍ରଧାନଶିକ୍ଷକ ସରୋଜ କୁମାର ଭୁଏ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ରାଜେନ୍ଦ୍ର କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିଥିବା ଅବସରପ୍ରାପ୍ତ ଶିକ୍ଷକ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଆବାହକ ଗୁଣବନ୍ତ ସାହୁଙ୍କ ସମେତ କେଦାର ପାଢ଼ୀ, ସୁରେଶ ସାହୁ, ଉପେନ୍ଦ୍ର ସାହୁ, କିଶୋର ଦାନୀ ସହଯୋଗ କରିଥିଲେ ।

### ଫୁଟବଲ: ଶରଧାପାଲି ଚାମ୍ପିୟନ

**ଗାଇସିଲେଟ, ୯।୧୨(ଡି.ଏନ.ଏ):** ଗାଇସିଲେଟ ଆଥଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଭାରତ ଦାଶ, ଆସୋସିଏଶନ ସଭାପତି ପୂର୍ବତନ ବ୍ଲକ ଅଧକ୍ଷ ଅମ୍ବିକା ପ୍ରସାଦ ତ୍ରିବେଦୀ, କିଶୋର ମୁନା, ବଟକିଶୋର ଦୀପ, କୈଳାସ କଲେତ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଶରଧାପାଲି, ଲୋଇସିଂହା, ଖରମୁଣ୍ଡା, ବରଗଡ, ପାଟଣାଗଡ, ଗାଇସିଲେଟ, ସମ୍ବଲପୁର ଓ ପଦ୍ମପୁର ଦଳ ଭାଗ ନେଇଥିଲେ। ପ୍ରଥମ ଦିନରେ ଶରଧାପାଲି ଦଳ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଥିଲା । ଦ୍ୱିତୀୟ ଦିବସରେ ସମ୍ବଲପୁର ଦଳ ବିଜୟୀ ହୋଇ ସେମିଫାଇନାଲକୁ ଯାଇଥିଲା । ଫାଇନାଲ ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟ ମଧରେ ଉଭୟ ଦଳ କେହି କାହାକୁ ଗୋଲ୍ ଦେଇ ନ ପାରିବାରୁ ଟାଇବ୍ରେକର ଯୋଗେ ଶରଧାପାଲି ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ବରଗଡ ଜିଲା ପରିଷଦ ଉପାଧକ୍ଷ ମଦନ ଦୀପ ମୁଖ୍ୟଅତିଥି, ବ୍ଲକ ଉପାଧକ୍ଷ ପ୍ରଣୟ କୁମାର ସାହୁ, ବରଗଡ ଜିଲା ଭାଜପା ଉପସଭାପତି ପ୍ରବୀଣ କୁମାର ପାଣିଗ୍ରାହୀ, ଖେଳାଳି ଲକ୍ଷ୍ମୀଧର ବେହେରା, ଆଥଲେଟିକ୍ ଆସୋସିଏଶନ ସଭାପତି ଅମ୍ବିକା ପ୍ରସାଦ ତ୍ରିବେଦୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ପ୍ରବୀଣ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଯାଦବ ସମାଜ ବୈଠକ

**ବିଜେପୁର, ୯।୧୨ (ଡି.ଏନ.ଏ):** ବିଜେପୁର ଏନଏସି ସଦର ମହକୁମାରେ ନିର୍ମାଣାଧୀନ ସମଲାଇ ମନ୍ଦିର ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଯାଦବ ସମାଜର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ଗୁଣନିଧି ବାଗ ବୈଠକରେ ଅଧକ୍ଷତା କରିଥିଲେ। ଆନନ୍ଦ ବଗର୍ତ୍ତି, ଶେଷ ଭୁଏ, ସର୍ଜନ ଚିରଗୁଣ, ଗୌରହରି ମହାକୁର, ଗଜରାଜ ବାଗ, ପ୍ରହଲ୍ଲାଦ ହୁଏ, ବିଶ୍ୱ ହୁଏ ପ୍ରମୁଖ ଯୋଗ ଦେଇଥିଲେ । ସମ୍ପାଦକ ତୁଳସୀରାମ ଭୋଇ ବିବରଣୀ ପଠନ କରିଥିଲେ ।

■ 'ମୁଁ ତ ଅମୃତ ସାଗର ବିନ୍ଦୁ' ସମାରୋହ

# ଗଙ୍ଗାଧର ସାହିତ୍ୟ ଉପରେ ଗବେଷଣା ଲୋଡ଼ା

**ବରଗଡ଼ ଅଫିସ୍,୯।୧୨**

କବି ଗଙ୍ଗାଧରଙ୍କ କାବ୍ୟ ଓ କବିତାରେ ପ୍ରକୃତି ଚିତ୍ରଣ, ସୌନ୍ଦର୍ଯ୍ୟବୋଧ ରହିଛି। ଏହା ପାଠିକା ପାଠକମାନଙ୍କୁ ଅଧିକ ଆକୃଷ୍ଟ କରିଥାଏ । କେବଳ ଜୟନ୍ତୀ ଓ ଶ୍ରାଦ୍ଧସଭାରେ ଗଙ୍ଗାଧର ସାହିତ୍ୟ ଚର୍ଚ୍ଚାକୁ ସୀମିତ କରିଦେବା ଏହି ମହାନ କବିଙ୍କ ପ୍ରତି ଯଥୋଚିତ ସମ୍ମାନ ନୁହେଁ । ଗଙ୍ଗାଧର ସାହିତ୍ୟ ଓ ଦର୍ଶନ ଉପରେ ଭିନ୍ନ ଭାବେ ଗବେଷଣାର ଆବଶ୍ୟକତା ରହିଛି। ରବିବାର ବରଗଡ଼ଠାରେ ଅନୁଷ୍ଠିତ ଗଙ୍ଗାଧର ସାହିତ୍ୟ ଆସର 'ମୁଁ ତ ଅମୃତ ସାଗର ବିନ୍ଦୁ' ସମାରୋହରେ ଏହା ମତପ୍ରକାଶ ପାଇଛି । ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ ଅଗ୍ରଗାମୀ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲଠାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ଡଃ ପ୍ରଦୀପ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ବିଧାୟକ ତଥା ଅଗ୍ରଗାମୀ ଯୁବକ ସଂଘ ସଭାପତି ଦେବେଶ ଆଚାର୍ଯ୍ୟ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ସାରସ୍ୱତ ସମାରୋହ ଗଙ୍ଗାଧର ସାହିତ୍ୟର ବିଭିନ୍ନ ଦିଗ ଉପରେ ଜ୍ଞାନ ଆହରଣ ପାଇଁ ଖୋରାକ ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ । ଯୁବକ ସଂଘ ସମ୍ପାଦକ ବିଶ୍ୱଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସଙ୍ଗୀତ ତାଳରେ ଆଙ୍କିଲେ ଚିତ୍ରକଳା



ଗଙ୍ଗାଧର ସଙ୍ଗୀତ ଗାନ ତାଳରେ ଅଙ୍କିତ ଚିତ୍ରକଳା ।

କବି ଦିବ୍ୟ କିଶୋର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଅତିବଡ଼ୀ ଜଗନ୍ନାଥ ପୁରସ୍କାର ବିଜେତା ପ୍ରଫେସର ମଧୁସୂଦନ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଗଙ୍ଗାଧର ସାହିତ୍ୟର ମହତ୍ୱବୋଧ ଏବଂ କାବ୍ୟିକ ଆଦର୍ଶ ସମ୍ପର୍କରେ ଆଲୋଚନା କରିବା ସହିତ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଅପରାହ୍ନରେ ରବିନ୍ଦ୍ର ଗଡ଼ତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱଭାବକବି ଗଙ୍ଗାଧର ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ କାଳୀଦାସ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡଃ ରଘୁନାଥ ମେହେର ଡଃ ମଣୀନ୍ଦ୍ର କୁମାର ମେହେର, ଡଃ ସୁଶୀଲ କୁମାର ବାଗ ପ୍ରମୁଖ ଗଙ୍ଗାଧରଙ୍କ ଜୀବନୀ, ସାହିତ୍ୟ ଉପରେ ଆଲୋଚନା କରିଥିଲେ । ଅଧ୍ୟାପକ ଡଃ ଉମେଶ ମହାପାତ୍ର ଏବଂ ଅଧ୍ୟାପିକା ସଂଘମିତ୍ରା ମିଶ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପିକା ସୁଷମା ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଅନ୍ତିମ ଅଧିବେଶନରେ ଗଙ୍ଗାଧର ସଙ୍ଗୀତ ଓ ଚିତ୍ରକଳା କାର୍ଯ୍ୟକ୍ରମ ହୋଇଥିଲା। କଣ୍ଠଶିଳ୍ପୀ ନବ କିଶୋର ମହତମ୍, ସ୍ୱପ୍ନା ତ୍ରିପାଠୀ ଗଙ୍ଗାଧର ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ତାଳରେ ବିଶିଷ୍ଟ ଚିତ୍ରଶିଳ୍ପୀ ଦିଲୀପ ସିଂଦେଓ ଚିତ୍ରକଳା ମାଧ୍ୟମରେ ଗଙ୍ଗାଧରଙ୍କ ସ୍ମୃତିଚାରଣ କରିଥିଲେ ।

# ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବରଗଡ଼ ଅଫିସ୍,୯।୧୨**

ବରଗଡ଼ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଗୁରୁବାରଠାରୁ ଆରମ୍ଭ ହୋଇଥିବା ତିନିଦିନିଆଁ ଶିକ୍ଷକ ପ୍ରଶିକ୍ଷଣ ଶିବିର ଶନିବାର ସ୍ଥାନୀୟ ସିମେଣ୍ଟନଗର ହାଇସ୍କୁଲରେ ଉଦ୍‌ଯାପିତ ହୋଇଛି । ଅନ୍ତିମ ଦିବସରେ ତୃତୀୟ ଭାଷା ସଂସ୍କୃତ ଓ ହିନ୍ଦୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଲା । ସିମେଣ୍ଟନଗରରେ ଅନୁଷ୍ଠିତ ଶିବିରରେ ୬ଶହରୁ ଊର୍ଦ୍ଧ୍ୱ ସଂସ୍କୃତ, ହିନ୍ଦୀ ଶିକ୍ଷକ ପୃଥକ୍ ଭାବେ ତାଲିମ ଗ୍ରହଣ କରିଥିଲେ । ସେହିପରି ପଦ୍ମପୁରରେ ଅନୁଷ୍ଠିତ ଶିବିରରେ ୨ଶହରୁ ଅଧିକ ସଂସ୍କୃତ, ହିନ୍ଦୀ ଶିକ୍ଷକ ଯୋଗଦେଇ ଷ୍ଟେପ୍ ଅପ୍-୫କୁ ଶ୍ରେଣୀ କୋଠରୀରେ କିଭଳି ଶିକ୍ଷାଦାନ କରିବେ ଏବଂ ଆସନ୍ତା ମାଟ୍ରିକ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ଭଲ ହେବ, ତାହା ଉପରେ ପରାମର୍ଶ ଗ୍ରହଣ କରିଥିଲେ। ସଂସ୍କୃତ ବିଷୟରେ ତତ୍ତ୍ୱଜ୍ଞ ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଅଗସ୍ତି ପଧାନ, ବୃନ୍ଦାବନ ଠେଠୁଆର, ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ମୁରଲିଧର କରଶର୍ମା ସିମେଣ୍ଟନଗର ହାଇସ୍କୁଲରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅନୁରୂପ ଭାବେ ପଦ୍ମପୁରରେ ପଣ୍ଡିତ ଧୀରେନ୍ଦ୍ର ଶାସ୍ତ୍ରୀ, ବେଦ ପ୍ରକାଶ, ପଣ୍ଡିତ ଦୟାସାଗର ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ହିନ୍ଦୀ ବିଷୟରେ ମନୋହର ସାହୁ, ଡୋଲାମଣି ସାହୁ, ପ୍ରଦୀପ କୁମାର ସାହୁ, ଅଶୋକ କୁମାର ପାଣିଗ୍ରାହୀ ପ୍ରମୁଖ ହିନ୍ଦୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ । ସିମେଣ୍ଟନଗର ହାଇସ୍କୁଲର ପ୍ରଧାନଶିକ୍ଷକ ଡୋଲାମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଯେଭଳି ପରୀକ୍ଷାରେ ଉଭୟ ବିଷୟରେ ଉତ୍ତମ ଫଳାଫଳ ପ୍ରଦର୍ଶନ କରିବେ, ସେ ନେଇ ଦିଗ୍‌ଦର୍ଶନ ଦେଇଥିଲେ । ଡଃ ମନୋଜ କୁମାର ସାହୁ, ଭାର୍ଗବ ନାଏକ, ଡଃ ଭୁବେନେଶ୍ୱର ପ୍ରଧାନ, ଶିକ୍ଷକ ଗୋବର୍ଦ୍ଧନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




ଉଦଯାପନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ଓ ଅନ୍ୟମାନେ ।

■ ବରଗଡ଼ ଧନୁଯାତ୍ରା ମହୋତ୍ସବ

# କୃଷ୍ଣ ବଳରାମ ଭୂମିକାରେ ଦୁଇ ସହପାଠୀ



ବରଗଡ଼ ଧନୁଯାତ୍ରାରେ କୃଷ୍ଣ ଓ ବଳରାମ ଭୂମିକା ପାଇଁ ୨ ନୂଆ ଶିଶୁ କଳାକାର ।

**ବରଗଡ଼ ଅଫିସ୍,୯।୧୨**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ୨୦୧୯ ଜାନୁୟାରୀ ୧୧ରୁ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ୧୧ଦିନ ବ୍ୟାପୀ ହେଉଥିବା ଏହି ମହୋତ୍ସବରେ ମଥୁରାନଗରୀ (ବରଗଡ଼ ସହର)ରେ କଂସ ମହାରାଜଙ୍କ ଅଭିନୟ ଯେଭଳି ଚିତ୍ତାକର୍ଷକ ହୋଇଥାଏ, ଅନୁରୂପ ଭାବେ ଗୋପପୁର (ଅମ୍ବାପାଲି)ରେ ବେନିଭାଇ ଶ୍ରୀକୃଷ୍ଣ, ବଳରାମଙ୍କ ବାଲ୍ୟଲୀଳା ଦର୍ଶକଙ୍କ ପାଇଁ ବେଶ୍ ଉପଭୋଗ୍ୟ ହୋଇପଡ଼େ। ତେବେ ଏଥର ବେନିଭାଇ ଭୂମିକାରେ ଅମ୍ବାପାଲିର ଦୁଇ ନୂଆ ଶିଶୁ କଳାକାରଙ୍କୁ ମହୋତ୍ସବରେ ଦେଖିବାକୁ ମିଳିବ । ଶନିବାର ହୋଇଥିବା ଏହି ଚୟନ ପ୍ରକ୍ରିୟାରେ ଶ୍ରୀକୃଷ୍ଣ ଚରିତ୍ର ପାଇଁ ଅମ୍ବାପାଲିର ଆୟୁଷ ବିର୍ତ୍ତିଆ(୧୦) ଏବଂ ବଳରାମ ଚରିତ୍ର ପାଇଁ ଆଶୁତୋଷ ବିର୍ତ୍ତିଆ(୧୦)ଙ୍କୁ ମନୋନୀତ କରାଯାଇଛି । ପ୍ରମୋଦ ଓ ନନ୍ଦିନୀଙ୍କ ପୁଅ ଆୟୁଷ ଅମ୍ବାପାଲି ନୋଡ଼ାଲ ହାଇସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢ଼ୁଛନ୍ତି । ସେହିପରି ଶେଷନନ୍ଦନ ଓ ସୁଜାତାଙ୍କ ପୁଅ ଆଶୁତୋଷ ମଧ୍ୟ ସେହି ସ୍କୁଲରେ ପଞ୍ଚମ ଶ୍ରେଣୀର ଛାତ୍ର ଅଟନ୍ତି । ଧନୁଯାତ୍ରା କୋର୍ କମିଟି ସଭ୍ୟ ସୁଶୀଲ ମହାପାତ୍ରଙ୍କ ସମେତ କୃଷ୍ଣଚନ୍ଦ୍ର ମହାପାତ୍ର, ଈଶ୍ୱର ମଲ୍ଲିକ, ଗୌରାଙ୍ଗ ମଲ୍ଲିକ, ସତ୍ୟନାରାୟଣ ପୋଢ଼ ପ୍ରମୁଖ ଚୟନବେଳେ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୯୧ ପ୍ରକଳ୍ପ ପ୍ରଦର୍ଶିତ

**ଅମ୍ବାଭୋନା, ୯।୧୨ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ- ୨୦୧୮ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କପାଶିରାଠାରେ ଅନୁଷ୍ଠିତ ହୋଇଛି । ଶକ୍ତି, ଶ୍ରମ ଓ ଇଏସଆଇ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ପ୍ରାଧ୍ୟାପକ ରାଜକିଶୋର ପଧାନ ମୁଖ୍ୟବକ୍ତା ଏବଂ ବ୍ଲକ ଅଧକ୍ଷା ନୀଳ କୁମାରୀ ନାୟକ, ବିଇଓ ଟେମଲାଲ ଦୁବେ, ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର, ପ୍ରଧାନଶିକ୍ଷକ ହିମାଞ୍ଚଳ ପଧାନ, ସରପଞ୍ଚ ବିଷ୍ଣୁ ପଧାନ, ସମିତି ସଭ୍ୟ ଡାକ୍ତର ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ମେଳାରେ ଜୁନିୟର ଗ୍ରୁପରୁ ୬୮, ସିନିୟର ଗ୍ରୁପ୍‌ରୁ ୧୫ ଓ ଇନସ୍ପାୟର ଗ୍ରୁପରୁ ୮ଟି ସର୍ବମୋଟ ୯୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବେ ସଞ୍ଜିବ ପ୍ରଧାନ, ସୁବୋଧ କୁମାର ସାହୁ, ଟିକେଶ୍ୱର ମେହେର ଏବଂ ଜୟନ୍ତ କୁମାର ସାହୁ ଯୋଗ ଦେଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ସାହୁ ମୁଖ୍ୟଅତିଥି, ଡ. ନେପାଳ ପଧାନ, ଧ୍ରୁବଚରଣ ସା, ଗୌନ୍ତିଆ ବୋଧରାମ ପଧାନ, ଗୌରାଙ୍ଗ ପଧାନ, ଝସକେତନ ପୁରୋହିତ ଓ ବିଇଓ ଟେମଲାଲ ଦୁବେ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରାଧେଶ୍ୟାମ ବାରିକ ମଞ୍ଚ ପରିଚାଳନା କରିଥିଲେ ।




ବ୍ଲକସ୍ତରୀୟ ବିଜ୍ଞାନମେଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

### ୫୦୪ ୟୁନିଟ୍ ରକ୍ତ ସଂଗ୍ରହ

**ଭେଡ଼େନ,୮।୧୨ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ସହରାଟିକ୍ରା ସ୍ଥିତ ବିଜୁ କୃଷକ ଭବନ ଠାରେ ଶନିବାର ବିଜେଡି ତରଫରୁ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ମୋଟ ୫୦୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ବ୍ଲକ ସଭାପତି ହରିଶଙ୍କର ବେହେରା, ଜିଲା ସଂଯୋଜକ ପ୍ରଭାତାଦିତ୍ୟ ମିଶ୍ର, ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଉପାଧକ୍ଷା ସୁପ୍ରଭା ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ଯୁବ ବାହିନୀ ସଂଯୋଜକ ଅରବିନ୍ଦ ହୋତାଙ୍କ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ ।

# ରାମଲୀଳା ପାଇଁ ରାବଣ କଳାକାର ବରଣ

**ଭେଡ଼େନ,୮।୧୨ (ଡ଼ି.ଏନ.ଏ)**

ଭେଡ଼େନର ପ୍ରସିଦ୍ଧ ଅଖଣ୍ଡ ଶ୍ରୀହରି ନବରାତ୍ର ରାମଲାଳା ମହୋତ୍ସବ ଆସନ୍ତା ଜାନୁୟାରୀ ୨୭ ତାରିଖରୁ ଆରମ୍ଭ ହୋଇ ଫେବୃୟାରୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାବଣ ଭୂମିକାରେ ଅଭିନୟ କରିବା ସକାଶେ ବରଗଡ଼ ନିକଟସ୍ଥ ଦେଓଗାଁର ପ୍ରସିଦ୍ଧ ଅଭିନେତା ଜଗଦାନନ୍ଦ ମିଶ୍ରଙ୍କୁ ବରଣ କରାଯାଇଛି। ଶୁକ୍ରବାର ଅପରାହ୍ନରେ ଭେଡ଼େନ ରାମଲୀଳା କମିଟିର କର୍ମକର୍ତ୍ତା ଏବଂ ଗ୍ରାମବାସୀ ଅଭିନେତା ମିଶ୍ରଙ୍କ ଦେଓଗାଁ ସ୍ଥିତ ବାସଭବନକୁ ଯାଇ ତାଙ୍କୁ ନାରିକେଳ, ଉପାୟନ, ପୁଷ୍ପମାଲ୍ୟ ଦେଇ ବରଣ କରିଥିଲେ । ପଣ୍ଡିତ ପ୍ରେମପ୍ରକାଶ ପୁରୋହିତ ବେଦମନ୍ତ୍ର ଉଚ୍ଚାରଣ କରିଥିଲେ ।



ଅଭିନେତା ଜଗଦାନନ୍ଦ ମିଶ୍ରଙ୍କୁ ରାବଣ ଭାବେ ବରଣ କରାଯାଉଛି ।

# ଫୁଟବଲ: ଫୁଲାପାଲି ଚାମ୍ପିୟନ

**ବରଗଡ଼ ଅଫିସ୍,୯।୧୨**

ବରଗଡ଼ ବ୍ଲକ ଅନ୍ତର୍ଗତ ଉଲ୍‌ବା ଗ୍ରାମର ମାଁ ଗ୍ରାମଦେବୀ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ରବିବାର ନରୋତ୍ତମ ଓ ନିରଞ୍ଜନ ସ୍ମାରକୀ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲକୁ ଫୁଲାପାଲି ଓ ମୁଣ୍ଡାପଡ଼ା ଉନ୍ନୀତ ହୋଇଥିଲେ । ଫାଇନାଲ ଖେଳର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଫୁଲାପାଲି ଏକାଦଶ ୩-୨ ଗୋଲରେ ଚାମ୍ପିୟନ ହୋଇଥିଲା । ପୁରସ୍କାର ବିତରଣୀ ସମାରୋହରେ ଜିଲା ଓକିଲ ସଂଘ ସମ୍ପାଦକ ଲିପ୍‌ସିତ ମିଶ୍ର ମୁଖ୍ୟଅତିଥି, ଯୁବନେତା ଧର୍ମେନ୍ଦ୍ର ବାରିକ, ଯୁବ ସଂଗଠକ ବୁଦ୍ଧଦେବ ବିଶି, ରାଜେନ୍ଦ୍ର ଭୋଇ, ବିଜୟ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।



ମୁଖ୍ୟଅତିଥି ପୁରସ୍କାର ବିତରଣ କରୁଛନ୍ତି ।

■ ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସୋହେଲାକୁ ହରାଇ କଲଙ୍ଗାପାଲି ଚାମ୍ପିୟନ

**ସୋହେଲା,୯।୧୨(ଡି.ଏନ.ଏ)**

ସୋହେଲା ମିନି ଷ୍ଟାଡିୟମଠାରେ ଚାଲିଥିବା ବିଜୁ ଯୁବ ବାହିନୀର ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ୫ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତର ୨୮ଟି ଦଳ ଏଥିରେ ଭାଗ ନେଇଥିଲେ । ଶୁକ୍ରବାର ଦୁଇଟି ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସୋହେଲା ଓ କୁଚିପାଲି ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ହୋଇ ସୋହେଲା ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କରଣ୍ଡୋଲା ଓ କଲଙ୍ଗାପାଲି ମଧ୍ୟରେ ଖେଳ ହୋଇ କଲଙ୍ଗାପାଲି ଦଳ ବିଜୟୀ ହୋଇଥିଲା। ସୋହେଲା ଓ କଲଙ୍ଗାପାଲି ଦଳ ମଧ୍ୟରେ ଫାଇନାଲ ମ୍ୟାଚରେ କଲଙ୍ଗାପାଲି ଦଳ ସୋହେଲାକୁ ହରାଇ ଚାମ୍ପିୟନ ହୋଇଥିଲା। ପରେ ଡବ୍ଲ୍ୟୁଇଓ ଅତୀଶ କୁମାର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂହ ମୁଖ୍ୟଅତିଥି, ବିଡିଓ ଅଶୋକ କୁମାର ଗଡତିଆ, ତହସିଲଦାରର ବିଶ୍ୱରଞ୍ଜନ କର, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲା ପରିଷଦ ସଦସ୍ୟ ଦୟାନିଧି ପଟେଲ, ସୁବ୍ରତ ବେହେରା ଏବଂ ସହକାରୀ ଯନ୍ତ୍ରୀ ନରେଶ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସିଂ ବିଜେତା ଓ ଉପବିଜେତା, ଶ୍ରେଷ୍ଠ ଖେଳାଳି କଲଙ୍ଗାପାଲି ଦଳର ଲିଙ୍ଗରାଜ ସାହୁଙ୍କୁ ମୁଖ୍ୟ ଅତିଥି ମନ୍ତ୍ରୀ ସିଂ ପୁରସ୍କୃତ କରିଥିଲେ । ବ୍ଲକ ସଂଯୋଜକ ଜ୍ଞାନେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ହୀରାପୁର ସ୍କୁଲରେ ବିଜ୍ଞାନମେଳା

**ପାଇକମାଳ,୯।୧୨ (ଡି.ଏନ.ଏ)**

ପାଇକମାଳ ବ୍ଲକ ହୀରାପୁର ଉଚ୍ଚ ପ୍ରାଥମିକ ସ୍କୁଲରେ ଶନିବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅଶୋକ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଡୋଲାମଣି ମାହାର ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶାନ୍ତିଲତା ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ବିଜ୍ଞାନ ଶିକ୍ଷକ ମାଧବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୨୧ଟି ବିଜ୍ଞାନ, ଗଣିତ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ନିହାରିକା ଗୌଡ ଓ ଦୀପାଞ୍ଜଳି ସୁନା ସଂଯୋଜନା କରିଥିଲେ ।

# ବରଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ବରଗଡ଼ ଅଫିସ୍,୯।୧୨**

ବରଗଡ଼ ଜିଲା ଆଇନସେବା ପ୍ରାଧିକରଣ ପରିଚାଳନାରେ ଶନିବାର ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ପଞ୍ଚମ ରାଷ୍ଟ୍ରୀୟ ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ଜିଲା ଦୌରାଜଜ୍ ସୁଦୀପ୍ତ ଆଚାର୍ଯ୍ୟ, ପରିବାର ବିଚାରପତି ଅଶ୍ୱିନୀ କୁମାର ନାୟକ, ଅତିରିକ୍ତ ଜିଲା ଦୌରାଜଜ୍ ଗିରିଜା ପ୍ରସାଦ ମହାପାତ୍ର, ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ସୁବାଷ ଚନ୍ଦ୍ର ବିହାରୀ, ବରିଷ୍ଠ ଦେୱାନୀ ବିଚାରପତି ସୌମ୍ୟକ ପାତ୍ର, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁବାଷ ଚନ୍ଦ୍ର ଧଳ, ସିଭିଲ କୋର୍ଟର ରେଜିଷ୍ଟ୍ରାର ପ୍ରତିମା ପାତ୍ରୋ, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବ୍ରତ ଆଚାର୍ଯ୍ୟ, କନିଷ୍ଠ ଦେୱାନୀ ବିଚାରପତି ସସ୍ମିତ ମିଶ୍ର, ଜେଏମଏଫସି ସବ୍ୟସାଚୀ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ ଲୋକ ଅଦାଲତରେ ସମୁଦାୟ ୪୪ଟି ଦେୱାନୀ ଓ ଫୌଜଦାରୀ ମକଦ୍ଦମା ଫଇସଲା କରାଯିବା ସହିତ ଜରିମାନା ବାବଦରେ ୮୪ଲକ୍ଷ ୯୩ହଜାର ୯୭୩ ଟଙ୍କା ଆଦାୟ କରାଯାଇଥିଲା ।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'

## ସଂକ୍ଷେପରେ

### ଆଜିଠୁ ବୌଦ୍ଧରେ ଧନୁଯାତ୍ରା

ବୌଦ୍ଧ,୯।୧୨(ସ୍ୱ.ପ୍ର): ବୌଦ୍ଧ ସହରରେ ସୋମବାର ଧନୁଯାତ୍ରା ଓ କଂସବଧ ନାଟ୍ୟ ମହୋତ୍ସବ ଆରମ୍ଭ ହେବ । ଏଥିପାଇଁ ସମଗ୍ର ବୌଦ୍ଧ ସହର ୮ ଦିନ ଧରି ମଥୁରା ନଗରୀ ପାଲଟିବ। ସବୁ ବର୍ଷ ପରି ଏବର୍ଷ ମଧ ଭୈରବୀ ପଡିଆରେ ନାଟ୍ୟ ଉତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ସରିଛି । ଯାତ୍ରାକୁ ଆକର୍ଷଣ କରିବା ପାଇଁ ନୂତନ ନିର୍ବାକ ନୃତ୍ୟ ନାଟିକା କେଶବ ଧୃତ ନରହରି ରୂପ, ଜୟ ଜଗଦିଶ ହରେ ପରିବେଷଣ କରାଯିବ। ମୀନାବଜାର ଓ ବାଣିଜ୍ୟମେଳାକୁ ଏଥିରେ ସାମିଲ କରାଯାଇଛି । ୧୭ ତାରିଖ ସନ୍ଧ୍ୟାରେ ଶ୍ରୀକୃଷ୍ଣ ବଳରାମଙ୍କ ନଗର ପରିକ୍ରମା କରାଯିବ ବୋଲି କଳା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

### ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ଘଣ୍ଟାପଡା, ୯।୧୨ (ଡି.ଏନ.ଏ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର (ପ୍ରଜ୍ଞାବିହାର)ରେ ରବିବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହେମନ୍ତ ଭୋଇଙ୍କ ସଭାପତିତ୍ୱରେ ସୁବର୍ଣ୍ଣପୁର ଜିଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଯୋଜକ ସୁଦାମ ଚରଣ ଦିଶ୍ରି ମୁଖ୍ୟଅତିଥି, କମିଟି ସମ୍ପାଦକ ଅଗସ୍ତି ମଲିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିଲା । କୃତୀ ମା'ଙ୍କୁ ମୁଖ୍ୟଅତିଥି ସମ୍ମାନୀତ କରିଥିଲେ। ପ୍ରଧାନ ଗୁରୁଜୀ ଶେଷଦେବ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସମ୍ମିଳନୀରେ ପ୍ରାୟ ୧୦୫ ଜଣ ମା' ଯୋଗ ଦେଇଥିଲେ। ଶେଷରେ ଗୁରୁମା ରଶ୍ମିତା ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାନକିଣା ଆରମ୍ଭରୁ ଅଚଳାବସ୍ଥା

କଣ୍ଟାମାଳ,୯।୧୨(ଡି.ଏନ.ଏ)

ବୌଦ୍ଧ ଜିଲାରେ ଧାନକ୍ରୟ ଆରମ୍ଭରୁ ମଣ୍ଡିଗୁଡିକରେ ଅଚଳାବସ୍ଥା ଦେଖାଦେଇଛି। ମିଲର୍ସ ଓ ଯୋଗାଣ ବିଭାଗର ମଧୁଚନ୍ଦ୍ରିକା ଯୋଗୁ ମଣ୍ଡିରେ ଜବରଦସ୍ତ କଟନୀଛଟନୀ କରାଯାଉଛି। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ ଜିଲାର ପଲଶାଗୋରା ମଣ୍ଡିରେ ଚାଷୀ ଧାନ ବିକ୍ରି କରି ନ ପାରି ଖୋଲା ଆକାଶ ତଳେ ଜଗି ରହିଛନ୍ତି ।

ସୂଚନା ଅନୁଯାୟୀ, ବୌଦ୍ଧ ଜିଲାର ୪୨ଟି ପ୍ୟାକ୍ସରେ ୫୩ଟି କ୍ରୟକେନ୍ଦ୍ର କରାଯାଇଛି । କଣ୍ଟାମାଳ ବ୍ଲକରେ ଅତିରିକ୍ତ ୪ଟି କ୍ରୟକେନ୍ଦ୍ର କରାଯାଇଛି। ଲୋକାପଡା ପ୍ୟାକ୍ସର ଅତିରିକ୍ତ କ୍ରୟକେନ୍ଦ୍ର ଭାବେ ପଲଶାଗୋରା, ଶୁଣ୍ଢିପଦର ପ୍ୟାକ୍ସର ବରଗୋଛା, କୁଲତାଯୋର ପ୍ୟାକ୍ସର ଖମନମୁଣ୍ଡା, ଘଣ୍ଟାପଡା ପ୍ୟାକ୍ସର ଅତିରିକ୍ତ କ୍ରୟକେନ୍ଦ୍ର ଭାବେ ଆମ୍ବଗାଁରେ ଧାନ କ୍ରୟ ପାଇଁ ସ୍ଥିର ହୋଇଛି । ତେବେ କଣ୍ଟାମାଳ, ସିମିଳିପଦର ଓ ଲୋକାପଡା ମଣ୍ଡିରେ ଧାନ କ୍ରୟର ପ୍ରଥମ ଦିବସରେ କଟନୀଛଟନୀକୁ ନେଇ ବିବାଦ ଲାଗି ରହିଥିଲା । କଣ୍ଟାମାଳ ମଣ୍ଡିରେ କୁଇଣ୍ଟାଲ ପିଛା ୩ କେଜି କଟନୀଛଟନୀ ପାଇଁ ମିଲର୍ସ ଅଡି ବସିବା ପରେ ଯୋଗାଣ ବିଭାଗ ନୀରବ ରହିଥିଲା। ଫଳରେ ଚାଷୀ ବାଧ୍ୟ ହୋଇ ୩ କେଜି କଟନୀଛଟନୀରେ ଧାନ ଦେଇଥିଲେ। ଅନୁରୂପ ଭାବେ ସିମିଳିପଦର ଓ ଲୋକାପଡା ମଣ୍ଡିରେ ଧାନକ୍ରୟକୁ ନେଇ ଚାଷୀ ଓ ମିଲର୍ସ ପ୍ରତିନିଧିଙ୍କ ମଧ୍ୟରେ ଉଚ୍ଚବାଚ୍ଚ ଲାଗି ରହିଥିଲା । ଶନିବାର ପଲଶାଗୋରା ମଣ୍ଡିରେ ଧାନ କ୍ରୟ ଆରମ୍ଭ ହେଲାବେଳକୁ ଜଣେ ମିଲର କୁଇଣ୍ଟାଲ ପିଛା ୪ କେଜି ଧାନ କଟନୀଛଟନୀ ପାଇଁ ଅଡି ବସିଥିଲେ। ଚାଷୀମାନେ ଏ ନେଇ ଅରାଜି ହେବାରୁ ମିଲର୍ସ ପଳାଇଥିଲେ । ତେବେ ଏଠାରୁ ଶନିବାର ବିଳମ୍ବିତ ରାତିରେ ଗୋଟିଏ ଟ୍ରିପ୍ ଧାନ ଉଠିଥିବାବେଳେ ରବିବାର ସନ୍ଧ୍ୟା ସୁଦ୍ଧା ଆହୁରି ୨ ହଜାର ବସ୍ତା ଧାନ ଖୋଲା ଆକାଶ ତଳେ ପଡି ରହିଛି। ଏ ନେଇ ଚାଷୀ ସଙ୍ଗଠକ ଆଦିତ୍ୟ ପ୍ରଧାନ ଯୋଗାଣ ବିଭାଗ ଓ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ଧାନକ୍ରୟ ହେଉଛି। ଚାଷୀମାନଙ୍କୁ ଶୋଷଣର ରୀତିମତ ଷଡଯନ୍ତ୍ର ଚାଲିଛି ବୋଲି ସେ କହିଛନ୍ତି। ଚାଷୀ କେଶବ ମାଝୀ କହିଛନ୍ତି, ଅତିରିକ୍ତ କଟନୀଛଟନୀ ବନ୍ଦ ନ ହେଲେ ଆଗାମୀ ଦିନରେ ରାସ୍ତାରୋକୋ କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି କହିଛନ୍ତି । ଅପରପକ୍ଷରେ ଜିଲାପାଳ ସୀତାଂଶୁ ଶେଖର ରାଉତ କହିଛନ୍ତି ଯେ, ସରକାରୀ ନିୟମ ଅନୁଯାୟୀ ଧାନର ମାନ ପରୀକ୍ଷା କରାଯାଇ କ୍ରୟ କରାଯିବ। ଏ ନେଇ ଅଭିଯୋଗର ତଦନ୍ତ କରିବେ ବୋଲି ଜିଲାପାଳ କହିଛନ୍ତି ।

**କଟନୀଛଟନୀ ବନ୍ଦ ନ ହେଲେ ଆନ୍ଦୋଳନ**



ଚାଷୀମାନେ ମଣ୍ଡିରେ ଧାନ ଗଦା କରି ରଖିଛନ୍ତି ।

**କଣ୍ଟାମାଳ ବ୍ଲକ**

- ମିଲର୍ସ ଓ ଯୋଗାଣ ବିଭାଗର ମଧୁଚନ୍ଦ୍ରିକା
- ଜବରଦସ୍ତ କଟନୀଛଟନୀରେ ଚାଷି ବେହାଲ
- ଖୋଲା ଆକାଶ ତଳେ ଧାନ ଜଗିଛନ୍ତି ଚାଷୀ

(ତା୧୦।୧୨।୧୮ରିଖ ସୋମବାର)

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାଣ ନିୟମ ପକାଉ କେତେ,**
**ଶୃଙ୍ଖଳା ସୁଆଗ ଲଗାଉ କେତେ ।**

ବିଶ୍ୱାସକୁ ଆଧାର କରି ସମ୍ପର୍କର ମୂଳୁଦୁଆ ପଡ଼ିଥାଏ। ପତିପତ୍ନୀଙ୍କ ମଧ୍ୟରେ ବିଶ୍ୱାସ ଓ ଭଲପାଇବା ଯେତେ ଦୃଢ଼ ହୁଏ, ସେମାନଙ୍କ ଦାମ୍ପତ୍ୟଜୀବନ ସେତେ ସୁଖମୟ ହୋଇଥାଏ। ତେବେ ଯେଉଁଠି ଆନ୍ତରିକତା ନ ଥାଏ ସେଠି ସବୁ ସମ୍ପର୍କ ତୁଚ୍ଛ ଲାଗିଥାଏ। ଏଭଳି ସ୍ଥଳେ ଫମ୍ପା ମାଠିଆ ଭଳି ଉପର ଦେଖାଣିଆ ସ୍ନେହ ଶ୍ରଦ୍ଧାରେ କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରାଉ ରାଉ ତୁ ହଉଚୁ କିଆଁ ?**
**ଓଦା କାଠରେ ଲଗାଉଚୁ ନିଆଁ ।**

ଯେତେ ଚେଷ୍ଟା କଲେ ମଧ ଓଦା କାଠରେ ନିଆଁ ଧରିବା କଷ୍ଟକର ସେଥିପାଇଁ ମନରେ ରାଗଭାବ ଆଣିବା ନିରର୍ଥକ। ପରୋକ୍ଷରେ କଳହପ୍ରିୟ ବ୍ୟକ୍ତି କୌଣସି କାରଣ ନ ଥାଇ ଅନ୍ୟ ସହ ଝଗଡ଼ା ଝାଟି କରୁଥିବାର ଦେଖିବାକୁ ମିଳିଥାଏ। ଏହା ସେମାନଙ୍କର ଏକ ପ୍ରକୃତି ବୋଲି ବୁଝିବାକୁ ହୋଇଥାଏ। ତିଳକୁ ତାଳ କରି କଥା ବଢ଼ାଇ ପରିବେଶକୁ ତିକ୍ତ କରୁଥିବା କଳହପ୍ରିୟ ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ୧୯୯୬ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

ଜହ୍ନାପଙ୍କ, ୯।୧୨ (ଡି.ଏନ.ଏ): ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଗିରାସିଙ୍ଗା ଜଗନ୍ନାଥ ବନ ପ୍ରକଳ୍ପଠାରେ ଜହ୍ନାପଙ୍କ ହାଇସ୍କୁଲ ୧୯୯୬ ମାଟ୍ରିକ ବ୍ୟାଚ୍‌ର ଏକ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଛି । ଜଗଦୀଶ ବାରିକ, ଜଗନ୍ନାଥ ସାହୁ, ନରୋତ୍ତମ ମେହେର ସହଯୋଗ କରିଥିଲେ ।

## ତେଲନଦୀ ଆପ୍ରୋଚ୍ ରାସ୍ତା ମରଣଯନ୍ତା

ମନମୁଣ୍ଡା, ୯।୧୨ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡାର ତେଲନଦୀ ପୋଲ ଆପ୍ରୋଚ୍ ରାସ୍ତା ପୁଣି ମରଣଯନ୍ତା ପାଲଟିଛି । ଉକ୍ତ ଜାଗାରେ ଖାଲଖମା ହୋଇଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏପରିକି ବିଭିନ୍ନ ସମୟରେ ଦୁର୍ଘଟଣା ମଧ ଘଟୁଛି । ଗାଡି ମୋଟର, ବାଇକ ଓ ସାଇକେଲ ଆରୋହୀ ପୋଲ ଉପରେ ଦ୍ରୁତ ଗତିରେ ଆସି ଉକ୍ତ ଖାଲରେ ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏ ନେଇ ବାରମ୍ବାର ଦାବି କରିବା ସତ୍ତ୍ୱେ କୌଣସି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ତୁରନ୍ତ ଏହାର ମରାମତି ପାଇଁ ଦାବି ହୋଇଛି ।

## ଲେଖିକା ସଂସଦର ବାର୍ଷିକ ଉତ୍ସବ



ଲେଖିକା ସଂସଦର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ବୌଦ୍ଧ,୯।୧୨(ସ୍ୱ.ପ୍ର)

ବୌଦ୍ଧ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଓଡିଶା ଲେଖିକା ସଂସଦ, ବୌଦ୍ଧ ପକ୍ଷରୁ ରବିବାର ଏକ ସାରସ୍ୱତ ସମାରୋହ ଆୟୋଜନ କରାଯିବା ସହ ବାର୍ଷିକ ଉତ୍ସବ ପାଳିତ ହୋଇଛି । ଅନୁଷ୍ଠାନ ସଭାପତି ମଧୁମିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଆ ସାରସ୍ୱତ ଜଗତକୁ ବୌଦ୍ଧର ଲେଖିକାମାନଙ୍କ ଅବଦାନ ଅତୁଳନୀୟ ବୋଲି ଉଲ୍ଲେଖ କରିଥିଲେ । ସଂସଦର ସମ୍ପାଦିକା ଆସ୍ପୃହା ପାଠୀ ବିବରଣୀ ପାଠ କରିଥିଲେ । ଓଡିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ତମସାରାଣୀ ଦାସ ମହାପାତ୍ର, ଲେଖିକା ଶକୁନ୍ତଳା ବଳିୟାରସିଂ, ଶିକ୍ଷାବିତ୍ ଧ୍ରୁବ ଚରଣ ଘିବେଲା ଏବଂ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସଂସଦର ମୁଖପତ୍ର 'ସର୍ଜନା' ଏବଂ ସୂର୍ଯ୍ୟପ୍ରିୟା ପାଣିଗ୍ରାହୀଙ୍କ ରଚିତ କବିତା ପୁସ୍ତକ 'ଝୁମୁରୁଝାଇଁ'କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ । ସଂସଦର ସଦସ୍ୟା ରିତାଳୀ ସ୍ୱାଇଁ, ସ୍ୱାଗତିକା ରଥ, ମିନତୀ ପାଢ଼ୀ, ପ୍ରମିଳା ପଟନାୟକ, ପଦ୍ମାବତୀ ମିଶ୍ର, ଆରତୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ପଦ୍ମାଳୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ତେଜିଲା ମଦ ବିରୋଧୀ ଅଭିଯାନ
## ନିଶାମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ପାଇଁ ଶପଥ

ଘଣ୍ଟାପଡା, ୯।୧୨ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଧୀନ ଆମ୍ବଗାଁ ସରପଞ୍ଚ ପଦ୍ମିନୀ ରଣାଙ୍କ ନେତୃତ୍ୱରେ ରବିବାର ଗ୍ରାମପଞ୍ଚାୟତ ପରିସରରେ ନିଶାମୁକ୍ତ ପଞ୍ଚାୟତ ଗଠନ ପାଇଁ ଏକ ସଭାର ଆୟୋଜନ ହୋଇଥିଲା । ଏହି ସଭାରେ ଡ. ପ୍ରମୋଦ କୁମାର ସାହୁ (ଆୟୁଷ), ସମାଜସେବୀ ଚଞ୍ଚଳ ରଣା, କର୍ଣ୍ଣ ରଣା, ଦାନବୀର ରଣା, ସୁଶାନ୍ତ ପଟେଲ, କଣ୍ଟାମାଳ ଗାୟତ୍ରୀ ପରିବାରର ସଦସ୍ୟ ବିନାୟକ ପ୍ରଧାନ, ଘନଶ୍ୟାମ ବାଘ ପ୍ରମୁଖ ଉପସ୍ଥିତ ରହି ଆମ୍ବଗାଁ ପଞ୍ଚାୟତକୁ ନିଶାମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ପରିପେକ୍ଷୀରେ ଜିଲାପାଳଙ୍କୁ ପଞ୍ଚାୟତ ପିଇଓଙ୍କ ଜରିଆରେ ଦାବିପତ୍ର ଦିଆଯାଇଥିଲା । ଶେଷରେ ମଦ ବିରୋଧୀ ନାରାଦେଇ ପଞ୍ଚାୟତର ଏସ୍ଏଚ୍‌ଜି ମହିଳାମାନେ ଗ୍ରାମ ପରିକ୍ରମା କରିଥିଲେ । ଏସଏଚଜି ମହାସଂଘର ସମ୍ପାଦକ ମାଧୁରୀ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## କୋଶଳ ରାଜ୍ୟ ଦାବିରେ ସଚେତନତା ରାଲି

ବିଜେପୁର, ୯।୧୨ (ଡି.ଏନ.ଏ)

କୋଶଳ ରାଜ୍ୟ ଦାବିରେ ଆଗାମୀ ୧୭ତାରିଖରେ ବନ୍ଦ ପାଳନ ପାଇଁ ଜନସଚେତନତା ସୃଷ୍ଟି କରିବାକୁ ବାହାରିଥିବା ରାଲି ରବିବାର ବରଗଡ ଜିଲା ବିଜେପୁର ବ୍ଲକ ପରିକ୍ରମା କରିଥିଲା । କୋଶଳ ରାଜ୍ୟ ଗଠନ ପାଇଁ ଜନସଚେତନା ସୃଷ୍ଟି କରିବାକୁ ଶୋଭାଯାତ୍ରାକାରୀମାନେ ପ୍ଲାକାର୍ଡ ସହିତ ବିଭିନ୍ନ ସ୍ଲୋଗାନ ଦେଇ ନଗରଭ୍ରମଣ କରିଥିଲେ । କୋଶଳ ରାଏଜ ଯୁବ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ବିକାଶ ଅଗ୍ରୱାଲ, ପ୍ରୀତକ ଠାକୁର, ସିପୁନ ଖମାରୀ, ଆକାଶ ପଣ୍ଡା, ଦେବ ପଣ୍ଡାଙ୍କ ସମେତ ବହୁ ଯୁବକ ସାମିଲ ହୋଇଥିଲେ ।


No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3
BALASORE 9437147000
BBSR 0674- 2354320, 9437143000, 9437138000
ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନ୍‌କ ନାହିଁ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166


ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ
ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ନ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।


ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା
ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ମହମ୍ମଦ ଇମ୍ରାନ୍ କଂଗ୍ରେସ ସଂଖ୍ୟାଲଘୁ ସେଲ ସଭାପତି

**ସୋନପୁର,୯।୧୨(ନି.ପ୍ର.):** ସୁବର୍ଣ୍ଣପୁର ଜିଲା କଂଗ୍ରେସ ସଂଖ୍ୟାଲଘୁ ସେଲର ସଭାପତିଭାବେ ସୋନପୁର ବ୍ଲକ ମହୁଲେର ମହମ୍ମଦ ଇମ୍ରାନଙ୍କୁ ନିଯୁକ୍ତି ମିଳିଛି । ପିସିସି ସଂଖ୍ୟାଲଘୁ ସେଲର ଅଧକ୍ଷ ମହମ୍ମଦ ସାହାନୱାଜ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଇମ୍ରାନଙ୍କ ନେତୃତ୍ୱରେ କଂଗ୍ରେସ ଶକ୍ତିଶାଳୀ ହେବା ସହିତ ଜିଲାର ସଂଖ୍ୟାଲଘୁଙ୍କ ସ୍ୱାର୍ଥ ସୁରକ୍ଷିତ ରହିପାରିବ ବୋଲି ସାହାନୱାଜ୍ ଆଶାପ୍ରକାଶ କରିଛନ୍ତି । ଏହି ନିଯୁକ୍ତି ପାଇଁ ଇମ୍ରାନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



### ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୬୫ ୟୁନିଟ୍ ରକ୍ତ ସଂଗ୍ରହ

**ସୋନପୁର, ୯।୧୨(ନି.ପ୍ର.):** ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ସ୍ଥାନୀୟ ଏଚଡିଏଫସି ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୬୫ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟଲକ୍ଷ୍ମୀ ଗୁରୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏପିଡୋମିଓଲୋଜିଷ୍ଟ ଡାକ୍ତର ବଟକୃଷ୍ଣ ସେଠୀ ଯୋଗଦେଇଥିଲେ। ପରିଚାଳକ ଭବାନୀ ଦାସଗୁପ୍ତା, ଅଭିଶେକ ମିତ୍ତଲ, ମିଲନ ମିଶ୍ର, ଅଳକାକ୍ରିଷ୍ଣା ପଣ୍ଡା, ତନ୍ମୟ ମିଶ୍ର ଓ ଜୟପ୍ରକାଶ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ।

### ସୁବର୍ଣ୍ଣପୁର ଡିପ୍ଲୋମା ଇଞ୍ଜିନିୟର ସଂଘର ନୂତନ କର୍ମକର୍ତ୍ତା

**ସୋନପୁର,୯।୧୨(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ଡିପ୍ଲୋମା ଇଞ୍ଜିନିୟର ସଂଘର ବାର୍ଷିକ ଅଧିବେଶନ ସୋନପୁର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ କର୍ମକର୍ତ୍ତା ଇଂ.ନିରଞ୍ଜନ ବିଶ୍ୱାଳ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଂଘର ଉପଦେଷ୍ଟା ଭାବେ ଇଂ. ହିମାଂଶୁ ଲେଙ୍କା, ସଭାପତି ଇଂ.ସ୍ୱାଧିନ କୁମାର ଦାଶ, ଉପସଭାପତି ରବିନ୍ଦ୍ର ସାହୁ, ସମ୍ପାଦକ ବିଶ୍ୱ ପ୍ରକାଶ ଚୌଧୁରୀ, ସହ ସମ୍ପାଦକ ଇଂ. ରାଜେନ୍ଦ୍ର କୁମାର ମଣ୍ଡଳ, ଅର୍ଚ୍ଚନା ବିଶ୍ୱାଳ, ସମୀକ୍ଷକ ମୁକ୍ତେଶ୍ୱର ମାଝୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଇଂ. ମୁନା ଓରାମ, ପ୍ରଫୁଲ୍ଲ କୁମାର ସିଂ, ପ୍ରଫୁଲ୍ଲ କୁମାର ପଧାନ, ସରୋଜ କୁମାର ସାହୁ ଓ ଇଂ. ସୁପ୍ରିୟା ଗୁରୁ ନିର୍ବାଚିତ ହୋଇଛନ୍ତି। ପ୍ରାରମ୍ଭରେ ଉପସ୍ଥିତ ଇଞ୍ଜିନିୟରମାନେ ରାଜ୍ୟ ସଂଘର ଉପସଭାପତି ଇଂ. ରବିନାରାୟଣ ରାଏଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରିଥିଲେ।

### କୋସଲ ମହାବନ୍ଦ ପାଇଁ ପ୍ରସ୍ତୁତି ବୈଠକ

**ସୋନପୁର,୯।୧୨(ନି.ପ୍ର.):** ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ଦାବିରେ ଆସନ୍ତା ଡିସେମ୍ବର ୧୭ତାରିଖ ମହାବନ୍ଦ ପାଳନ କରାଯିବ। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପଶ୍ଚିମ ଓଡିଶାରେ ବନ୍ଦ ପାଳନ ପରିପ୍ରେକ୍ଷିରେ ରବିବାର ସୋନପୁରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କୋସଲ ରାଜ୍ୟ ସମନ୍ୱୟ ସମିତିର ସଙ୍ଗଠନ ସମ୍ପାଦକ କିଶୋର ହୋତା ବୈଠକରେ ଅଧକ୍ଷତା କରିଥିଲେ। ରାଜ୍ୟ ସମନ୍ୱୟ ସମିତିର ମୁଖ୍ୟ ସଂଯୋଜକ ପ୍ରମୋଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ଦୋଳନର ରୂପରେଖ ଓ ବନ୍ଦର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଶ୍ୟାମା ଓଁ ପ୍ରସାଦ ମିଶ୍ର, ପିସିସି ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ, ସୁବେଦାର ଲଳିତ ସାହୁ, ଇଂ ଆଶ୍ରୟ ମହାନନ୍ଦ, ସମନ୍ୱୟ ସମିତି ଉପସଭାପତି ମନୋରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ବିଭୁଦତ୍ତ ମିଶ୍ର, ଲକ୍ଷ୍ମୀନାରାୟଣ ମେହେର, ଭାଜପା ଟାଉନ ସଭାପତି ଗଣେଷ ସାହୁ, ପରମେଶ୍ୱର ଦେହୁରୀ, ସମ୍ବିତ ନନ୍ଦ, ସୁଦର୍ଶନ ଚାଉଳିଆ, ନବ ତ୍ରିପାଠୀ, ବଜରଙ୍ଗ ଦଳର ଜିତୁ ବଡମାଳୀ ଓ ହଜାରୀ ପଧାନ ଉପସ୍ଥିତ ରହି ବନ୍ଦକୁ ସଫଳ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଆସନ୍ତା ବୁଧବାର ବଣିକ ସଂଘ, ବୁଦ୍ଧିଜୀବୀଙ୍କୁ ନେଇ ଆଉ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିବା ନେଇ ନିଷ୍ପତ୍ତି ହୋଇଥିଲା ।

ଇତିହାସ ବିଭାଗ ଆଲୋଚନାଚକ୍ରରେ ଅତିଥି ଆଲୋଚକଙ୍କ ମତ

# ଓଡ଼ିଶାର ଧର୍ମଧାରାରେ ଖମ୍ବେଶ୍ୱରୀ ଉପାସନା ନେଇଛି ସ୍ୱତନ୍ତ୍ର ସ୍ଥାନ

**ବୀରମହାରାଜପୁର, ୯।୧୨(ଡି.ଏନ୍.ଏ.)**





ଆଲୋଚନାଚକ୍ରରେରେ ମଞ୍ଚାସୀନ ଅତିଥି।

ଓଡିଶାରେ ଶାକ୍ତ ଉପାସନାର ପରମ୍ପରା ବହୁପ୍ରାଚୀନ। ଶାକ୍ତ ସଂସ୍କୃତିରେ ସ୍ତମ୍ଭେଶ୍ୱରୀ ବା ଖମ୍ବେଶ୍ୱରୀଙ୍କ ଉପାସନା ନେଇଛି ସ୍ୱତନ୍ତ୍ର ସ୍ଥାନ। ରାଜ୍ୟର ଦକ୍ଷିଣ-ପଶ୍ଚିମରୁ ଆଦିମ ଅଧିବାସୀମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଦେବୀ ଉପାସନା ପରବର୍ତ୍ତୀ ସମୟରେ ବିଭିନ୍ନ ରାଜନ୍ୟ ବର୍ଗଙ୍କ ଦ୍ୱାରା ପୃଷ୍ଠପୋଷକତା ଲାଭକରି ଲୋକପ୍ରିୟ ହୋଇଥିଲା। ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ କଳାହାଣ୍ଡିରେ ଶାସନ କରୁଥିବା ପର୍ବତ ଦ୍ୱାରକ ରାଜବଂଶର ମହାରାଜା ତୃଷ୍ଟିକର ଦେବ ପ୍ରଥମେ ସ୍ତମ୍ଭେଶ୍ୱରୀଙ୍କ ଉପାସନା କରୁଥିବାର ଐତିହାସିକ ପ୍ରମାଣ ରହିଛି। ପରବର୍ତ୍ତୀ ସମୟରେ ଢେଙ୍କାନାଳ ଓ ଅନୁଗୋଳ ଅଞ୍ଚଳରେ ଶାସନ କରୁଥିବା ଶୁଲ୍କି ରାଜବଂଶ, ବୌଦ୍ଧ, ସୋନପୁର ଓ ବୀରମହାରାଜପୁର ଅଞ୍ଚଳରେ ଶାସନ କରୁଥିବା ଭଞ୍ଜ ରାଜବଂଶ ଓ ସୋନପୁରର ଚୌହାନ ରାଜବଂଶ ଦେବୀଙ୍କ ଉପାସକ ଥିଲେ। ଖମ୍ବେଶ୍ୱରୀ ଦେବୀଙ୍କ ବିନା ଓଡିଶାର ଧର୍ମୀୟ ତଥା ସାଂସ୍କୃତିକ ଇତିହାସ ରଚନା ଅସମ୍ପୂର୍ଣ୍ଣ ହୋଇଯିବ ବୋଲି 'ଓଡିଶାରେ ଖମ୍ବେଶ୍ୱରୀ ଉପାସନା' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ଇତିହାସ ବିଭାଗ ତରଫରୁ ଶନିବାର ଏହି ଶୀର୍ଷକ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ମୂରଲୀଧର ହୋତା ସଭାପତିତ୍ୱ କରିଥିବା ବେଳେ ବଲାଙ୍ଗୀର ଏମପି କଳିକେଶ ନାରାୟଣ ସିଂହଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ସେହିପରି ବିଭାଗୀୟ ମୁଖ୍ୟ ଡ. ହିମାଂଶୁ ଶେଖର ପାଢୀ ଓ ଅଧାପକ ନରେନ୍ଦ୍ର କୁମାର ଝା ଖମ୍ବେଶ୍ୱରୀ ଉପାସନା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ସମାରୋହରେ ବୀରମହାରାଜପୁର ସାମ୍ବାଦିକ ସଂଘ ତଥା ଓକିଲ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଓ ଆଡ୍‌ଭୋକେଟ ରଞ୍ଜିତ କୁମାର ରଥ ସମ୍ମାନୀତ ଅତିଥି ଭାବରେ ବକ୍ତବ୍ୟ ରଖିଥିଲେ। ଅଧାପିକା ବନ୍ଦିତା ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ର ଶେଷରେ ଏମ୍‌ପି ସିଂଦେଓଙ୍କ ଆଗ୍ରହ କ୍ରମେ ଛାତ୍ରୀଛାତ୍ରଙ୍କ ସହ ମତ ବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟ ତଥା ଜାତୀୟ ପ୍ରସଙ୍ଗକୁ ନେଇ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସୁପ୍ରିତା ପୁରୋହିତ, ସଦାଶିବ ଚାନ୍ଦ, ପ୍ରହଲ୍ଲାଦ କର୍ଣ୍ଣ, ଅନ୍ତର୍ଯ୍ୟାମୀ ହୋତା ଏବଂ ଅଧାପିକା ଯାମିନୀ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମାରୋହରେ କଲେଜର ଅଧାପିକା,ଅଧାପକ ଓ ବହୁ ଛାତ୍ରୀଛାତ୍ରଙ୍କ ସହ ସ୍ଥାନୀୟ ବୁଦ୍ଧିଜିବି ଉପସ୍ଥିତ ଥିଲେ।



### ଦିଗଶିରା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ କଂସ ବରଣ

**ଡୁଙ୍ଗୁରିପାଲି, ୯।୧୨(ଡି.ଏନ୍.ଏ)**

ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ କଂସ କଳାକାର ବରଣ ହୋଇଛି । ବରଗଡ ଜିଲା ଦେଓଗାଁର ଜଗଦାନନ୍ଦ ମିଶ୍ରଙ୍କୁ ଚଳିତ ବର୍ଷ କଂସ ଭୂମିକାରେ ଅଭିନୟ କରିବେ। ବରଗଡ଼ ରାଧାକୃଷ୍ଣ ମନ୍ଦିରରେ ଧନୁଯାତ୍ରା କମିଟି କର୍ମକର୍ତ୍ତା ମିଶ୍ରଙ୍କୁ ବରଣ କରିଛନ୍ତି। ପଣ୍ଡିତ ଅକ୍ଷୟ ପୂଝାରୀ ପୂଜାର୍ଚ୍ଚନା କରିଥିବା ବେଳେ ଯାତ୍ରା କମିଟି ସଭାପତି ତଥା ଦିଗଶିରା ପଞ୍ଚାୟତର ସରପଞ୍ଚ ଲବ ମେହେର, ୱାର୍ଡସଭ୍ୟ ସହଦେବ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ୨୦୧୯ ଜାନୁୟାରୀ ୨ରୁ ୧୧ତାରିଖ ପର୍ଯ୍ୟନ୍ତ ଏହି ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ।

## ଶିଶୁର ସାମଗ୍ରିକ ବିକାଶ ମୂଳ ଲକ୍ଷ୍ୟ ହେଉ

**ସୋନପୁର,୯।୧୨(ନି.ପ୍ର.)**

ପରୀକ୍ଷାରେ କେବଳ ଭଲ ନମ୍ବର ରଖିଲେ ହେବନି। ଶିଶୁଟି ସମସ୍ତ ଗୁଣରେ ପରିପୂର୍ଣ୍ଣ ହେବା ଆବଶ୍ୟକ। ପ୍ରତିଯୋଗିତାମୂଳକ ସମାଜରେ ଶିଶୁର ସାମଗ୍ରିକ ବିକାଶ କିଭଳି ହୋଇ ପରିବ ସେଥିପ୍ରତି ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସୋନପୁର ଭୀମଭୋଇ କଳା ମଣ୍ଡପଠାରେ ଦୟାନନ୍ଦ ପ୍ଲେ/ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ ମଧୁସୂଦନ ମିଶ୍ର ମତବ୍ୟକ୍ତ କରିଛନ୍ତି। ରବିବାର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ସମ୍ପାଦକ ରାଜକିଶୋର ଅଗ୍ରୱାଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପାଳ ଆହୁରି କହିଥିଲେ ଯେ, ଛାତ୍ରୀଛାତ୍ରଙ୍କ ଆଗ୍ରହକୁ ନେଇ ଅଭିଭାବକ ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବା ଉଚିତ। ସ୍ୱାମୀ ଦୟାନନ୍ଦ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍, ସମ୍ବଲପୁରର ଅଧକ୍ଷ ଈଶ୍ୱର ପାଣିଗ୍ରାହୀ ମୁଖ୍ୟବକ୍ତାଭାବେ ଯୋଗଦେଇ ବିଦ୍ୟାଳୟର ଶିକ୍ଷା ପ୍ରଣାଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶୈକ୍ଷିକ ବାତାବରଣ ହିଁ ବିଦ୍ୟାଳୟକୁ ସୁନ୍ଦର କରିଥାଏ ବୋଲି କହିଥିଲେ। ଅଧକ୍ଷ ଅଗ୍ରୱାଲା ତାଙ୍କ ବକ୍ତବ୍ୟରେ ସମାଜରେ ଭଲ ମଣିଷଟିଏ ହେବା ବଡକଥା। ଛାତ୍ରାବସ୍ଥାରେ ଚରିତ୍ର ଗଠନ ହିଁ ଶିକ୍ଷାର ମୂଳ ଲକ୍ଷ୍ୟ ବୋଲି ମତପ୍ରକାଶ କରିଥିଲେ। ପ୍ଲେ ସ୍କୁଲର ଅଧକ୍ଷା କେ. କୁମାରୀ ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶିବପ୍ରସାଦ ପାତ୍ର, ରୋହିଣୀ ସିଂ, ଆରତି ତିର୍କି, ରେଣୁ, ନିହାରିକା ମହାଳିକ ଓ ସସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କୁନି କୁନି ଶିଶୁମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

### କେନାଲ ବ୍ରିଜ୍ କାମ ଆରମ୍ଭ

**ସିଂଘିଯୁବା, ୯।୧୨(ଡି.ଏନ୍.ଏ.)**

ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅନ୍ତର୍ଗତ ଦେଣ୍ଡୁପଦର ଗ୍ରାମକୁ ଯାଇଥିବା ରାସ୍ତାର ଶେଷମୁଣ୍ଡ କେନାଲ ବ୍ରିଜ କାମ ଶନିବାର ଆରମ୍ଭ ହୋଇଛି। ନୂତନ ବ୍ରିଜର ଲମ୍ବ ୧୮ ଫୁଟ୍, ଓସାର ୧୫ଫୁଟ୍। ବ୍ୟୟ ଅଟକଳ ରହିଛି ୯ ଲକ୍ଷ ଟଙ୍କା । ଏଥିସହିତ ବ୍ରିଜର ଗାର୍ଡୱାଲ ମଧ ନିର୍ମାଣ ହେବ। ଡିସେମ୍ବର ୨୫ପରେ କେନାଲରେ ପାଣି ଆସିବାକୁ ଥିବାରୁ ନିର୍ମାଣ କାମ ତା ପୂର୍ବରୁ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି। ବିପଦପୂର୍ଣ୍ଣ ଥିବା ବ୍ରିଜ ସମ୍ପର୍କରେ ଧରିତ୍ରୀରେ ତା୨୯।୯।୧୮ରିଖରେ ଖବର ପ୍ରକାଶ ପରେ ରାମପୁର କେନାଲ ଜେଇ ରାମଚନ୍ଦ୍ର ହାଁସଦା ବ୍ରିଜର ସ୍ଥାୟିତ୍ୱ, ଅବସ୍ଥା ଉପରେ କ୍ଷେତ୍ର ପରିଦର୍ଶନ କରିଥିଲେ। ବ୍ରିଜ୍ ନିର୍ମାଣ ଆବଶ୍ୟକତା ଥିବା ଜାଣିବା ପରେ ଶନିବାର ଗୋପାଳଜୀ ଛକ୍ କେନାଲ ବ୍ରିଜ୍ କାମ ଆରମ୍ଭ ହୋଇଛି।

## ଉଷାଦେବୀ ମେମୋରିଆଲ କ୍ରିକେଟ: ସିଣ୍ଡୋଳ ସେମିରେ

**ଉଲୁଣ୍ଡା, ୯।୧୨ (ଡି.ଏନ.ଏ)**

ଉଲୁଣ୍ଡା ବ୍ଲକ କେସିସି କୁକିଆ ପକ୍ଷରୁ ଆୟୋଜିତ ହେଉଥିବା ଦ୍ୱିତୀୟ ଉଷାଦେବୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଖେଳରେ ସିଣ୍ଡୋଳ ଦଳ ବିକଳପୁରକୁ ୭ ଉଇକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ବିକଳପୁର ଦଳ ୧୫.୪ ଓଭରରେ ୪୬ ରନ କରି ଅଲଆଉଟ୍ ହୋଇଥିଲା । ଦଳର ରାମା ସାହୁ ୧୫ ରନ କରିଥିବା ବେଳେ ସିଣ୍ଡୋଳର ରାଜା ସାହୁ ୩ଟି ଉଇକେଟ ଅକ୍ତିଆର କରିଥିଲେ। ସିଣ୍ଡୋଳ ଦଳ ବିଜୟ ଲକ୍ଷ୍ୟ ୪୭ ରନକୁ ୭ଉଇକେଟ ବିନିମୟରେ ୫.୨ ଓଭରରେ ହାସଲ କରିନେଇ ବିଜୟୀ ହୋଇଥିଲା। ଆଜିର ଖେଳକୁ ଶ୍ୟାମସୁନ୍ଦର ପଣ୍ଡା ଓ ସିଦ୍ଧାର୍ଥ ପୁରୋହିତ ପରିଚାଳନା କରିଥିଲେ। ମନ୍ମଥ ପୁରୋହିତ ସ୍କୋରିଂ କରିଥିବା ବେଳେ ଅଭିଷେକ ପୁରୋହିତ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସତ୍ୟନାରାୟଣ ପଧାନଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଭାଜପା ଜିଲା ସାଧାରଣ ସମ୍ପାଦକ ଆଶ୍ରୟ ମହାନନ୍ଦ ଯୋଗଦେଇ ସିଣ୍ଡୋଳର ରାଜା ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ପ୍ରଥମ ସେମିଫାଇନାଲ ସିଣ୍ଡୋଳ ଓ ସୋନପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।



ସିଣ୍ଡୋଳର ରାଜା ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

ବାସୁଦେବପୁରରେ ବିଶ୍ୱାସ କାର୍ଯ୍ୟକ୍ରମ

## ସ୍ୱଚ୍ଛତା ବଜାୟ ରଖିବାକୁ ସଂକଳ୍ପ





ବାସୁଦେବପୁର ଗ୍ରାମରେ ବିଶ୍ୱାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ମହିଳା ।

**ଅମରପାଲି, ୯।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତର ବାସୁଦେବପୁର ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ବିଶ୍ୱାସ କାର୍ଯ୍ୟକ୍ରମର ଷଷ୍ଠ ଅଭିଯାନ ବ୍ୟକ୍ତିଗତ ଓ ଗୃହ ପରିଚ୍ଛନ୍ନତା ଦିବସ ପାଳିତ ହୋଇଯାଇଛି। ୱାର୍ଡ ସଭ୍ୟ ନୀଳଚକ୍ର ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ଆଶା କୋଅର୍ଡିନେଟର୍ ହିତେଶ ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ବୀରମହାରାଜପୁର ସ୍ୱାସ୍ଥ୍ୟ ଉପଖଣ୍ଡର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ହରିବୋଲ ଭୋଇ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିଶ୍ୱାସ କାର୍ଯ୍ୟକ୍ରମ ଉପରେ ବୁଝାଇଥିଲେ । ଗ୍ରାମର ୫୦ଟି ପରିବାରକୁ ଗୋଟିଏ ଲେଖାଏ ଝାଡୁ ବଣ୍ଟନ କରାଯାଇ ଗ୍ରାମରେ ସ୍ୱଚ୍ଛତା ବଜାୟ ରଖିବାକୁ ସଂକଳ୍ପ ନିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ନିରୂପମା ଦେହେରୀ, ଆଶାକର୍ମୀ ଓ ଭାରତ ନିର୍ମାଣ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଗାଁ ସ୍ୱାସ୍ଥ୍ୟ ମହିଳା ସଂଯୋଜକ ଅକୃର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

### ନିମ୍ବାର୍କ ଜୟନ୍ତୀ ସମୀକ୍ଷା ବୈଠକ

**ଉଲୁଣ୍ଡା, ୯।୧୨(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ହିଙ୍ଗମା ମାନସ ମଣ୍ଡପରେ ନିମ୍ବାର୍କ ଜୟନ୍ତୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିମ୍ବାର୍କ ଜୟନ୍ତୀ ପରିଚାଳନା ପରିଷଦ ସଭାପତି ଅନିରୁଦ୍ଧ ପାଢୀଙ୍କ ଆବାହକତ୍ୱ ତଥା ଅଧ୍ୟକ୍ଷତାକ୍ରମେ ଆୟୋଜିତ ଏହି ବୈଠକରେ ହିଙ୍ଗମା ଗ୍ରାମବାସୀଙ୍କ ସମେତ ନାକଡେଇଁ, ସିନ୍ଧିରିଆବାହାଲ, ଖେମାଲୋଏ, ଖୁଣ୍ଟୁଲାପାଲି, ରେଡମ, ବାଘପାଲି, ଝାରବାହାଲି ଆଦି ଗ୍ରାମବାସୀ ଯୋଗ ଦେଇଥିଲେ। ବୈଠକରେ କାର୍ଯ୍ୟକ୍ରମ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପାଢୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। କେନ୍ଦ୍ରୀୟ କମିଟି ସମ୍ପାଦକ ଲକ୍ଷବଛ ପାଣ୍ଡିଆ, ଉପଦେଷ୍ଟା ଦାମୋଦର ମିଶ୍ର ଓ ରମାକାନ୍ତ ପୁରୋହିତ, ସହସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, ଗଦାଧର ପଧାନ, ମନୋରଞ୍ଜନ ପାଢୀ, ଫକୀରମୋହନ ପୁରୋହିତ, ଚନ୍ଦନ କୁମାର ପାଢୀ, ଭିକାରୀ ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କର୍ମଶାଳା

## ଥଇଥାନ, ବିକାଶ ପାଇଁ ଚିହ୍ନଟୀକରଣ ଜରୁରୀ

**ସୋନପୁର, ୯।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୁଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିବା ସହିତ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଥଇଥାନ ତଥା ବିକାଶ ପାଇଁ ଚିହ୍ନଟୀକରଣର ବିଶେଷ ଆବଶ୍ୟକତା ରହିଛି ବୋଲି କହିଥିଲେ। ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଜିଲାସ୍ତରୀୟ କାର୍ଯ୍ୟଖସଡା ପ୍ରସ୍ତୁତ ତଥା ବ୍ଲକସ୍ତରରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରର ଆବଶ୍ୟକତା ରହିଛି। ଏ ଦିଗରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ସମ୍ମାନିତ ଅତିଥ ଡାକ୍ତର ଭି.ବସନ୍ତ. ଭଟ୍ଟ, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ପୁଷ୍ପାଞ୍ଜଳି ମହାପାତ୍ର ମାନସିକ ଅସୁସ୍ଥତାର ସଅଳ ଚିହ୍ନଟୀକରଣ ହୋଇପାରିଲେ ସେମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ଅଣା ଯାଇ ପାରିବ ବୋଲି ମତପ୍ରକାଶ କରିଥିଲେ। ସାଧନକର୍ମୀ ଭାବେ ଯୋଗଦେଇ ଡାକ୍ତର ତ୍ରିବିକ୍ରମ ପାଣ୍ଡିଆ ମାନସିକ ଅସୁସ୍ଥତାର ଲକ୍ଷଣ, ପ୍ରକାର ଭେଦ, ଚିକିତ୍ସା ପ୍ରକ୍ରିୟା ତଥା ସାମାଜିକ ସହଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଜିତେନ୍ଦ୍ରୀୟ ପୂଜାହାରୀ, ଜିଲା ମୁଖ୍ୟ କାର୍ଯ୍ୟାଳୟର ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାରୀ ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କ ପାଇଁ ରହିଥିବା ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ରେଆରର ସାଧାରଣ ସମ୍ପାଦକ ଆଶୁତୋଷ ହୋତା ମାନସିକ ସ୍ୱାସ୍ଥ୍ୟସେବା ଆଇନ ୨୦୧୭ରେ ଥିବା ଅଧିକାର ଓ ଦଣ୍ଡବିଧାନ ସମ୍ପର୍କରେ ଉପସ୍ଥାପନ କରିଥିଲେ।

## ପ୍ରତିଭା ଅନ୍ୱେଷଣ ପାଇଁ ନାନାବିଧ ପ୍ରତିଯୋଗିତା

**ବୀରମହାରାଜପୁର, ୯।୧୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତରେ ବିଜୁ ଯୁବ ବାହିନୀ ତରଫରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମରେ କୁନି ଛାତ୍ରୀଛାତ୍ରମାନଙ୍କର ପ୍ରତିଭା ଅନ୍ୱେଷଣ ପାଇଁ ନାଚ, ଗୀତ, ଚିତ୍ରାଙ୍କନ, ଦଳଗତ ନୃତ୍ୟ, ପାରମ୍ପରିକ ଲୋକକଳା ଓ ହାସ୍ୟ ଅଭିନୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ୭୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତି ବିଭାଗର ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ମାନୀତ କରାଯାଇଥିଲା। ପୀତବାସ ଶତପଥୀ ଓ ଦଶରଥ ମେହେର ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତା ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଯୁବ ବାହିନୀ ସଭାପତି ଆଲୋକ କୁମାର ଦେହୁରୀ ପୌରୋହିତ୍ୟ କରିଥିଲେ। ସରପଞ୍ଚ ବ୍ୟୋମକେଶ ପଣ୍ଡା ମୁଖ୍ୟଅତିଥି ଏବଂ ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ କୁମାର ରଥ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନୀତ କରିଥିଲେ। ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଲକ୍ଷ୍ମୀନାରାୟଣ ସାହୁ। ଯୁବ ବାହିନୀ ସମ୍ପାଦକ ଚିତ୍ତରଞ୍ଜନ ଦାଶ ବିବରଣୀ ପ୍ରଦାନ କରିବା ସହ ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ନିରୋଜ ପାଣ୍ଡେ ଓ ଦେବଦତ୍ତ ରଥଙ୍କ ସମେତ ବିଜୁ ବାହିନୀର ସଦସ୍ୟଗଣ ଏଥିରେ ସହଯୋଗ କରିଥିଲେ ।

ମୁର୍ଷୁଣ୍ଡୀ ଓ ଲୁତୁରପଙ୍କରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

## ଦକ୍ଷତା ଦେଖାଇଲେ ପ୍ରତିଯୋଗୀ

**ଅମରପାଲି, ୯।୧୨(ଡି.ଏନ.ଏ.)**



ମୁର୍ଷୁଣ୍ଡୀରେ ଅନୁଷ୍ଠିତ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମରେ ଅତିଥିମାନେ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ଓ ଲୁତୁରପଙ୍କ ଗ୍ରାମ ପଞ୍ଚାୟତରେ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁର୍ଷୁଣ୍ଡୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉକ୍ତ ପଞ୍ଚାୟତର ବିଜୁ ଯୁବ ବାହିନୀ ସଭାପତି ପ୍ରିତିରଞ୍ଜନ ପଣ୍ଡା ଅଧକ୍ଷିତା କରିଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଡା. ଶିବାନନ୍ଦ ଚାଉଳିଆ, ସରପଞ୍ଚ ରୀନା ପୁଟା, ସ୍ଥାନୀୟ ସମିତି ସଭ୍ୟ ଚିତ୍ତରଞ୍ଜନ ସାହୁ, ବହଲପଦର ପଞ୍ଚାୟତର ସମିତି ସଭ୍ୟ ପୀତାମ୍ବର ସାହୁ, ସ୍ଥାନୀୟ ପଞ୍ଚାତୟର କାର୍ଯ୍ୟନିର୍ବାହୀ ଅଧିକାରୀ ସିତାରାମ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଏହି କାର୍ଯ୍ୟକ୍ରମର ପ୍ରଶଂସା କରିଥିବା ବେଳେ ଯୁବତୀଯୁବକମାନେ ଏହା ମାଧ୍ୟମରେ ନିଜ ନିଜର ଅନ୍ତର୍ନିହିତ ଦକ୍ଷତାର ପ୍ରତିପାଦନ କରନ୍ତୁ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଅଭିନୟ, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ ଓ ମ୍ୟାଜିକ ଭଳି ପ୍ରତିଯୋଗୀତା କରାଯାଇଥିଲା। ସଂଗୀତରେ ସୁଶାନ୍ତ କୁମାର ପାତ୍ର ପ୍ରଥମ, ରୋଜାଲିନ ଭୋଇ ଦ୍ୱିତୀୟ ଓ ଲବଣୀ କୁରକୁରିଆ ତୃତୀୟ ହୋଇଥିଲେ । ସେହିପରି ନୃତ୍ୟରେ ପଦ୍ମଲୋଚନ ସାହୁ ପ୍ରଥମ, ଶିନିବାସ ବାଘ ଦ୍ୱିତୀୟ ଓ ଗଜାନନ ଖୁର୍ଡିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଭିନୟରେ ମନୋଜ ଲବରିଆ, ପିତବାସ ପଧାନ ଓ ଜୟରାମ ଡାଙ୍ଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଚିତ୍ରାଙ୍କନରେ ଗୌରିଶଙ୍କର ପୁରୋହିତ, ଅକୃର ନାଏକ ଓ ଜିତୁ ଖେତୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି ମ୍ୟାଜିକରେ ଶରତ ପଧାନ ଓ ଶତ୍ରୁଘନ ବାଘ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ହୃଷିକେଶ ଦାସ ଓ ପ୍ରଶାନ୍ତ ପଣ୍ଡା ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ବିଜୁ ଯୁବ ବାହିନୀର ସମ୍ପାଦକ ସତ୍ୟବ୍ରତ ଦ୍ୱାରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୋଷାଧକ୍ଷ ପ୍ରଭାସ ବାଘ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଲୁତୁରପଙ୍କରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ ମୁଖ୍ୟଅତିଥି ଏବଂ ବହଲପଦର ସମିତି ସଭ୍ୟ ପିତାମ୍ବର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶୋଭାଚନ୍ଦ୍ର ପ୍ରଧାନ, ଶିକ୍ଷକ ମନରଞ୍ଜନ ଦେଓ, ବରିଷ୍ଠ କଳାକାର ହାଡିବନ୍ଧୁ ପ୍ରଧାନ ଓ ଶିକ୍ଷୟତ୍ରୀ ମୋନାଲିସା ନନ୍ଦ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଭୟ କାର୍ଯ୍ୟକ୍ରମରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରଇଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୦ ଡିସେମ୍ବର, ୨୦୧୮



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଜେନିଥ୍ ଲାୟନ୍ସ ଗୁରୁକୁଳର ବାର୍ଷିକ କ୍ରୀଡ଼ା

**ପଦ୍ମପୁର, ୯।୧୨ (ଡି.ଏନ.ଏ):** ରାଜବୋଡାସମ୍ବର ହାଇସ୍କୁଲ ପଡିଆରେ ଜେନିଥ୍ ଲାୟନ୍ସ ଗୁରୁକୂଳର ବାର୍ଷିକ କ୍ରୀଡା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଶନିବାର ସକାଳେ ଏହି କ୍ରୀଡା ଉତ୍ସବକୁ ଶିକ୍ଷାନୁଷ୍ଠାନର ଅଧକ୍ଷ ବି. ଶଙ୍କରଙ୍କ ତତ୍ତ୍ୱାବଧାନରେ ସଭାପତି ପ୍ରତାପ ମିଶ୍ର, ଉପସଭାପତି ସୁଶାନ୍ତ ରଥ, ସମ୍ପାଦକ ପବନ ଅଗ୍ରୱାଲ ଏବଂ ଏମଡି ଜାଭେଦ ଓ ଜେନିଥ୍ କଲେଜର ଅଧକ୍ଷ ଡ. ଅଚ୍ୟୁତାନନ୍ଦ ଦାଶ ଦୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ । ଏଥିରେ ମୋଟ ୮୬୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲ୍ଲୁ ମୁଖ୍ୟଅତିଥି, ଡ. ଇମନ୍ନା ମୂର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରାହ୍ନରେ ବାର୍ଷିକ କ୍ରୀଡାକୁ ଉଦ୍‌ଯାପିତ କରାଯାଇଥିଲା। ଖେଳ ଶିକ୍ଷକ ସଚ୍ଚିଦାନନ୍ଦ ବହିଦାର, କ୍ଷୀରୋଦ୍ର ଦାଶ, ନରେଶ ବାରିକ, ଧରମ ବେହେରା, କେଶବ ପ୍ରଧାନ, ଜ୍ଞାନଚାନ୍ଦ ଲୋହାର, ସୁକୁମାରୀ ତାଣ୍ଡି, ଅଶୋକ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

### ସୁବର୍ଣ୍ଣ ଜୟନ୍ତୀ ବୈଠକ

**ପଦ୍ମପୁର, ୯।୧୨ (ଡି.ଏନ.ଏ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଗଠିତ ଏକ କମିଟିରେ ଡ. ମାନଭଞ୍ଜନ ପ୍ରଧାନ, ଜୟନାରାୟଣ ତ୍ରିପାଠୀ, ବିଜୟ ରଞ୍ଜନ ସିଂ ବରିହା, ଶିବରାମ ଦୈକାର, ପ୍ରୀତେଶ ବହିଦାର, ଅଧକ୍ଷ ଲଳିତେନ୍ଦୁ ନାୟକ, ନେହେରୁ ତ୍ରିପାଠୀ, ସଦାନନ୍ଦ ପୁରୋହିତ, ସଞ୍ଜୟ ବହିଦାର ପ୍ରମୁଖ ସଦସ୍ୟ ରହିଛନ୍ତି । ଏହି ବୈଠକରେ କଲେଜର ସର୍ବ ପୁରାତନ ଛାତ୍ର ହରିହର ଶତପଥି, ନିରଞ୍ଜନ ବହିଦାର, ନନ୍ଦଲାଲ ମାଝୀ, ମାନଭଞ୍ଜନ ପ୍ରଧାନ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ ।

### ରୌପ୍ୟ ଜୟନ୍ତୀ ଶୁଭସ୍ତମ୍ଭ ସ୍ଥାପିତ

**ବିଜେପୁର, ୯।୧୨ (ଡି.ଏନ.ଏ):** ବିଜେପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ ପାଇଁ ଶନିବାର ଶୁଭସ୍ତମ୍ଭ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରାମଜୀ ମନ୍ଦିରରୁ ଏକ ଭବ୍ୟ ଶୋଭାଯାତ୍ରାରେ ମନ୍ଦିରର ଧ୍ୱଜାକୁ ଶିଶୁ ବିଦ୍ୟାମନ୍ଦିରକୁ ଅଣାଯାଇଥିଲା। ରୀତିନୀତି ସହକାରେ ପୂଜାର୍ଚ୍ଚନା କରି ଶୁଭସ୍ତମ୍ଭ ସ୍ଥାପିତ ହୋଇଥିଲା । ପରିଚାଳନା କମିଟି ସଭାପତି ସନତ କୁମାର ଗଡତିଆ କର୍ତ୍ତା ଓ କିଶୋର ଚନ୍ଦ୍ର ପୁରୋହିତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଉପସଭାପତି ଜାନକୀ ମହାପାତ୍ର, ସମ୍ପାଦକ ତାପସ କୁମାର ଗଡତିଆ, ଯୁଗ୍ମ ସମ୍ପାଦକ ପାଣ୍ଡବ ପଧାନ, ପ୍ରଧାନଆଚାର୍ଯ୍ୟ ପ୍ରଦୀପ ସାହୁ, କବିତା ସାହୁ, ସଦାନନ୍ଦ ପଧାନ ପ୍ରମୁଖ ଗୁରୁମା ଗୁରୁଜୀ ଉପସ୍ଥିତ ଥିଲେ । ଆସନ୍ତା ୨୨ ଓ ୨୩ ତାରିଖ ଦୁଇ ଦିନ ଧରି ଶିଶୁ ବିଦ୍ୟାମନ୍ଦିରର ରୌପ୍ୟଜୟନ୍ତୀ ପାଳିତ ହେବ ବୋଲି ବିଦ୍ୟା ମନ୍ଦିର ପରିଚାଳନା କମିଟି ସୂତ୍ରରୁ ଜଣାପଡିଛି ।

### ଶିବିରରେ ୧୪୬ ଜଣଙ୍କ ଚକ୍ଷୁ ପରୀକ୍ଷା

**ବରଗଡ଼ ଅଫିସ୍,୯।୧୨:** ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଘେଁସସ୍ଥିତ ସହୀଦ କୁଞ୍ଜଳ ସିଂ କ୍ଲବ ଏବଂ ସମ୍ବଲପୁରସ୍ଥିତ ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ରବିବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ତ୍ରିଲୋଚନ ନେତ୍ରାଳୟର ଚକ୍ଷୁ ଚିକିତ୍ସକ ଡା. ନିକିତା ରାଜ ଏବଂ ଅନ୍ୟମାନେ ଚକ୍ଷୁ ପରୀକ୍ଷା ତଥା ଚିକିତ୍ସା କରିଥିଲେ । ଶିବିରରେ ଘେଁସ ଅଞ୍ଚଳର ୧୪୬ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୩ଜଣଙ୍କୁ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁରସ୍ଥିତ ଚିକିତ୍ସାଳୟକୁ ପଠାଯାଇଥିଲା। ଶିବିରରେ ଗ୍ରାମର ସୁଦାମ ବାରିକ, ମୁରଲୀଧର ଭୋଇ, ଡୋଲାମଣି ପଟେଲ, ସୁଶୀଲ ବାରିକ, ସଞ୍ଜୀବ ସାହୁ, ହୀରା ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## ନାବାଳିକା ଅପହରଣ ଓ ହତ୍ୟା ଘଟଣାର ପର୍ଦ୍ଦାଫାଶ

# ବିବାହ ପାଇଁ ଜିଦ୍ କରିବାରୁ ତଣ୍ଟି ଚିପିଦେଲେ

**ଭେଡେନ ଥାନା**

- ପ୍ରେମିକଙ୍କ ସମେତ ୨ଗିରଫ
- ନିଖୋଜର ୪ଦିନ ପରେ ପାହାଡରୁ ମିଳିଥିଲା ମୃତଦେହ
- ବାଇକରେ ଘରୁ ନେଇଯାଇଥିଲେ ଅଭିଯୁକ୍ତ

**ବରଗଡ଼ ଅଫିସ,୯।୧୨**

ବରଗଡ଼ ଜିଲା ଭେଡ଼େନ ଥାନା ଅଞ୍ଚଳରେ ଜଣେ ନାବାଳିକା(୧୬)ଙ୍କୁ ଅପହରଣ ଓ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ବିବାହ ପାଇଁ ଜିଦ କରିବାରୁ ନାବାଳିକାଙ୍କ ତଣ୍ଟି ଚିପି ପ୍ରେମିକ ହତ୍ୟା କରିବା ପରେ ମୃତଦେହକୁ ବିନ୍ଧ୍ୟବାସିନୀ ପାହାଡ଼ ଉପରେ ପକାଇଦେଇଥିଲେ। ଏହି ଘଟଣାରେ ପୋଲିସ ପ୍ରେମିକ ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଥୁଆପାଲି ଗ୍ରାମର କୈଳାସ ଚନ୍ଦ୍ର ବାରିକ(୧୮) ଏବଂ ରମେଶ ଓରଫ ଛୋଟୁ ସାହାଣୀ(୨୬)। ସେମାନଙ୍କ ପାଖରୁ ଏହି ଘଟଣାରେ ବ୍ୟବହୃତ ଏକ ବାଇକ୍ (ନଂ.ଓଡ଼ି୧୭ଜି ୩୪୩୭) ଜବତ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୨୪୫/୧୮) ରୁଜୁ କରି ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।

ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁରେଶ କୁମାର ନାଏକ ସୂଚନା ଦେଇ କହିଛନ୍ତି ଯେ, ଗତ ୩ତାରିଖ ବିଳମ୍ବିତ ରାତ୍ରିରେ ଭେଡ଼େନ ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଥିଲେ। ନିଖୋଜର ୪ଦିନ ପରେ ସମ୍ପୃକ୍ତ ନାବାଳିକାଙ୍କ ମୃତଦେହ ନିକଟସ୍ଥ ବିନ୍ଧ୍ୟବାସିନୀ ପାହାଡ଼ରେ ପଡ଼ିଥିବା ନେଇ ୭ତାରିଖ ରାତିରେ ପରିବାର ଲୋକେ ଖବର ପାଇଥିଲେ। ସେଠାରେ ମୃତଦେହ ଚିହ୍ନଟ ପରେ ମୃତାଙ୍କ ମା' ଥାନାରେ ଏତଲା ଦେଇଥିଲେ। ଏତଲାରେ ମୁଖ୍ୟ ଅଭିଯୁକ୍ତ କୈଳାସ ତାଙ୍କ ଝିଅଙ୍କୁ ଅପହରଣ କରି ନେଇ ହତ୍ୟା କରିଥିବା ସେ ଉଲ୍ଲେଖ କରିଥିଲେ। ଏହାକୁ ଆଧାର କରି ପୋଲିସ କୈଳାସଙ୍କୁ ଥାନାକୁ ଆଣି ପଚରାଉଚୁରା କରିବାବେଳେ ସେ ହତ୍ୟାକାଣ୍ଡ ଭିଆଇଥିବା ସ୍ୱୀକାର କରିଥିଲେ ।

ଏସ୍‌ଡିପିଓ ନାଏକ ଆହୁରି କହିଛନ୍ତି ଯେ, କୈଳାସ ଏବଂ ଉକ୍ତ ନାବାଳିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଗତ ୩ତାରିଖ ରାତିରେ କୈଳାସ ତାଙ୍କର ଜଣେ ସାଙ୍ଗ ତଥା ଅନ୍ୟତମ ଗିରଫ ଅଭିଯୁକ୍ତ ରମେଶଙ୍କ ସହିତ ନାବାଳିକାଙ୍କ ଗାଁରେ ବାଇକ୍ ଯୋଗେ ପହଞ୍ଚିଥିଲେ। ସେଠାରୁ ସେମାନେ ଉକ୍ତ ନାବାଳିକାଙ୍କୁ କୌଣସିମତେ ମନାଇ ବାଇକ୍‌ରେ ବିନ୍ଧ୍ୟବାସିନୀ ପାହାଡ଼ ପାଖକୁ ଆଣିଥିଲେ। ରମେଶ ନାବାଳିକା ଏବଂ କୈଳାସଙ୍କୁ ସେଠାରେ ଛାଡି ଘରକୁ ଫେରିଥିଲେ। ପରେ କୈଳାସ ଓ ନାବାଳିକା ଜଣକ ପାହାଡ଼ ଉପରକୁ ଯାଇ ରାତ୍ରିଯାପନ କରିଥିଲେ। ଭୋର୍ ସମୟରେ କୈଳାସ ନାବାଳିକାଙ୍କ ଓଢ଼ଣିକୁ ତାଙ୍କ ବେକରେ ଗୁଡ଼ାଇ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ଘରକୁ ଫେରି ଆସିଥିଲେ। ବିବାହ ପାଇଁ ଜିଦ୍ ଧରିବାରୁ କୈଳାସ ତାଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିବା ଏସଡିପିଓ ନାଏକ କହିଥିଲେ। ଖବରଦାତା ସମ୍ମିଳନୀରେ ଭେଡ଼େନ ଥାନା ଆଇଆଇସି ତାରାଜସ୍ମିନ ଗୁଡ଼ିଆ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଏହି ଘଟଣାରେ ରୁଷୁଡା ଫାଣ୍ଡି ଅଧିକାରୀ ପ୍ରକାଶ ପାତ୍ର ଅବହେଳା କରିଥିବା ନେଇ ଅଭିଯୋଗ ହେବା ପରେ ତାଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ଥାନରେ ଏଏସଆଇ ଗଣେଶ ପ୍ରସାଦ କଲେତଙ୍କୁ ଅବସ୍ଥାପିତ କରାଯାଇଛି ବୋଲି ଏସଡିପିଓ ନାଏକ କହିଛନ୍ତି । ତେବେ ପାତ୍ରଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ଭେଡ଼େନ ଥାନା ଆଇଆଇସି ଗୁଡ଼ିଆ ତଦନ୍ତ କରୁଛନ୍ତି ଏବଂ ତଦନ୍ତ ରିପୋର୍ଟ ଆସିବା ପରେ ଏସ୍‌ପି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସେ କହିଥିଲେ ।

## କ୍ରିକେଟ: ଲାଉମୁଣ୍ଡା ଚାମ୍ପିୟନ

**ବିଜେପୁର, ୯।୧୨ (ଡି.ଏନ.ଏ)**

ବିଜେପୁର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଛି । ପଞ୍ଚାୟତ ସ୍ତରରେ ଖେଳାଳି ଚୟନ କରି ବିଜେପୁର ଓ ଲାଉମୁଣ୍ଡା ଜୋନ ଦୁଇଟି ଦଳରେ ବିଭକ୍ତ କରାଯାଇଥିଲା । ବିଜେପୁର ଜୋନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ବିନିମୟରେ ୨୦୫ ରନ ସଂଗ୍ରହ କରିଥିଲା । ଜବାବରେ ପ୍ରତିପକ୍ଷ ଲାଉମୁଣ୍ଡା ଜୋନ ୧୪ ଓଭରରେ ୨୦୬ ରନ କରି ଚାମ୍ପିୟାନ ଘୋଷିତ ହୋଇଥିଲା । ବିବେକ ପାଣିଗ୍ରାହୀ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଉଭୟ ଦଳରୁ ମୋଟ ୧୫ ଜଣ ଖେଳାଳିଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା । କ୍ରୀଡାଶିକ୍ଷକ ବିଶ୍ୱମ୍ଭର ପ୍ରଧାନ, ଭବାନୀଶଙ୍କର ସାହୁ, ରୋହିତ ଭୋଇ ପ୍ରମୁଖ ବିଚାରକ ଥିଲେ । ଶତ୍ରୁଘ୍ନ ସାହୁ ଓ ଅଶୋକ ବୁଡେକ ଖେଳ ପରିଚାଳନା କରିଥିଲେ । କ୍ରୀଡାଶିକ୍ଷକ ସୁବ୍ରତ ବାରିକ ଧାରା ବିବରଣୀ ପ୍ରଦାନ କରିଥିଲେ। ବିଡିଓ ପଦ୍ମନାଭ ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ବିଜେଡି ଉପସଭାପତି ଜାନର୍ଦ୍ଦନ ପାଣିଗ୍ରାହୀ, ଏମ୍‌ପି ପ୍ରତିନିଧି ବଳଭଦ୍ର ପଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

## ଜାବ୍‌ର ସାଧାରଣ ବୈଠକ

**ସରଣ୍ଡା,୯।୧୨(ଡ଼ି.ଏନ୍.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପଠାରେ ରବିବାର ବରଗଡ଼ ଜିଲା ସାମ୍ବାଦିକ ସଂଘ(ଜାବ୍)ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ରବିନାରାୟଣ ପଣ୍ଡାଙ୍କ ଅଧକ୍ଷତାରେ ଜାବ୍‌ର ଅତାବିରା ଶାଖା ପକ୍ଷରୁ ଆୟୋଜିତ ଏହି ବୈଠକରେ ପଶ୍ଚିମ ଓଡ଼ିଶାର ସ୍ୱାର୍ଥକୁ ସମର୍ଥନ ଦେବାକୁ ଘୋଷଣା କରାଯାଇଛି। ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ବେଞ୍ଚ ସ୍ଥାପନା ଚାଲିଥିବା ଆନ୍ଦୋଳନକୁ ସଂଘ ସମର୍ଥନ କରିବ, ବରଗଡ଼ ଜିଲାରେ କ୍ୟାନ୍‌ସର ହସ୍‌ପିଟାଲ ପାଇଁ ଆନ୍ଦୋଳନ ଏବଂ କୋଶଳ ଆନ୍ଦୋଳନକୁ ସଂଘ ନୈତିକ ସମର୍ଥନ କରିବ ବୋଲି କୁହାଯାଇଛି। ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା । ଶେଷରେ ସମ୍ପାଦକ ଜ୍ୟୋତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପଣ୍ଡରା ସମାଜର ବନ୍ଧୁମିଳନ

**ପାଇକମାଲ, ୯।୧୨ (ଡି.ଏନ.ଏ)**

ବରଗଡ ଜିଲା ପଣ୍ଡରା କ୍ଷତ୍ରିୟ ସମାଜର ଏକ ବନ୍ଧୁମିଳନ ଉତ୍ସବ ନୃସିଂହନାଥ ମାର୍ଜାରକେଶରୀ ମଣ୍ଡପରେ ରବିବାର ସମାଜ ସଭାପତି ପ୍ରହ୍ଲାଦ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ ସୁବାଷ ଚୌହାନ ମୁଖ୍ୟଅତିଥି, ଦିନବନ୍ଧୁ ବିଶି, ପିତବାସ ବଡଗୋଛିଆ, ଗୋବିନ୍ଦ ସାହା ଓ ଲଳିତ ମହାମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସାଗର ଚୌହାନ ମଞ୍ଚ ପରିଚାଳନା କରିଥିବା ବେଳେ ଟଙ୍କଧର ସାହା, ଗୋବିନ୍ଦ ବଡଗୋଛିଆ, କୈଳାଶ ବିଶ୍ରୀ, ଲମ୍ବୋଦର ବଡଗୋଛିଆ, ସୌକି ସାହା, କୃଷ୍ଣ ଦିଶ୍ରୀ, ପିତାମ୍ବର ବଡଗୋଛିଆ ସହଯୋଗ କରିଥିଲେ ।

## ହକ୍ ପାଇଁ ଲଢ଼େଇ ପ୍ରସ୍ତୁତି

**ପଦ୍ମପୁର, ୯।୧୨ (ଡି.ଏନ.ଏ)**

ପଦ୍ମପୁର ଭାଜପା ଯୁବମୋର୍ଚ୍ଚା ତରଫରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ବରଗଡ ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରିତେଶ କୁମାର ବହିଦାର ଯୋଗଦେଇଥିଲେ । ଏହାସହ ଆସନ୍ତା ୧୦ ତାରିଖରେ ଦୁର୍ନୀତି ବିରୋଧରେ ସ୍ଥାନୀୟ ଏମଆଇପି ଅଫିସ ଘେରାଉ କରିବା ପାଇଁ ସ୍ଥିର କରାଯାଇଥିଲା । ଉକ୍ତ ସଭାରେ କୁନାଲ ପାଣିଗ୍ରାହୀ, ନରେଶ ସୁନ୍ଦର ସାହୁ, ସେବକ ମେହେର, ସୁରେଶ ସାହୁ, ନବକିଶୋର ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।


# ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି

## ଚାଷୀଭାଇମାନଙ୍କ ଧାନ ବିକ୍ରୟ ସମ୍ବନ୍ଧେ ବିଶେଷ ସୂଚନା

ଏତଦ୍ୱାରା ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ଇଲାକାଧୀନ ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ବର୍ଷ ୨୦୧୮-୧୯ ବର୍ଷ ପାଇଁ ଆସନ୍ତା ତା୦୭।୧୨।୨୦୧୮ରିଖଠାରୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ନିମ୍ନଲିଖିତ ସେବା ସମବାୟ ସମିତି ଜରିଆରେ ଧାନକ୍ରୟ କରାଯାଉଅଛି। ଏଣୁ ଚାଷୀ ଭାଇ/ଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ଶୁଖାଇ ଓ ସଫାକରି F.A.Q.ମାନକୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବାକୁ ଅନୁରୋଧ।

**'ଶୁଖିଲା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣନ୍ତୁ ଏବଂ ସରକାରୀ ଧାର୍ଯ୍ୟ ଉଚିତ ସହାୟକ ମୂଲ୍ୟ ପାଆନ୍ତୁ'।**

| କ୍ର.ନଂ. | ବ୍ଲକ୍‌ର ନାମ | ଧାନକ୍ରୟ କେନ୍ଦ୍ରର ନାମ |
|---|---|---|
| ୧. | ଜଗତସିଂହପୁର | ସାଁପୁର, ପୁରୋହିତପୁର, ଶାଳଜଙ୍ଗା, ମଣ୍ଡାସାହି, ସଭାମୂଳ, ଓଡ଼ିଶୋ, କଣ୍ଟାବଲ୍ଲଭପୁର, ତରଡ଼ାପଡ଼ା, କାଦୁଅପଡ଼ା, ପଳାଶୋଳ, ସିଙ୍ଗାରପୁର, ଆଳିପିଙ୍ଗଳ, କଣ୍ଟିଲୋ, ମୁଦୁପୁର, ମାର୍କଣ୍ଡପୁର, ବିଶିପିଡ଼ଳ |
| ୨. | ବିରିଡ଼ି | ଅଢ଼ଙ୍ଗଗଡ଼, ପୂରଣ, ଗୋପୀନାଥପୁର, ଉତ୍ତର ଶାସନ, ମଙ୍ଗୁଳି, ଅଲାଣ୍ଡୋ |
| ୩. | ନାଉଗାଁ | ଡେରିକି, ତିରୁଣା, ଶିଖର, ଗଜରାଜପୁର, ନାଉଗାଁ (ଉପକେନ୍ଦ୍ର ଦାଣ୍ଡୁଆ), ଅଲଣା |
| ୪. | ରଘୁନାଥପୁର | ରାଢ଼ଙ୍ଗ, ଜିରା, ରେଢୁଆ, ତାରପୁର, ତରିକୁନ୍ଦ, ଛପଡ଼ା, ଗୁଆଳିପୁର, ପୁରୁଣାବସନ୍ତ, ଜଗନ୍ନାଥପୁର |
| ୫. | ବାଲିକୁଦା | ଇଚ୍ଛାପୁର, ସଂଗ୍ରାମପୁର, କାଳିଓ, ମାଛଗାଁ, ଅପଣ୍ଡରା, ଅନନ୍ତପୁର, ନହରଣା, ଶୋଭା, ରାହାଣ, ବୋରିକିନା, କାଞ୍ଚିଆକଣ, ଅଳାଭର, ନାଗପୁର, ଅଳାବୋଳ, ତଣ୍ଡିକୂଳ, ମୁଳୁଗାଁ, କୃଷ୍ଣଦାସପୁର, ଦୁଆ, ବରମୁଣ୍ଡଳି, ବାହାରଣା, ଆମ୍ବଶାଳ |
| ୬. | ତିର୍ତ୍ତୋଲ | ବୋଧେଇ, କଟରା, ତରଜଙ୍ଗା, ତୁଳଙ୍ଗ, ଗରାମ, କୃଷ୍ଣାନନ୍ଦପୁର, କନକପୁର, ଜଗନ୍ନାଥପୁର, କୋଲର, ସାମନ୍ତରାପୁର, ପଟିଲୋ, ଗୋବିନ୍ଦପୁର, ବିରିତୋଳ, ତିର୍ତ୍ତୋଲ, ଦାଇଁଲୋ |

| ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ସରକାରୀ ଧାର୍ଯ୍ୟ ଦର) | |
|---|---|
| ସାଧାରଣ ମାନ | ଟ.୧,୭୫୦.୦୦ (କ୍ୱିଣ୍ଟାଲ ପ୍ରତି) |
| ଗ୍ରେଡ୍-'ଏ' ଧାନ | ଟ.୧,୭୭୦.୦୦ (କ୍ୱିଣ୍ଟାଲ ପ୍ରତି) |

ସର୍ବଶେଷରେ ଚାଷୀ ଭାଇ/ଭଉଣୀମାନେ ଧାନମଣ୍ଡିରେ ଶୃଙ୍ଖଳାର ସହିତ ଧାନକ୍ରୟରେ ଜିଲ୍ଲା ପ୍ରଶାସନ ସହିତ ସହଯୋଗ କରିବାକୁ ଅନୁରୋଧ।

ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର
ଜିଲ୍ଲା ପ୍ରଶାସନ, ଜଗତସିଂହପୁର



919-A

**GOVT. OF ODISHA**
**OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR**

**'e' Procurement Notice No.CELMB 64 OF 2018-19**

1. Name of the work : Raising & strengthening to saline embankment from Ambiki to Kankan from RD 2.00 Km to RD 8.00 Km under NABARD Assistance RIDF-XXII.
2. Tender Cost : Rs. 11,58,50,265.00
3. Bid Document Cost : Rs.10, 000.00 (online)
4. Bid Security : Rs.11,58,600.00 (online)
5. Class of Contractor : Special Class & Super Class
6. Period of Completion : 18 calendar months (548 Days)
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB MSD 05 OF 2018-19 | 12.12.2018 10.00hrs | 27.12.2018 17.00hrs | 28.12.2018 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website www.tendersorissa.gov.in

32252/11/0075/1819 *Sd./- Chief Engineer FC & Basin Manager, Lower Mahanadi Basin*



**GOVERNMENT OF ODISHA,**
**OFFICE OF THE EXECUTIVE ENGINEER, RURAL WORKS DIVISION-II, MALKANGIRI**
e-mail: ruralworksdivisioniimalkangiri@yahoo.co.in

**NATIONAL COMPETITIVE BIDDING THROUGH e-Procurement**

Identification No. Online 07/RWD-II, MKG/2018-19

1088-O

1. Name of the work : Building & Road works (Detailed in Annexure)
2. Total Number of Works : 05 (Five) numbers.
3. Tender Cost : From Rs.5.19 lakhs to Rs.22.10 lakhs
4. Class of Contractor : 'D' ,'C' and "B" Class contractors
5. Period of Completion : 2 and 4 Months (Detailed in Annexure)
6. Other Details :

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Malkangiri | Online Tender /07 / RWD-II, MKG/ 2018-19 | 05 (Five) Nos. of Building & Road works | 12.12.2018 from 11.00AM | 27.12.2018 upto 5.00PM | 26.12.2018 upto 5.00PM | 29.12.2018 at 11.00AM |

Further details can be seen from the Website www.tenderorissa.gov.in

25079/11/0007/1819 *Executive Engineer, R.W. Division-II, Malkangiri*



**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com, Tel/FAX:- 0680-2404287

1136-O

**NATIONAL COMPETITIVE BIDDING THROUGH e-Procurement**

Bid Identification No. Online Tender /26-2018-19/BPR

| Identification No. | Name of work | No. of Works | Approx. Estimated Cost (in lakh) | Class of Contractor | Period of Completion |
|---|---|---|---|---|---|
| Online Tender / 26-2018-19/ BPR | Road Works under Periodical Maintenance | 13 Nos. | From Rs. 98.80 lakhs to Rs. 251.40 Lakhs | "B" or "A" Class as applicable | 03 (Three) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/ 26-2018-19/BPR | 12.12.2018 at 10.00AM | 26.12.2018 upto 3.00PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website:- www.tendersodisha.gov.in

25071/11/0041/1819 *Sd./- Superintending Engineer, R.W. Circle, Berhampur*



**GOVERNMENT OF ODISHA "e" PROCUREMENT NOTICE**

1111-O

Bid Identification No 22 of 2018 - 19

1. Name of the Work :- Execution of different civil works in the district of Kandhamal. (Refer DTCN available in the website:- tendersorissa.gov.in)
2. Total No. of work :- 04 Nos.
3. Estimated Cost :- Rs. 39.90 lakh to 49.80 lakh
4. Eligible Class of Contractor :- "C & B" and " B & A" Contractor
5. Period of Completion :- 06 months (Refer DTCN available in the website tendersorissa.gov.in)
6. Other Details :-

| Procurement Officer | Bid Identification No. | Availability of tender online for bidding | | Date and time for opening of Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 22 of 2018-19 | Dt. 12.12.2018 At 10.00 Hrs | Dt. 26.12.2018 Upto 17.00 Hrs | Dt.27.12.2018 at 11.00AM |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.

25006/11/0026/1819 *Executive Engineer, RWS&S Division, Phulbani*

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୦ ଡିସେମ୍ବର, ୨୦୧୮



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।

- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### କୋଶଲ ମହାବନ୍ଦ ପାଇଁ ପ୍ରସ୍ତୁତି ବୈଠକ

**ଲାଠୋର,୯।୧୨(ଡି.ଏନ.ଏ.) :** ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ବିଶ୍ୱକର୍ମା ମଣ୍ଡପ ପ୍ରାଙ୍ଗଣରେ ରବିବାର ସନ୍ଧ୍ୟାରେ କୋଶଳ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଠୋର ପଞ୍ଚାୟତ ସଭାପତି କଶୀନାଥ ମେହେରଙ୍କ ଅଧକ୍ଷତାରେ ଆସନ୍ତା ୧୭ତାରିଖି କୋଶଲ ମହାବନ୍ଦ ପାଇଁ ହୋଇଥିଲା ଏହି ବୈଠକ। ଏଥିରେ ଗ୍ରାମବାସୀଙ୍କ ସହ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତଥିଲେ। ଆସନ୍ତା ୧୭ତାରିଖି କୋଶଲ ମହାବନ୍ଦକୁ ସମ୍ପୂର୍ଣ୍ଣ ରୂପେ ସମର୍ଥନ ଜଣାଇ ଗ୍ରାମବାସୀ ତଥା ବିଭିନ୍ନ ସଂଗଠନ ତରଫରୁ ଲାଠୋର ବନ୍ଦ ରହିବ ବୋଲି ଏକମତ ହୋଇଥିଲେ। ଏହି ଅବସରରେ ଉପସଭାପତି ସୁଶୀଲ ଅଗ୍ରୱାଲ, ସମ୍ପାଦକ ଦିଲୀପ ନାଏକ, ସହ ସମ୍ପାଦକ ରୋହିତ ଶବର, ସଦସ୍ୟ ଭୋଲା ସୁନାନୀ, ରାଜ ତାଣ୍ଡି, ମହାଦେବ କୈବର୍ତ୍ତ, ଗୋକୁଲ ମେହେର, ଲୋଚନ, ପ୍ରଶାନ୍ତ ମେହେରଙ୍କ ସହ ସମସ୍ତ ସଦସ୍ୟ ସାମିଲ ଥିଲେ।

### କୋସଲ ସୈନିକଙ୍କ ଟିଟିଲାଗଡ଼ ଜିଲା ଦାବି




ଟିଟିଲାଗଡ଼,୯।୧୨(ଡି.ଏନ.ଏ.) : ଟିଟିଲାଗଡ଼ ଜିଲା ଦାବିକୁ ନେଇ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜାରି ରହିଥିବା ଗଣଧାରଣା ରବିବାର ୩୯ତମ ଦିନରେ ପହଞ୍ଚିଛି। ଏ ନେଇ ଗତ ମାସ ୧ତାରିଖ ଠାରୁ ୩୯ଦିନ ଧରି ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିଥିବା ଗଣଧାରଣାରେ ରବିବାର କୋସଲ ରାଏଜ ସମର୍ଥକ ସାମିଲ ହୋଇଛନ୍ତି। କୋଶଲ ରାଜ୍ୟ ମହିଳା ସଭାନେତ୍ରୀ ରଞ୍ଜୁ ରାଏମନ, କୋସଲ ଜିଲା ସଭାପତି ପ୍ୟାନେଲ ଟିଟିଲାଗଡ ତଥା ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ଉପସଭାପତି ବିଶିକେସନ ଜାନୀ, ଜିଲା କୋଷାଧକ୍ଷ ଦେବେନ୍ଦ୍ର ଜୈନ, ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀ, ବ୍ଲକ ମହିଳା ସଭାନେତ୍ରୀ ନିରୁପମା ସରାଫ, ନଗର ସଭାନେତ୍ରୀ ସନ୍ତୋଷିନୀ କୁମ୍ଭାର, ବିନୋଦିନୀ ପୁଟେଲ, ଆସାମୀ ବାଗ, ଜମୁନା ପ୍ରଧାନୀ, ଦହି ନାଗ, ରଜନୀ ନାଗ, ଅଞ୍ଜନା ନାଗ, ସୁରଭୀ ଜାଲ, ସନ୍ତୋଷୀ କୁମ୍ଭାର, ଗୌରୀ ହରପାଲ, ଦ୍ରୁପଦ ମହାନନ୍ଦ, ନୀର ଡୁଙ୍ଗରୀ, ଚଞ୍ଚଳା ନାଗ, ସୁବର୍ଣ୍ଣ ନନ୍ଦ, ଲଳିତା ନାଗ, ଉତମା ନାୟକ ପ୍ରମୁଖ ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ସଭ୍ୟ ମୋହନଲାଲ ଜୈନ, ତୁଳସୀ ସାହୁ, ନିଳମଣୀ ସାହୁ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କୁ ସ୍ୱାଗତ କରିଥିଲେ। କୋସଲ ରାଜ୍ୟ ସଭାନେତ୍ରୀ ରାଏମନ ବିକାଶ ପାଇଁ ସ୍ୱତନ୍ତ୍ର କୋସଲ ରାଜ୍ୟ ତଥା ଟିଟିଲାଗଡ ଜିଲା ମଧ ଅପରିହାର୍ଯ୍ୟ ଏବଂ ଏଥିପାଇଁ ଆର ଯ୍ୟା ପାର ଲଢେଇ ହେବ ବୋଲି ଚେତାବନୀ ଦେଇଛନ୍ତି।

### ମହାଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

**ଖପ୍ରାଖୋଲ,୯।୧୨(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ଦେଦର୍ହ ଗାଁରେ ହେବାକୁ ଥିବା ୨୫ତମ ମହାଲକ୍ଷ୍ମୀ ପୂଜା ମହୋତ୍ସବ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ଭଗବାନ ପଧାନଙ୍କ ଅଧକ୍ଷତାରେ ହୋଇଥିଲା ଏହି ବୈଠକ। ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ହେଉଥିବାରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ଆଲୋଚନା ହୋଇଥିଲା। ଆଗାମୀ ୧୧ତାରିଖରୁ କଳସ ଯାତ୍ରା ଶୋଭାଯାତ୍ରା ଓ ଅଧିବାସ ହେବାକୁ ଥିବାବେଳେ, ୧୭ ତାରିଖ ପୂର୍ଣ୍ଣାହୂତୀ ହେବାର କାର୍ଯ୍ୟକ୍ରମ ରହିଛି। ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଆଲୋଚନା ହୋଇଥିଲା। ବରଗଡ ଧନୁଯାତ୍ରାରେ ଅଭିନୟ କରୁଥିବା କିଛି କଳାକାରମାନଙ୍କୁ ନେଇ କି ଜଳନ୍ଧରରାଜ ନାଟକ ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଜଗତସିଂହପୁରର ପାର୍ବତୀ ଗଣନାଟ୍ୟ ସହ ମୀନାବଜାର ଆୟୋଜନ ହେବ ବୋଲି ପୂଜା କମିଟି ତରଫରୁ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ, ଉପସଭାପତି ଗଙ୍ଗାଧର ବେହେରା, ସମ୍ପାଦକ ଫକୀର ପଧାନ, ସହ ସମ୍ପାଦକ ଦେବରାଜ ପଧାନ, କୋଷାଧକ୍ଷ ସୁରେଶ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ସହ ପୂଜା କମିଟି ସଭ୍ୟବୃନ୍ଦ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସପ୍ତମ ଦିନରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ

# ଆନ୍ଦୋଳନ ବ୍ୟାପକ କରିବାକୁ ଆହ୍ୱାନ

**ବଲାଙ୍ଗୀର ଅଫିସ,୯।୧୨**




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାଇରାମ ଆଞ୍ଚଳିକ ମହାସଂଘର ମହିଳା ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ଏବଂ ଜିଲା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ରବିବାର ସପ୍ତମ ଦିନରେ ପହଞ୍ଚିଛି। ୭ଦିନ ଧରି ବଲାଙ୍ଗୀର ଜିଲାର ବିଭିନ୍ନ ସଂଗଠନ ତରଫରୁ ସ୍ୱତଃସ୍ଫୁର୍ତ୍ତ ଭାବେ ସମର୍ଥନ ଘୋଷଣା କରିଛନ୍ତି। ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରବିବାର ବିଭିନ୍ନ ସଂଗଠନର ସଦସ୍ୟ ଯୋଗଦେଇ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃପ୍ରତିଷ୍ଠା କରାଯିବାକୁ ଦାବି କରିଥିଲେ। ଯଶବନ୍ତ ସିଂ କମିଶନ ରିପୋର୍ଟ, ଓଡିଶା ହାଇକୋର୍ଟ ବଲାଙ୍ଗୀର ସପକ୍ଷରେ ମତ ଦେଇସାରିଥିଲେ ମଧ କେଉଁ କାରଣରୁ ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ ନିଷ୍ପତ୍ତି ଗ୍ରହଣ କରି ନାହାନ୍ତି ତା' ଉପରେ ଶୀଘ୍ର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ବକ୍ତାମାନେ କହିଥିଲେ। ଅବସରପ୍ରାପ୍ତ ସୈନିକ ସଂଘ ସଭାପତି ଶଶୀକାନ୍ତ ନାୟକ ତାଙ୍କ ବକ୍ତବ୍ୟରେ ହାଇକୋର୍ଟ ବେଞ୍ଚ ଆନ୍ଦୋଳନକୁ ସମର୍ଥନ କରିଥିଲେ ମଧ ଭିନ୍ନ ମତ ଉପସ୍ଥାପନ କରିଥିଲେ। ସ୍ୱତନ୍ତ୍ର କୋଶଲ ରାଜ୍ୟ ଗଠନ ହେଲେ ଏଠାରେ ହାଇକୋର୍ଟ ବେଞ୍ଚ ବଦଳରେ ହାଇକୋର୍ଟ ପ୍ରତିଷ୍ଠା ହୋଇପାରିବ। ଏଣୁ କୋଶଲ ଆନ୍ଦୋଳନକୁ ମଧ ସମର୍ଥନ କରିବା ଜରୁରୀ ବୋଲି କହିଥିଲେ। ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ମଧ ସ୍ୱତନ୍ତ୍ର କୋଶଲ ରାଜ୍ୟ ଗଠନ ଓ ହାଇକୋର୍ଟ ପ୍ରତିଷ୍ଠା ଉପରେ ମତ ଦେଇଥିଲେ। ସାଇରାମ ଆଞ୍ଚଳିକ ମହାସଂଘ ଅଧକ୍ଷା ଆଶା ନାଗ ଓ ସମ୍ପାଦିକା ବୃନ୍ଦାବତୀ ବେହେରାଙ୍କ ନେତୃତ୍ୱରେ ବହୁ ମହିଳା ସଦସ୍ୟ ଆନ୍ଦୋଳନକୁ ସମର୍ଥନ କରିଥିଲେ। ପରେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ଧାରଣାରେ ଯୋଗଦେଇଥିଲେ। ଦେଓଗାଁ ବ୍ଲକ ଅଧକ୍ଷା ରୀନା ମେହେର ମଧ ଧାରଣାରେ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ କରି ବକ୍ତବ୍ୟ ଦେଇଥିଲେ। ରୁଗୁଡିପଡା ଦୁର୍ଗାପୂଜା କମିଟି ତରଫରୁ ସଦସ୍ୟମାନେ ବାଜା ବଜାଇ ଓ ଧର୍ମଧ୍ୱଜା ଧରି ଶୋଭାଯାତ୍ରାରେ ଆସି ଧାରଣାସ୍ଥଳରେ ପହଞ୍ଚିଥିଲେ। କମିଟି ମହାସଚିବ ହରିନାରାୟଣ ପୂଜାରୀ, ସମ୍ପାଦକ ଚେତନତାନନ୍ଦ ପଣ୍ଡା ଓ ଶଶୀଶେଖର ପଣ୍ଡାଙ୍କ ନେତୃତ୍ୱରେ ବହୁ ସଦସ୍ୟ ଆନ୍ଦୋଳନ ସ୍ଥଳକୁ ଆସି ହାଇକୋର୍ଟ ବେଞ୍ଚ ଦାବିକୁ ସମର୍ଥନ ଘୋଷଣା କରିଥିଲେ। ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବାକୁ ପଣ୍ଡା ଆହ୍ୱାନ ଜଣାଇଥିଲେ। ଜିଲା ଓକିଲ ସଂଘ ଅଶୋକ ମହାନ୍ତି, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥି, ଆଡଭୋକେଟ୍ ସରୋଜ ଗୁପ୍ତା, ବାସୁ ରଥ ଓ ଅନ୍ୟମାନେ ଉଦ୍‌ବୋଧନ ଦେଇଥିଲେ। ସୋମବାର ସିଭିଲ କୋର୍ଟ ଓ ଜିଲାପାଳ କାର୍ଯ୍ୟାଳୟ କାର୍ଯ୍ୟବନ୍ଦ ଆନ୍ଦୋଳନ ସମୟସୀମା ସରୁ ଥିବାରୁ ଆଗକୁ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ କ'ଣ ରଣନୀତି ପ୍ରସ୍ତୁତ କରିବେ ସେ ଉପରେ ନଜର ରହିଛି।

### ଗୌଡ ସମାଜର ବାର୍ଷିକ ସମାବେଶ

**ଖପ୍ରାଖୋଲ,୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ଏମ୍‌ଇସ୍କୁଲ ପଡିଆଠାରେ ରବିବାର ପାଟଣାଗଡ ସର୍କଲସ୍ତରୀୟ ଲରିଆଝରିଆ ଗୌଡ ସମାଜର ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ବ୍ଲକ ସଂଘର ସମ୍ପାଦକ ସୁଖିରାମ ଷାଣ୍ଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ସର୍କଲ ସଭାପତି ରମେଶ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଥିଲେ। ସମ୍ମାନିତ ଅତିଥି ଭାବେ ଭଗବାନ ଖର୍ସେଲ, ନୂଆଦେଇ ଖର୍ସେଲ, ପୂର୍ଣ୍ଣ ନାଗ, ବିଷ୍ଣୁ ଗୁହାଲ, ମଧୁ ନାଗ, ଭାନୁମତୀ ବାଗ ପ୍ରମୁଖ ଯୋଗଦେଇ ସଂଘକୁ ସଂଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥି ସହିତ ସଂଘର ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ସମ୍ମିଳିତ ଉଦ୍ୟମ କରିବାପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ତଥା ସେବା କାର୍ଯ୍ୟ ଉପରେ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା।

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଆନ୍ଦୋଳନ

## ସୋନପୁରକୁ ବଲାଙ୍ଗୀରଠାରୁ ଅଲଗା ଭାବୁ ନାହୁଁ

**ବଲାଙ୍ଗୀର ଅଫିସ,୯।୧୨**

ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯାଇଛି। ଗତ ୩ତାରିଖ ଏହି ଦାବି ନେଇ ବଲାଙ୍ଗୀର ଜିଲା ମହାବନ୍ଦ ପାଳନ କରାଯାଇଥିଲା। ଉକ୍ତ ସଭାରେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଉଦ୍‌ବୋଧନ ଦେଇଥିଲେ। ଉଦ୍‌ବୋଧନ ସମ୍ପର୍କରେ ଏକ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ନେଇ ସୋନପୁର ଓକିଲ ସଂଘ ସୋନପୁରବାସୀଙ୍କ ଭାବାବେଗକୁ ନେଇ ଆଘାତ ଦେଇଥିବା କିଞ୍ଚିତ ପ୍ରତିକ୍ରିୟା ରଖିଥିବା ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଏ ସମ୍ପର୍କରେ ବଲାଙ୍ଗୀର ମିଳିତ କ୍ରିୟାନୁଷ୍ଠାନ କମିଟି ସ୍ପଷ୍ଟୀକରଣ ଦେଇଛି। କମିଟି ସଭାପତି ଲଳିତ ନାୟକ ଏବଂ ଜିଲା ଓକିଲ ସଂଘ ସଭାପତି ଅଶୋକ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଅବିଭକ୍ତ ବଲାଙ୍ଗୀର ଜିଲାରୁ ସୁବର୍ଣ୍ଣପୁର ନୂତନ ଜିଲା ହୋଇଥିଲେ ମଧ ଏବେବି ଭାବଗତ ଭାବେ ବଲାଙ୍ଗୀରଠାରୁ ଅଲଗା ହେଲା ବୋଲି ବଲାଙ୍ଗୀରବାସୀ ଭାବୁନାହାନ୍ତି। ଯଦିଓ ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ବା ପୁନଃସ୍ଥାପନ ପ୍ରସଙ୍ଗରେ ସୋନପୁର ଓକିଲ ସଂଘ ସମ୍ବଲପୁର ଓକିଲ ସଂଘ ନେତୃତ୍ୱରେ ଗଠିତ ସିଏସି ସହ ରହିଛି ଓ ବଲାଙ୍ଗୀର ଓକିଲ ସଂଘ ସେଥିରୁ ଓହରି ନିଜସ୍ୱ ଦାବି ଉପସ୍ଥାପନ କରୁଛି। ତେବେ ବିଧାୟକ ମିଶ୍ରଙ୍କ ଉକ୍ତ ବକ୍ତବ୍ୟ ସୋନପୁରବାସୀଙ୍କ ବିପକ୍ଷରେ ନଥିଲା। ବଲାଙ୍ଗୀରଠାରେ ଯଶୋବନ୍ତ ସିଂ କମିଶନ, ଓଡିଶା ହାଇକୋର୍ଟ ତଥା ସରକାର ମତ ଦେଇଥିବା ଅନୁଯାୟୀ ଏହା ସ୍ଥାପନ କରିବା ପକ୍ଷରେ ମତପ୍ରକାଶ ପୂର୍ବକ ସୋନପୁର ଓକିଲ ସଂଘକୁ କାହିଁକି ସାମିଲ କରାଯାଇ ପାରିଲା ନାହିଁ ବୋଲି ଆମକୁ ମୃଦୁ ତାଗିଦ୍ ସହ ଉଦ୍‌ବୋଧନ ଦେଇଥିଲେ। ସମ୍ପ୍ରତି ପଶ୍ଚିମ ଓଡିଶାରେ ବିଭିନ୍ନ ଜିଲାରୁ ମଧ ଏହି ଦାବି ଉଠୁଥିବାରୁ ପଶ୍ଚିମ ଓଡିଶାର ଏକତା ପ୍ରତି ଆଞ୍ଚ ଆସୁଛି ବୋଲି ସେ ପ୍ରକାରାନ୍ତରେ ଇଙ୍ଗିତ କରିଥିଲେ। କାରଣ ଆମ ଭିତରେ ପରୋକ୍ଷରେ ଏଭଳି ବିଭେଦ ସୃଷ୍ଟି ସରକାରଙ୍କ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରାଇ ଦେବାକୁ ସୁହାଉଛି ବୋଲି ସୂଚନା ଦେଇଥିଲେ। ଏହାକୁ ଭିନ୍ନ ଅର୍ଥରେ ନ ନେବାକୁ ଏହି ବିବୃତିରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ନାୟକ ଓ ଜିଲା ଓକିଲ ସଂଘ ସଭାପତି ମହାନ୍ତି ସୋନପୁର ଓକିଲ ସଂଘକୁ ବିନମ୍ର ଅନୁରୋଧ କରିଛନ୍ତି।

### ବୁର୍ଡାରେ ମୁଁ ହିରୋ କାର୍ଯ୍ୟକ୍ରମ

**ଲୋଇସିଂହା,୯।୧୨(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ପଞ୍ଚାୟତ ବିଜୁ ଯୁବବାହିନୀ ତରଫରୁ ଗ୍ରାମରେ ମୁଁ ହିରୋ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ପ୍ରତିଭାବାନମାନଙ୍କୁ ସମ୍ମାନିତ କରାଯାଇଥିଲା। ପଞ୍ଚାୟତ ସଭାପତି ବିଘ୍ନରାଜ ଗଡ଼ୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନଳିନୀ ଭୋଇ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାମଚନ୍ଦ୍ର ସାହୁ, ଗୋପବନ୍ଧୁ ସାହୁ, ମୁଖ୍ୟବକ୍ତା ଭାବେ ହେମସାଗର ସାହୁ ଯୋଗଦେଇଥିଲେ। କ୍ରୀଡା କ୍ଷେତ୍ରରେ ମାନସ ରଞ୍ଜନ ବାଗ, ଚୈତନ୍ୟ ବାଗ, ସରୋଜ ବାରିକ, ମାରାଥନ ଦୌଡର କୃତି ପ୍ରତିଯୋଗୀ ଜୟ ପ୍ରକାଶ ସାହୁ, ମାନସ ରଞ୍ଜନ ବାଗ, ରାଜ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କୃଷି କ୍ଷେତ୍ରରେ ସନାର୍ତ୍ତନ ଭୋଇ, ଗବିୟତ୍ରୀ ସସ୍ମିତା ସାହୁ, ଗ୍ରାମର ବୈଜେଷ୍ଟ ଛବି ସାହୁ ଏବଂ ମହାଦେବ ନାଏକଙ୍କ ସମେତ ୪୬ଥର ରକ୍ତଦାନ କରି ରେକର୍ଡ ସୃଷ୍ଟି କରିଥିବା ଗ୍ରାମର ଶୁଭ୍ରାଂଶୁ ସାହୁଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

### ଓସ୍ରୁ ଅଭ୍ୟର୍ଥନା ସମିତି ପ୍ରଥମ ବୈଠକ

# ଡିସେମ୍ବର ୨୨ରୁ ରାଜ୍ୟ ସମ୍ମିଳନୀ

**ବଲାଙ୍ଗୀର ଅଫିସ, ୯।୧୨**




ଓସ୍ରୁ ଅଭ୍ୟର୍ଥନା ସମିତି ବୈଠକରେ ମଞ୍ଚାସୀନ ଅତିଥି।

ଡିସେମ୍ବର ୨୨ ଓ ୨୩ ତାରିଖ ବଲାଙ୍ଗୀରରେ ଓଡିଶା ସେଲସ୍ ରିପ୍ରେଜେଣ୍ଟେଟିଭ ୟୁନିୟନ(ଓସ୍ରୁ)ର ୩୪ତମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ରାଜ୍ୟ ସମ୍ମିଳନୀକୁ ସଫଳ କରିବା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଓସ୍ରୁର ସୁରୁଲାଲ ମଟାରୀଙ୍କ ଆବାହକତ୍ତ୍ୱରେ ବଲାଙ୍ଗୀର ଆଇନ୍ ମହାବିଦ୍ୟାଳୟରେ ଓସ୍ରୁର ଅଭ୍ୟର୍ଥନା ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏହି ସମିତିର ବୈଠକରେ ରାଜ୍ୟ ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଅଧକ୍ଷତା କରିଥିଲେ। ଏହି ବୈଠକରେ ୨୦ରୁ ଉର୍ଦ୍ଧ୍ୱ ଶ୍ରମିକ ସଂଗଠନ ଯୋଗଦେଇ ରାଜ୍ୟ ସମ୍ମିଳନୀକୁ ସମ୍ପୂର୍ଣ୍ଣ ସଫଳ କରିବା ଉପରେ ଜୋର ଦେଇଥିଲେ। ଦୀର୍ଘ ୧୦ବର୍ଷ ପରେ ବଲାଙ୍ଗୀରରେ ପୁଣିଥରେ ଓସ୍ରୁର ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେଉଥିବାରୁ ସଦସ୍ୟମାନଙ୍କ ମଧରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି ସମ୍ମିଳନୀରେ ବିଭିନ୍ନ ଦିଗରେ ଯତ୍ନ ନେବା ପାଇଁ ସମିତି ଗଠନ କରାଯାଇଥିଲା। ସମସ୍ତ ସମିତିର ଆବାହକ ସ୍ଥିର କରିବା ସଙ୍ଗେ ସଙ୍ଗେ ବିଭିନ୍ନ ସଭ୍ୟଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ସଭାରେ ୟୁଟିୟୁସି ସଭାପତି ବିଭୁଦତ୍ତ ମିଶ୍ର, ୟୁଜିବିଇଏର ପୁଲିନ ମିଶ୍ର ଓ ପ୍ରଦୀପ ସାଏ, ୟୁଜିବିଓଏ ସଭାପତି ଶରତ ହୋତା, ଏଆଇଟିୟୁସିର ଦେବାଶିଷ ବାବୁ, ଏଲ୍‌ଆଇଇଏର ଅସୀମ ପଟ୍ଟନାୟକ, ଆଏନ୍‌ଟିୟୁସିର କୃଷ୍ଣଚନ୍ଦ୍ର ସାହୁ, ଚାଷୀ ମୂଲିଆ ସଂଘର ପ୍ରେମାନନ୍ଦ ଭୋଇ, ଓସ୍କେମର ଆବାହକ ଗୌରୀ ଶଙ୍କର ମହାଲିଙ୍ଗ, ବିଏସ୍‌ଏନ୍‌ଏଲ୍ ଏମ୍ପ୍ଲଇ ୟୁନିୟନରୁ ରାମଚନ୍ଦ୍ର ନାଏକ, ପୋଷ୍ଟାଲ ଏମ୍ପ୍ଲଇ ୟୁନିୟନରୁ କମ୍ରେଡ ମହେଶ୍ୱର ଥନାପତି, ଏସ୍‌ଡିଏଲ୍‌ଆଇଇଏରୁ କମ୍ରେଡ ବିଭୁତି ଭୂଷଣ ପାଣିଗ୍ରାହୀ, ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର କମ୍ରେଡ ସମ୍ବିଦ ପଣ୍ଡା ଓ ପ୍ରତାପ ସାହୁ, ଅମଲା ସଂଘରୁ କମ୍ରେଡ ଶତ୍ରୁଘ୍ନ ପାଣିଗ୍ରାହୀ, ଅନ୍ତ ପାଣିଗ୍ରାହୀ, ବିଜୟ ଗୁରୁ, ବିଇଏଫ୍‌ଆଇ କମ୍ରେଡ ଅରୁଣ ପଣ୍ଡା, ରେଲୱେ କର୍ମଚାରୀ ସଂଘର ଲବ ସ୍ୱାଇଁ ଯୋଗଦେଇ ସମ୍ମିଳନୀକୁ ସଫଳ କରିବାକୁ କହିଥିଲେ। ଓସ୍ରୁ ତରଫରୁ ରାଜ୍ୟ ଉପସଭାପତି ଅନିରୁଦ୍ଧ ମହାପାତ୍ର, ଜିଲା ସଭାପତି ଦେବାଶିଷ ମିଶ୍ର, ଉପସଭାପତି ଅମିତ ରାଉତ, କୋଷାଧକ୍ଷ ସତ୍ୟନାରାୟଣ ରଥ, କାର୍ଯ୍ୟକାରିଣୀ ସଦସ୍ୟ ସତବନ୍ତ ସାହୁ, ସନ୍ତୋଷ ଦାଶ, ଶେଷଦେବ ବେଦବାକ, ବୃନ୍ଦାବନ ଭୋଇ, ସୌମିତ୍ରୀ ବାବୁ, ସୁନୀଲ ଲେଙ୍କା, ତରୁଣ କୁମାର, ବିଶ୍ୱଜିତ ଜେନା, ସୁଶାନ୍ତ ମିଶ୍ର ସହଯୋଗ କରିଥିଲେ।

## ଆଞ୍ଚଳିକ ଖେଳ

### ବିଜୁ ଯୁବ ବାହିନୀ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସଇଁତଲା,୯।୧୨(ଡି.ଏନ୍.ଏ.)**

ସଇଁତଲା ବ୍ଲକ ବିଜୁ ଯୁବ ବାହିନୀ ତରଫରୁ ଘୁନସର ଓ ଗଣ୍ଡପତ୍ରାପାଲିଠାରେ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଘୁନସରଠାରେ ହୋଇଥିବା ଏହି କ୍ରିକେଟ ଟୁର୍ନାମେଣ୍ଟରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ରାଜେନ୍ଦ୍ର ଖମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଘୁନସର ସରପଞ୍ଚ ଦ୍ରୋପଦୀ ବେହେରା, ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଅଶୋକ ରଏ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୧୦ଟି ଟିମ୍ ଭାଗ ନେଇଥିବାବେଳେ ସେମିଫାଇନାଲକୁ ଘୁନସର ଓ ଭଦ୍ରା ଦଳ ଉନ୍ନୀତ ହୋଇଥିଲେ। ସେହିପରି ଗଣ୍ଡପତ୍ରାପାଲିଠାରେ ହୋଇଥିବା ଟୁର୍ନାମେଣ୍ଟରେ ଗଣ୍ଡପତ୍ରାପାଲି ସରପଞ୍ଚ ସୁମୁଖୀ ଭୋଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅଶୋକ ରଏ ଯୋଗଦେଇ ମ୍ୟାଚ ଉଦଘାଟନ କରିଥିଲେ। ଗଣ୍ଡପତ୍ରାପାଲିରେ ମଧ ୧୦ଟି ଟିମ୍ ଭାଗ ନେଇଥିବାବେଳେ ଧରପଗଡ଼ ଓ କୁଇକେଡ଼ା ଦଳ ସେମିଫାଇନାଲକୁ ଉନ୍ନିତ ହୋଇଥିବା ଜଣାଯାଏ। ଆସନ୍ତାକାଲି ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଫାଇନାଲରେ ବିଜୟୀ ଦଳ ବଲାଙ୍ଗୀରରେ ଜିଲାସ୍ତରୀୟ ଟୁର୍ନାମେଣ୍ଟରେ ଭାଗ ନେବେ ବୋଲି ବିଜୁ ଯୁବ ବାହିନୀର ସଂଯୋଜକ ରଏ ସୂଚନା ଦେଇଛନ୍ତି।

### ଏଏଚ୍‌ସିସି କ୍ରିକେଟ ଟୁର୍ନାମେଣ୍ଟ: କନେରସିଂହା ଚାମ୍ପିୟନ

**ଗୁଡ଼ଭେଲା,୯।୧୨(ଡ଼ି.ଏନ.ଏ.)**



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳିମାନେ।

ଗୁଡଭେଲା ବ୍ଲକ ଅର୍ନ୍ତଗତ ଦେମୁହାନ ଖେଳ ପଡିଆଠାରେ ୫ଦିନ ଧରି ଚାଲିଥିବା ଏଏଚସିସି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଏଏଚସିସି କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚ କନେରସିଂହା ଓ ଦେମୁହାନ ମଧରେ ଅନୁଷ୍ଠିତ ହୋଇଥିଲା। କନେରସିଂହା ଦଳ ୭୮ରନରେ ଦେମୁହାନ ଦଳକୁ ହରାଇ ବିଜୟୀ ହୋଇଛନ୍ତି। ୧୦ଓଭର ବିଶିଷ୍ଟ ଫାଇନାଲ ଖେଳରେ କନେରସିଂହା ଦଳ ପକ୍ଷରୁ ୭୮ରନର ବିଜୟ ଲକ୍ଷ ରଖିଥିବାବେଳେ ଦେମୁହାନ ଦଳ ସମସ୍ତ ଓଭରରେ ୬ଉଇକେଟ ହରାଇ ୭୨ରନ କରିଥିଲେ। ଖେଳକୁ ସନ୍ତୋଷ ପଟ୍ଟନାୟକ ଓ ଦେବ କିଶୋର ଭୋଇ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କ୍ଲବର ସଭାପତି ସନ୍ତୋଷ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ରାଜ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିରାମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରତିନିଧି ବୃନ୍ଦାବନ ଭୋଇ , ସିଆରସିସି ଚକାନନ୍ଦ କମ୍ପ ଓ ପଞ୍ଚାନନ ରଣା ଯୋଗଦେଇଥିଲେ। ମ୍ୟାନ ଅଫ ଦ ମ୍ୟାଚ ସୁବେନ ମାଝି ଓ ମ୍ୟାନ ଅଫ ଦ ସିରିଜ ଦେବରାଜ ଭୋଇଙ୍କୁ ପ୍ରଦାନ କରାଯାଇଥିଲା। ହିରାଧର ଭୋଇ, ମାଧବ ନାଗ, କ୍ଷିରରୋଦ୍ର ନନ୍ଦ, ସତ୍ୟଦୀପ, ହେମାନନ୍ଦ ଭୋଇ ଆଦି ସହଯୋଗ କରିଥିବାବେଳେ କ୍ଲବର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### କୁତୁର୍ଲା ଦଧିବାମନ ଫୁଟବଲ: ହାତୀସରାକୁ ଟାଇଟଲ

ଦେଓଗାଁ,୯।୧୨(ଡି.ଏନ.ଏ.)




ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ଦଧିବାମନ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ହାତିସରା ଓ ମୁରସିଂ ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ଗୋଲରେ ହାତିସରା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ବଳରାମ ବାଗ ଖେଳ ପରିଚାଳନା କରିଥିବାବେଳେ ଲାଇନମ୍ୟାନ ଭାବେ ଦିବ୍ୟ କିଶୋର ଭୋଇ ଓ ଅଭି ଭୋଇ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଧରଣୀଧର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଲକ୍ଷ୍ମଣ ମେହେର ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ମୁରଲୀଧର ନାୟକ, ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧକ୍ଷ ରାଜୁ ବାଗ, ବିଡିସିସି ବ୍ୟାଙ୍କ ନିର୍ଦ୍ଦେଶକ ସୁରେଶ ମେହେର, ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରମୋଦ ବହିଦାର ପ୍ରମୁଖ ଯୋଗଦେଇ ଖେଳ ଦ୍ୱାରା ଭାତୃତ୍ୱ ବୃଦ୍ଧି ହୋଇଥାଏ ଏଣୁ ଶୃଙ୍ଖଳିତ ହୋଇ ଖେଳିବା ପାଇଁ ଖେଳାଳୀଙ୍କୁ ପରାମର୍ଶ ଦେଇଥିଲେ। ମ୍ୟାନ୍ ଅଫ୍‌ଦି ମ୍ୟାଚ ଭାବେ ରତୁ ବୁଡେକ, ମ୍ୟାନ ଅଫ୍‌ଦି ସିରିଜ ଭାବେ ମଣ୍ଟୁ ବେହେରା ଓ ବେଷ୍ଟ ଗୋଲ କିପର ଭାବେ ବ୍ରଜରାଜ ପାଢୀଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟର ସଫଳ ସମାପନରେ ନିଳେନ୍ଦ୍ର ନାଏକ, ରାଜକୁମାର ମାଝୀ, ଦୟା ନାଏକ, ପ୍ରକାଶ ନାଏକ, ଜିବର୍ଦ୍ଧନସେଠ ବୁଲୁ ମାଝୀ, ବୀରେନ୍ଦ୍ର ସାହୁ ତଥା ଦଧିବାମନ ଫୁଟବଲ କମିଟିର ସମସ୍ତ କର୍ମକର୍ତ୍ତା ବୃନ୍ଦ ସହଯୋଗ କରିଥିଲେ।

### ମା' ବସ୍ରେନ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଟିକ୍ରାପଡା,୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଇଛାପଡା ପଞ୍ଚାୟତ ଅଧିନ ରେଙ୍ଗାଲିଠାରେ ମା' ବସ୍ରେନ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଚଲକି ଦଳକୁ ୫-୪ଗୋଲରେ ହରାଇ ସୁଲେକେଲା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ତେନ୍ତୁଲିମୁଣ୍ଡାକୁ ୫-୪ଗୋଲରେ ହରାଇ ଛନଛଡା ବିଜୟୀ ହୋଇଥିଲା। ବିବସ୍ୱ ମାଝୀ, ନବୀନ ସରାପ, ନିତେଶ ମାଝୀ ଖେଳ ପରିଚାଳନା କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକକର୍ମୀ କୃଷ୍ଣଚନ୍ଦ୍ର ପଧାନ, ସମ୍ମାନିତ ଅତିଥି ଭାବେ ପ୍ରତାପ ପୋଢ, ସତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିକାଶ ପୋଢ ସଭାରେ ଅଧକ୍ଷତା କରିଥିଲେ। ଦାମୋଦର ରାଉତ ସଭା ସଂଯୋଜନା କରିଥିଲେ। ସମୀର ଲୁହା ଧାରା ବିବରଣୀ ପାଠ କରିଥିଲେ। ସୋମବାର ପ୍ରଥମ ମ୍ୟାଚ ବଜାଉଦର ବନାମ ଝାରଖମାର ଓ ଦ୍ୱିତୀୟ ମ୍ୟାଚ ଜାମପଦର ବନାମ ମଣ୍ଡଲ ଅନୁଷ୍ଠିତ ହେବ।



ଭଲ ଭାବରେ କଥା କହିବାଟା ସୁନ୍ଦର ଚିତ୍ର ଆଙ୍କିବା ସଙ୍ଗେ ସମାନ।

- ୱେଣ୍ଡେଲ୍ ଫିଲିପ୍ସ

## ସଂକ୍ଷେପରେ

### କନ୍ୟାଶ୍ରମ ବାର୍ଷିକ କ୍ରୀଡା ଉଦ୍‌ଯାପିତ

ଜୁନାଗଡ,୯।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡସ୍ଥିତ ଆବାସିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (କନ୍ୟାଶ୍ରମ)ର ବାର୍ଷିକ କ୍ରୀଡା ଶୁକ୍ରବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଅଗ୍ନିଶମ ଅଧିକାରୀ ଶିଶିର କାନ୍ତ ସିଂ ଯୋଗଦେଇ କ୍ରୀଡା ଉତ୍ସବ ପତାକା ଉତ୍ତୋଳନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କୁରୁଗୁଡା ଆବାସିକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୃଷୀକେଶ ମେହେର ଉପସ୍ଥିତ ଥିଲେ। ଦୁଇ ଦିନ ଧରି ଚାଲିଥିବା କ୍ରୀଡାରେ ଛାତ୍ରୀନମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଖେଳ ଦକ୍ଷତା ପରିପ୍ରକାଶ କରିବା ସହିତ ଛାତ୍ରୀ ପାଇଁ ଏକ ସୁଯୋଗ ତିଆରି କରିବ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ। କନ୍ୟାଶ୍ରମର ପ୍ରଧାନ ଶିକ୍ଷକ ସୀତାରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



### କର୍ଲାମୁଣ୍ଡା ବାଲୁକା ଶିଳ୍ପୀ ଉଚ୍ଚ ପ୍ରଶଂସିତ

ରିଷିଡ଼ା,୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡାର ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁ ସମ୍ପ୍ରତି ଚନ୍ଦ୍ରଭାଗା କୂଳରେ ଆର୍ନ୍ତଜାତୀୟ ବାଲୁକା କଳା ପ୍ରଦର୍ଶିତ କରି ଉଚ୍ଚ ପ୍ରସଂଶିତ ହୋଇଛନ୍ତି। ସେ ପେଶା ରେ ଜଣେ ପ୍ରାଥମିକ ଶିକ୍ଷକ ଓ ନିଶାରେ ବାଲୁକା ଶିଳ୍ପୀ ଭାବେ ବେଶ ପରିଚିତ। ସେ ଜିଲା ତଥା ପଡୋଶୀ ଜିଲା ବଲାଙ୍ଗୀର ବିଭିନ୍ନ ସ୍ଥାନରେ ବାଲୁକା କଳା ପ୍ରଦର୍ଶିତ କରି ବିଭିନ୍ନ ଆର୍ନ୍ତଜାତୀୟ ବାଲୁକା କଳା ଫେଷ୍ଟିଭାଲରେ ଅଂଶ ଗ୍ରହଣ କରି ସାରିଛନ୍ତି।

### ମାରୱାଡି ସମାଜର କାର୍ଯ୍ୟକାରୀ ବୈଠକ

ଭବାନୀପାଟଣା,୯।୧୨(ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ଅଗ୍ରେସନ ଭବନଠାରେ ମାରୱାଡି ସମାଜ ଉପାଧ୍ୟକ୍ଷ ପବନ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଗାମୀ ଦିନରେ ବ୍ଲକର ସମାଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ, ସମାଜର ବିକାଶ ତଥା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି ଆଲୋଚନା ହୋଇଥିଲା। ପରେ ମାରୱାଡି ସମାଜର କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ଏଥିରେ ଅଧ୍ୟକ୍ଷ ଭାବେ ଶ୍ରବଣ ଅଗ୍ରୱାଲ, ଉପାଧ୍ୟକ୍ଷ ସୁରେଶ ଜୈନ, ଲାଲଚନ୍ଦ ଚୌଧୁରୀ, ସଚିବ ରମେଶ ଜୈନ, ରାଜେଶ ଜୈନ, କୋଷାଧ୍ୟକ୍ଷ ଦୀପକ ଗୁପ୍ତା ପ୍ରମୁଖ ମନୋନୀତ ହୋଇଥିଲେ। ଏହି ସଭାରେ ରାଧେଶ୍ୟାମ ଅଗ୍ରୱାଲ, କୁଞ୍ଜବିହାରୀ ଅଗ୍ରୱାଲ, ରାମବିଲାସ ଅଗ୍ରୱାଲ, ସୋହନଲାଲ ଅଗ୍ରୱାଲ, ମାରୱାଡି ଯୁବାମଞ୍ଚର ସଭାପତି ସୁମନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ମୂଷାନାଳ ଉଚ୍ଚ ବିଦ୍ୟାଳୟଠାରେ ମୋ ସ୍କୁଲ ଅଭିଯାନ

ଲାଞ୍ଜିଗଡ଼,୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୂଷାନାଳ ଉଚ୍ଚ ବିଦ୍ୟାଳୟଠାରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଚିନ୍ମୟାନନ୍ଦ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝି ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ବିଶ୍ୱନାଥପୁରସ୍ଥିତ ମା' ହୀରାନୀଳା କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ କଙ୍କଣ ରାୟ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧକ୍ଷ ଇଂ. ଫକୀରମୋହନ ମାଝି, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂହ, ଜିଲା ବିଜ୍ଞାନ ପରିଦର୍ଶକ ହିମାଂଶୁ ପଟ୍ଟନାୟକ, ମୋ ସ୍କୁଲ ଅଭିଯାନ ଜିଲା ସଂଯୋଜକ ସୁକାନ୍ତ ସାହୁ, ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ମୁଖ୍ୟ କିରାଣୀ ଅଶ୍ୱିନୀ କୁମାର ମିଶ୍ର, ଲାଞ୍ଜି ସରପଞ୍ଚ ବିଷ୍ଣୁଚରଣ ଭୋଇ, ସମିତି ସଦସ୍ୟା ଚନ୍ଦ୍ରମା ଧଙ୍ଗଡାମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୀନକେତନ ପରିଛା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ପୂରାତନ ଛାତ୍ରୀଛାତ୍ର ଓ ଗ୍ରାମବାସୀ ସାମିଲ ଥିଲେ।

## ଲାଞ୍ଜିଗଡରେ କଂଗ୍ରେସ ସମାବେଶ

# ସ୍ଥାନୀୟ ସମସ୍ୟା ନେଇ ବ୍ଲକ ଘେରାଉ

ଲାଞ୍ଜିଗଡ,୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଉତ୍କଟରୂପ ଧାରଣ କରିଛି । ଏହିଭଳି ଅନେକ ସମସ୍ୟା ନେଇ ଲାଞ୍ଜିଗଡ ବ୍ଲକ କଂଗ୍ରେସ ତରଫରୁ ଶନିବାର ପ୍ରତିବାଦ ସମାବେଶ ସଭା କରିବା ସହ ବ୍ଲକ ଘେରାଉ କରାଯାଇଛି । ଲାଞ୍ଜିଗଡ ଅଞ୍ଚଳର ହଜାର ହଜାର କଂଗ୍ରେସ କର୍ମୀ ସମାବେସରେ ଯୋଗଦେଇ ସରକାରର ଉପରେ ବର୍ଷିଥିଲେ। ସମାବେସରେ ପୂର୍ବତନ ମନ୍ତ୍ରୀ ଭକ୍ତଚରଣ ଦାସ ଯୋଗଦେଇ ଲାଞ୍ଜିଗଡ ଅଞ୍ଚଳରେ ବର୍ତ୍ତମାନର ବିଧାୟକ ବଳଭଦ୍ର ମାଝି ୨୫ବର୍ଷ ହେଲା ରାଜ କରୁଛନ୍ତି । ଆଜି ପର୍ଯ୍ୟନ୍ତ ଆଖି ଦୃଶିଆ କାମ ତାଙ୍କ ଦ୍ୱାରା ହୋଇପାରିନାହିଁ । ପରେ ବ୍ଲକ ଅଫିସ ବନ୍ଦ ଥିବା ସତ୍ତ୍ୱେ ମଧ କର୍ମୀମାନେ ବ୍ଲକ ଘେରାଉ କରିଥିଲେ । ନିଆଳିରୁ ଛତ୍ରପୁର ରାସ୍ତା ନିର୍ମାଣ, କଦମଗୁଡା ରେଡାପଦର ନାଳରେ ସେତୁ ନିର୍ମାଣ, ଲାଞ୍ଜିଗଡ ଜଗନ୍ନାଥପୁର ପୋଲ ନିର୍ମାଣ, ଲାଞ୍ଜିଗଡ ଆରଡି ରାସ୍ତାଠାରୁ ଭାଲୁଚଁଅରା ପର୍ଯ୍ୟନ୍ତ ରାସ୍ତା ଓ ପୋଲ ନିର୍ମାଣ, ନିରିହ ଆଦିବାସୀମାନଙ୍କ ଉପରେ ପୋଲିସ ଅନ୍ୟାୟ ଅତ୍ୟାଚାର ବନ୍ଦ କରାଯାଉ, ଲାଞ୍ଜିଗଡ ବ୍ଲକରେ ସମସ୍ତ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ଆଦି ଦାବି ନେଇ ଲାଞ୍ଜିଗଡ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତିବାଦ ସଭା ଓ ବ୍ଲକ ଘେରାଉରେ ଲାଞ୍ଜିଗଡ ବ୍ଲକ କଂଗ୍ରେସ ସଭାପତି ପୁରୁଷୋତ୍ତମ ଦଣ୍ଡସେନା ଓ ଉପସଭାପତି ହରିହର କୁମ୍ଭାରଙ୍କ ନେତୃତ୍ୱରେ ହୋଇଥିବା ବେଳେ ପୂର୍ବତନ ବିଧାୟକ ଶିବାଜି ମାଝି, ଥୁଆମୂଳ ରାମପୁର ପୂର୍ବତନ ବ୍ଲକ ଅଧକ୍ଷା ଦ୍ରୋପଦି ମାଝି, ଥୁଆମୁଳ ରାମପୁର ଜିଲା ପରିଷଦ ସଭ୍ୟ ମୁରଲିଧର ନାଏକ, କର୍ଲାମୁଣ୍ଡା ପୂର୍ବତନ ବ୍ଲକ ଅଧକ୍ଷ ମାଣିକ୍ୟ ସୁନା, କଂଗ୍ରେସ ଜିଲା ଉପସଭାପତି ଦେବି ଶର୍ମା, ଶିଶିର ପୂଜାରୀ, ପ୍ରଦିପ ମାଝି, କୋନଜ ରାଉତ, ମନୋଜ କୁମାର ରାଉତ, କେସବ ବାରିକ ପ୍ରମୁଖ ଯୋଗଦେଇଥିଲେ ।



ଲାଞ୍ଜିଗଡ଼ରେ କଂଗ୍ରେସ ପକ୍ଷରୁ ଆୟୋଜିତ ସମାବେଶରେ କଂଗ୍ରେସ ନେତୃମଣ୍ଡଳି।

## ଆଞ୍ଚଳିକ ଲୋକ ମହୋତ୍ସବ-୨୦୧୯ ପ୍ରାକ୍ ପ୍ରସ୍ତୁତି ବୈଠକ

ରିଷିଡା,୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପଞ୍ଚାୟତ ଭବନରେ ଆଞ୍ଚଳିକ ଲୋକ ମହୋତ୍ସବ-୨୦୧୯ ପାଇଁ ରବିବାର ଅପରାହ୍ନରେ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ରିଷିଡା, ଗଜବାହାଲ, ପୌରକେଲା ପଞ୍ଚାୟତର ବହୁ ମାନ୍ୟଗଣ୍ୟ, ଶିକ୍ଷାବିତ, ସଙ୍ଗଠକମାନେ ଯୋଗଦେଇ ମହୋତ୍ସବର ରୂପରେଖ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ସାରଦା ପ୍ରସନ୍ନ ସ୍ୱାଇଁ ଯୋଗଦେଇ ଉତ୍ସାହିତ କରି ସର୍ବପ୍ରଥମ ୧ ଲକ୍ଷ ୧ ହଜାର ଟଙ୍କା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ମହୋତ୍ସବ ଆବାହକ ମଣ୍ଡଳୀର ଲକ୍ଷ୍ମୀପ୍ରସାଦ ସେଠ, ଲଳିତ କୁମାର ଦାସ, ସତ୍ୟନାରାୟଣ କୁମାର, କମ୍ବୁପାଣି ସାହୁ, ହେମାଦ୍ରି ଭୋଇ, ସଞ୍ଜୟ ଜୈନ, ନରୋତ୍ତମ ସେଲମା, ଭଜଶ୍ୟାମ ସାହୁ, ବିଶିକେଶନ ସେଠି, ମଧୁସୂଦନ ବାଗ, ସୌମ୍ୟରଞ୍ଜନ ତ୍ରିପାଠୀ, ଶାନ୍ତନୁ କୁମାର ଦାସ ପ୍ରମୁଖ ରହିଛନ୍ତି ।



ପ୍ରାକ୍ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ୩ଟି ପଞ୍ଚାୟତର ବୁଦ୍ଧିଜୀବୀ ।

## ମହିଳା ହିଂସା ବିରୋଧରେ ଅଭିଯାନ

କର୍ଲାମୁଣ୍ଡା,୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ମହିଳା ହିଂସା ବିରୋଧରେ ଅଭିଯାନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦାପ୍ତା ଫାର ଅଲିଭା ମହାସଂଘ ମିଳିତ ଅନୁକୂଲ୍ୟରେ କର୍ଲାମୁଣ୍ଡା ସଦର ଯୁକ୍ତ ଦୁଇ କଲେଜରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ସଭାରେ ମୁଖ୍ୟଅତିଥି ଭାବେ ରିଞ୍ଜା ପଞ୍ଚାୟତ ସରପଞ୍ଚ ଭୋଜବନ୍ତି ସାହୁ, ସମ୍ମାନିତ ଅତିଥି ଅଧ୍ୟାପକ ଗୁର ସୁନା, ଟିକେଶ୍ୱର ରଣା, ଲମ୍ବୋଦର ସାହୁ, ଅଧ୍ୟାପିକା ରିନା ସିଂ, ସଙ୍ଗୀତା ସାହୁ, ଅଲିଭା ମହାସଂଘର ସଭାନେତ୍ରୀ ଗୌରୀ ଦୀପ, ଦାପ୍ତା ସଂସ୍ଥା କାର୍ଯ୍ୟକ୍ରମ ସଂଯୋଜକ ତ୍ରିଭୁବନ ପୂଝାରୀ ପ୍ରମୁଖ ଯୋଗଦେଇ ଘରୋଇ ହିଂସା ଆଇନ ସମ୍ପର୍କରେ ନିଜେ ଜାଣିବା ସହିତ ଅନ୍ୟକୁ ସଚେତନ କରାଇ ପାରିଲେ ମହିଳାଙ୍କ ପ୍ରତି ହଉଥିବା ହିଂସାକୁ ରୋକାଯାଇ ପାରିବ ବୋଲି କହିଥିଲେ। ଏହା ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ମହିଳା ହିଂସା ସମ୍ପର୍କରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀ ମଧୁସୂଦନ ତାଣ୍ଡି ସଂଯୋଜନା କରିଥିବା ବେଳେ କର୍ଲାମୁଣ୍ଡା ବ୍ଲକ ସଂଯୋଜକ ସୁବାସ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକରେ ଦି ହଙ୍ଗର ପ୍ରୋଜେକ୍ଟ ନୂଆଦିଲ୍ଲୀ ସହାୟତା କରିଥିଲେ।



ଯୁକ୍ତ ଦୁଇ ମହାବିଦ୍ୟାଳୟରେ ଅଂଶ ଗ୍ରହଣକାରୀ ଛାତ୍ରୀଛାତ୍ର।

## ବ୍ଲକସ୍ତରୀୟ ଭଲିଭଲ ଟୁର୍ନାମେଣ୍ଟ ଆରମ୍ଭ

ଜୁନାଗଡ,୯।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ଼ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ତ୍ରି-ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ଏଥିରେ ଜୁନାଗଡର ୩୪ ପଞ୍ଚାୟତର ୩୪ଟି ଦଳ ଏବଂ ଜୁନାଗଡ ସହରର ୩ଟି ଦଳ ମିଶି ସମୁଦାୟ ୩୭ଟି ଦଳ ଭାଗ ନେଇଛନ୍ତି। ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବରେ ପୂର୍ବତନ ନଗରପାଳ ମହେଶ ସାହୁ, ଅନ୍ୟତମ ଅତିଥି ବରିଷ୍ଠ କ୍ରିଡାବିତ ସମୀର ସାହୁ ଓ ସଞ୍ଜୀବ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କ୍ରୀଡା ଉଦଘାଟନ କରିଥିଲେ। ବିଭିନ୍ନ ସ୍କୁଲର ଖେଳ ଶିକ୍ଷକ ଖେଳ ପରିଚାଳନା କରିଥିବା ବେଳେ ଉଦଘାଟନୀ ମ୍ୟାଚ ମାଟି ଗାଁ ଓ ବୁଢୀଦର ପଞ୍ଚାୟତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ସୌମେନ୍ଦ୍ର ମୁଣ୍ଡ, ଜୁନାଗଡ ଏନଏସି ସଂଯୋଜକ ରୋହିତ ସୁନାନୀ ପ୍ରମୁଖ ସହଯୋଗ କରିଛନ୍ତି।

## ଜୁନାଗଡ ଏନ୍‌ଏସିରେ ଭାଜପାର ଜନ ପରାମର୍ଶ ପଦଯାତ୍ରା

ଜୁନାଗଡ,୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଗତ ନଭେମ୍ବର ୨୬ ତାରିଖଠାରୁ ଭାଜପାର ଜନପରାମର୍ଶ ପଦଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଅବସରରେ ଦଳୀୟ କର୍ମୀମାନେ ଗାଁକୁ ଗାଁ ଯାଇ ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ଲୋକାଭିମୁଖୀ ଶାସନ ଉପରେ କହିବା ସହ ନବୀନ ସରକାରଙ୍କ ବିଫଳତା ଉପରେ ସ୍ଥାନୀୟ ଲୋକଙ୍କୁ ଜଣାଉଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଜୁନାଗଡ ନଗର ସଭାପତି କାଳିନ୍ଦ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜୁନାଗଡ ସହରର ୧ନଂ ୱାର୍ଡ ହିଙ୍ଗିଳିବାହାଲି, ୧୨ ନଂ ୱାର୍ଡ ସାହୁପଡା, ୧୧ନଂ ୱାର୍ଡ ବଡପଡା, ୮ନଂ ୱାର୍ଡ ଡଙ୍ଗାଘାଟପଡା ଆଦି ସ୍ଥାନରେ ପଦଯାତ୍ରା ହୋଇଥିଲା। ଏହି ସମୟରେ ଏକ ଶକ୍ତିଶାଳୀ ଓ ବିକାଶ ରାଷ୍ଟ୍ର ଗଠନ ପାଇଁ ମୋଦିଜୀଙ୍କୁ ଭରସା କରି ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ ଭୋଟ ଦେବାକୁ ସ୍ଥାନୀୟ ଲୋକଙ୍କୁ ଦଳୀୟ କର୍ମୀମାନେ ନିବେଦନ କରିଥିଲେ। ଏହି ପଦଯାତ୍ରାରେ ପୂର୍ବତନ ଜିଲା ସଭାପତି ଭବେନ୍ଦ୍ର ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ମନୋଜ କୁମାର ମେହେର, ବର୍ତ୍ତମାନର ବ୍ଲକ ଅଧକ୍ଷ ନୂର୍ଯ୍ୟ ମାଝି, ଉପାଧକ୍ଷ ଟଙ୍କଧର ନାଏକ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ମୁକେଶ ଅଗ୍ରୱାଲ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ରୁପେଶ ଜୈନ, ନାନ୍ଦୋଲ ଜୋନ ଜିଲା ପରିଷଦ ସଭ୍ୟା କାଞ୍ଚନ ବାଗ, ଚାରବାହାଲ ଜୋନ ଜିଲା ପରିଷଦ ସଭ୍ୟା ଶର୍ମିଷ୍ଠା ମେହେର, ନାନ୍ଦୋଲ ମଣ୍ଡଳ ସଭାପତି ଲକ୍ଷ୍ମୀ ନାରାୟଣ ବାଣୁଆ, ବରିଷ୍ଠ ନେତା ସତ୍ୟ ନାରାୟଣ ପଣ୍ଡା, ବେଦ ପ୍ରକାଶ ଗୋଏଲ, ମହିଳା ମୋର୍ଚ୍ଚା ସଦସ୍ୟା ସୁଧାଙ୍ଗନା ତ୍ରିପାଠି, ଯୁବ ନେତା ଦିବ୍ୟ ଦୀପ, ସୁରେଶ ବାଗ, ହୃଦାନନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ

# ଟେମରା, ଚକୁଲି ବିଜୟୀ

ମଣ୍ଡଲ,୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କଳମପୁର ବ୍ଲକ ମଣ୍ଡଳ ପଞ୍ଚାୟତ ଭାଟିଗାଁଠାରେ ଚାଲିଥିବା ବବ୍ରୁବାହାନ ନକ୍‌ଆଉଟ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅଷ୍ଟମ ଦିନରେ ପହଞ୍ଚିଛି । ଅଷ୍ଟମ ଦିନରେ ପ୍ରଥମ ଖେଳ ଟେମରା ଏବଂ ଖଲିଆଭଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟେମରା ଦଳ ୭ ଉଇକେଟରେ ବିଜୟୀ ହୋଇଥିଲା । ଟେମରାର ରାକେଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା । ସେହିପରି ଦ୍ୱିତୀୟ ଖେଳରେ ଚକୁଲି ଏବଂ ଗଡ଼ାବନ୍ଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚକୁଲି ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ କରିଥିଲା। ଜବାବରେ ଗଡ଼ାବନ୍ଦ ଦଳ ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲେ । ମ୍ୟାନ୍ ଅଫ୍ ଦି ମ୍ୟାଚ ଚକୁଲିର ବୁଲୁ ନାଏକଙ୍କୁ ପ୍ରଦାନ କରାଯାଇଥିଲା। ଆୟୋଜିତ ଅଷ୍ଟମ ଦିନ ଦ୍ୱିତୀୟ ମ୍ୟାଚରେ ଶିକ୍ଷାବିତ ରତ୍ନାକର ବେମାଲ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ବୈକୁଣ୍ଠ ଜାଲ, ଗଣେଶ ବାଗ, କୋଦଣ୍ଡଧର ବାଗ, ଅନଙ୍ଗସେନ ବାଗ ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସ୍କୋରର ଭାବେ ମଣ୍ଟୁ ଓ ବବୁ ଏବଂ ଧାରାବିବରଣୀ ବକସି ନାଏକ ପ୍ରଦାନ କରିଥିଲେ । କମିଟି ଛନ୍ଦା, ସଞ୍ଜୟ, କୁନୁ, ସିତାକାନ୍ତ, ରାହୁଲ, ପିଣ୍ଟୁ, ଭରିତ, ଜିତୁ, ପ୍ରମୋଦ, ଲକ୍ଷ୍ମୀ ପ୍ରମୁଖ ସହଯୋଗ କରୁଛନ୍ତି ।



ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ଘାସିରାମ ଦୋରା ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଢୁଣ୍ଡଲା,୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଘାସିରାମ ଦୋରା ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସକାଳ ୮ଟାରେ ବେଲଖଣ୍ଡି ଧବଳେଶ୍ୱର ପୀଠରୁ ମଶାଲ ଶୋଭାଯାତ୍ରା ବାହାରି ସୁବର୍ଣ୍ଣ ଜୟନ୍ତୀ ସମାରୋହଠାରେ ପହଞ୍ଚିଥିଲା । ପରେ ଫଳକକୁ ସ୍ଥାନୀୟ ବିଧାୟକ ଧନେଶ୍ୱର ମାଝି ଉନ୍ମୋଚନ କରିଥିଲେ। ସନ୍ଧ୍ୟାରେ ପଦ୍ମନାଭ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ନିରଞ୍ଜନ ପୂଝାରୀ, ବିଶିଷ୍ଟ ଅତିଥି ଭାବେ ଅନୁସୁଚିତ ଜନଜାତି ଓ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ମୁଖ୍ୟବକ୍ତା ଭାବେ ଅଧକ୍ଷ ପଞ୍ଚାୟତ କଲେଜ ଧର୍ମଗଡ ସତ୍ୟ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନର୍ଲା ବିଧାୟକ ଧନେଶ୍ୱର ମାଝି, ମ.ରାମପୁର ଜିଲା ପରିଷଦ ତଥା ବିଜେଡି ନେତା ପୁଷ୍ପେନ୍ଦ୍ର ସିଂଦେଓ (ପୁଷ୍ପୁ) ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ଉତ୍ସବ ଓ ଲୋକ କଳା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।




ଘାସିରାମ ଦୋରା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ ।

## ଆନ୍ତଃ ଜିଲା ଫୁଟ୍‌ବଲ ଟୁର୍ନାମେଣ୍ଟ: କୁର୍ଶୁଲା ବିଜୟୀ

କର୍ଲାମୁଣ୍ଡା,୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁର୍ଶୁଲା ହରଗୌରୀ ଯୁବକ ସଂଘ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ରବିବାରଠାରୁ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଯୁବକ ସଂଘ ସଭାପତି ଡିଙ୍ଗର ବନଛୋରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗର ଯୁଗ୍ମ ସଚିବ ଡା. ନୃପରାଜ ସାହୁ, ସମ୍ମାନିତ ଅତିଥି ଭାବେ ଦେବକୀ ଜାନୀ, ନାଏବ ସରପଞ୍ଚ ଗୁଣନିଧି ସାହୁ, କମ୍ବୁବପାଣି ବଡମାଲି, କଂସ ପ୍ରସାଦ ଜାନୀ, ଡମବୁଢା ସାହୁ, ନୈରୁତ ଜାନୀ, ହେମସାଗର ସାହୁ, ବୈଷ୍ଣବ ବନଛୋର, ସଂଘ ସମ୍ପାଦକ ଯୁଗଳ ନାଗ ପ୍ରମୁଖ ଯୋଗଦେଇ ଖେଳ ପ୍ରତିଯୋଗିତା ମାଧ୍ୟମରେ ଯୁବ ଗୋଷ୍ଠୀଙ୍କୁ ଏକତା ଭାବ ସୃଷ୍ଟି କରାଯାଇ ପାରିବ ବୋଲି କହିବ ସହ ହରଗୌରୀ ଯୁବକ ସଂଘ ଅବଦାନକୁ ପ୍ରସଂଶା କରିଥିଲେ। ଉଦ୍‌ଘାଟନୀ ଦିବସରେ ପ୍ରଥମ ମ୍ୟାଚ କୁର୍ଶୁଲା ଓ ଘୋଡାବନ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟ୍ରେନଲାଷ୍ଟିକ ଜରିଆରେ କୁର୍ଶୁଲା ବିଜୟୀ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହଯୋଗୀ ସଂସ୍ଥା ନେହୁରୀ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ଡୋଳେନ୍ଦ୍ର ସାହୁ ଓ ରଶ୍ମିତା ସୁନା ଯୋଗଦେଇଥିଲେ। ସୋମବାର ଢୁଲାପଡା ଓ ରଜାପଡା ମଧ୍ୟରେ ମ୍ୟାଚ ହେବାକୁ ଥିବା ହରଗୌରୀ ଯୁବକ ସଂଘ ସଭ୍ୟ ଖିରୋଦ ବଡମାଲି ସୂଚନା ଦେଇଛନ୍ତି।



ଉଭୟ ଦଳର ଖେଳାଳିଙ୍କ ସହିତ ମୁଖ୍ୟଅତିଥି ଡା. ନୃପରାଜ ସାହୁ ଓ ଅନ୍ୟମାନେ।

## ଭବାନୀପାଟଣା ଷ୍ଟେଶନରୁ ଭଙ୍ଗାବାରୀ ଛକ ନୂଆ ରାସ୍ତା ଜିଲାପାଳଙ୍କୁ ଦାବି ଜଣାଇଲେ ସଦର ବିଧାୟକ

ଭବାନୀପାଟଣା,୯।୧୨(ଡି.ଏନ.ଏ.)

ଭବାନୀପାଟଣା ସହରର ରେଳ ଷ୍ଟେଶନଠାରୁ ଭଙ୍ଗାବାରୀ ଛକ ପର୍ଯ୍ୟନ୍ତ ନୂଆ ରାସ୍ତା ନିର୍ମାଣ ପାଇଁ ସଦର ବିଧାୟକ ଅନାମ ନାଏକ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଭବାନୀପାଟଣା ସହରସ୍ଥିତ ରେଳଷ୍ଟେଶନଠାରୁ ଭଙ୍ଗାବାରୀ ଛକ ଖରିଆର ରାଜ୍ୟ ରାଜପଥ ୧୬ ପର୍ଯ୍ୟନ୍ତ ପ୍ରାୟ ୧୦ କି.ମି. ଯିବାକୁ ହୋଇଥାଏ। କିନ୍ତୁ ନୂତନ ରାସ୍ତା ନିର୍ମାଣ କରାଗଲେ ମାତ୍ର ୧ କି.ମି. ଦୂରତା ହେବ। ଏ ନେଇ ବିଜୁ କେବିକେ ଯୋଜନାରେ ଏହି ରାସ୍ତା ନିର୍ମାଣ କରାଯିବାକୁ କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କୁ ଭବାନୀପାଟଣା ସଦର ବିଧାୟକ ଅନାମ ନାଏକ ଲିଖିତ ଭାବେ ଜଣାଇଛନ୍ତି। ଏ ଦିଗରେ ପଦକ୍ଷେପ ନିଆଯିବାକୁ ସହରବାସୀ ଦାବି କରିଛନ୍ତି।

## ଆଦିବାସୀ ମାନ୍ୟତା ପାଇଁ ଲୋହରା ସମାଜର ଦାବି

ଭବାନୀପାଟଣା,୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ୍ ଲୋହରା ସମାଜ ତରଫରୁ କୋଷାବରା ହଲୋ ପଏଣ୍ଟଠାରେ ଜିଲାସ୍ତରୀୟ ଜାତି ସମାଜ ସମାବେସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟେଭାମହୁଲର ବାମ ଦେବ ପରାଭୋଇ, ରୁପୁ କବାଡି, ରଲଝାଡିର ସୁନାସିଂ ପରାଭୋଇ, ଗୋପିନାଥପୁରର ବାଲସିଂ ପରାଭୋଇ, ନାକରୁଣ୍ଡିର ଅମରସିଂ କାବଡି ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଲୋହରା ପରିବାର ସଦସ୍ୟ ଏକଜୁଟ ହେଇ ଜାତି ସମାଜର ବିକାଶ ଦିଗରେ ଆଲୋଚନା କରିଥିଲେ । ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ବିତି ସାରିଥିଲେ ମଧ ଲୋହରା ଜାତିର ଅର୍ଥନୈତିକ, ସାମାଜିକ, ଶିକ୍ଷା ଓ ରାଜନୈତିକ ବିକାଶ ସାଧିତ ହୋଇ ପାରି ନାହିଁ । ପୂର୍ବରୁ ଏହି ଲୋହରା ଜାତି ଆଦିବାଶୀ ସମ୍ପ୍ରଦାୟରେ ସାମିଲ ହେଇଥିଲେ ମଧ ପରବର୍ତ୍ତି ସମୟରେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିରୁ ଏହି ଜାତିକୁ ଆଦିବାସୀ ମାନ୍ୟତା ହରାଇବାକୁ ପଡିଥିଲା । ଫଳରେ ଏହି ଜାତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ପାଇବା ନେଇ ବଞ୍ଚିତ ହୋଇଛନ୍ତି । ତୁରନ୍ତ ଏହି ଜାତିକୁ ଆଦିବାସୀ ମାନ୍ୟତା ଦେବା ନେଇ ଦାବି ଉଠିଛି । ଥୁ.ରାମପୁର ବ୍ଲକ୍ ଲୋହରା ସମାଜ ସଭାପତି ବିଜୟ କବାଡିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ ଜିଲା ଲୋହରା ସମାଜ ସଭାପତି ଚନ୍ଦ୍ର ହାସ୍ୟ ପରାଭୋଇ, ଉପସଭାପତି ଲଛମନ ଭୋଇ, ସମ୍ପାଦକ ବିରଞ୍ଚି ନାରାୟଣ ଭୋଇ ପ୍ରମୁଖ ଅତଥି ଭାବେ ଯୋଗଦେଇ ଜାତି ସମାଜ ବିକାଶ ପାଇଁ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ ।



ଭଲ ଭାବରେ କଥା କହିବାଟା ସୁନ୍ଦର ଚିତ୍ର ଆଙ୍କିବା ସଙ୍ଗେ ସମାନ।
- ୱେଣ୍ଡେଲ୍ ଫିଲିପ୍ସ

## ସଂକ୍ଷେପରେ

### ବୋଲେରୋ-ଟ୍ରକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ନୂଆପଡା ଅଫିସ,୯।୧୨

ଶନିବାର ବିଳମ୍ବିତ ରାତିରେ ଜାତୀୟ ରାଜପଥ ୩୫୩ସ୍ଥିତ କୁରୁମପୁରୀ ଛକ ନିକଟରେ ଏକ ବୋଲେରୋ-ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ବୋଲେରୋ ଡ୍ରାଇଭର ବସନ୍ତ ଦଣ୍ଡସେନା (୩୪)ଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ମୁନ୍ନା ବେଉରା(୩୦)ଙ୍କୁ ଗୁରୁତର ଭାବେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି । ମୁନ୍ନାଙ୍କ ଘର ବରଗଡ ଜିଲା ପାଇକମାଲ ବୋଲି ଜଣାପଡିଛି । ପ୍ରାପ୍ତସୂଚନା ମୁତାବକ ସ୍ଥାନୀୟ ପଟକରପାଲି ଗାଁର ଜଣେ ମାଲିକଙ୍କ ବୋଲେରୋ (ନଂ. ଓଡି-୦୩-୨୧୯୧)ନୂଆପଡା ପଟୁ ନିଜ ଗାଁକୁ ଆସୁଥିବାବେଳେ କୁରୁମପୁରୀ ହାଇସ୍କୁଲ ନିକଟରେ ସାମନା ପଟୁ ଆସୁଥିବା ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ଡ୍ରାଇଭର ବସନ୍ତ ଏବଂ ମୁନ୍ନା ଗୁରୁତର ଭାବେ କ୍ଷତାକ୍ତ ହୋଇ ପଡିଥିଲେ । ଖବର ପାଇ ଲଖନା ଥାନା ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ । ଏଦୁହିଁଙ୍କୁ ପ୍ରଥମେ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସଙ୍କଟାପନ୍ନ ହେବାରୁ ବୁର୍ଲାକୁ ସ୍ଥାନାନ୍ତର କରିଥିଲେ। ରବିବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ନେଇ ସ୍ଥାନୀୟ ପୋଲିସ ସୂଚନା ଦେଇଛି। ବର୍ତ୍ତମାନ ମୁନ୍ନା ବେଉରା ଚିକିତ୍ସିତ ହେଉଛନ୍ତି ।

### ବୋଡେନ ଶିଶୁମନ୍ଦିରରେ ବନବିହାର କାର୍ଯ୍ୟକ୍ରମ

ବୋଡେନ, ୯।୧୨ (ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ସରସ୍ୱତି ଶିଶୁ ମନ୍ଦିର ତରଫରୁ ଶନିବାର ପବିତ୍ର ତିର୍ଥକ୍ଷେତ୍ର ପାତାଳଗଙ୍ଗା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣଠାରେ ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବରେ କର୍ନ୍ଦର୍ପ ନିଆଲ , ନୂଆପଡା ବିଭାଗ ପ୍ରମୁଖ ଗୟାଧର ମହାନ୍ତି, ଅଶ୍ୱିନି କୁମାର ପଣ୍ଡା , ବିଷ୍ଣୁ ଦଣ୍ଡସେନା , ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୃଜନେ ସିଂ ମଲ୍ଲିକ, ଉପସଭାପତି ଟିକେଶ୍ୱର ନାଗ, ସମ୍ପାଦକ ରୋହିତ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ହୋଇ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଅତିଥିମାନେ ବନବିହାର କାର୍ଯ୍ୟକ୍ରମ ଉପରେ ବିଭିନ୍ନ ମତବ୍ୟକ୍ତ ରଖିଥିଲେ। ଏଥିରେ ବିଦ୍ୟାଳୟ ଛାତ୍ରୀମାନଙ୍କ ସହିତ ଅଭିଭାବକ ଅଭିଭାବିକା ଉପସ୍ଥିତ ହୋଇଥିଲେ। କାର୍ଯ୍ୟକ୍ରମକୁ ଗୁରୁଜି ଗୁରୁମାଁ ସହଯୋଗ କରିଥିଲେ ।

### ନିଶାମୁକ୍ତ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

ସିନାପାଲି, ୯।୧୨(ଡି.ଏନ.ଏ.)

ଶାନ୍ତିକୁଞ୍ଜ ହରିଦ୍ୱାର ଅଖିଳ ଭାରତୀୟ ଗାୟତ୍ରୀ ପରିବାର ପକ୍ଷରୁ ସାରା ଭାରତ ବର୍ଷରେ ନିଶାମୁକ୍ତ ଭାରତ ଗଠନ ପାଇଁ ସଚେତନତା କାର୍ଯ୍ୟକ୍ରମ ଚଳାଇଥିବା ନିଶାମୁକ୍ତ ରଥ ଶୁକ୍ରବାର ସିନାପାଲିରେ ପହଞ୍ଚିଲା । ସ୍ଥାନୀୟ ଗାୟତ୍ରୀ ପରିବାର ପକ୍ଷରୁ ରଥକୁ ବିପୁଳ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଏକ ମୋଟରସାଇକେଲ୍ ରାଲି ସହ ନିଶାମୁକ୍ତ ରଥକୁ ସିନାପାଲି ସହର ପରିକ୍ରମା କରାଯାଇଥିଲା । ପରେ ସନ୍ଧ୍ୟାରେ ଏକ ସଭାର ଆୟୋଜନ କରାଯାଇ ଭିଡିଓ ପ୍ରଦର୍ଶିତ କରି ନିଶା ସେବନର କୁପରିଣାମ ଉପରେ ଜନସଚେତନତା ସୃଷ୍ଟି କରିବା ସହ ଲୋକଙ୍କୁ ନିଶା ସେବନରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା । ଆୟୋଜିତ ଗାୟତ୍ରୀ ଦୀପ ମହାଯଜ୍ଞରେ ସୁମିତ ଜୈନ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟକ୍ରମରେ ସିନାପାଲି ଗାୟତ୍ରୀ ପରିବାର ତରଫରୁ ଚୈତନ୍ୟ ମେହେର, ନୁନ୍‌କରନ ଅଗ୍ରୱାଲ, ପୂର୍ଣ୍ଣଚନ୍ଦ୍ର ମେହେର, ତ୍ରୀନାଥ ମେହେର, ମହେଶ୍ୱର ମେହେର, ରମେଶ ମେହେର, ଋଷଭ ମେହେର, ହୀରାଲାଲ ଅଗ୍ରୱାଲ, ଶ୍ରୀକାନ୍ତ ମେହେର, ମଧୁ ନାଏକ, ତରୁଣ କୁମାର ମେହେର, କ୍ଷେତ୍ରମୋହନ ବନ୍ଦିଛୋର, କ୍ଷମାଧର ନିଆଲ, ଗୌରହରି ମେହେର, ଅରୁଣ ମେହେର, ଲୁରୁ ମେହେର ତଥା ସ୍ଥାନୀୟ ଶାନ୍ତି ମହିଳା ମଣ୍ଡଳ, ମା ଦୁର୍ଗା ମହିଳା ମଣ୍ଡଳ, ଶାନ୍ତି ୟୁଥ୍ କ୍ଲବ୍, ଆଦର୍ଶ ୟୁଥ୍ କ୍ଲବ, ଉମଙ୍ଗ ୟୁଥ୍ କ୍ଲବ୍, ହନୁମାନ ୟୁଥ୍ କ୍ଲବ୍‌ର ସଦସ୍ୟ ସଦସ୍ୟାମାନଙ୍କ ସହ ବହୁ ସଂଖ୍ୟାରେ ଯୁବଗୋଷ୍ଠୀ ଅଂଶଗ୍ରହଣ କରିଥିଲେ ।

## ସୀମାନ୍ତରେ ପ୍ରାଥମିକ ଶିକ୍ଷାବ୍ୟବସ୍ଥା ବେହାଲ

# ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ରୀଛାତ୍ର

ଘନଶ୍ୟାମ ଭୋଇ,
ନୂଆପଡା ଅଫିସ,୯।୧୨



ଛାତ୍ରୀଛାତ୍ର ବାରଣ୍ଡାରେ ବସି ପାଠ ପଢୁଛନ୍ତି ।



ଭଙ୍ଗା ଦଦରା ସ୍କୁଲ ଗୃହର ଛାତ ।

ରାଜ୍ୟ ସରକାର ଓଡିଶାର ସୀମାନ୍ତବର୍ତ୍ତି ଅଞ୍ଚଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ ରଖିବାକୁ ପ୍ରୟାସ ଚଳାଇଥିବା କୁହାଯାଉଛି। କିନ୍ତୁ ନୂଆପଡା ଜିଲା ଛତିଶଗଡ ସୀମାନ୍ତବର୍ତ୍ତି ଗାଁଗୁଡିକର ପ୍ରାଥମିକ ବିଦ୍ୟାଳୟଗୁଡିକର ଶିକ୍ଷା ବ୍ୟବସ୍ଥା ବେହାଲ ହୋଇପଡିଛି। ଉଦାହରଣ ଭାବେ ନୂଆପଡା ସଦର ବ୍ଲକ ଭାଲେଶ୍ୱର ଗ୍ରାମପଞ୍ଚାୟତ ଟମକିଦାଦର ସ୍କୁଲ ଘଟଣାରୁ ସବୁ ଜଳ ଜଳ ହୋଇ ଜଣାପଡୁଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଶତାଧିକ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟ ଗୃହ ଅଭାବ ହେତୁ ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଥିବା ଶିକ୍ଷାବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

ଛତିଶଗଡ ସୀମାନ୍ତରେ ଅବସ୍ଥିତ ଟମକିଦାଦର ପ୍ରାଥମିକ ବିଦ୍ୟାଳୟ। ଏହିଅଞ୍ଚଳରେ ଓଡିଆ ଭାଷା ଶିକ୍ଷା ଅତି ନିମ୍ନ ହୋଇଥିବା ସତ୍ତ୍ୱେ ପିଲାମାନେ ପ୍ରାଥମିକ ବିଦ୍ୟାଳୟ ଉପରେ ସମ୍ପୂର୍ଣ୍ଣ ଭାବେ ଭରସା କରିଥାନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀଯାଏଁ ମୋଟ ୧୫୧ ଜଣ ଛାତ୍ରୀଛାତ୍ର ଏଠି ପାଠ ପଢୁଛନ୍ତି। ଏଥିସକାଶେ ୬ଜଣ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ଅଛନ୍ତି । ବିଦ୍ୟାଳୟ ଗୃହ

### ଟମକିଦାଦର ପ୍ରାଥମିକ ବିଦ୍ୟାଳୟ

କହିଲେ ୨ଟି ସ୍କୁଲ ବିଲଡିଂ ରହିଛି । ଏଥିରେ ମୋଟ ୬ଟି କୋଠରୀ ରହିଛି। ହେଲେ ସବୁଘର ଦୋଦୁଲ୍ୟମାନ ସ୍ଥିତିରେ ରହିଥିବାରୁ ପିଲା ସେଠାରେ ବସି ପାଠ ପଢିବା ବିପଦପୂର୍ଣ୍ଣ। ବିଦ୍ୟାଳୟ ଗୃହର ପୁନରୁଦ୍ଧାର ସକାଶେ ଗ୍ରାମବାସୀ ବାରମ୍ବାର ବିଭାଗକୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ବିଦ୍ୟାଳୟର ଏଭଳି ସ୍ଥିତିକୁ କୌଣସି ଅଧିକାରୀ ମଧ୍ୟ ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ଶେଷରେ ଅନନ୍ୟୋପାୟ ହୋଇ ସ୍କୁଲ ବାରଣ୍ଡାରେ ବସାଇ ପାଠ ପଢାଉଥିବା ଦେଖାଯାଇଛି । ବାରଣ୍ଡାରେ ସବୁ ଶ୍ରେଣୀର ପିଲାମାନେ ବସି ପାଠପଢୁଥିବାବେଳେ ଶିକ୍ଷକମାନେ ଜଣ ଜଣ କରି ଗୋଟିଏ ଲେଖାଏଁ କରି ଶ୍ରେଣୀର ପିଲାଙ୍କୁ ପାଠ ପଢାଇଥାନ୍ତି । ଏଭଳି ସ୍ଥିତି ଆଜକୁ ଦୁଇ ତିନି ବର୍ଷ ହେବ ଚାଲିଥିବାରୁ ଦିନକୁ ଦିନ ପିଲାଙ୍କ ଶିକ୍ଷା ବ୍ୟବସ୍ଥା ଦୁର୍ବଳ ହୋଇପଡୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏହା ଉପରେ ବ୍ଲକ ତଥା ଶିକ୍ଷା ବିଭାଗ ତୁରନ୍ତ ହସ୍ତକ୍ଷେପ କରି ବିକଳ୍ପ ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ବିଦ୍ୟାଳୟ ବନ୍ଦ ହୋଇପଡିବ ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହା ଉପରେ ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଏହା ଉପରେ ତାଙ୍କ ନିକଟକୁ କୌଣସି ଲିଖିତ ଅଭିଯୋଗ ଆସିନାହିଁ । ତଥାପି ସେ ନିଜେ ସେଠାକୁ ଯାଇ ବିଦ୍ୟାଳୟ ଗୃହ ସମସ୍ୟା ଉପରେ ଅବଗତ ହେବେ । ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ସମସ୍ୟାର ଖୁବଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

### ସିନାପାଲି ବିଜୁ ଯୁବ ବାହିନୀ ତରଫରୁ ବ୍ଲକ୍‌ସ୍ତରୀୟ ଭଲିବଲ୍

ସିନାପାଲି, ୯।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ବିଜୁ ଯୁବ ବାହିନୀ ତରଫରୁ ବ୍ଲକସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ ସ୍ଥାନୀୟ ଯୁଗେନପଦର ହେଲିପେଡ୍ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୭ ଓ ୮ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଟୁର୍ନାମେଣ୍ଟରେ ବ୍ଲକ୍‌ର ସମସ୍ତ ଗ୍ରାମପଞ୍ଚାୟତରୁ ୨୭ଟି ଦଳ ଅଂଶଗ୍ରହଣ କରିଥିଲେ। ସିନାପାଲି ଜିଲ୍ଲା ପରିଷଦ ସଦସ୍ୟ ପ୍ରିୟରନ ମେହେର ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଟୁର୍ନାମେଣ୍ଟର ଫାଇନାଲ୍ ଖେଳରେ ଚଟିଆଗୁଡା ଦଳ ସିନାପାଲିକୁ ହରାଇ ଚାମ୍ପିୟନ୍ ହୋଇଥିଲା। ଖେଳ ପ୍ରଶିକ୍ଷକ ଅରୁଣ ଗଡତିଆ ଖେଳ ପରିଚାଳନା କରିଥିଲେ। ସିନାପାଲି ବ୍ଲକ ଡବ୍ଲ୍ୟୁଇଓ ତଥା ବ୍ଲକ୍ ବିଜୁ ଯୁବ ବାହିନୀ ନୋଡାଲ ଅଫିସର ସୂର୍ଯ୍ୟକାନ୍ତ ଭୁଏ ଓ ବ୍ଲକ୍ ଯୁବ ବାହିନୀ କୋଅର୍ଡିନେଟର୍ ଉପସ୍ଥିତ ଥିଲେ । ବ୍ଲକ୍‌ସ୍ତରୀୟ ଟୁର୍ନାମେଣ୍ଟରେ ଚାମ୍ପିୟନ ଘୋଷିତ ହୋଇଥିବା ଚଟିଆଗୁଡା ଦଳ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ନୂଆପଡା ଜିଲାସ୍ତରୀୟ ଟୁର୍ନାମେଣ୍ଟରେ ଯୋଗଦାନ କରିବାକୁ ଥିବା ଜଣାପଡିଛି ।

### ସୁନାପୁର ପଞ୍ଚାୟତର ମାସିକ ବୈଠକ

ବୋଡେନ୍, ୯।୧୨ (ଡି.ଏନ.ଏ)

ନୂଆପଡ଼ା ଜିଲା ବୋଡେନ୍ ବ୍ଲକର ସୁନାପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତର ମାସିକ ବୈଠକ ସରପଞ୍ଚ ଜାନକି ଦଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଗୁ ନିଆଲ ଓ ନାଏବ ସରପଞ୍ଚ ପ୍ରମୁଖଙ୍କ ସହ ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ ସମ୍ପର୍କରେ ସବିଶେଷ ବିବରଣୀ ଆଲୋଚନା କରାଯାଇଥିଲା।

### ଅଶ୍ୱିନୀ ମେମୋରିଆଲ ଫୁଟବଲ: ବୋଡେନ ବୁଲସ୍‌ଏଫସି ଓ ଗୁଲମି ଫାଇନାଲରେ

ବୋଡେନ, ୯।୧୨ (ଡି.ଏନ.ଏ.)

ବୋଡେନ ବ୍ଲକ ଅଶ୍ୱିନି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ବିନପୁର ଖେଳ ପଡିଆଠାରେ ବଲାଙ୍ଗୀର ଜିଲା ଗୁଲମି ଓ କଳାହାଣ୍ଡି ବୋର୍ଡା ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଗୁଲମି ଦଳ ବୋର୍ଡା ଦଳକୁ ୨-୦ ଗୋଲରେ ହରାଇ ଗୁଲମି ଦଳ ଫାଇନା ଖେଳିବାକୁ ଉନ୍ନୀତ ହୋଇଛି। ଖେଳଟିକୁ କୋମନା କ୍ରିଡା ଶିକ୍ଷକ ବଳରାମ ସରାଫ ପରିଚାଳନା କରିଥିଲେ । ଅତିଥି ଭାବେ ବୋଡେନ ସରପଞ୍ଚ ନୃପରାଜ ତାଣ୍ଡି ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀକାନ୍ତ ସିଂ ମାଝି, ସମିତି ସଭ୍ୟ ସୌଦାଗର ସାହୁ, ପୂର୍ବତନ ଖେଳାଳି ମହମ୍ମଦ ରହମାନ, ଟିକେଟନ ନିଆଲ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଖେଳ ଧାରାବିବରଣି ମନୋଜ ଖମାରି ଓ ମନବୋଧ ମାଝି ସହଯୋଗ କରିଥିଲେ । ପରିଚାଳନା ସଦସ୍ୟ ସୁବୋଧ ମାଝି, ନରେଶ ତାଣ୍ଡି ଭମର ବୈଠାରୁ, ନିତେଶ ମାଝି ପ୍ରମୁଖ ସହଯୋଗ କରୁଛନ୍ତି। ଟୁର୍ନାମେଣ୍ଟକୁ ବୋଡେନ ମା'ଦ୍ୱାରଶନୀ କ୍ଲବ ଦ୍ୱାରା ଆୟୋଜନ କରାଯାଉଛି।


# ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି

## ଚାଷୀଭାଇମାନଙ୍କ ଧାନ ବିକ୍ରୟ ସମ୍ବନ୍ଧେ ବିଶେଷ ସୂଚନା

ଏତଦ୍ୱାରା ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ଇଲାକାଧୀନ ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ବର୍ଷ ୨୦୧୮-୧୯ ବର୍ଷ ପାଇଁ ଆସନ୍ତା ତା୦୭।୧୨।୨୦୧୮ରିଖଠାରୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ନିମ୍ନଲିଖିତ ସେବା ସମବାୟ ସମିତି ଜରିଆରେ ଧାନକ୍ରୟ କରାଯାଉଅଛି। ଏଣୁ ଚାଷୀ ଭାଇ/ଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ଶୁଖାଇ ଓ ସଫାକରି F.A.Q.ମାନକୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବାକୁ ଅନୁରୋଧ।

**'ଶୁଖିଲା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣନ୍ତୁ ଏବଂ ସରକାରୀ ଧାର୍ଯ୍ୟ ଉଚିତ ସହାୟକ ମୂଲ୍ୟ ପାଆନ୍ତୁ'।**

| କ୍ର.ନଂ. | ବ୍ଲକ୍‌ର ନାମ | ଧାନକ୍ରୟ କେନ୍ଦ୍ରର ନାମ |
|---|---|---|
| ୧. | ଜଗତସିଂହପୁର | ସାଁପୁର, ପୁରୋହିତପୁର, ଶାଳଜଙ୍ଗା, ମଣ୍ଡାସାହି, ସଭାମୂଳ, ଓଡ଼ିଶୋ, କଣ୍ଟାବଲ୍ଲଭପୁର, ତରଡ଼ାପଡ଼ା, କାଦୁଅପଡ଼ା, ପଳାଶୋଳ, ସିଙ୍ଗାରପୁର, ଆଳିପିଙ୍ଗଳ, କଣ୍ଟିଲୋ, ମୁଦୁପୁର, ମାର୍କଣ୍ଡପୁର, ବିଶିପିଡଳ |
| ୨. | ବିରିଡ଼ି | ଅଡ଼ଙ୍ଗଗଡ଼, ପୂରଣ, ଗୋପୀନାଥପୁର, ଉତ୍ତର ଶାସନ, ମଙ୍ଗୁଲି, ଅଲାଣ୍ଡୋ |
| ୩. | ନାଉଗାଁ | ଡେରିକି, ତିରୁଣା, ଶିଖର, ଗଜରାଜପୁର, ନାଉଗାଁ (ଉପକେନ୍ଦ୍ର ଦାଣ୍ଡୁଆ), ଅଲଣା |
| ୪. | ରଘୁନାଥପୁର | ରାଢ଼ଙ୍ଗ, ଜିରା, ରେଢୁଆ, ତାରପୁର, ତରିକୁନ୍ଦ, ଛପଡ଼ା, ଗୁଆଳିପୁର, ପୁରୁଣାବସନ୍ତ, ଜଗନ୍ନାଥପୁର |
| ୫. | ବାଲିକୁଦା | ଇଚ୍ଛାପୁର, ସଂଗ୍ରାମପୁର, କାଳିଓ, ମାଛଗାଁ, ଅପଣ୍ଡରା, ଅନନ୍ତପୁର, ନହରଣା, ଶୋଭା, ରାହାଣ, ବୋରିକିନା, କାଞ୍ଚିଆକଣ, ଅଳାଭର, ନାଗପୁର, ଅଳାବୋଳ, ତଣ୍ଡିକୂଳ, ମୁଲୁଗାଁ, କୃଷ୍ଣଦାସପୁର, ଦୁଆ, ବରମୁଣ୍ଡଳି, ବାହାରଣା, ଆମ୍ବଶାଳ |
| ୬. | ତିର୍ତ୍ତୋଲ | ବୋଧେଇ, କଟରା, ତରଜଙ୍ଗା, ତୁଳଙ୍ଗ, ଗରାମ, କୃଷ୍ଣାନନ୍ଦପୁର, କନକପୁର, ଜଗନ୍ନାଥପୁର, କୋଳର, ସାମନ୍ତରାପୁର, ପଟିଲୋ, ଗୋବିନ୍ଦପୁର, ବିରିତୋଳ, ତିର୍ତ୍ତୋଲ, ଦାଇଁଲୋ |

| ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ସରକାରୀ ଧାର୍ଯ୍ୟ ଦର) | |
|---|---|
| ସାଧାରଣ ମାନ | ଟ.୧,୭୫୦.୦୦ (କ୍ୱିଣ୍ଟାଲ ପ୍ରତି) |
| ଗ୍ରେଡ୍-'ଏ' ଧାନ | ଟ.୧,୭୭୦.୦୦ (କ୍ୱିଣ୍ଟାଲ ପ୍ରତି) |

ସର୍ବଶେଷରେ ଚାଷୀ ଭାଇ/ଭଉଣୀମାନେ ଧାନମଣ୍ଡିରେ ଶୃଙ୍ଖଳାର ସହିତ ଧାନକ୍ରୟରେ ଜିଲ୍ଲା ପ୍ରଶାସନ ସହିତ ସହଯୋଗ କରିବାକୁ ଅନୁରୋଧ।

**ନିୟନ୍ତ୍ରିତ ବଜାର କମିଟି**
**ଜଗତସିଂହପୁର**

**ଜିଲ୍ଲା ପ୍ରଶାସନ**
**ଜଗତସିଂହପୁର**



**GOVT. OF ODISHA** 919-A

**OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR**

**'e' Procurement Notice No.CELMB 64 OF 2018-19**

1. Name of the work : Raising & strengthening to saline embankment from Ambiki to Kankan from RD 2.00 Km to RD 8.00 Km under NABARD Assistance RIDF-XXII.
2. Tender Cost : Rs. 11,58,50,265.00
3. Bid Document Cost : Rs.10, 000.00 (online)
4. Bid Security : Rs.11,58,600.00 (online)
5. Class of Contractor : Special Class & Super Class
6. Period of Completion : 18 calendar months (548 Days)
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB MSD 05 OF 2018-19 | 12.12.2018 10.00hrs | 27.12.2018 17.00hrs | 28.12.2018 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website www.tendersorissa.gov.in

32252/11/0075/1819 *Sd./- Chief Engineer FC & Basin Manager, Lower Mahanadi Basin*



**GOVERNMENT OF ODISHA,**
**OFFICE OF THE EXECUTIVE ENGINEER, RURAL WORKS DIVISION-II, MALKANGIRI**
e-mail: ruralworksdivisioniimalkangiri@yahoo.co.in

**NATIONAL COMPETITIVE BIDDING THROUGH e-Procurement**

Identification No. Online 07/RWD-II, MKG/2018-19

1088-O

1. Name of the work : Building & Road works (Detailed in Annexure)
2. Total Number of Works : 05 (Five) numbers.
3. Tender Cost : From Rs.5.19 lakhs to Rs.22.10 lakhs
4. Class of Contractor : 'D' ,'C' and "B" Class contractors
5. Period of Completion : 2 and 4 Months (Detailed in Annexure)
6. Other Details :

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Malkangiri | Online Tender /07 / RWD-II, MKG/ 2018-19 | 05 (Five) Nos. of Building & Road works | 12.12.2018 from 11.00AM | 27.12.2018 upto 5.00PM | 26.12.2018 upto 5.00PM | 29.12.2018 at 11.00AM |

Further details can be seen from the Website www.tenderorissa.gov.in

25079/11/0007/1819 *Executive Engineer, R.W. Division-II, Malkangiri*



**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com, Tel/FAX:- 0680-2404287

**NATIONAL COMPETITIVE BIDDING THROUGH e-Procurement**

Bid Identification No. Online Tender /26-2018-19/BPR

1136-O

| Identification No. | Name of work | No. of Works | Approx. Estimated Cost (in lakh) | Class of Contractor | Period of Completion |
|---|---|---|---|---|---|
| Online Tender / 26-2018-19/ BPR | Road Works under Periodical Maintenance | 13 Nos. | From Rs. 98.80 lakhs to Rs. 251.40 Lakhs | "B" or "A" Class as applicable | 03 (Three) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/ 26-2018-19/BPR | 12.12.2018 at 10.00AM | 26.12.2018 upto 3.00PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website:- www.tendersodisha.gov.in

25071/11/0041/1819 *Sd./- Superintending Engineer, R.W. Circle, Berhampur*



**GOVERNMENT OF ODISHA "e" PROCUREMENT NOTICE**

1111-O

**Bid Identification No 22 of 2018 - 19**

1. Name of the Work :- Execution of different civil works in the district of Kandhamal. (Refer DTCN available in the website:- tendersorissa.gov.in)
2. Total No. of work :- 04 Nos.
3. Estimated Cost :- Rs. 39.90 lakh to 49.80 lakh
4. Eligible Class of Contractor :- "C & B" and " B & A" Contractor
5. Period of Completion :- 06 months (Refer DTCN available in the website tendersorissa.gov.in)
6. Other Details :-

| Procurement Officer | Bid Identification No. | Availability of tender online for bidding | | Date and time for opening of Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 22 of 2018-19 | Dt. 12.12.2018 At 10.00 Hrs | Dt. 26.12.2018 Upto 17.00 Hrs | Dt.27.12.2018 at 11.00AM |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.

25006/11/0026/1819 *Executive Engineer, RWS&S Division, Phulbani*

## ସଂକ୍ଷେପରେ

### ୧୬ରେ କିଡ୍ସ ଫେଷ୍ଟିଭାଲ

**ରାଉରକେଲା ଅଫିସ,୯।୧୨-** ଆସନ୍ତା ୧୬ ତାରିଖରେ କିଡ୍ସ ଫେଷ୍ଟିଭାଲ (ଶିଶୁ ମହୋତ୍ସବ) ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) ଟେକ୍ନୋଲୋଜି କ୍ଲବଠାରେ ପାଳନ କରାଯିବ। ଏଥିରେ ୩ରୁ ୧୫ ବର୍ଷ ବୟସ୍କ ପିଲାଙ୍କୁ ୩ ବର୍ଗରେ ବିଭକ୍ତ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗ୍ରୁପ ଏ'ରେ ୩ରୁ ୬, ଗ୍ରୁପ ବି'ରେ ୭ରୁ ୧୦ବର୍ଷ ଓ ଗ୍ରୁପ ସି'ରେ ୧୧ରୁ ୧୫ବର୍ଷ ବୟସ୍କ ପ୍ରତିଯୋଗୀ ସାମିଲ ହେବେ। ଏମାନଙ୍କ ମଧ୍ୟରେ ପେଣ୍ଟିଂ, ଡ୍ରଇଁ, ମଡେଲିଂ, ଇନଷ୍ଟ୍ରୁମେଣ୍ଟ ପ୍ଲେ, ନୃତ୍ୟ, ସଙ୍ଗୀତ, ବାଦ୍ୟ, ଫ୍ୟାନ୍ସି ଡ୍ରେସ, ରାଇମ୍ସ, ମନୋ ଆକ୍ଟିଂ, ସାଧାରଣ ଜ୍ଞାନ, ବକ୍ତୃତା, ହସ୍ତାକ୍ଷର ଓ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସଫଳ ପ୍ରତିଯୋଗୀଙ୍କୁ ଆସନ୍ତା ୩୦ ତାରିଖରେ ଏନ୍ଆଇଟି ବିବି ଅଡିଟୋରିୟମରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଏ ନେଇ ହାପି ମୁମେଣ୍ଟସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଏଥିରେ ଗୋପୀନାଥ ପଟ୍ଟନାୟକ, କୁଞ୍ଜବିହାରୀ ରାଉତ, ବିଦ୍ୟାଧର ସୁବୁଦ୍ଧି ଓ ପ୍ରଫେସର ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

**ସୁନ୍ଦରଗଡ, ୯।୧୨ (ଡି.ଏନ.ଏ)-** ଶନିବାର ସୁନ୍ଦରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଡ. ସନାତନ ପ୍ରଧାନ ଅଧ୍ୟକ୍ଷ ଏନଏସି କଲେଜ ରାଉରକେଲା ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମାଜସେବିକା ନିହାରିକା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସଭାରେ ଶିଶୁଙ୍କର ବିକାଶରେ ମା'ର କର୍ତ୍ତବ୍ୟ ସମ୍ବନ୍ଧରେ ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥି ସୂଚୀତ କରିଥିଲେ। ମାତୃ ମଣ୍ଡଳୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମୋନା ନାଏକ, ନିର୍ମଳା ହାତୀ, ଗୀତାଞ୍ଜଳି ମହାନ୍ତି ଅମୃତ ବଚନ କହିଥିଲେ। ମଙ୍ଗଳ ଗଡିଆଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ରାଜେନ୍ଦ୍ର କୁମାର ଅଗ୍ରୱାଲ କାର୍ଯ୍ୟକ୍ରମକୁ ସୂଚାରୁରୂପେ ଆଗେଇ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ପଟେଲ ଓ ସହ ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ନନ୍ଦିତା ପଟେଲ କାର୍ଯ୍ୟକ୍ରମର ପ୍ରମୁଖ ଥିଲେ।

ଗୋଟିଏ ମଞ୍ଚରେ ଆର୍ଏସ୍ଏସ୍, ଗାଙ୍ଗପୁର ମଜଦୁର ମଞ୍ଚ କର୍ମକର୍ତ୍ତା

# ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନକୁ ଟାର୍ଗେଟ

## ■ ବଦଳିବ ଆର୍ଏସ୍ପି ଶ୍ରମିକ ରାଜନୀତି ସମୀକରଣ

**ରାଉରକେଲା ଅଫିସ,୯।୧୨**

ନିକଟରେ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ କଂଗ୍ରେସ ଦଳରେ ଯୋଗଦାନ ପରେ ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍ପି) ଶ୍ରମିକ ରାଜନୀତି ମୋଡ଼ ବଦଳାଇବା ଆରମ୍ଭ କରିଛି। ଏ ନେଇ ରବିବାର ଦୁଇ ବିରୋଧୀ ଶ୍ରମିକ ସଂଗଠନ ରାଉରକେଲା ଶ୍ରମିକ ସଂଘ ଓ ତିର୍କୀଙ୍କ ନେତୃତ୍ୱାଧୀନ ଗାଙ୍ଗପୁର ମଜଦୁର ମଞ୍ଚ ମିଳିତ ଭାବେ କାର୍ଯ୍ୟ କରିବାକୁ ଘୋଷଣା କରିଛନ୍ତି। ଏ ନେଇ ସେକ୍ଟର-୭ କମ୍ୟୁନିଟି ସେଣ୍ଟରରେ ଆୟୋଜିତ ବୈଠକରେ ଉପସ୍ଥିତ ଦୁଇ ୟୁନିୟନ ନେତୃମଣ୍ଡଳୀ ହାତ ମିଳାଇଛନ୍ତି। ପରସ୍ପର ମଧ୍ୟରେ ବିରୋଧ ଭାବ ତ୍ୟାଗ କରି ଆଗକୁ ଇସ୍ପାତ ଶ୍ରମିକଙ୍କ ହିତରେ କାମ କରିବାକୁ ସହମତ ହୋଇଛନ୍ତି ଉଭୟ ସଂଗଠନ କର୍ମକର୍ତ୍ତା। ବୈଠକରେ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ବୀରମିତ୍ରପୁର ବିଧାୟକ ତଥା ୟୁନିୟନ ସଭାପତି ତିର୍କୀ, ଗୋପାଳ ଦାସ, ସଞ୍ଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିବାବେଳେ ଆର୍ଏସ୍ଏସ୍ ୟୁନିୟନ ପକ୍ଷରୁ ହରି ରାଉତରାୟ, ପ୍ରଶାନ୍ତ ବେହେରା, ନିହାର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୁହାଯାଇଥିଲା ଯେ ଶ୍ରମିକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଇ ଆର୍ଏସ୍ପି ଶ୍ରମିକ ସ୍ୱୀକୃତି ନିର୍ବାଚନରେ ବିଜୟ ହାସଲ କରିଥିବା ୟୁନିୟନ ଏବେ ସ୍ଥାଣୁ ପାଲଟିଛି। ଭୋଟ ଫର୍ ବେଟର ଏନ୍ଜେସିଏସ୍ ନାରା ଦେଇ ଶ୍ରମିକଙ୍କ ଭୋଟ ହାତେଇଥିବା ଏହି ୟୁନିୟନ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ଧୂଆଁବାଣ ସଦୃଶ ହୋଇଛି। ନୂତନ ବେତନ ଚୁକ୍ତିନାମା ନେଇ ୨ବର୍ଷ ସମୟ ଅତିବାହିତ ସତ୍ତ୍ୱେ ସେଲ୍ ମ୍ୟାନେଜମେଣ୍ଟ ଗୋଟିଏ ସୁଦ୍ଧା ବୈଠକ ଡାକି ନାହିଁ। ଏ ନେଇ କେନ୍ଦ୍ର ସରକାର ଓ ସେଲ୍ କର୍ତ୍ତୃପକ୍ଷ ବାରମ୍ବାର ନକାରାତ୍ମକ ମନୋଭାବ ପୋଷଣ କରୁଥିବା ବେଳେ ସ୍ୱୀକୃତିପ୍ରାପ୍ତ ୟୁନିୟନ ନୀରବଦ୍ରଷ୍ଟା ସାଜିଛି। ଶ୍ରମିକ କର୍ମଚାରୀମାନେ ପରିଶ୍ରମ କରି ଉତ୍ପାଦନ ଓ ଉତ୍ପାଦକତାକୁ ବଢ଼ାଇବାରେ ଲାଗିଥିବାବେଳେ ଇସ୍ପାତ ମନ୍ତ୍ରଣାଳୟର ବେପରୁଆ ନୀତି ଆଜି ଘାତକ ସାବ୍ୟସ୍ତ ହୋଇଛି। ଶ୍ରମିକଙ୍କ ଏଭଳି ଦୁର୍ଦ୍ଦିନ ବେଳେ ସ୍ୱୀକୃତି ପାଇଥିବା ଶ୍ରମିକ ସଂଗଠନର କୌଣସି କାର୍ଯ୍ୟକ୍ରମ ନାହିଁ ବୋଲି ଅତିଥି ପ୍ରକାଶ କରିଥିଲେ। ସମ୍ପୃକ୍ତ ୟୁନିୟନ କେନ୍ଦ୍ର ସରକାରଙ୍କ ପ୍ରରୋଚନାରେ ଶ୍ରମିକଙ୍କୁ ବିଭ୍ରାନ୍ତ କରୁଥିବା ଏଥିରେ ଅଭିଯୋଗ କରାଯାଇଥିଲା। ସେଲ୍ ପେନସନ ସ୍କିମ ପ୍ରଚଳନ ନେଇ ଅହେତୁକ ବିଳମ୍ବ କରାଯିବା ସହ ମ୍ୟାନେଜମେଣ୍ଟ ଅନୁଦାନକୁ ୬ ପ୍ରତିଶତରୁ ୯କୁ ବୃଦ୍ଧି କରାଇବାର ଡିଣ୍ଡିମ ପିଟି ଏହାକୁ ମାତ୍ର ୨ପ୍ରତିଶତକୁ ଖସାଇବାରେ ସ୍ୱୀକୃତିପ୍ରାପ୍ତ ୟୁନିୟନର ହାତ ରହିଥିବା ଏଥିରେ ଅଭିଯୋଗ କରାଯାଇଥିଲା। ସେହିପରି ଡିପ୍ଲୋମା, ଆଇଟିଆଇ ପିଲାଙ୍କୁ ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇଥିବା ସମ୍ପୃକ୍ତ ୟୁନିୟନ କାଣିଚାଏ କାମ କରିନି। ଡିପ୍ଲୋମା ଇଞ୍ଜିନିୟରଙ୍କୁ ଜୁନିୟର ଇଞ୍ଜିନିୟର ପଦବୀ ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ଏଥିରେ ପ୍ରଶ୍ନ କରାଯାଇଥିଲା। କର୍ମଚାରୀଙ୍କ ମେଡିକାଲ ଅନଫିଟ ନେଇ ରହିଥିବା ସମସ୍ୟା ଦୂର କରିବାକୁ ପ୍ରତିଶ୍ରୁତି ଦେଇଥିବା ସେହି ୟୁନିୟନ ନେତାଙ୍କ ମୁହଁ ଏବେ ବନ୍ଦ ହୋଇଯାଇଛି। ଆଜି ଷ୍ଟିଲ ଟାଉନଶିପ ବାସିନ୍ଦାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଘର ମରାମତି, ପରିମଳ ଅବସ୍ଥା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପହଞ୍ଚିଲାଣି। ଏଭଳି ଅନେକ ସମସ୍ୟାରେ ଛାଟିପିଟି ହେଉଥିବା ଆର୍ଏସ୍ପି କର୍ମଚାରୀଙ୍କ ସ୍ୱାର୍ଥ ସୁରକ୍ଷା ନେଇ ଆଗାମୀ ଦିନରେ ଉପରୋକ୍ତ ଦୁଇ ୟୁନିୟନ ମିଳିତ ଭାବେ କାମ କରିବେ ବୋଲି ଏଥିରେ ଘୋଷଣା କରାଯାଇଥିଲା। ଆର୍ଏସ୍ପି ଶ୍ରମିକଙ୍କୁ ନେଇ ଏହି ଦୁଇ ଦଳର ସହମିତି ଆଗାମୀ ଦିନରେ ଷ୍ଟିଲ ସିଟି ଶ୍ରମିକ ରାଜନୀତି ସମୀକରଣକୁ ବଦଳାଇବ ବୋଲି ଅନେକେ ଆଶା ବ୍ୟକ୍ତ କରିଛନ୍ତି।




ସେକ୍ଟର-୭ କମ୍ୟୁନିଟି ସେଣ୍ଟରଠାରେ ଆର୍ଏସ୍ଏସ୍ ଓ ଗାଙ୍ଗପୁର ମଜଦୁର ମଞ୍ଚ ମିଳିତ ବୈଠକରେ ଉପସ୍ଥିତ ଦୁଇ ୟୁନିୟନ କର୍ମକର୍ତ୍ତା।

### ସର୍ବକ୍ଷମା ଯୋଜନା ନେଇ ଆଲୋଚନା

**ରାଉରକେଲା ଅଫିସ,୯।୧୨**

ଶୁକ୍ରବାର ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଭବନରେ ସଭାପତି ସୁବ୍ରତ ପଟ୍ଟନାୟକ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରାଞ୍ଚଳ ପାଇଁ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଲାଗୁ କରାଯାଇଥିବା ସର୍ବକ୍ଷମା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସର୍ବକ୍ଷମା ଯୋଜନା କମିଟି ସଭ୍ୟ ତଥା ଆର୍ଡିଏ ଅଧ୍ୟକ୍ଷ ସାରଦା ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ କର୍ମକର୍ତ୍ତା କହିଥିଲେ ଯେ ସର୍ବକ୍ଷମା ଯୋଜନାକୁ ସରଳୀକରଣ କରା ନ ଗଲେ ଏଥିରୁ ଲୋକେ ଆଶାନୁରୂପ ଫଳ ପାଇବେ ନାହିଁ। ସାମ୍ପ୍ରତିକ ପରିସ୍ଥିତିରେ ସର୍ବକ୍ଷମା ଯୋଜନା ନେଇ ଅନେକ ଜଟିଳାବସ୍ଥା ସୃଷ୍ଟି ହେଉଛି। ସହରବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସାରଦା ନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଭାଗୀୟ ସଚିବଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଡକାଗଲେ ଏହାର ସମାଧାନ ପନ୍ଥା ବାହାରି ପାରନ୍ତା ବୋଲି ଚାମ୍ବର କର୍ମକର୍ତ୍ତା ପ୍ରସ୍ତାବ ଦେଇଥିଲେ। ଏ ନେଇ ନାୟକ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିବାରୁ ବୈଠକରେ ସନ୍ତୋଷ ପ୍ରକାଶ ପାଇଛି।

### ମହୁମାଛି ଆକ୍ରମଣରେ ଯୁବକ ଗୁରୁତର

**କୋଲାବିରା,୯।୧୨ (ଡି.ଏନ୍.ଏ.)**

ସମାସିଂହା ଗ୍ରାମ ମାହାଜନପଡ଼ାର ଓଁକାର ମଲ୍ଲଙ୍କ ଗ୍ୟାରେଜ ନିକଟରେ ଥିବା ଏକ ବିରାଟ ଗଛ ଡାଳରେ ଲାଗି ରହିଥିବା ମହୁମାଛି ବସାକୁ ଚିଲପକ୍ଷୀ ଝାମ୍ପ ମାରିବା ଫଳରେ ରବିବାର ଅପରାହ୍ନ ଗୋଟାଏ ସମୟରେ ମହୁମାଛି ଆକ୍ରମଣରେ ଅନେକ ଲୋକ ଆହତ ହୋଇଛନ୍ତି। ଏଥିରେ ସମାସିଂହା ଗ୍ରାମର ମାଞ୍ଜୋ ମହାନନ୍ଦିଆ ଗୁରୁତର ହୋଇଛନ୍ତି। ତାଙ୍କ ମୁହଁକୁ ବହୁ ସଂଖ୍ୟକ ମହୁମାଛି ଏକସଙ୍ଗରେ ଦଂଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେହି ଗ୍ରାମର ଦିଲୀପ ସେନାପତି, ଭୀଷ୍ମଦେବ ପଟେଲ, ଗିରିଧାରୀ ସେନାପତି, ଅଜୟ କୁମାର ସାହୁଙ୍କ ସମେତ ସୋଡ଼ାମାଲ ଗ୍ରାମର ଅତନୁ ସୂତାର, ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାମୟୀ ସୂତାର ଓ ତାଙ୍କ ପିଲାମାନେ ମଧ୍ୟ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ଚିଲ ଝାମ୍ପିବା ଦ୍ୱାରା ମହୁମାଛି ଚାରିଆଡ଼େ ବ୍ୟାପି ଯାଇଥିଲେ। ଲୋକେ ତାଟି କବାଟ କିଳି ଘର ଭିତରକୁ ପଶି ଯାଇଥିଲେ।

# ଅନ୍ତର୍ଜାତୀୟ ମାନବିକ ଅଧିକାର ଦିବସ

**ରାଉରକେଲା ଅଫିସ,୯।୧୨**

ଅଣସଂଗଠିତ ଶ୍ରମିକଙ୍କୁ ନେଇ ଘରୋଇ ଶ୍ରମିକ ସଂଘ ଆନୁକୂଲ୍ୟରେ ବାସନ୍ତୀ କଲୋନୀ ଅତିଥି ଭବନରେ ଶନିବାର ଅନ୍ତର୍ଜାତୀୟ ମାନବିକ ଅଧିକାର ଦିବସ ପାଳିତ ହୋଇଛି। ଏଥିରେ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଏମ୍ଡି ରଫିକ, ସମ୍ମାନିତ ଅତିଥି ଭାବେ ସହକାରୀ ଶ୍ରମ ଅଧିକାରୀ ସୁକାନ୍ତ ସେଠୀ, ମହିଳା କାଉନସେଲର ସ୍ୱାଗତିକା ସାହୁ, ପ୍ରଫେସର ପ୍ରଜ୍ଞା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ମହିଳାଙ୍କ ମାନବିକ ଅଧିକାର ଉଲ୍ଲଂଘନ ଓ ଏହାର ନିରାକରଣ ନେଇ ଆଲୋଚନା କରାଯାଇଥିଲା। ବିଶେଷକରି ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ମହିଳାଙ୍କୁ କିପରି ଆଇନଗତ ସୁରକ୍ଷା ଯୋଗାଇ ଦିଆଯାଇ ପାରିବ ସେ ନେଇ ଅତିଥିମାନେ ଆଲୋକପାତ କରିଥିଲେ। ଅନେକ କ୍ଷେତ୍ରରେ ଆଜି ମାନବିକ ଅଧିକାର ଉଲ୍ଲଂଘନ କରାଯାଉଥିବା ବେଳେ ସଚେତନତା ଅଭାବରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁନି। ମାନବିକ ଅଧିକାର ଅନ୍ତର୍ଗତ ଆଇନ ସମ୍ପର୍କରେ ଅଧିକରୁ ଅଧିକ ପ୍ରଚାର କରାଗଲେ ଲୋକେ ଏହାର ସୁଫଳ ପାଇପାରିବେ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଶ୍ରମିକ ସଂଗଠନ ସଭାନେତ୍ରୀ ବିନିତା କୁଜୁର ଅଧ୍ୟକ୍ଷତା କରିଥିବାବେଳେ ରାଇବରୀ ମିଞ୍ଜ ଓ ଗୌରୀ ରାହୁଲ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦିକା ସୋଫିଆ ମେରୀ ବାର୍ଷିକ ବିବରଣୀ ପାଠ କରି ସଂଗଠନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମାନବିକ ଅଧିକାର ସମ୍ପର୍କିତ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରମ୍ପରିକ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଜୟଲକ୍ଷ୍ମୀ ସିଂ ଧନ୍ୟବାଦ ପ୍ରଦାନ କରିଥିଲେ।




ବାସନ୍ତୀ କଲୋନୀ ଅତିଥି ଭବନରେ ଆୟୋଜିତ ଅନ୍ତର୍ଜାତୀୟ ମାନବିକ ଅଧିକାର ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ମେଘନା କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଘାଟିତ

**ନୂଆଗାଁ, ୯।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଉର୍ମେଇ ଚତୁର୍ଥ ମେଘନା ନକଆଉଟ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୂଆଗାଁ ପଞ୍ଚାୟତର ସମିତି ସଭ୍ୟ ଗଜେନ୍ଦ୍ର ସାହୁ, ସମାଜିକ କର୍ମୀ ତଥା ଯୁବନେତା ରୋହିତ ତନ୍ତି, ଉର୍ମେଇ ପଞ୍ଚାୟତ ସରପଞ୍ଚ ଏଲିଜାବେଥ ମୁଣ୍ଡା ଯୋଗଦେଇ ଗ୍ରାମାଞ୍ଚଳ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉର୍ମେଇ ପଞ୍ଚାୟତର ଯୁଥ ଆସୋସିଏଶନ୍ର ସଭାପତି ହିମାଂଶୁ ଭୂଷଣ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ନକ୍ଆଉଟ କ୍ରିକେଟ ଟୁର୍ନାମେଣ୍ଟର ଅନ୍ୟତମ ସହଯୋଗୀ ଆୟୋଜକ ଇବ୍ରାହିମ ଆନସାରୀ, ସମ୍ପାଦକ ପ୍ରତାପ ଚନ୍ଦ୍ର ଭୈସାଲ ପ୍ରମୁଖ ଉପସ୍ଥିତ ରହି ଉଦଘାଟନୀ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ମୋଟ ୧୬ଟି ଦଳକୁ ନେଇ ଆୟୋଜିତ ଟୁର୍ନାମେଣ୍ଟର ଶନିବାର ଉଦ୍ଘାଟନୀ ଉତ୍ସବରେ ଧାନପାଲି ଓ ଝରୀଆଟୋଲି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଝରିଆଟୋଲି ଦଳ ୧୧ ରନରେ ବିଜୟୀ ହୋଇଥିଲା । ଦ୍ୱିତୀୟ ରାଉଣ୍ଡରେ ଆୟୋଜିତ ଅନ୍ୟଏକ ଖେଳରେ କାତେପୁର ଓ ଗାର୍ଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗାର୍ଦା ଦଳ ୧୯ରେ ବିଜୟୀ ହୋଇଥିଲା । ବିଜୟୀ ଉଭୟ ଦଳକୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଉର୍ମେଇ ଭଳି ଏକ ଉପାନ୍ତ ଅଞ୍ଚଳରେ ବିଗତ ୪ବର୍ଷ ହେଲା ଏହି ଟୁର୍ନାମେଣ୍ଟକୁ ଯୁଥ ଆସୋସିଏସନ୍ ପକ୍ଷରୁ ଆୟୋଜିତ କରାଯାଉଥିବାରୁ ମୁଖ୍ୟଅତିଥି ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ଆଗାମୀ ଦିନରେ ଗ୍ରାମାଞ୍ଚଳ କ୍ରୀଡା ପ୍ରତି ଖେଳାଳିଙ୍କ ରୁଚି ବଢ଼ିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉର୍ମେଇ ପଞ୍ଚାୟତର ନାଏବ ସରପଞ୍ଚ ବିର୍ସା ଓରାମା, ନିର୍ବାହୀ ଅଧିକାରୀ ପାସକାଲ ଲାର୍କା, ଶିକ୍ଷକ ପ୍ରମୋଦ କୁମାର ତ୍ରିପାଠୀ, ମାଙ୍ଗୁ ଲୁଗୁନ ପ୍ରମୁଖ ଉପସ୍ଥିତ ଥିଲେ।

# ସାହିତ୍ୟ ସଂସଦର ଶୀତ କବିତା ଆସର

**କୋଲାବିରା,୯।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ସରବାହାଲ ଶ୍ୟାମସୁନ୍ଦର ସାହିତ୍ୟ ସଂସଦର ଶୀତ କବିତା ଆସର କିର୍ମାରାଠାରେ ଅନୁଷ୍ଠିତ ହୋଇଛି। ଏଥିରେ ସଂସଦ ସଭାପତି ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ସଂସଦର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ସୁଶିଲ କୁମାର ବାଗ ସଭା ପରିଚାଳନା କରିଥିଲେ। ନିତ୍ୟାନନ୍ଦ ଜଗତ, ମୀରା ନାଏକ, ବିନୋଦିନୀ ପଟେଲ, ପଦ୍ମିନୀ କରାଲୀ, ଅନିରୁଦ୍ଧ ଜୟପୁରିଆ, ଅଶ୍ୱିନୀ କୁମୁରା, ହରିହର କାଲୋ, ଜାନକୀ ମହାପାତ୍ର, ଶଶିକାନ୍ତ ନାଏକ, ସଞ୍ଜୟ କୁମାର ନାଏକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ବାର୍ଷିକ ଉତ୍ସବ ଆସନ୍ତା ମକର ସଂକ୍ରାନ୍ତି ଦିନ ପାଳନ କରାଯିବାକୁ ଏହି ଅବସରରେ ସ୍ଥିର କରାଯାଇଛି।




କବିତା ଆସର କାର୍ଯ୍ୟକ୍ରମରେ ଉପସ୍ଥିତ ସଂସଦ କର୍ମକର୍ତ୍ତା ଓ କବି।



ସିଭିଲ ଟାଉନଶିପ ଅନ୍ତର୍ଗତ ତାରିଣୀ ମନ୍ଦିରଠାରେ ଆୟୋଜିତ ଅଣସଂଗଠିତ ଶ୍ରମିକଙ୍କୁ ସାଇକେଲ ବଣ୍ଟନ ସମାରୋହରେ ମଞ୍ଚାସୀନ ଅତିଥି।

# ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ

**ରାଉରକେଲା ଅଫିସ, ୯।୧୨**

ସିଭିଲ ଟାଉନଶିପ ଅନ୍ତର୍ଗତ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ବିଜେଡି ନେତ୍ରୀ ଜ୍ୟୋତ୍ସ୍ନା ନାୟକଙ୍କ ଆବାହକତ୍ୱରେ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ଏଥିରେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍ଡିଏ) ଅଧ୍ୟକ୍ଷ ସାରଦା ନାୟକ ଅଧ୍ୟକ୍ଷତା କରିଥିଲେ। ବିଜୁ ଶ୍ରମିକ ସାମ୍ମୁଖ୍ୟ ନେତା ବୈଦ୍ୟନାଥ ଦାସଙ୍କ ଦ୍ୱାରା ୨ଶହ ଶ୍ରମିକଙ୍କୁ ଏଥିରେ ସାଇକେଲ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ, ବରିଷ୍ଠ ବିଜେଡି ନେତା ଶ୍ରୀଚରଣ ମହାନ୍ତି, ଗଗନ ପଣ୍ଡା, ରାଜ୍ୟ କୋଅପରେଟିଭ ସୋସାଇଟି ଉପସଭାନେତ୍ରୀ ସନ୍ଧ୍ୟା ଲାକ୍ରା, ସଂଖ୍ୟାଲଘୁ ସେଲ ରାଜ୍ୟ ନେତା ଯଶବିନ୍ଦର ସିଂ, ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସେଠୀ, ଅଟୋ କର୍ମଚାରୀ ସଂଘ ନେତା ପ୍ରକାଶ ମହାନ୍ତି, ରାଉରକେଲା ବିଜୁ ଯୁବ ବିଜେଡି ନେତା ଅନୁପ ସାମଲ, ପଙ୍କଜ ଜୟସ୍ୱାଲ, ସୁଶାନ୍ତ ରାଉତ, ଗୌତମ ମହାରଣା, ସମରେନ୍ଦ୍ର ନାୟକ, ଏସ୍. ଟିଗା ଓ ଡ. ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟାଳୟ ରାଉରକେଲା ସ୍ଥାନାନ୍ତର ଦାବି

# ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ପରିଷଦ ଗଠନ କର

**ରାଉରକେଲା ଅଫିସ,୯।୧୨**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟାଳୟ ରାଉରକେଲା ସ୍ଥାନାନ୍ତର କରାଯାଉ। ଏଥିସହ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ପରିଷଦ ଗଠନ କରାଯାଉ ବୋଲି କୋଶଳ ଜନତା ଦଳ (କେଜେଡି) ଏକ ବିବୃତିରେ ଦାବି କରିଛି। ଏହା ଦ୍ୱାରା ପଶ୍ଚିମ ଓଡ଼ିଶାବାସୀ ଉପକୃତ ହେବେ ବୋଲି କୁହାଯାଇଛି। ୧୯୯୯ରେ ତତ୍କାଳୀନ କଂଗ୍ରେସ ସରକାର ଦ୍ୱାରା ବିଧାନସଭାରେ ପାରିତ ଆଇନ ଅନୁସାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଇଥିଲା। ଏହାର ମୁଖ୍ୟ କାର୍ଯ୍ୟାଳୟ ପଶ୍ଚିମ ଓଡ଼ିଶାର କୌଣସି ଏକ ସ୍ଥାନରେ ରହିବ ବୋଲି ନିୟମ କରାଯାଇଥିଲା। ଇତିମଧ୍ୟରେ ୧୯ବର୍ଷ ବିତିଲାଣି। ତଥାପି ଉକ୍ତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉନି। ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ତଥା ଶିଳ୍ପନଗରୀ ରାଉରକେଲାକୁ ଏହାର ମୁଖ୍ୟ କାର୍ଯ୍ୟାଳୟ ସ୍ଥାନାନ୍ତର ହେଉ ବୋଲି କେଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ପରିଷଦ ଗଠନ କରିବାକୁ ଦାବି କରାଯାଇଛି। ଆସନ୍ତା ୧୭ ତାରିଖରେ ପଶ୍ଚିମ ଓଡ଼ିଶା ମହାବନ୍ଦ ଡାକରାକୁ କେଜେଡି ପକ୍ଷରୁ ନୀରବ ସମର୍ଥନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୯ରେ ଭୁବନେଶ୍ୱରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ବିକାଶ ପରିଷଦ ଦାବି ଉତ୍ଥାପନ କରିବାକୁ ଦଳ ନିଷ୍ପତ୍ତି ନେଇଛି। କେଜେଡି ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ସେ କୋଶଳ ରଥ ପରିକ୍ରମା ନେଇ ଆଲୋଚନା କରିଥିଲେ। ବୈଠକରେ ଦଳ ଉପସଭାପତି ସନତ ପ୍ରଧାନଙ୍କୁ ରାଉରକେଲା ସାଙ୍ଗଠନିକ ଜିଲା ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଥିବା ଘୋଷଣା କରାଯାଇଥିଲା। ଏଥିରେ ଚକ୍ରାନ୍ତ ଜେନା, ସ୍ୱରୂପ ମିଶ୍ର, ମୁଖପାତ୍ର ସୁରମା ମିଶ୍ର, ଲଲାଟେନ୍ଦୁ ଚୌଧୁରୀ, ରଞ୍ଜନ ଲେଙ୍କା, ସରୋଜ ପରିଡ଼ା, ରୀତା ମିଶ୍ର, ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ରାଠୋର, ନରେନ୍ଦ୍ର ପାତ୍ର ଓ ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




କୋଶଳ ଜନତା ଦଳ ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଷ୍ଟିନ

## ସଂକ୍ଷେପରେ

### ଫେବୃୟାରୀ ୧୪ରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଲଇକେରା,୯।୧୨ (ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ଲଇକେରାଠାରେ ନବନିର୍ମିତ ସୁବର୍ଣ୍ଣଗ୍ରାହୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ଫେବୃୟାରୀ ୧୪ରୁ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଗଣ୍ଡାରାମ ବେହେରା, ସମ୍ପାଦକ ହେମସାଗର ବେହେରାଙ୍କ ସମେତ ଶତାଧିକ ଲୋକେ ଯୋଗଦେଇଥିଲେ। ପ୍ରତିଷ୍ଠା ଉତ୍ସବରେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେବାକୁ ଅନୁରୋଧ କରାଯାଇଛି।

# ଜିଲା କଂଗ୍ରେସର ୨ୟ ପର୍ଯ୍ୟାୟ ଜନଜାଗରଣ ପଦଯାତ୍ରା

**ରାଉରକେଲା ଅଫିସ,୯।୧୨**

ଜିଲା କଂଗ୍ରେସ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଜନଜାଗରଣ ପଦଯାତ୍ରା ରବିବାର ଉଦିତନଗର ସିଂହାସିନୀ ମନ୍ଦିର ନିକଟରୁ ବାହାରି ସ୍ଥାନୀୟ ଓରାମପଡ଼ା ଅଞ୍ଚଳ ପରିକ୍ରମା କରିଥିଲା। ଜିଲା ସଭାପତି ରବି ରାୟଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ମନ୍ଦିର ପରିସରରେ ଜାତୀୟ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ କଂଗ୍ରେସ କର୍ମୀ ସୋନିଆଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ଓରାମପଡ଼ା ଅଞ୍ଚଳରେ ପଦଯାତ୍ରା ପହଞ୍ଚିବା ପରେ ସେଠାରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ମହିଳା ନେତ୍ରୀ ପ୍ରଭାତୀ ମିଶ୍ର, ବରିୟମ ସିଂ, ସୋମନାଥ ପଣ୍ଡା, କୀର୍ତ୍ତନ ଦାସ, ଗିରୀଜା ମିଶ୍ର, ଅରୁଣ ଜୟପୁରିଆ, ପୁରୁଷୋତ୍ତମ ପାତ୍ର, ରୀନା ମାଝି, ରାମପୁକାର ସିଂ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କିରି ଅଞ୍ଚଳବାସୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଆଗାମୀ ଦିନରେ କଂଗ୍ରେସ ପତାକା ତଳେ ଏକତ୍ରିତ ହୋଇ ସହରର ବିକାଶ ପାଇଁ କାମ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ଭାସ୍କର ଖିଲାର ଧନ୍ୟବାଦ ପ୍ରଦାନ କରିଥିଲେ।



ଜିଲା କଂଗ୍ରେସ ପକ୍ଷରୁ ଉଦିତନଗରଠାରେ ଆୟୋଜିତ ପଦଯାତ୍ରାରେ ଉପସ୍ଥିତ ଦଳୀୟ ନେତୃମଣ୍ଡଳୀ ଓ କର୍ମୀ।

## ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

**ଝାରସୁଗୁଡ଼ା ଅଫିସ,୯।୧୨**

ଝାରସୁଗୁଡ଼ା ମନମୋହନ ସ୍କୁଲରେ ରବିବାର ଝାରସୁଗୁଡ଼ା ବ୍ଲକ ଏବଂ ପୌର ପରିଷଦରେ କାର୍ଯ୍ୟରତ ସରକାରୀ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ କରାଯାଇଛି। ବ୍ଲକ ସଭାପତି ହେମସାଗର ଚୌଧୁରୀ, ପର୍ଯ୍ୟବେକ୍ଷକ ରାଜକିଶୋର ଜେନା, କୃପାସିନ୍ଧୁ ପ୍ରଧାନ, ଅଶ୍ୱିନୀ କୁମାର ଦାସ, ପ୍ରହଲ୍ଲାଦ ନାଏକ ଯୋଗଦେଇଥିଲେ। ସମସ୍ତଙ୍କ ସହମତି କ୍ରମେ ଅଶୋକ କୁମାର ମହାପାତ୍ର ସଭାପତି, ନନ୍ଦିନୀ ପଟେଲ ଉପସଭାପତି, ରମାକାନ୍ତ ବିଶ୍ୱାଳ ସାଧାରଣ ସମ୍ପାଦକ, ଲିଙ୍ଗରାଜ ବେହେରା ସହସମ୍ପାଦକ, କିରଣ ସାହୁ ସଙ୍ଗଠନ ସମ୍ପାଦକ ଓ ସୁରେଶ ବିଶି କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଶିକ୍ଷକ ସୁରେନ୍ଦ୍ର ନାଥ ରାଉତ ଏବଂ ଅନୀତା ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାଣ ନିୟମ ପକାଉ କେତେ,**
**ଶୃଙ୍ଖଳା ସୁଆଗ ଲଗାଉ କେତେ।**

ବିଶ୍ୱାସକୁ ଆଧାର କରି ସମ୍ପର୍କର ମୂଳଦୁଆ ପଡ଼ିଥାଏ। ପତିପତ୍ନୀଙ୍କ ମଧ୍ୟରେ ବିଶ୍ୱାସ ଓ ଭଲପାଇବା ଯେତେ ଦୃଢ଼ ହୁଏ, ସେମାନଙ୍କ ଦାମ୍ପତ୍ୟଜୀବନ ସେତେ ସୁଖମୟ ହୋଇଥାଏ। ତେବେ ଯେଉଁଠି ଆନ୍ତରିକତା ନ ଥାଏ ସେଠି ସବୁ ସମ୍ପର୍କ ତୁଚ୍ଛ ଲାଗିଥାଏ। ଏଭଳି ସ୍ଥଳେ ଫମ୍ପା ମାଠିଆ ଭଳି ଉପର ଦେଖାଣିଆ ସ୍ନେହ ଶ୍ରଦ୍ଧାରେ କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରାଉ ରାଉ ତୁ ହଉଚୁ କିଆଁ ?**
**ଓଦା କାଠରେ ଲଗାଉଚୁ ନିଆଁ।**

ଯେତେ ଚେଷ୍ଟା କଲେ ମଧ ଓଦା କାଠରେ ନିଆଁ ଧରିବା କଷ୍ଟକର ସେଥିପାଇଁ ମନରେ ରାଗଭାବ ଆଣିବା ନିରର୍ଥକ। ପରୋକ୍ଷରେ କଳହପ୍ରିୟ ବ୍ୟକ୍ତି କୌଣସି କାରଣ ନ ଥାଇ ଅନ୍ୟ ସହ ଝଗଡ଼ା ଝାଟି କରୁଥିବାର ଦେଖିବାକୁ ମିଳିଥାଏ। ଏହା ସେମାନଙ୍କର ଏକ ପ୍ରକୃତି ବୋଲି ବୁଝିବାକୁ ହୋଇଥାଏ। ତିଳକୁ ତାଳ କରି କଥା ବଢ଼ାଇ ପରିବେଶକୁ ତିକ୍ତ କରୁଥିବା କଳହପ୍ରିୟ ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନିଜର ଛାଡ଼ି ଅନ୍ୟ କ୍ଲଷ୍ଟରରେ ଚଢ଼ାଉ ଅଭିଯୋଗ

**କୁଆଁରମୁଣ୍ଡା,୯।୧୨(ଡି.ଏନ.ଏ)**

ରାଜ୍ୟ ଗଣଶିକ୍ଷା ପକ୍ଷରୁ ତୃଣମୂଳସ୍ତରରେ ଶିକ୍ଷାର ମାନବୃଦ୍ଧି ପାଇଁ ଶିକ୍ଷା ପଞ୍ଚାୟତସ୍ତରରେ ଶିକ୍ଷା କ୍ଲଷ୍ଟର ଗଠନ କରାଯାଇଛି। ନିଜ ଅଞ୍ଚଳରେ ଥିବା ସମସ୍ତ ପ୍ରାଥମିକ ସ୍କୁଲଗୁଡ଼ିକରେ ଶିକ୍ଷାଦାନର ମାନବୃଦ୍ଧି କରିବା ପାଇଁ ଶିକ୍ଷା ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି) ଦାୟିତ୍ୱରେ ଥିବା ଶିକ୍ଷକ ତଦାରଖ କରିବେ। ମାତ୍ର ଏହି ଦାୟିତ୍ୱ ମିଳିବା ପରେ ସିଆରସିସିମାନେ ନିଜକୁ ଶିକ୍ଷକ ବୋଲି ନ ଭାବି ଅଧିକାରୀ ବୋଲାଉଛନ୍ତି। ଶିକ୍ଷାଦାନ ତଦାରଖ ଆଳରେ ଶିକ୍ଷକ ଓ ପ୍ରଧାନଶିକ୍ଷକମାନଙ୍କୁ ନିଜର ବାହାଦୂରୀପଣିଆ ଦେଖାଇବା ସହ ହାତଗୁଞ୍ଜା ମାଗିବାକୁ ମଧ୍ୟ ପଛାଉ ନାହାନ୍ତି। ଏ ସମ୍ପର୍କରେ ଶିକ୍ଷା ବିଭାଗର ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଜଣାଇବା ପାଇଁ ଶିକ୍ଷକମାନେ ସାହାସ ଜୁଟାଇ ପାରୁ ନାହାନ୍ତି। ଯାହାର ଫାଇଦା ନେଉଛନ୍ତି ସମ୍ପୃକ୍ତ ସିଆରସିସିମାନେ।

ଏହି ଅବ୍ୟବସ୍ଥା ସୁନ୍ଦରଗଡ଼ ଜିଲାର ବିଭିନ୍ନ ବ୍ଲକରେ ଦେଖିବାକୁ ମିଳୁଛି। ଏହାର ଉଦାହରଣ ହେଉଛି ଶୁକ୍ରବାର ଲାଠିକଟା ବ୍ଲକର ପ୍ରାୟ ୧୨ରୁ ଉର୍ଦ୍ଧ୍ୱ ସିଆରସିସି ଗର୍ଜନ କ୍ଲଷ୍ଟରକୁ ଯାଇ ଏକକାଳୀନ ବିଭିନ୍ନ ସ୍କୁଲରେ ଖାତାପତ୍ର ଇତ୍ୟାଦି ଯାଞ୍ଚ କରିଥିବା ଜଣାପଡ଼ିଛି। ନିୟମାନୁଯାୟୀ ନିଜ କ୍ଲଷ୍ଟର ବ୍ୟତୀତ ଅନ୍ୟ କ୍ଲଷ୍ଟରକୁ ଯାଇ ଶିକ୍ଷାଦାନଠାରୁ ଆରମ୍ଭ କରି ସ୍କୁଲ ଖାତାପତ୍ର ଯାଞ୍ଚ କରିବାର ନିୟମ ନାହିଁ। ମାତ୍ର ଘଟଣା ଦିନ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧିନ ୧୨ରୁ ଉର୍ଦ୍ଧ୍ୱ ସିଆରସିସି କେବଳ ଗର୍ଜନ କ୍ଲଷ୍ଟରକୁ ଯାଇ ତଦାରଖ କରିବା ନେଇ ଶିକ୍ଷକମହଲରେ ଭିନ୍ନ ଆଲୋଚନା ହେଉଛି। ଏହା ସହ ଶ୍ରେଣୀ କକ୍ଷ ପରିଦର୍ଶନ ସମୟରେ କେତେକ ସିଆରସିସି ଶ୍ରେଣୀ କକ୍ଷ ଭିତରକୁ ମୋବାଇଲ ନେଇ କଥା ହେଉଥିବାବେଳେ ଶ୍ରେଣୀ ଦାୟିତ୍ୱରେ ଶିକ୍ଷୟିତ୍ରୀ/ଶିକ୍ଷକମାନେ ଏଥିରେ ଆପତ୍ତି ଉଠାଇଛନ୍ତି। ସେହିପରି ଅପରାହ୍ନରେ ବଲଣ୍ଡା ଅଞ୍ଚଳରେ ଥିବା ଏକ ହଷ୍ଟେଲ ସ୍କୁଲରେ ସମସ୍ତ ସିଆରସିସି ଏକ ବୈଠକ କରିବା ସହ ସେଠାରେ ମିଳିତ ଭୋଜନ କରିଥିବା ଘଟଣା ବିଭିନ୍ନ ସ୍ଥାନରେ ଆଲୋଚନା ହେଉଛି। ଏହି ଘଟଣା ବିଷୟରେ ଶିକ୍ଷା ବିଭାଗର ଜିଲା ଉଚ୍ଚ ଅଧିକାରୀ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିକ୍ଷକମହଲରେ ଦାବି ହୋଇଛି।

# ଏକାଠି ହେଲେ ଇସ୍ପାତ ହାଇସ୍କୁଲ ପ୍ରଥମ ବ୍ୟାଚ ଛାତ୍ରୀଛାତ୍ର



ଫର୍ଟିଲାଇଜର ଟାଉନଶିପ୍ ଗୋପବନ୍ଧୁ ପ୍ରଗତି ପରିଷଦରେ ଇସ୍ପାତ ହାଇସ୍କୁଲ ୧୯୭୩ ବ୍ୟାଚ୍ ଛାତ୍ରୀଛାତ୍ର ଏକାଠି ହୋଇଛନ୍ତି।

**ରାଉରକେଲା ଅଫିସ,୯।୧୨**

ମାଟ୍ରିକ ପରୀକ୍ଷା ଦେବାର ୪୫ ବର୍ଷ ପରେ ଏକାଠି ହୋଇଛନ୍ତି ଫର୍ଟିଲାଇଜର ଇସ୍ପାତ ହାଇସ୍କୁଲର ପ୍ରଥମ (୧୯୭୩) ବ୍ୟାଚ୍ ଛାତ୍ରୀଛାତ୍ର। ଗୋପବନ୍ଧୁ ପ୍ରଗତି ପରିଷଦ ସଭାଗୃହରେ ରବିବାର ଆୟୋଜିତ ହୋଇଥିଲା ଏହି ବନ୍ଧୁମିଳନ ଉତ୍ସବ। ପୁରାତନ ଛାତ୍ର ନବକିଶୋର ଜେନା ଓ ନବ ରାୟଙ୍କ ଉଦ୍ୟମ କ୍ରମେ ଏହି ବନ୍ଧୁମିଳନ ଆୟୋଜନ କରାଯାଇଥିଲା। ଏମାନଙ୍କ ସହ ସାମିଲ ହୋଇଥିଲେ ତତ୍କାଳୀନ ଶିକ୍ଷକ ଗୌତମ ପ୍ରଧାନ। ଶିକ୍ଷକ ପ୍ରଧାନ ନିଜ ପୁରୁଣା ଛାତ୍ରୀଛାତ୍ରଙ୍କ ମେଳରେ ଖୁବ ଖୁସି ଅନୁଭବ କରିଥିଲେ। ତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏପରି ବନ୍ଧୁମିଳନ ଉତ୍ସବକୁ ଆଗାମୀ ଦିନରେ ବଜାୟ ରଖିବାକୁ ନଷ୍ପତ୍ତି ହୋଇଛି।

# ଜାତୀୟ ମାନସିକ ଭିନ୍ନକ୍ଷମ ଦିବସ

**ରାଉରକେଲା ଅଫିସ, ୯।୧୨**

ଆଞ୍ଚଳିକ ପୁନର୍ବାସ ଗବେଷଣା କେନ୍ଦ୍ର ଓ ଆଶାଦୀପ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଜାତୀୟ ମାନସିକ ଭିନ୍ନକ୍ଷମ ଦିବସ ଶନିବାର ପାଳିତ ହୋଇଛି। ଏହି ଅବସରରେ ଅଶାଦୀପ ବିଦ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରା ବାହାରି ଛେଣ୍ଡ ବିଏସ୍ଏନ୍ଏଲ୍ ଛକ ପର୍ଯ୍ୟନ୍ତ ଆସିଥିଲା। ସେଠାରୁ ଆର୍‌ଡିଏ ମାର୍କେଟ ଦେଇ ଶୋଭାଯାତ୍ରା ପୁନଃ ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଅବସରରେ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ମାନସିକ ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନେଇ ସମସ୍ତଙ୍କ ଭୂମିରା ରହିଛି ବୋଲି କହିଥିଲେ ଅନୁଷ୍ଠାନର କର୍ମକର୍ତ୍ତା ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଶୋଭାଯାତ୍ରାକୁ ରାଉଣ୍ଡ ଟେବୁଲ ଅନୁଷ୍ଠାନ ସମ୍ପାଦକ ଗଗନ ଦୀପ ଶୁଭାରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ବହେରା, ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ସାହୁ ଓ ପ୍ରଧାନ ଶିକ୍ଷକ ପ୍ରକାଶ ପଣ୍ଡାଙ୍କ ସମେତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।




ଆଞ୍ଚଳିକ ପୁନର୍ବାସ ଗବେଷଣା କେନ୍ଦ୍ର ଓ ଆଶାଦୀପ ବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ମାନସିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଶୋଭାଯାତ୍ରା।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି। ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ, ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ। 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ। ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଅରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ୍, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ



### ଟ୍ରକ୍ ମାଡ଼ିଗଲା ଘର ଭିତରକୁ, ଅଳ୍ପକେ ବର୍ତ୍ତିଲେ ଦମ୍ପତି

**ହେମଗିର, ୯।୧୨ (ଡି.ଏନ.ଏ)-** ହେମଗିର ଥାନା ଅନ୍ତର୍ଗତ କନ୍ଦାଧୁଡ଼ା ଗ୍ରାମରେ ଘର ଭିତରକୁ ଏକ କୋଇଲା ବୋଝେଇ ଟ୍ରକ ମାଡିଯାଇଛି। ରବିବାର ଭୋର ୫ଟାରେ ବସୁନ୍ଧରା କୋଇଲା ଖଣିରୁ କୋଇଲା ବୋଝେଇ କରି ଏକ ଟ୍ରକ ନଂ. ସିଜି ୧୫ ଡିଡି- ୯୪୩୫ ଛତିଶଗଡକୁ ଯାଉଥିଲା। କନ୍ଧାଧୁଡ଼ା ଗ୍ରାମର ରାସ୍ତା ପାର୍ଶ୍ୱରେ ଥିବା ସୁରୁ ପଧାନଙ୍କ ଘରକୁ ଟ୍ରକ ଦ୍ରୁତଗତିରେ ମାଡିଯିବା ଫଳରେ ପ୍ରଧାନଙ୍କ ପ୍ରାୟ ଆଠ ବଖରା ଘର ଭାଙ୍ଗିଯାଇଛି। ଉଭୟ ସ୍ୱାମୀ ସ୍ତ୍ରୀ ଶେଷ ମୁଣ୍ଡର ବାରଣ୍ଡାରେ ଶୋଇଥିବାରୁ ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

### ଡିସେମ୍ବର ୧୪ରେ ଜିଲା ଭଲିବଲ ଖେଳାଳି ଚୟନ

**ସୁନ୍ଦରଗଡ଼, ୯।୧୨ (ଡି.ଏନ୍.ଏ )-** ଆସନ୍ତା ୧୯ରୁ ୧୩ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲାର କାମାକ୍ଷାନଗରଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ଭଲିବଲ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ପାଇଁ ସୁନ୍ଦରଗଡ ଜିଲା ଦଳର ଚୟନ କରାଯିବ। ସମସ୍ତ ଭଲିବଲ ଖେଳାଳି ଆସନ୍ତା ୧୪ ତାରିଖ ଜିଲା କ୍ରୀଡା ସଂସଦ ଷ୍ଟାଡିୟମରେ ସକାଳ ୯ଟାରେ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ସବିଶେଷ ବିବରଣୀ ଜାଣିବା ପାଇଁ ଭଲିବଲ ସମ୍ପାଦକ ଅକ୍ଷୟ କୁମାର ନାଏକଙ୍କ ସହିତ ଯୋଗାଯୋଗ କରିବା ପାଇଁ ଜିଲା କ୍ରୀଡା ସଂସଦ ସମ୍ପାଦକ ପ୍ରଭାତ ଭୋଲ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଅନୁରୋଧ କରିଛନ୍ତି।

ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ ନୀଳଚକ୍ରର ଜନସଚେତନତା ଉଦ୍ୟମ

# ଶୋଭାଯାତ୍ରା, ପଥପ୍ରାନ୍ତ ସଭା

**ରାଜଗାଙ୍ଗପୁର, ୯।୧୨ (ଡି.ଏନ.ଏ)**

ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ ନୀଳଚକ୍ର ସଙ୍ଗଠନ ପକ୍ଷରୁ ଜନସଚେତନତା ଉଦ୍ୟମ କରାଯାଇଛି। ନୀଳଚକ୍ର ରାଜଗାଙ୍ଗପୁର ଶାଖା ତରଫରୁ ରବିବାର ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ଶାଖା କାର୍ଯ୍ୟାଳୟରୁ ବାହାରି ସମଗ୍ର ରାଜଗାଙ୍ଗପୁର ସହର ପରିକ୍ରମା କରିଥିଲା। ସହରର ବ୍ୟବସାୟ ପ୍ରତିଷ୍ଠାନ ସମେତ କଳକାରଖାନାରେ ଥିବା ନାମଫଳକ ସବୁ ଓଡିଆ ଭାଷାରେ ଲେଖିବା ପାଇଁ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ମାଇକ ଯୋଗେ ସଚେତନ ମଧ୍ୟ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ବ୍ରହ୍ମାନନ୍ଦ ପଣ୍ଡାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଉକ୍ତ ଶୋଭାଯାତ୍ରା ଲିପଲୋଇ ଛକ, ଓସିଏଲ କଲୋନୀ, ବିଜୁ ପଟ୍ଟନାୟକ ଛକ, ସୁବାଷ ଛକ ଓ ମୁଖ୍ୟରାସ୍ତା ଦେଇ ବସଷ୍ଟାଣ୍ଡ, ମେଗା ବଜାର ହୋଇ ପୁନର୍ବାର ଶାଖା କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଓସିଏଲ କଲୋନୀରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିର ଓସିଏଲ ଇଣ୍ଡିଆ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀଲ ଗୁପ୍ତା ଓ ଅନ୍ୟ ଅଧିକାରୀବୃନ୍ଦ ନୀଳଚକ୍ରର କର୍ମକର୍ତ୍ତାଙ୍କ ସହ ମାଲ୍ୟାର୍ପଣ କରିବା ସଙ୍ଗେ ସଙ୍ଗେ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ନୀଳଚକ୍ରର କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। ଛକ ଜାଗାରେ ପଥପ୍ରାନ୍ତ ସଭାମାନ ଅନୁଷ୍ଠିତ ହୋଇଥିଲା। ଶାଖାର ଉପଦେଷ୍ଟା ରବିନାରାୟଣ ବିନୋଦ, ଶ୍ରୀଧର ସ୍ୱାଇଁ, ରାମଚନ୍ଦ୍ର ପରିଡା, କୃଷ୍ଣଚନ୍ଦ୍ର ଜେନା, ସଭାପତି ରାଜେନ୍ଦ୍ର କୁମାର ଲେଙ୍କା, ସମ୍ପାଦକ ମୁରଲୀଧର ଦାସ, କାଉନସିଲର ଦେବରଞ୍ଜନ ବିମୋଦ ପ୍ରମୁଖ ଶୋଭାଯାତ୍ରାର ଆଭିମୁଖ୍ୟ ବିଷୟରେ କହିଥିଲେ। ଏହା ସହ ଅଞ୍ଚଳର କଳକାରଖାନାରେ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ସେମାନଙ୍କର ଯୋଗ୍ୟତା ଅନୁଯାୟୀ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ପାଇଁ ଦାବି କରିଥିଲେ। ଉକ୍ତ ମୋଟର ସାଇକେଲ ଶୋଭାଯାତ୍ରାରେ ଦୁଇ ଶହରୁ ଅଧିକ ମୋଟର ସାଇକେଲ ଶୋଭାଯାତ୍ରାକାରୀ ଯୋଗଦେଇଥିଲେ। ଶୋଭାଯାତ୍ରାକାରୀଙ୍କ ବିଭିନ୍ନ ସ୍ଲୋଗାନ ଦ୍ୱାରା ସମଗ୍ର ରାଜଗାଙ୍ଗପୁର ସହର କମ୍ପି ଉଠିଥିଲା। ନୀଳଚକ୍ରର ଏତାଦୃଶ ପଦକ୍ଷେପ ପ୍ରତି ଜନସାଧାରଣଙ୍କର ପ୍ରବଳ ସମର୍ଥନ ପରିଲକ୍ଷିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ବିନୋଦ, ଅଜୟ ସାହୁ, ଅଜୟ ରାୟ, ନନ୍ଦକିଶୋର ସାମଲ, ସନ୍ତୋଷ ବିଶ୍ୱାଳ, ଅମର ପାତ୍ର, ଜୟକୃଷ୍ଣ ଦାସ, ତୁଷାର ସାହୁ, ଶଶିରେଖା ସାମଲ, ବି. ଜୟନ୍ତୀ ପାତ୍ର, ଖଦାଲ ପାତ୍ର, ରାଜେନ୍ଦ୍ର ଜେନା, ଉମେଶ ରାଉତ, ପ୍ରକାଶ ସାହୁ, ରାଜକିଶୋର ବିଶ୍ୱାଳ, କାର୍ତ୍ତିକ ବେହେରା ପ୍ରମୁଖଙ୍କ ସହ ଶତାଧିକ ନୀଳଚକ୍ର ପ୍ରେମୀ ଯୁବଗୋଷ୍ଠୀ ସାମିଲ ଥିଲେ।



ରାଜଗାଙ୍ଗପୁରରେ ନୀଳଚକ୍ରର କର୍ମକର୍ତ୍ତା ଏକତ୍ରିତ ହୋଇଛନ୍ତି।

# ଶିକ୍ଷଣ ସାମଗ୍ରୀ ବଣ୍ଟନ

**ଟେନ୍ସା, ୯।୧୨ (ଡି.ଏନ.ଏ)**

କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ଅଡାଘାଟ ଲୌହ ଖଣି ତରଫରୁ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷଣ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ତରଫରୁ ଅଡାଘାଟ ଓ ଜଡିପଦା ପ୍ରାଥମିକ ବିଦ୍ୟାଳୟରେ ନଭେମ୍ବର ୨୬ରେ ବଣ୍ଟନ କରାଯାଇଥିଲା । ୨୮ରେ ମାଲଦା ନୋଡାଲ ବିଦ୍ୟାଳୟ ଓ ମାଲଦା ବସ୍ତି ବିଦ୍ୟାଳୟ, ୩୦ରେ କଲମଙ୍ଗ ପ୍ରାଥମିକ ବିଦ୍ୟାଳୟ ଓ କଲମଙ୍ଗ ମୁଣ୍ଡାସାହି ପ୍ରାଥମିକ ବିଦ୍ୟାଳୟ, ଡିସେମ୍ବର ୩ରେ ଅଡାଘାଟ ଅଙ୍ଗନୱାଡି କେନ୍ଦ୍ର ଏବଂ ଜଡିପଦା ଅଙ୍ଗନୱାଡି ଏବଂ ୬ରେ ଗୋମିସାହି ଅଙ୍ଗନୱାଡି କେନ୍ଦ୍ର ଓ କଲମଙ୍ଗ ଅଙ୍ଗନୱାଡି କେନ୍ଦ୍ରରେ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷଣ ସାମଗ୍ରୀ ଯଥା ଆଲମିରା, ଚେୟାର, ଟେବୁଲ, ଦରି, ସିଟିଂ ମ୍ୟାଟ, ହେଣ୍ଡୱାସ, ଡଷ୍ଟବିନ୍, ଥାଳି, ଗ୍ଲାସ, ଜ୍ୟାମିତି ବାକ୍ସ ଆଦି ଦିଆଯାଇଛି। ଅଡାଘାଟ ଲୌହ ଖଣି ତରଫରୁ ଅଞ୍ଜନ କୁମାର ଲେଙ୍କା, ସମୀରଞ୍ଜନ ଦାସ ପ୍ରମୁଖ ବଣ୍ଟନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଶିକ୍ଷଣ ସାମଗ୍ରୀ ବଣ୍ଟନ କରାଯାଉଛି।

# ମାରଣାସ୍ତ୍ର ଦେଖାଇ ବୋଲେରୋ ଲୁଟିନେଲେ ଦୁର୍ବୃତ୍ତ

**ସୁନ୍ଦରଗଡ଼, ୯।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ବଣାଇଁ ଉପଖଣ୍ଡ ଚାନ୍ଦିପୋଷ ଥାନା ଅନ୍ତର୍ଗତ ଗୁରୁଣ୍ଡିଆ –କଲୁଙ୍ଗା ରାସ୍ତାର ତାମଡା ନିକଟରେ ଲୁଟ୍ ହୋଇଛି। ଶନିବାର ବିଳମ୍ବିତ ରାତ୍ରିରେ କୋଇଡାରୁ ସୁନ୍ଦରଗଡ ଫେରୁଥିବା ଜିଲା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର ଏକ ବୋଲେରୋ ଗାଡିକୁ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ଲୁଟି ନେଇଛନ୍ତି। ରବିବାର ସକାଳେ ଏ ସମ୍ପର୍କରେ ଚାନ୍ଦିପୋଷ ଥାନାରେ ରିପୋର୍ଟ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଜିଲା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର ବିତ୍ତ ପରାମର୍ଶଦାତା ରାଜେନ୍ଦ୍ର ପାତ୍ର ଓ ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ଅମାତ୍ୟ କୁମାର ପ୍ରଧାନ ଓଡି ୩୩ଏଫ୍ ୮୫୦୨ ନଂ ବିଶିଷ୍ଟ ବୋଲେରୋ ଯୋଗେ କୋଇଡାରୁ କାର୍ଯ୍ୟ ସାରି ସୁନ୍ଦରଗଡ ଫେରୁଥିଲେ। ଏହି ସମୟରେ ତାମଡା ନିକଟରେ ଦୁର୍ବୃତ୍ତମାନେ ଗାଡିକୁ ଅଟକାଇ ଥିଲେ। ପରେ ସେମାନଙ୍କୁ ଭୟଭୀତ କରି ଗାଡିରୁ ଓହ୍ଲାଇ ଗାଡି ସହ ତାଙ୍କର ମୋବାଇଲ ଫୋନ୍ ,୧୨ହଜାର ଟଙ୍କା ଓ ଏଟିଏମ୍ କାର୍ଡ ଲୁଟି ନେଇ ଫେରାର ହୋଇଯାଇଥିଲେ। ପରେ ସେମାନେ ରାତିରେ ଚାଲିଚାଲି ଆସି ଏକ ସ୍କୁଲ ନିକଟରେ ପହଞ୍ଚି ସେଠାକାର ଜଣେ ଶିକ୍ଷକଙ୍କ ଫୋନ୍ ରୁ ଘଟଣା ସମ୍ପର୍କରେ ଡିପିସି ଅମୂଲ୍ୟ କୁମାର ପ୍ରଧାନଙ୍କୁ ଜଣାଇଁଥିଲେ।

# କୋଇଡ଼ା କଂଗ୍ରେସ ପକ୍ଷରୁ ସଭା, ଶୋଭାଯାତ୍ରା

**ଟେନସା,୯।୧୨ (ଡି.ଏନ.ଏ)**

କୋଇଡା କଂଗ୍ରେସ ପକ୍ଷରୁ ଶନିବାର ବ୍ଲକ ନିକଟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ କୋଇଡା ଲଙ୍ଗଳେଶ୍ୱର ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ଓ ବାଇକ ରାଲି ଯୋଗେ ବିଭିନ୍ନ ପ୍ରକାର ଆଦିବାସୀ ବାଦ୍ୟ, ଢ଼ୋଲ ମାଦଳ ସହ କୋଇଡା ପରିକ୍ରମା କରି ଆୟୋଜିତ ସଭା ନିକଟରେ ପହଞ୍ଚିଥିଲେ । ଉକ୍ତ ସଭାରେ ଦୁଇ ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ସମେତ ତଲସରା ବିଧାୟକ ଡ. ପ୍ରଫୁଲ୍ଲ ମାଝି, ବଣାଇ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଜିଲା କଂଗ୍ରେସ ସଭାପତି ଅଜୟ ବହିଦାର, ଜିଲା ଯୁବ କଂଗ୍ରେସ ସଭାପତି ହରିସ ରକ୍ସା, କୋଇଡା ସରପଞ୍ଚ ସନ୍ଧ୍ୟାରାଣୀ ନାଏକ, ବଣାଇ ସଭାପତି ବିଭୂତି ଭୂଷଣ ପାଢ଼ୀ, ବଣାଇ ଯୁବ କଂଗ୍ରେସ ସଭାପତି ଜଗନ୍ନାଥ ଦେହୁରୀ, କୋଇଡା ବ୍ଲକ ସଭାପତି ରାଜକିଶୋର ପାତ୍ର, ଯୁବ କଂଗ୍ରେସ ସଭାପତି କେଦାର ପଣ୍ଡା, ସମ୍ପାଦକ ସନ୍ତୋଷ ବେହେରା ସମେତ ବହୁ ନିକଟସ୍ଥ ବ୍ଲକ ସଭାପତି ଯୋଗଦେଇଥିଲେ। ସର୍ବାଧିକ ରାଜସ୍ୱ ନେଉଥିବା ଅଞ୍ଚଳ ଦୂରବସ୍ଥା ଓ ରାସ୍ତା ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଗର୍ଜିଥିଲେ। ଶେଷରେ ସଭାର ମୁଖ୍ୟ ଅତିଥି ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ଦୀର୍ଘ ଚାରି ଘଣ୍ଟା ରାସ୍ତା ଯାମରେ ଫସିଯିବାରୁ ସଭା ଶେଷରେ ଯୋଗଦେଇ ଉଦବୋଧନ ଦେଇଥିଲେ। ସର୍ବାଧିକ ରାଜସ୍ୱ ଦେଉଥିବାବେଳେ ପୋକମାଛି ପରି ଜୀବନ ବିତାଇବାକୁ ବାଧ ହୋଇଛନ୍ତି କୋଇଡା ଅଞ୍ଚଳବାସୀ ଓ ଏହି ରାସ୍ତା ନିର୍ମାଣ ପାଇଁ ଯଦି ମାସେ ବି କୋଇଡାରେ ପଡିରହିବାକୁ ପଡିବ ମୁଁ ରହିବି ଏବଂ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଶେଷରେ ବହୁ ଗୁଜବର ଅନ୍ତ ଘଟାଇ ସିପିଆଇଏମ ଓ ଜେଏମଏମ ସହ କଂଗ୍ରେସର ମେଣ୍ଟ ହେବ ନାହିଁ ବୋଲି ପ୍ରକାଶ କରିଥିଲେ।



କୋଇଡା କଂଗ୍ରେସ ସଭାରେ ଦଳୀୟ ବିଧାୟକ, କର୍ମକର୍ତ୍ତା ଉପସ୍ଥିତ।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ସୁନ୍ଦରଗଡ଼, ୯।୧୨ (ଡି.ଏନ୍.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ପଞ୍ଚାୟତ କନିଷ୍ଠ ମହାବିଦ୍ୟାଳୟଠାରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାଲୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ ମହିଳାମାନେ ଆଉ ପଛରେ ନାହାନ୍ତି। ସାଇକେଲ ଚାଳନା ଠାରୁ ଉଡାଜାହାଜ ତଥା ମହାକାଶଯାନ ଚଳେଇଲେଣି। ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ ଏକୁଟିଆ କାମ କରିବାକୁ ପଡୁଥିବାରୁ ମହିଳାଙ୍କୁ ଆତ୍ମସୁରକ୍ଷା ତାଲିମ ନେବା ଅତ୍ୟନ୍ତ ଜରୁରୀ। ମହାବିଦ୍ୟାଳୟର ଅଧ୍ୟକ୍ଷ ନବୀନ ଚନ୍ଦ୍ର ନାଏକ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ପାଇଁ ସରକାରଙ୍କ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଶିବିରର ସଂଯୋଜିକା ବରିଷ୍ଠ ଅଧ୍ୟାପିକା କୁନି ପଟେଲ ଓ ପ୍ରଶିକ୍ଷିକା ପଦ୍ମା ସଏ, ପ୍ରୀତି ଗୁପ୍ତା ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ହିରଣ୍ୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।




ଆତ୍ମସୁରକ୍ଷା ତାଲିମ ଶିବିରରେ ଯୋଗ ଦେଇଥିବା ଛାତ୍ରୀ।

### ହାଇୱା ଧକ୍କାରେ ବାଇକ ଆରୋହୀ ଗୁରୁତର

**ଲହୁଣୀପଡା, ୯।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ଚୁନାଘାଟିଠାରେ ରବିବାର ପ୍ରାୟ ତିନିଟା ବେଳେ ଏକ ହାଇୱା ଟ୍ରକ ଧକ୍କାରେ ବାଇକ ଆରୋହୀ ବୁଧୁଆ ପୂର୍ତ୍ତି (୩୫) ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ହାଇୱା ଟ୍ରକ ଫେରାର ହୋଇଯାଇଛନ୍ତି। କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଜେଣିଆ ଗ୍ରାମର ଶ୍ୱଶୁର ଘରୁ ବାଇକ ଓଡି ୦୯ ସି– ୭୧୮୦ ଯୋଗେ ନିଜ ଗ୍ରାମ କେନ୍ଦୁଝର ଜିଲା କେନ୍ଦୁଡିହି ଗ୍ରାମକୁ ଯାଉଥିବା ବେଳେ ଏକ ହାଇୱା ଟ୍ରକ ପଛପଟୁ ଧକ୍କା ଦେଇଥିଲା । ଫଳରେ ବୁଧୁଆ ତଳେ ପଡିଯାଇଥିଲେ। ହାଇୱା ଟ୍ରକଟି ବୁଧୁଆଙ୍କ ଗୋଡ ଉପରେ ଚଢ଼ିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରାଉରକେଲା ଚିକିତ୍ସା ପାଇଁ ନିଆଯାଇଛି।

# ବଢ଼ିଛି ବିଦେଶୀ ମଦ କାରବାର

**ବଡ଼ଗାଁ, ୯।୧୨ (ଡି.ଏନ.ଏ)**

- ସ୍ୱୀକାର କଲେ ଅବକାରୀ ବିଭାଗ ଅଧିକାରୀ
- ବଡ଼ଗାଁ ଅଞ୍ଚଳରେ ଦେଶୀବିଦେଶୀ ମଦଦୋକାନ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଦେଶୀ, ବିଦେଶୀ ମଦ କାରବାର ବଢ଼ିଚାଲିଛି। ଏହାକୁ ନିୟନ୍ତ୍ରଣ କରିବାରେ ଅବକାରୀ ବିଭାଗ ଓ ପୋଲିସ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ଦାନା ବାନ୍ଧୁଛି। ଏ ସମ୍ପର୍କରେ ବଡ଼ଗାଁ ଅବକାରୀ ଇନ୍ସପେକ୍ଟର ବି. ପଣ୍ଡାଙ୍କୁ ପଚାରିବାରୁ ସେ ମଦ କାରବାର ବଢ଼ିଥିବା ସ୍ୱୀକାର କରିଛନ୍ତି। ବଡ଼ଗାଁ ବ୍ଲକ ଅଫିସଠାରୁ ମହାବୀର ଛକ ମଧ୍ୟରେ ପ୍ରତି ଶହେ ମିଟରରେ ଗୋଟିଏ ଲେଖାଏଁ ଦେଶୀ ଓ ବିଦେଶୀ ମଦ ଦୋକାନ ଅବାଧରେ ଚାଲିଛି। ପୋଲିସ ହାତବାନ୍ଧି ବସିଥିଲାବେଳେ ଅବକାରୀ କର୍ମଚାରୀଙ୍କ ନିଷ୍କ୍ରିୟତା ମଦ କାରବାରକୁ ବଢ଼ାଇ ଚାଲିଛି। ବଡ଼ଗାଁ ପଞ୍ଚାୟତର ଲଟାପଡା, ଲିଟିପଡା, ବନ୍ଧଡ଼ିପା, ଚଳନାମୁଣ୍ଡା, କିଞ୍ଜିରକେଲା, ନୂଆଁରମାଲ ଆଦି ଗ୍ରାମରେ ଦେଶୀ ମଦର ସୁଅ ଛୁଟୁଛି। ଏହା ଉପରେ ମଦ ବିରୋଧି ଅଭିଯାନର ମହିଳାମାନେ ଅବକାରୀ ଓ ଥାନା ଅଧିକାରୀଙ୍କୁ ଲିଖିତ ଜଣାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ବଡ଼ଗାଁ ନିକଟ ଖରିଆମାଲସ୍ଥିତ ୧୦ନଂ. ରାଜ୍ୟ ରାଜପଥ ପାର୍ଶ୍ୱ ଢ଼ାବା ହୋଟେଲରେ ଅବାଧରେ ବିଦେଶୀ ମଦ ବିକ୍ରି ହେଉଛି। ଏଠାରେ ଅବକାରୀ କିମ୍ବା ପୋଲିସ ଚଢ଼ାଉ କରିବା ଦେଖାଯାଇନାହିଁ। ଅବକାରୀ କର୍ମଚାରୀମାନେ ଇତମା ଗ୍ରାମ ନିକଟ ରାଜପଥ ପାର୍ଶ୍ୱ ଏକ ଢ଼ାବାରେ ଏକାଧିକ ଥର ଚଢ଼ାଉ କରୁଥିଲେ ମଧ୍ୟ ଖଲିଆମାଲସ୍ଥିତ ୩ଟି ଢ଼ାବା ହୋଟେଲ ମାଲିକଙ୍କ ପ୍ରତି କେଉଁ କାରଣରୁ ଅନୁକମ୍ପା ରହିଛି ତାହା ସନ୍ଦେହ ଘେରକୁ ଆସିଛି। ମୋଟା ଅଙ୍କର ଅର୍ଥଠାରେ ଆଇନ ଦୁର୍ବଳ ହୋଇପଡିଥିବା ଖୋଲାଖୋଲି ଲୋକେ ଅଭିଯୋଗ କରୁଛନ୍ତି। ଅଞ୍ଚଳରେ ଦେଶୀ ମଦ, ହାଣ୍ଡିଆ ଓ ବିଦେଶୀ ମଦ କାରବାର ବଢ଼ିଚାଲିଥିଲା ବେଳେ କିଛି ମାସ ହେଲା ଖଜୁରୀ ରସ (ତାଡି) ଭାଟି ଗୋଟିଏ ପରେ ଗୋଟିଏ ଖୋଲା ହେଉଛି। ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ, ବରଙ୍ଗାକଛାର, ଶଙ୍କରାପୋଷ ଓ ଆଖପାଖ ଗ୍ରାମରେ ତାଡି ଭାଟି ଖୋଲାଯାଇଛି। ତେବେ ଅବକାରୀ କର୍ମଚାରୀଙ୍କ ଜ୍ଞାତସାରରେ ମଦ, ହାଣ୍ଡିଆ, ତାଡି ଭାଟି ଖୋଲାଯାଇଥିବା ଓ ଏମାନଙ୍କୁ ଅବକାରୀ କର୍ମଚାରୀମାନେ ସୁଯୋଗ ଦେଇଥିବାରୁ ଚଢ଼ାଉ କରାଯାଉ ନ ଥିବା ଅଭିଯୋଗ ହେଉଛି।

# ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ

**ସୁନ୍ଦରଗଡ଼, ୯।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍) ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସାମାଜିକ କାର୍ଯ୍ୟକ୍ରମ ଅନୁଯାୟୀ ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଶୀତବସ୍ତ୍ରକୁ ସ୍ଥାନୀୟ ଅଞ୍ଚଳର ବହୁ ଗରିବ, ଅସହାୟ ଶ୍ରେଣୀର ଶିଶୁଠାରୁ ଆରମ୍ଭ କରି ବୃଦ୍ଧା, ବୃଦ୍ଧମାନେ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ ଓ ଅଧ୍ୟାପକ ଅଜିତ୍ କୁମାର ବାର୍ଲା ଉପସ୍ଥିତ ଥିଲେ।



ଶୀତବସ୍ତ୍ର ବଣ୍ଟନ କରାଯାଉଛି।

# ପିସି ଯୋଗୁ ପେଷି ହେଉଛନ୍ତି ଠିକାଦାର

**ନୂଆଗାଁ, ୯।୧୨ (ଡି.ଏନ.ଏ)**

ବର୍ତ୍ତମାନ ପ୍ରାୟ ସମସ୍ତ ଉନ୍ନୟନ କାର୍ଯ୍ୟ ବିଭାଗୀୟ ସ୍ତରୀୟ ହେଉଥିବାରୁ ଠିକାଦାରମାନେ ମୁହଁ ବନ୍ଦ କରିବାକୁ ବାଧ ହେଉଛନ୍ତି। କାରଣ କାର୍ଯ୍ୟାଦେଶ ରହୁଛି ବିଭାଗୀୟ ଅଧିକାରୀମାନଙ୍କ ନାମରେ। ବିଲ କରିବେ ସେମାନେ, ବିଲ ହେଲା ପରେ ପିସି କାଟିରଖି ଠିକାଦାରଙ୍କୁ ଚେକ୍ ପ୍ରଦାନ କରିବେ ସେମାନେ। ଏଭଳି ପରିସ୍ଥିତିରେ କାମ କରିଥିବା ଠିକାଦାର ଜଣକ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ହିଁ ମୁର୍ଖାମୀ ଛଡା କିଛି ନୁହେଁ। କାରଣ ମୁହଁ ଖୋଲିଲେ କାମ ମିଳିବନି, କାମ ନମିଳିଲେ ପେଟ ଚଳିବନି। ଅନ୍ୟପଟେ ଦେଖିବାକୁ ଗଲେ କାମର ମାନକୁ ନେଇ ଉଠୁଛି ପ୍ରଶ୍ନ, ଯେଉଁଠି ଠିକାଦାର ଜଣକ ୧୫ରୁ ୧୭ ପ୍ରତିଶତ ପିସି ଦେବେ ସେଠି କାମ କିପରି ହୋଇଥିବ ତାହା ସହଜେ ଅନୁମେୟ । ଏହାକୁ ନେଇ ଅଭିଯୋଗ କଲେ ମଧ ଫଳଶୂନ। କାରଣ ତଳୁ ଉପରମୁଣ୍ଡ ପର୍ଯ୍ୟନ୍ତ ଲମ୍ବିଛି ପିସି କାରବାରର ଚେର। ଏଭଳି ଗୁରୁତର ଅଭିଯୋଗ ଆସିଛି ସୁନ୍ଦରଗଡ ଜିଲାର ଉପାନ୍ତ ନୂଆଗାଁ ବ୍ଲକ ଅଞ୍ଚଳରୁ । ଆମଗାଁ ଆମ ବିକାଶ ଯୋଜନାରେ ବିଭିନ୍ନ ପଞ୍ଚାୟତରେ କରାଯାଇଥିବା ବିଭିନ୍ନ କମ୍ୟୁନିଟି ସେଣ୍ଟର, ଖେଳ ପଡିଆ, ବୈଠକ ପିଣ୍ଡି, କଲ୍ୟାଣ ମଣ୍ଡପ ଆଦି ନିର୍ମାଣ କରାଯାଉଥିବା ବେଳେ ଗୋପବନ୍ଧୁ ଗ୍ରାମୀଣ ଯୋଜନା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଭଳି ଅନ୍ୟ ବହୁ ଯୋଜନାରେ କୋଟି କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି। ସମସ୍ତ ପ୍ରକାର କାର୍ଯ୍ୟଗୁଡିକର କାର୍ଯ୍ୟାଦେଶ ରହୁଛି ବିଭାଗୀୟ କନିଷ୍ଠ ଯନ୍ତ୍ରୀମାନଙ୍କ ନାଁରେ । କନିଷ୍ଠ ଯନ୍ତ୍ରୀମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାମ ଗୁଡିକ କରାଯାଉଥିବା ବେଳେ ବ୍ଲକର ଖୋଦ ସହକାରୀ ଯନ୍ତ୍ରୀ ଏହି କାର୍ଯ୍ୟ ଗୁଡିକୁ ତଦାରଖ କରି ବିଲ ପାସ କରିଥାଆନ୍ତି। କନିଷ୍ଠ ଯନ୍ତ୍ରୀମାନଙ୍କ ନାମରେ କାର୍ଯ୍ୟାଦେଶ ଥିବାରୁ ସେମାନେ ସେମାନଙ୍କ ବିଶ୍ୱସ୍ତ ଲୋକଙ୍କୁ କାମକୁ କରିବାକୁ ଦେଇଥାଆନ୍ତି । ସମ୍ପୃକ୍ତ ଠିକାଦାର ଜଣଙ୍କ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି କାମଟିକୁ କରିଥାଆନ୍ତି। ଦୁଇ ପଇସା ପାଇବା ଆଶାରେ ଠିକାଦାର ଜଣଙ୍କ ମନ ଧ୍ୟାନ ଦେଇ କାମଟିକୁ କରିଥାଆନ୍ତି । ହେଲେ କାମଟିର ବିଲ କଲା ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିଭିନ୍ନ ଆଳ ଦେଖାଇ ୧୫ରୁ ୧୭ ପ୍ରତିଶତ ପିସି କାଟି ରଖି ସଂପୃକ୍ତ ଠିକାଦାରଙ୍କୁ ଟଙ୍କାବା ଚେକ ପ୍ରଦାନ କରିଥାଆନ୍ତି । କେବଳ ଏତିକି ନୁହେଁ ଶୌଚାଳୟ ନିର୍ମାଣ କ୍ଷେତ୍ରରେ ମଧ ବ୍ୟାପକ ପିସି କାରବାର ହେଉଥିବା ଅଭିଯୋଗ ହେଉଛି । ସୂଚନା ମୁତାବକ ବିଶ୍ରା ତଥା ନୂଆଗାଁ ବ୍ଲକରେ କେତେକ ପୁରୁଣା ଶୌଚାଳୟକୁ ଦେଖାଇ ନୂଆ ଭାବରେ ବିଲ କରିଥିବା ମଧ ଅଭିଯୋଗ ହୋଇଛି। ବ୍ୟାପକ ପିସି କାରବାର ଯୋଗୁ ଅନେକ ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟଗୁଡିକର ମାନ ଠିକ ରହୁନଥିଲେ ହେଁ ବିଭାଗୀୟ ଯନ୍ତ୍ରୀ ଜାଣିଶୁଣି ନୀରବ ରହୁଛନ୍ତି । ଏଭଳି ଗୁରୁତର ଅଭିଯୋଗ ଉପରେ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ହାଁସଦା କୁହନ୍ତି ଏଭଳି କୌଣସି ଅଭିଯୋଗ ଆସିନାହିଁ। ତଥାପି ମୁଁ ଏନେଇ ତଦାରଖ କରିବି ବୋଲି କହିଥିଲେ ।

ନୂଆଗାଁ ବ୍ଲକ ବିଧାୟକ ପ୍ରତିନିଧି ସୁଲେମାନ୍ କାଉଡିଆ କହନ୍ତି, ନୂଆଗାଁ ବ୍ଲକରେ ବ୍ୟାପକ ପିସି କାରବାର ଚାଲିଛି। ଏକଥା କାହାକୁ ଅଛପା ନାହିଁ। ଏତେ ପରିମାଣରେ ପିସିକାରବାର ହେବା ଠିକ୍ ନୁହେଁ । ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଜନସଚେତନତାହିଁ ଆବଶ୍ୟକ । ଭାଜପା ପାନପୋଷ ଜିଲା ସମ୍ପାଦକ ଅରୁଣ ପାଣିଗ୍ରାହୀ କହନ୍ତି, ନିକଟରେ ପିସି କାରବାରକୁ ନେଇ ଭାଜପା ପକ୍ଷରୁ ନୂଆଗାଁ ବ୍ଲକ ଘେରାଉ କରାଯାଇଥିଲା । ବ୍ୟାପକ ପିସି କାରବାର ଯୋଗୁଁ କାର୍ଯ୍ୟର ମାନ ମଧ୍ୟ ଠିକ୍ ରହୁନାହିଁ । ଯଦି ପିସି ବନ୍ଦ କରାନଯାଏ ତେବେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରାଯିବା ସହ ନୂଆଗାଁ ବ୍ଲକର ସମସ୍ତ ବିଭାଗକୁ ଅଚଳ କରାଯିବ । ନୂଆଗାଁ ବିଜେଡି ବ୍ଲକ ସଭାପତି ଦିଗାମ୍ବର ଦାସ କହନ୍ତି, ପିସି ନେଉଥିବା କର୍ମଚାରୀଙ୍କ ବିରୋଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ହେବା ଦରକାର । ବରିଷ୍ଠ ବିଜେଡି ନେତା ପରଭେଜ ଖାନ କହନ୍ତି, ନୂଆଗାଁ ବ୍ଲକରେ ବହୁତ ପିସି କାରବାର ଚାଲିଛି । ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବା ଜରୁରୀ ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ

## ସଂକ୍ଷେପରେ

### ତହସିଲ ଆଗରେ ଟ୍ରାଫିକ୍ ଜାମ

**ଲଖନପୁର,୯।୧୨(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ ଅଫିସ ସମ୍ମୁଖ ରାସ୍ତାରେ ପ୍ରତିଦିନ ଗାଡ଼ିମୋଟର ପାର୍କିଂ ହେବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ଫଳରେ ଛୋଟମୋଟ ଦୁର୍ଘଟଣା ଘଟୁଛି। ଏହା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିରେ ପଡୁଥିଲେ ମଧ୍ୟ କୌଣସି ପଦକ୍ଷପ ଗ୍ରହଣ କରାଯାଉନାହିଁ। ଲଖନପୁରରୁ ୪୯ନଂ. ଜାତୀୟ ରାଜପଥକୁ ଏହି ରାସ୍ତା ସଂଯୋଗ କରୁଛି। ଏଠାରେ ରହିଛି ବ୍ଲକର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟକୁ ଲୋକେ ବିଭିନ୍ନ କାମରେ ଆସିଥାନ୍ତି। ଫଳରେ ରାସ୍ତା ବ୍ୟସ୍ତବହୁଳ ରହୁଛି। ପ୍ରତିଦିନ ଏହି ରାସ୍ତାରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଯାତାୟାତ କରୁଛନ୍ତି। ତେବେ ସମସ୍ୟା ସମାଧାନ ଦିଗରେ କେହି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏ ଦିଗରେ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

■ଚାଷୀର କଷ୍ଟ ଉପାର୍ଜିତ ଫସଲ ନେଉନାହାନ୍ତି ସରକାର

# ୬୨ ବର୍ଷର ପ୍ରତାରିତ ଜୀବନ ଜିଇଁଛନ୍ତି ହୀରାକୁଦ ବିସ୍ଥାପିତ

**ଝାରସୁଗୁଡ଼ା ଅଫିସ,୯।୧୨**

ବର୍ଷେ କି ଦୁଇବର୍ଷ ନୁହେଁ। ହୀରାକୁଦ ନଦୀବନ୍ଧ ଯୋଜନାରେ ହୋଇଥିବା ବିସ୍ଥାପନକୁ ୬୨ ବର୍ଷ ବିତିଗଲାଣି। ୬୩୦ରୁ ୬୩୨ ଆରଏଲ୍ (ରିଜର୍ଭର ଲେବଲ)ରେ କେତେ ଜମି ଅଧିଗ୍ରହଣ କରାଯାଇଛି, ଏହି ଅଞ୍ଚଳରେ ବସବାସ କରୁଥିବା ୧୩ଟି ଗାଁକୁ ରାଜସ୍ୱ ଗାଁର ମାନ୍ୟତା ପ୍ରଦାନରେ କାହିଁକି ବିଳମ୍ବ ହେଉଛି, ଏଠାରେ ଚାଷବାସ ହେଉଥିବା ୩୨୩୧.୬୮ ଏକର ଜମିର ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ କରାଯାଉ ନାହିଁ କାହିଁକି ଏହି ପ୍ରଶ୍ନର ଉତ୍ତର କୌଣସି ବିଭାଗ ପାଖରେ ନାହିଁ। ରାଜସ୍ୱ ବିଭାଗର ଅନୁମୋଦନ ପାଇଁ ଜିଲାପାଳ ବାରମ୍ବାର ଚିଠି ଲେଖି ଅନୁରୋଧ କରିଛନ୍ତି। ହେଲେ ଫଳ ଏବେ ସୁଦ୍ଧା ମିଳିନାହିଁ। ସେଥିପାଇଁ ଗାଁର ଲୋକମାନେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇପାରୁନାହାନ୍ତି।

ଚଳିତବର୍ଷର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ ଏବଂ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ହେଲେ ଧାନ ସଂଗ୍ରହ ସମୟ ଆସିଲେ ହୀରାକୁଦ ଜଳଭଣ୍ଡାର ଦ୍ୱାରା ବିସ୍ଥାପିତ ହୋଇଥିବା ୧୩ଟି ଅଣରାଜସ୍ୱ ଗାଁର କଥା ମନେପଡ଼େ। ଗୋଟିଏ ପଟେ ଚାଷୀ କିପରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାରିବ ଏବଂ ଧାନକିଣା ପ୍ରକ୍ରିୟା ଦଲାଲମୁକ୍ତ ରହିବ ସେ ନେଇ ଯୋଗାଣ ବିଭାଗ ଚିନ୍ତିତ। ଅନ୍ୟପକ୍ଷରେ ଝାରସୁଗୁଡ଼ା ଜିଲାର ୧୩ଟି ଅଣରାଜସ୍ୱ ଗାଁର ଚାଷୀ ବାଧହୋଇ ଦଲାଲ ଏବଂ ପଡ଼ୋଶୀ ଛତିଶଗଡ଼ର ଖୋଲା ବଜାରରେ ଧାନ ବିକ୍ରି କରୁଛନ୍ତି। ଏହି ସମସ୍ୟା ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ଲାଗି ରହିଥିଲେ ମଧ୍ୟ ରାଜ୍ୟ ସରକାର ଏହାର ସ୍ଥାୟୀ ପ୍ରତିକାର ସକାଶେ ସାମାନ୍ୟତମ ଚିନ୍ତିତ ଥିବା ଭଳି ମନେ ହେଉନି।

ଝାରସୁଗୁଡ଼ା ଜିଲାର ୧୯ଟି ଅଣରାଜସ୍ୱ ଗାଁ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ କୁସମେଲ, ପତ୍ରାପାଲି, ପଦମ୍‌ପୁର, ଘୁଜୁଟ୍‌ପାଲି, ଭୁର୍ଷୁଣ୍ଡି, ବଲଣ୍ଡା ଗାଁକୁ ରାଜସ୍ୱ ଗାଁର ମାନ୍ୟତା ପ୍ରଦାନ କରାଯାଇଛି। କିନ୍ତୁ ଅବଶିଷ୍ଟ ୧୩ ଗାଁକୁ ବର୍ତ୍ତମାନ ସୁଦ୍ଧାର ସରକାର ରାଜସ୍ୱ ଗାଁର ମାନ୍ୟତା ପ୍ରଦାନ କରି ନ ଥିବାରୁ ଏଠାରେ ଚାଷ ହେଉଥିବା ଧାନ ସରକାରୀ ପ୍ରକ୍ରିୟାରେ ବିକ୍ରି ହୋଇପାରୁନାହିଁ। ଏ ସମସ୍ୟା ବାବଦରେ ଜିଲା ଯୋଗାଣ ଅଧିକାରୀ ଉଦିତ୍ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରି ସରକାରଙ୍କୁ ଚିଠି ଲେଖିବୁ। ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀ କିପରି ସାମିଲ ହୋଇ ଧାନ ବିକ୍ରି କରିପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ତେବେ ଏହି ସମସ୍ୟା ପାଇଁ ଏକ ଜତୀୟ ପ୍ରକଳ୍ପ ଲାଗି ବିନା ପ୍ରତିବାଦରେ ପୈତୃକ ସମ୍ପତ୍ତି ଛାଡ଼ି ଚାଲିଯାଇଥିବା ବିସ୍ଥାପିତ ଦାୟୀ ନା ୬୨ ବର୍ଷ ପୂର୍ବରୁ ବିନା ବିସ୍ଥାପନ ଆଇନରେ ଲକ୍ଷ ଲକ୍ଷ ଲୋକଙ୍କୁ ହଟାଇଥିବା ସରକାର ଦାୟୀ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ କଳରେ ଘାଣ୍ଟି ଚକଟି ହେଉଥିବା ବିସ୍ଥାପିତ ଚାଷୀଙ୍କ ଦୁଃଖ ସରକାରଙ୍କ ପାଖରେ କେବେ ପହଞ୍ଚିବ ତାହା ବଡ଼ ପ୍ରଶ୍ନ।

### ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନାର ବ୍ଲକସ୍ତରୀୟ ପରାମର୍ଶ ଶିବିର

**ସୁନ୍ଦରଗଡ଼, ୯।୧୨ (ଡି.ଏନ.ଏ.)**

ସଦର ବ୍ଲକର ମିଶନ ଶକ୍ତି ଭବନ ପରିସରରେ ବ୍ଲକସ୍ତରୀୟ ଦୀନ ଦୟାଲ ଉପାଧ୍ୟାୟ କୌଶଳ୍ୟ ଯୋଜନାର ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ଏବଂ ଓରମାସ ସୁନ୍ଦରଗଡ ପକ୍ଷରୁ ଆୟୋଜିତ ପରାମର୍ଶ ଶିବିରରେ ୧୩ଟି ତାଲିମ ଏବଂ ନିଯୁକ୍ତି ପ୍ରଦାନକାରୀ ଅନୁଷ୍ଠାନ ଯୋଗଦେଇଥିଲେ । ଏଥିରେ ୧୭୦ ଜଣ ଆଶାୟୀ ପ୍ରାର୍ଥୀ ଏବଂ ପ୍ରାର୍ଥିନିଙ୍କୁ ପଞ୍ଜିକରଣ କରାଯାଇଛି । ସଦର ବିଧାୟକ ଯୁଗେଶ କୁମାର ସିଂ, ପଞ୍ଚାୟତ ସମିତିର ଅଧ୍ୟକ୍ଷ ରକମିଣି ନାଏକ ଓ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନାମିକା ସିଂ, ଜିଲା କୌଶଳ୍ୟ ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ ଦୀପ ପ୍ରଜ୍ୱଳନ କରି ଶିବିର ଟିକୁ ଉଦଘାଟନ କରିଥିଲେ। କର୍ମ ନିୟୋଜନ ନିମନ୍ତେ ତାଲିମ ସଂସ୍ଥାମାନଙ୍କର ମୁଖ୍ୟ ଉପସ୍ଥିତ ଥିବା ଆଶାୟୀ ପ୍ରାର୍ଥୀ ପ୍ରାର୍ଥନୀମାନଙ୍କୁ ସଂପୂର୍ଣ୍ଣ କର୍ମ ନିଯୁକ୍ତି ବିଷୟରେ ଆଲୋକପାତ କରିଥିଲେ। ସମ୍ପୂର୍ଣ୍ଣ ମଞ୍ଚକୁ ସଦର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ ନିଖଣ୍ଡିଆ ପରିଚାଳନା କରିଥିଲେ। ଶେଷରେ ସମସ୍ତ ଉପସ୍ଥିତ ଥିବା ଅତିଥି ଓ ପ୍ରାର୍ଥୀ ପ୍ରାର୍ଥନୀଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ । ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ଯ୍ୟକ୍ରମ ସଂଚାଳକ ଜେମସ୍ ତିର୍କୀ, ସଦର ଯୁବ ସଂଯୋଜକ ଦୈତାରୀ ତାଜନ, ପୌରପରିଷଦ ଯୁବ ସଂଯୋଜକ ଜଗନ୍ନାଥ ମିଶ୍ର ପ୍ରମୁଖ ଶିବିରଟିକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ଖଡ଼ାମ ଗ୍ରାମରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଲଖନପୁର,୯।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସରଣ୍ଡାମଲ ପଞ୍ଚାୟତ ଖଡ଼ାମ ଗ୍ରାମରେ ଶନିବାର ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଜୁ ଯୁବବାହିନୀ ସଭାପତି ମଳୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅନୁପ ସାଏ, ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଟିକେଶ୍ୱର ସେନାପତି, ବେଲପାହାଡ଼ ସହର ଯୁବ ବିଜେଡି ସଭାପତି ତୋଷିମ୍ ଆଲମ୍, ଘନଶ୍ୟାମ ସିଂହ, ସୀମାଞ୍ଚଳ ବିଶୋଇ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ବିଜୁ ଯୁବବାହିନୀ ଯୋଜନା ସମ୍ପର୍କରେ ମୁଖ୍ୟଅତିଥି ସାଏ ଆଲୋଚନା କରିଥିଲେ। ଯୁବବାହିନୀ ଲୋକଙ୍କ ନିକଟତର ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଯୁବବାହିନୀ ସଦସ୍ୟ, ପଞ୍ଚାୟତର କୁନି କଳାକାରମାନେ ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ଯୁବବାହିନୀ ଉପସଭାପତି ସତ୍ୟଜିତ ପ୍ରଧାନ, କୋଷାଧ୍ୟକ୍ଷ ମହେଶ କୁମାର କାଲୋ, ସୌରଭ ସାହୁ, ସୌମ୍ୟରଞ୍ଜନ ସା, ଗୁଣସାଗର ପ୍ରଧାନ, ଭବାନୀ ଶଙ୍କର ପ୍ରଧାନ, ନିତେଶ କୁମାର, ସୁମିତ ପ୍ରଧାନ, ପ୍ରଶାନ୍ତ ଖମାରୀ ପ୍ରମୁଖ ସହଯୋଗ କରିଥିଲେ।

# କୋଲାବିରାରେ ହରିଶ୍ଚନ୍ଦ୍ର ଯୋଜନା ବାଟବଣା

**କୋଲାବିରା,୯।୧୨(ଡି.ଏନ୍.ଏ.)**

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏଥି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରୁଛନ୍ତି। ମାତ୍ର ଏହି ଯୋଜନା ତୃଣମୂଳ ସ୍ତରରେ କେତେଦୂର କାର୍ଯ୍ୟକାରୀ ହେଉଛି ତାହାର ଉପଯୁକ୍ତ ତଦାରଖ ହେଉ ନ ଥିବାରୁ ଅନେକ ସ୍ଥାନରେ ଯୋଜନା ବିଫଳ ହେଉଥିବା ଅଭିଯୋଗ ହୋଇଛି। ଏପରି ଏକ ଜନମଙ୍ଗଳ ଯୋଜାନ କୋଲାବିରା ବ୍ଲକରେ ସମ୍ପୂର୍ଣ୍ଣ ଦିଗହରା ହୋଇଥିବା ଗୁରୁତର ଅଭିଯୋଗ ହୋଇଛି। ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନା ଅନୁସାରେ କୌଣସି ଗରିବ, ଅସହାୟ ଲୋକଙ୍କ ମୃତ୍ୟୁ ହେଲେ ମୃତଦେହ ସଂସ୍କାର ନିମନ୍ତେ ଉକ୍ତ ପଞ୍ଚାୟତର ସରପଞ୍ଚ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାର ନିୟମ ରହିଛି। ଏହି ଯୋଜନାରେ ବ୍ଲକର ୯ ପଞ୍ଚାୟତକୁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ମାତ୍ର ଏହି ଅର୍ଥକୁ ଗରିବ ଲୋକଙ୍କ ପାଇଁ ବିନିଯୋଗ କରିବା ପରିବର୍ତ୍ତେ କେତେଜଣ ସରପଞ୍ଚ ଏହାକୁ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏପରି କି ୨/୩ ବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ଅନେକ ପରିବାର ଏହି ଅର୍ଥ ପାଇ ନ ଥିବା ଜଣାପଡ଼ିଛି। ଲୋକଙ୍କୁ କେବଳ ଆଶ୍ୱାସନା ମିଳୁଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। କୋଲାବିରା ବ୍ଲକର ୯ ପଞ୍ଚାୟତରେ ଏହି ଅବସ୍ଥା ଲାଗି ରହିଥିବା ଅଭିଯୋଗ ହୋଇଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହାର ପ୍ରତିକାର କରିବା ସହ ଅବହେଳା ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତର ଏକାଦଶିଆ କାଲୋ ୨୦୧୬ ଜୁଲାଇରେ ମୃତ୍ୟୁବରଣ କରିଥିଲେ। ମାତ୍ର ତାଙ୍କୁ ହରିଶ୍ଚନ୍ଦ୍ର ଯୋଜନା ଅନ୍ତର୍ଗତ ଅର୍ଥ ଏପର୍ଯ୍ୟନ୍ତ ମିଳି ନ ଥିବା ଅଭିଯୋଗ କରିଛନ୍ତି ତାଙ୍କ ଜ୍ୱାଇଁ କମଳ ନାଏକ। ସେ ଏ ସଂକ୍ରାନ୍ତରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ଗ୍ରାମର ସରସ୍ୱତୀ କାଲୋ, ବେଦବ୍ୟାସ ପଟେଲଙ୍କୁ ମଧ୍ୟ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ମିଳି ନ ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସମାସିଂହା ସରପଞ୍ଚ ହେମନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ, ଏହି ଯୋଜନାରେ ଆସିଥିବା ଅର୍ଥ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ଏବେ ଏହି ପାଣ୍ଠିରେ ଆଉ ଅର୍ଥ ନାହିଁ। ପଞ୍ଚାୟତର ୩୮ ହିତାଧିକାରୀ ଏହି ଯୋଜନାରୁ ଅର୍ଥ ପାଇବାକୁ ବାକି ରହିଛି। ପାଣ୍ଠି ରିଲିଜ ପାଇଁ ବିଡିଓ ଏବଂ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ସେଠଙ୍କୁ ଅନୁରୋଧ କରାଯାଇଥିବା ସେ କହିଛନ୍ତି।

## କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଅନ୍ଧାରରେ ରହୁଛନ୍ତି ରୋଗୀ

**କୋଲାବିରା,୯।୧୨(ଡି.ଏନ୍.ଏ.):** କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି। ଡାକ୍ତର ଅଭାବ ଜନିତ ସମସ୍ୟା ଦୀର୍ଘବର୍ଷ ଧରି ଲାଗି ରହିଥିବାବେଳେ ଅନ୍ୟାନ୍ୟ ସମସ୍ୟା ମଧ୍ୟ ରହିଛି। ଏଥିଯୋଗୁ ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସକାଳେ ଓ ସନ୍ଧ୍ୟାରେ ଘଣ୍ଟାଏ ଲେଖାଏଁ ବିଦ୍ୟୁତକାଟ କରାଯାଉଛି। ଏହି ସମୟରେ ଡାକ୍ତରଖାନାଟି ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଛି। ରୋଗୀଙ୍କୁ ଅନ୍ଧାରରେ ରହିବାକୁ ପଡୁଛି। ସୋଡ଼ାମାଲ ଗ୍ରାମର ସୋକନାଥ ବାଗଙ୍କ ସ୍ତ୍ରୀ ଶନିବାର ପ୍ରସବ ବେଦନା ଅନୁଭବ କରିବାରୁ ତାଙ୍କୁ ଏଠାରେ ଭର୍ତ୍ତି କରାଯାଇଥିଲା। ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ରବିବାର ତାଙ୍କୁ ମେଡିକାଲରେ ରହିବାକୁ ପଡ଼ିଥିଲା। ହେଲେ ରବିବାର ସନ୍ଧ୍ୟାରେ ବିଦ୍ୟୁତ୍ କାଟ ହେବାରୁ ଏକାକୀ ସେ ୱାର୍ଡ଼ ଭିତରେ ଅନ୍ଧାରରେ ରହିଥିଲେ। ତାଙ୍କ ପଖରେ ଲଣ୍ଠନ କିମ୍ବା ମହମବତି ନ ଥିବାରୁ ଲାଇଟ ବ୍ୟବସ୍ଥା କରିବାକୁ କର୍ମଚାରୀଙ୍କୁ ଅନୁରୋଧ କରିଥିଲେ। ମାତ୍ର କୌଣସି କର୍ମଚାରୀ ତାଙ୍କ କଥାକୁ କର୍ଣ୍ଣପାତ କରି ନ ଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡା. ପ୍ରଫୁଲ୍ଲ ଚନ୍ଦ୍ର ଦଳାଇଙ୍କୁ ପଚାରିବାରୁ ସେ କହିଲେ, ଡାକ୍ତରଖାନାରେ ଜେନେରେଟର ନାହିଁ। ଇନଵର୍ଟର କିଣିବା ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }


# ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି

## ଚାଷୀଭାଇମାନଙ୍କ ଧାନ ବିକ୍ରୟ ସମ୍ବନ୍ଧେ ବିଶେଷ ସୂଚନା

ଏତଦ୍ୱାରା ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ଇଲାକାଧୀନ ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ବର୍ଷ ୨୦୧୮-୧୯ ବର୍ଷ ପାଇଁ ଆସନ୍ତା ତା୦୭।୧୨।୨୦୧୮ରିଖଠାରୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ନିମ୍ନଲିଖିତ ସେବା ସମବାୟ ସମିତି ଜରିଆରେ ଧାନକ୍ରୟ କରାଯାଉଅଛି। ଏଣୁ ଚାଷୀ ଭାଇ/ଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ଶୁଖାଇ ଓ ସଫାକରି F.A.Q.ମାନକୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବାକୁ ଅନୁରୋଧ।

**'ଶୁଖିଲା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣନ୍ତୁ ଏବଂ ସରକାରୀ ଧାର୍ଯ୍ୟ ଉଚିତ ସହାୟକ ମୂଲ୍ୟ ପାଆନ୍ତୁ'।**

| କ୍ର.ନଂ. | ବ୍ଲକ୍‌ର ନାମ | ଧାନକ୍ରୟ କେନ୍ଦ୍ରର ନାମ |
|---|---|---|
| ୧. | ଜଗତସିଂହପୁର | ସାଁପୁର, ପୁରୋହିତପୁର, ଶାଳଜଙ୍ଗା, ମଣ୍ଡାସାହି, ସଭାମୂଳ, ଓଡ଼ିଶୋ, କଣ୍ଠାବଲ୍ଲଭପୁର, ତରଡ଼ାପଡ଼ା, କାଦୁଅପଡ଼ା, ପଳାଶୋଳ, ସିଙ୍ଗାରପୁର, ଆଳିପିଙ୍ଗଳ, କଣ୍ଟିଲୋ, ମୁଦୁପୁର, ମାର୍କଣ୍ଡପୁର, ବିଶିପିଡ଼ଳ |
| ୨. | ବିରିଡ଼ି | ଅଡ଼ଙ୍ଗଗଡ଼, ପୂରଣ, ଗୋପୀନାଥପୁର, ଉତ୍ତର ଶାସନ, ମଙ୍ଗୁଳି, ଅଲାଣ୍ଡୋ |
| ୩. | ନାଉଗାଁ | ଡେରିକି, ତିରୁଣା, ଶିଖର, ଗଜରାଜପୁର, ନାଉଗାଁ (ଉପକେନ୍ଦ୍ର ଦାଣ୍ଡୁଆ), ଅଲଣା |
| ୪. | ରଘୁନାଥପୁର | ରାଢ଼ଙ୍ଗ, ଜିରା, ରେଢୁଆ, ତାରପୁର, ତରିକୁନ୍ଦ, ଛପଡ଼ା, ଗୁଆଳିପୁର, ପୁରୁଣାବସନ୍ତ, ଜଗନ୍ନାଥପୁର |
| ୫. | ବାଲିକୁଦା | ଇଚ୍ଛାପୁର, ସଂଗ୍ରାମପୁର, କାଳିଓ, ମାଛଗାଁ, ଅପଣ୍ଡରା, ଅନନ୍ତପୁର, ନହରଣା, ଶୋଭା, ରାହାଣ, ବୋରିକିନା, କାଞ୍ଜିଆକଣ, ଅଳାଭର, ନାଗପୁର, ଅଳାବୋଳ, ତଣ୍ଡିକୂଳ, ମୁଲୁଗାଁ, କୃଷ୍ଣଦାସପୁର, ଦୁଆ, ବରମୁଣ୍ଡଳି, ବାହାରଣା, ଆମ୍ବଶାଳ |
| ୬. | ତିର୍ତ୍ତୋଲ | ବୋଧେଇ, କଟରା, ତରଜଙ୍ଗା, ତୁଳଙ୍ଗ, ଗରାମ, କୃଷ୍ଣାନନ୍ଦପୁର, କନକପୁର, ଜଗନ୍ନାଥପୁର, କୋଳର, ସାମନ୍ତରାପୁର, ପଟିଲୋ, ଗୋବିନ୍ଦପୁର, ବିରିତୋଳ, ତିର୍ତ୍ତୋଲ, ଦାଇଁଲୋ |

| ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ସରକାରୀ ଧାର୍ଯ୍ୟ ଦର) | |
|---|---|
| ସାଧାରଣ ମାନ | ଟ.୧,୭୫୦.୦୦ (କ୍ୱିଣ୍ଟାଲ ପ୍ରତି) |
| ଗ୍ରେଡ୍-'ଏ' ଧାନ | ଟ.୧,୭୭୦.୦୦ (କ୍ୱିଣ୍ଟାଲ ପ୍ରତି) |

ସର୍ବଶେଷରେ ଚାଷୀ ଭାଇ/ଭଉଣୀମାନେ ଧାନମଣ୍ଡିରେ ଶୃଙ୍ଖଳାର ସହିତ ଧାନକ୍ରୟରେ ଜିଲ୍ଲା ପ୍ରଶାସନ ସହିତ ସହଯୋଗ କରିବାକୁ ଅନୁରୋଧ।

ନିୟନ୍ତ୍ରିତ ବଜାର କମିଟି
ଜଗତସିଂହପୁର

ଜିଲ୍ଲା ପ୍ରଶାସନ
ଜଗତସିଂହପୁର



GOVT. OF ODISHA
OFFICE OF THE ENGINEER-IN-CHIEF, WATER RESOURCES
ODISHA, BHUBANESWAR
919-A

**'e' Procurement Notice No.CELMB 64 OF 2018-19**

1. Name of the work : Raising & strengthening to saline embankment from Ambiki to Kankan from RD 2.00 Km to RD 8.00 Km under NABARD Assistance RIDF-XXII.
2. Tender Cost : Rs. 11,58,50,265.00
3. Bid Document Cost : Rs.10, 000.00 (online)
4. Bid Security : Rs.11,58,600.00 (online)
5. Class of Contractor : Special Class & Super Class
6. Period of Completion : 18 calendar months (548 Days)
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB MSD 05 OF 2018-19 | 12.12.2018 10.00hrs | 27.12.2018 17.00hrs | 28.12.2018 11.00 hrs |

8. e-mail Id : celmbbbsr@yahoo.co.in
Further detail conditions can be seen from the Govt. website www.tendersorissa.gov.in

32252/11/0075/1819 *Sd./- Chief Engineer FC & Basin Manager, Lower Mahanadi Basin*



GOVERNMENT OF ODISHA,
OFFICE OF THE EXECUTIVE ENGINEER, RURAL WORKS DIVISION-II, MALKANGIRI
e-mail: ruralworksdivisioniimalkangiri@yahoo.co.in
1088-O

**NATIONAL COMPETITIVE BIDDING THROUGH e-Procurement**
Identification No. Online 07/RWD-II, MKG/2018-19

1. Name of the work : Building & Road works (Detailed in Annexure)
2. Total Number of Works : 05 (Five) numbers.
3. Tender Cost : From Rs.5.19 lakhs to Rs.22.10 lakhs
4. Class of Contractor : 'D' ,'C' and "B" Class contractors
5. Period of Completion : 2 and 4 Months (Detailed in Annexure)
6. Other Details :

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Malkangiri | Online Tender /07 / RWD-II, MKG/ 2018-19 | 05 (Five) Nos. of Building & Road works | 12.12.2018 from 11.00AM | 27.12.2018 upto 5.00PM | 26.12.2018 upto 5.00PM | 29.12.2018 at 11.00AM |

Further details can be seen from the Website www.tenderorissa.gov.in
25079/11/0007/1819 *Executive Engineer, R.W. Division-II, Malkangiri*



OFFICE OF THE SUPERINTENDING ENGINEER
RURAL WORKS CIRCLE, BERHAMPUR
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com, Tel/FAX:- 0680-2404287
1136-O

**NATIONAL COMPETITIVE BIDDING THROUGH e-Procurement**
Bid Identification No. Online Tender /26-2018-19/BPR

| Identification No. | Name of work | No. of Works | Approx. Estimated Cost (in lakh) | Class of Contractor | Period of Completion |
|---|---|---|---|---|---|
| Online Tender / 26-2018-19/ BPR | Road Works under Periodical Maintenance | 13 Nos. | From Rs. 98.80 lakhs to Rs. 251.40 Lakhs | "B" or "A" Class as applicable | 03 (Three) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/ 26-2018-19/BPR | 12.12.2018 at 10.00AM | 26.12.2018 upto 3.00PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in

25071/11/0041/1819 *Sd./- Superintending Engineer, R.W. Circle, Berhampur*



**GOVERNMENT OF ODISHA "e" PROCUREMENT NOTICE**
1111-O
Bid Identification No 22 of 2018 - 19

1. Name of the Work :- Execution of different civil works in the district of Kandhamal. (Refer DTCN available in the website:- tendersorissa.gov.in)
2. Total No. of work :- 04 Nos.
3. Estimated Cost :- Rs. 39.90 lakh to 49.80 lakh
4. Eligible Class of Contractor :- "C & B" and " B & A" Contractor
5. Period of Completion :- 06 months (Refer DTCN available in the website tendersorissa.gov.in)
6. Other Details :-

| Procurement Officer | Bid Identification No. | Availability of tender online for bidding | | Date and time for opening of Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 22 of 2018-19 | Dt. 12.12.2018 At 10.00 Hrs | Dt. 26.12.2018 Upto 17.00 Hrs | Dt.27.12.2018 at 11.00AM |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.

25006/11/0026/1819 *Executive Engineer, RWS&S Division, Phulbani*